# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୦/୨୦୨୨ (୧୬ ପୃଷ୍ଠା) | Sambalpur, Tuesday, December 20/2022 | Page 16 | ₹ 7.00 | ★★

୧୯ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 19 ISSUE 5 | ମୂଲ୍ୟ ₹୭/-




**ରେହାନଙ୍କୁ ୫ ଉଇକେଟ ସଫଳତା**

ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ସର୍ବକନିଷ୍ଠ ପଦାର୍ପଣକାରୀ ବୋଲର ଭାବେ ୫ ଉଇକେଟ ହାସଲ କରିଛନ୍ତି ଇଂଲଣ୍ଡର ରେହାନ ଅହମଦ। ୧୩

୧୧ **ରିମେକ୍ ଫିଲ୍ମରେ ଅଲିଜେହ**

ବେଲ୍‌ଜିୟମ୍ ଫିଲ୍ମ 'ଲା ଫାମିଲେ ବେଲିଅର'ର ହିନ୍ଦୀ ରିମେକ୍ ଜରିଆରେ ଅଲିଜେହ ଅଗ୍ନିହୋତ୍ରୀ ବଲିଉଡ୍‌ରେ ଡେବ୍ୟୁ କରିବେ।



କର୍ନାଟକ-ମହାରାଷ୍ଟ୍ର ବିବାଦ: ବେଲଗାଭିରେ ୧୪୪ ଧାରା ପୃଷ୍ଠା-୧୨

# ଫସଲ ବଢ଼ିଆ, ଚାଷୀ କାନ୍ଦୁଛି

**ରୋଗପୋକ, ବାତ୍ୟା, ବନ୍ୟାଜନିତ କ୍ଷୟକ୍ଷତି ସତ୍ତ୍ୱେ ଚାଷରୁ ପରିବାର ପ୍ରତିପୋଷଣର ଆଶା ଛାଡୁନାହାନ୍ତି ଓଡ଼ିଶାର ଚାଷୀ। କ୍ଷତିଭରଣା ଏବଂ ଲାଭ ପାଇବା ନିମନ୍ତେ ସେମାନେ ଫସଲ ଅନୁକୂଳ ସମୟରେ ଧାରକରଜ କରି ଚାଷ କରୁଛନ୍ତି। ଶେଷରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଫସଲର ଅଣ୍ଡରରେଟ୍ ସେମାନଙ୍କୁ ତଳିତଳାନ୍ତ କରିଦେଉଛି। ଏହା କୌଣସି ନୂଆ କଥା ନୁହେଁ, ପ୍ରତିବର୍ଷ ଏହି ସମସ୍ୟା। କିନ୍ତୁ ପରିତାପର ବିଷୟ, ସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଫସଲର ସଂରକ୍ଷଣ ଏବଂ ଉପଯୁକ୍ତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା ସମ୍ଭବ ହୋଇପାରୁନାହିଁ। ଫଳସ୍ୱରୂପ କ୍ଷେତରେ ଫସଲ ହସିଲାବେଳେ ଚାଷୀ ଆଖିରୁ ଲୁହ ଗଡ଼ିଯାଉଛି।**

ବରଗଡ ଅଫିସ/ ରସୁଲପୁର (ଡି.ଏନ୍.ଏ.),୧୯।୧୨

ରାଜ୍ୟରେ ସମ୍ପ୍ରତି କ୍ଷେତଗୁଡ଼ିକରେ ଧାନ, ପରିବା ଭରିଯାଇଛି। ହେଲେ ଶୀତଳଭଣ୍ଡାର ନ ଥିବାରୁ ସେଗୁଡ଼ିକୁ ସାଇତି ରଖି ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଚାଷୀଙ୍କ କଷ୍ଟୋପାର୍ଜିତ ଫସଲର ମୂଲ୍ୟ ଅତି ନଗଣ୍ୟ ହୋଇଯାଇଛି। ତାହାକୁ ଅମଳ କରି ବଜାରକୁ ଆଣିବା ଖର୍ଚ୍ଚ ମଧ ବାହାରୁନାହିଁ। ଏଭଳି ଦୁର୍ଦ୍ଦିନରେ ଘାଣ୍ଟି ହେଉଥିବା ଚାଷୀ ନିଜ ଫସଲକୁ ନଷ୍ଟ କରିବାକୁ ଶ୍ରେୟସ୍କର ମନେ କରୁଛନ୍ତି। ଉଦାହରଣ ଭାବେ ବରଗଡ଼ ଜିଲାକୁ ନିଆଯାଇପାରେ, ଯେଉଁଠି ଧାନ ସାଙ୍ଗକୁ ପନିପରିବାର ଅଭାବୀ ବିକ୍ରି ଲାଗି ରହିଛି। ଏହା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଭଳି ସ୍ଥିତିରେ ଚାଷୀ ବହୁ ଟଙ୍କା ଖର୍ଚ୍ଚ କରି ଲାଭ ଆଶାରେ କରିଥିବା ପରିବା ଫସଲକୁ କ୍ଷେତରେ ନଷ୍ଟ କରିଦେଉଛନ୍ତି। ଏହି କ୍ରମରେ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ପଞ୍ଚାୟତ ଗଞ୍ଜିଆଟିକ୍ରା ଅଞ୍ଚଳର କେତେଜଣ ଚାଷୀ ନିଜ କ୍ଷେତରେ ବନ୍ଧାକୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିବା ଭଳି ଘଟଣା ସାମ୍ନାକୁ ଆସିଛି।

ଧାନର ବିକଳ୍ପ ଭାବେ ଚାଷୀଙ୍କୁ ଅଣଧାନ ଅର୍ଥାତ୍ ପନିପରିବା, ଶସ୍ୟଜାତୀୟ ଫସଲ କରିବା ପାଇଁ କୃଷି ବିଭାଗ ଉତ୍ସାହିତ କରୁଛି। କିନ୍ତୁ ପନିପରିବାର ଅଭାବୀ ବିକ୍ରି ଚାଷୀଙ୍କୁ ଚିନ୍ତାରେ ପକାଇଛି। ଗଞ୍ଜିଆଟିକ୍ରା ଗ୍ରାମର ଚାଷୀମାନେ ଧାନ ପରିବର୍ତ୍ତେ ପରିବା ଫସଲରେ ଅଧିକ ଲାଭ ମିଳିବ ବୋଲି ଆଶା ବାନ୍ଧିଥିଲେ। ତେଣୁ ସେମାନେ ବହୁ ଏକର ଜମିରେ କୋବି ଚାଷ କରିଥିଲେ। କିନ୍ତୁ ଅମଳ ପରେ ବେପାରୀମାନେ କୋବି କିଲୋଗ୍ରାମ ପ୍ରତି ୨ରୁ ୩ଟଙ୍କା ଦର କରିବାକୁ କହିଥିଲେ। ଏହି ଦରରେ ଚାଷରେ ନିୟୋଜିତ ଶ୍ରମିକଙ୍କ ଖର୍ଚ୍ଚ ମଧ୍ୟ ବାହାରିବ ନାହିଁ। ଫଳରେ ଚାଷୀମାନେ କୋବି ନ ଅମଳ କରି ତାହାକୁ ନଷ୍ଟ କରିବା ପାଇଁ ବାଧ ହୋଇଛନ୍ତି ବୋଲି ଚାଷୀ ପ୍ରଶାନ୍ତ ସାହୁ କହିଛନ୍ତି। ସେହିପରି ଗଞ୍ଜିଆଟିକ୍ରାର ଆଉ ଜଣେ ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ସେ ୨ ଏକର ଜମିରେ ଫୁଲକୋବି ଏବଂ ବନ୍ଧାକୋବି ଚାଷ କରିଛନ୍ତି। ଏଥିରେ ସେ ପାଖାପାଖି ୧ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ବେପାରୀମାନେ କି.ଗ୍ରା. ପ୍ରତି ୨ଟଙ୍କା ଦରରେ ବନ୍ଧାକୋବି ମାଗୁଛନ୍ତି। ଶୀତଳଭଣ୍ଡାର ଥିଲେ ଏଭଳି ସମସ୍ୟା ଉପୁଜି ନ ଥାଆନ୍ତା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିଥିବା ପୃଷ୍ଠା-୪

## କୋବି ଚାଷରେ ଟ୍ରାକ୍ଟର ମଡ଼ାଇଦେଲେ



ବରଗଡ଼ ସହର ଉପକଣ୍ଠ ଗଞ୍ଜିଆଟିକ୍ରା ଗ୍ରାମରେ ଚାଷୀ କୋବି ଫସଲ ନଷ୍ଟ କରୁଛନ୍ତି।

## ପନିପରିବାର ଅଭାବୀ ବିକ୍ରି

## ଆଜିର ସମ୍ପାଦକୀୟ

'ଡ୍ୟୁଟି' କରୁଛନ୍ତି

## ଆଜିର ମନ୍ତବ୍ୟ

"ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିଛି। ପଦଯାତ୍ରାକୁ ନେଇ ପ୍ରଶ୍ନ ଉଠାଉଥିବା ଭାଜପା ନେତାମାନେ ଏଭଳି ପଦକ୍ଷେପ ନିଅନ୍ତୁ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**






# ଭୁବନେଶ୍ୱର ସମେତ ଆଉ ୨୫ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ

## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଦ୍ୱାରା ପରିଚାଳିତ ଏହି ବିମାନବନ୍ଦର ସମେତ ଦେଶର ଆଉ ୨୫ଟି ବିମାନବନ୍ଦରକୁ ଲିଜ୍‌ରେ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ବିମାନବନ୍ଦରଗୁଡ଼ିକ ହେଲା ବାରାଣସୀ, ଅମୃତସର, ତାମିଲନାଡୁର ତ୍ରିଚି, ଇନ୍ଦୋର, ରାଏପୁର, କେରଳର କାଲିକଟ୍, କୋଏମ୍ବାଟୁର, ନାଗପୁର, ପାଟଣା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡ଼ା, ଭଦୋଦରା, ଭୋପାଳ, ତିରୁପତି, କର୍ନାଟକର ହୁବ୍‌ଲି, ଇମ୍ଫାଲ, ଅଗରତାଲା, ଉଦୟପୁର, ଡେରାଡୁନ ଏବଂ ଆନ୍ଧ୍ରପ୍ରଦେଶର ରାଜାମୁଣ୍ଡ୍ରି। ଏଗୁଡ଼ିକୁ ପରିଚାଳନା ପାଇଁ ଆସନ୍ତା ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ଘରୋଇ କମ୍ପାନୀଗୁଡ଼ିକୁ ଲିଜ୍‌ରେ ଦିଆଯିବ। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମନେଟାଇଜେଶନ ପାଇପ୍‌ଲାଇନ (ଏନ୍‌ଏମ୍‌ପି) ଅନୁସାରେ ପୃଷ୍ଠା-୪

# ତିବ୍ବତ ଏୟାରବେସ୍‌ରେ ଡ୍ରୋନ୍, ଯୁଦ୍ଧବିମାନ ମହଜୁଦ

## ଚାଇନାର ଆକ୍ରମଣ ପ୍ରସ୍ତୁତି

ନୂଆଦିଲ୍ଲୀ,୧୯।୧୨

ଚାଇନାର ପ୍ରାୟ ୩୦୦ ସୈନ୍ୟ ଗତ ୯ ତାରିଖରେ ଅରୁଣାଚଳ ପ୍ରଦେଶର ତାୱାଙ୍ଗ୍‌ରେ ପ୍ରବେଶ କରି ଉକ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲେ। ଭାରତୀୟ ସେନା ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ସୈନ୍ୟ ଆହତ ହୋଇଥିଲେ। ସଂଘର୍ଷ ପରେ ଚାଇନା ସୈନ୍ୟ ଫେରିଯାଇଥିଲେ ହେଁ ପୁନର୍ବାର ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ତିବ୍ବତୀୟ ଏୟାରବେସ୍‌ଗୁଡ଼ିକରେ ଚାଇନା ବହୁସଂଖ୍ୟାରେ ଡ୍ରୋନ୍ ଏବଂ ଲଢୁଆ ବିମାନ ଠୁଳ କରିଥିବା ହାଇରିଜଲ୍ୟୁଶନ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି।

ସୀମାରେ ଚାଇନା ବିମାନ ଓ ଡ୍ରୋନ୍ ପଇଁତରା ବଢ଼ିବାରୁ ଅରୁଣାଚଳ ପ୍ରଦେଶ ଉପରେ ଭାରତୀୟ ବାୟୁସେନା ଏୟାର ପାଟ୍ରୋଲ ଆରମ୍ଭ କରିଛି। କିଛିଦିନ ପୂର୍ବରୁ ଅରୁଣାଚଳ ଉପରେ ଭାରତୀୟ ବାୟୁସୀମା ଲଂଘନ କରିଥିବା ଚାଇନାର ଦୁଇଟି ଯୁଦ୍ଧବିମାନକୁ ଭାରତୀୟ ଯୁଦ୍ଧବିମାନ ତଡ଼ିଥିଲା। ଅରୁଣାଚଳ ପ୍ରଦେଶଠାରୁ ୧୫୦ କିଲୋମିଟର ଉତ୍ତର-ପୂର୍ବରେ ଅବସ୍ଥିତ ଚାଇନାର ବାଙ୍ଗଡ଼ା ଏୟାରବେସ୍‌ର ସାଟେଲାଇଟ୍ ଚିତ୍ର ଏକ ଗଣମାଧ୍ୟମର ହସ୍ତଗତ ହୋଇଛି। ସେଠାରେ ଚାଇନାର ଅତ୍ୟାଧୁନିକ ଡବ୍ଲ୍ୟୁଜେଡ୍- 'ସୋରିଙ୍ଗ୍ ଡ୍ରାଗନ' ଡ୍ରୋନ୍ ମହଜୁଦ ରହିଥିବା ଦେଖାଯାଇଛି। ଏହି ଡ୍ରୋନ୍‌ଗୁଡ଼ିକ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନ ଅଟକି ଉଡ଼ିପାରିବ। ଗୋଇନ୍ଦା, ସାମରିକ ପର୍ଯ୍ୟବେକ୍ଷଣ ଓ ତଦାରଖ ଲାଗି ଏହି ଡ୍ରୋନ୍‌କୁ ଡିଜାଇନ୍ କରାଯାଇଛି। ଏହା ଶତ୍ରୁପକ୍ଷର ଗତିବିଧି ଏବଂ ମିଶାଇଲ୍ ଟାର୍ଗେଟ ସ୍ଥଳ ସମ୍ପର୍କରେ ଚାଇନାକୁ ତଥ୍ୟ ପ୍ରେରଣ କରିପାରିବ। ଭାରତ ପାଖରେ ଏଭଳି ଡ୍ରୋନ୍ ନାହିଁ। ଏଭଳି ଡ୍ରୋନ୍ ଓ ଯୁଦ୍ଧବିମାନ ମହଜୁଦ ରଖିବା ଘଟଣାରୁ ଚାଇନା ଏକ ସକ୍ରିୟ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଟ୍‌ୱର୍କ ପରିବେଶ ସୃଷ୍ଟି କରୁଥିବାର ସୂଚନା ଦେଉଛି। ଅକ୍ସାଇ ଚୀନ୍ ଏବଂ ଉତ୍ତରପୂର୍ବାଞ୍ଚଳରେ ଥିବା ମାକ୍‌ମହୋନ ଲାଇନ ଅଞ୍ଚଳ ପାଇଁ ଏହା ଏକ ସପୋର୍ଟ ମିଶନ ବୋଲି ବାୟୁସେନାର ପୂର୍ବତନ ପାଇଲଟ ତଥା ନ୍ୟୁସ୍ପେସ୍ କମ୍ପାନୀର ମୁଖ୍ୟ ସମୀର ଜୋଷୀ କହିଛନ୍ତି।

ଗତ ନଭେମ୍ବର ୨୭ରେ ଚାଇନା ଶିଗାତ୍‌ସେ ଏୟାରପୋର୍ଟରେ ୧୦ଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ସହ କେଜି-୫୦୦ ଏୟାରକ୍ରାଫ୍ଟ ମୁତୟନ କରିଥିଲା। ବାଙ୍ଗଡା ଏୟାରବେସ୍ ଫ୍ଲାଇଟ୍‌ଲାଇନରେ ଦୁଇଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ରହିଥିବା ଡିସେମ୍ବର ୧୪ର ସାଟେଲାଇଟ୍ ଫଟୋରେ ଦେଖିବାକୁ ମିଳିଥିଲା। ଗତ ସପ୍ତାହରେ ଅରୁଣାଚଳ ପ୍ରଦେଶରେ ପୃଷ୍ଠା-୪







କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ହକି ବିଶ୍ୱକପ ଟିକେଟ କିଣିବା ପାଇଁ ସୋମବାର ଦର୍ଶକଙ୍କ ଗହଳି। (ରିପୋର୍ଟ: ଖେଳପୃଷ୍ଠା)

# ଆହତଙ୍କ ସହ ମଦ ପିଇଲେ ଆମ୍ବୁଲାନ୍ସ ଚାଳକ

ଜଗତ୍‌ସିଂହପୁର ଅଫିସ, ୧୯।୧୨





- ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ
- ଗଛରୁ ପଡ଼ି ଆହତ ବ୍ୟକ୍ତିଙ୍କୁ କଟକ ନିଆଯାଉଥିଲା
- ଫେରିଲାବେଳକୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଆମ୍ବୁଲାନ୍ସ

ରାସ୍ତା ପାର୍ଶ୍ୱରେ ଆମ୍ବୁଲାନ୍ସ ଅଟକାଇ ଚାଳକ ଗ୍ଲାସରେ ମଦ ପିଉଥିବାବେଳେ ଆହତଙ୍କ ପାଇଁ ପେଗ୍ ବନାଉଛନ୍ତି। ଗାଡ଼ିର ପଛ ସିଟ୍‌ରେ ଜଣେ ମହିଳା ଓ ଝିଅ ମଧ ବସିଛନ୍ତି। ଏଭଳି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପରେ ଆମ୍ବୁଲାନ୍ସଟି ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଛାଡ଼ି ଫେରୁଥିବାବେଳେ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟର ସହ ଧକ୍କା ହୋଇଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ନେଇ ଚାଉଳିଆଗଞ୍ଜ ଥାନାରେ ରଖିଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ଭିଡିଓ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା ରୋଡ ମଦ ଦୋକାନ ନିକଟବର୍ତ୍ତୀ ଅଞ୍ଚଳର ବୋଲି ଜଣାପଡ଼ିଛି। ପାରାଦୀପରୁ ଜଣେ ଆହତଙ୍କ ଚିକିତ୍ସା ପାଇଁ ଆମ୍ବୁଲାନ୍ସ (ନଂ. ଓଡି-୨୧-ଏନ୍-୩୮୬) ଯୋଗେ କଟକ ନିଆଯାଉଥିଲା। ଆମ୍ବୁଲାନ୍ସଟି ରଘୁନାଥପୁର ବ୍ଲକ ରେଢୁଆ ମୋହନପୁର ଗ୍ରାମର ଦିଲୀପ କୁମାର ରଥଙ୍କ ନାମରେ ରହିଛି। ସେ ନିଜେ ଏହାକୁ ଚଳାଉଛନ୍ତି। ଏ ସମ୍ପର୍କରେ ରଥଙ୍କୁ ପଚାରିବାରୁ କହିଛନ୍ତି, ଆହତ ଜଣକ ହେଉଛନ୍ତି କେନ୍ଦୁଝର ଜିଲାର ଜଣେ ଆଦିବାସୀ ବ୍ୟକ୍ତି। ତାଙ୍କ ନାମ କୈଳାସ ଦେହୁରୀ। ସେ ଦୀର୍ଘ ବର୍ଷ ହେବ ପରିବାର ସହ ପାରାଦୀପରେ ରହି ମଜୁରି ଲାଗି ପରିବାର ଭରଣପୋଷଣ କରନ୍ତି। ୧୦ ବର୍ଷ ହେବ ଦେହୁରୀଙ୍କ ସହ ତାଙ୍କର ପରିଚୟ ରହିଛି। ପାରାଦୀପ ତାରେଣୀଗଡ଼ା ଓ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ରଥଙ୍କ ପୃଥକ୍ ଘର ରହିଛି। ତାରେଣୀଗଡ଼ା ନିକଟ ଘରେ ସେ ପରିବାର ସହ ରହୁଥିବାବେଳେ ମ୍ୟୁନିସିପାଲିଟି ହାଇସ୍କୁଲ ପାଖ ଘର ଭଡା ସୂତ୍ରରେ ଦେଇଛନ୍ତି। ଗତ ୧୮ ତାରିଖରେ ରଥଙ୍କ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟ ଜମିରେ ଥିବା ଚାକୁଣ୍ଡା ପୃଷ୍ଠା-୪

# ରାଜସ୍ଥାନରେ ୫୦୦ ଟଙ୍କାରେ ମିଳିବ ଏଲ୍‌ପିଜି

## ଅଶୋକ ଗେହଲଟ୍‌ଙ୍କ ଘୋଷଣା

ଜୟପୁର ,୧୯।୧୨

ରାଜସ୍ଥାନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ବଡ଼ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଏହି ଘୋଷଣା କଲାବେଳେ ପାଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ଗରିବ ପରିବାର ଏବଂ ଉଜ୍ଜ୍ୱଳା ହିତାଧିକାରୀମାନଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଅଧାରୁ କମ୍ ଦାମ୍‌ରେ ଯୋଗାଇ ଦିଆଯିବ। ଆସନ୍ତା ମାସରେ ଏଥିପାଇଁ ବଜେଟ ବ୍ୟବସ୍ଥା କରାଯିବ ବୋଲି ଗେହଲଟ୍ କହିଛନ୍ତି। ପୃଷ୍ଠା-୪

# ୫ଦିନ ପରେ ବନ୍ଦ କୋଠରିରୁ ଉଦ୍ଧାର ହେଲେ ଅମ୍ରିତ

- ପାଣି ନେବାକୁ ଆସିଥିବା ମହିଳା ଦେବଦୂତ ସାଜିଲେ
- ଅପହରଣକାରୀ ଫେରାର, ୪ ଅଟକ
- ପୋଲିସ, ସନ୍ଧାନୀ କୁକୁର ତଦନ୍ତରେ ବିଫଳ
- ଅପହରଣର ଗୁମର ଖୋଲିପାରିନି ପୋଲିସ

ନୟାଗଡ଼ ଅଫିସ/ ଓଡ଼ଗାଁ, ୧୯।୧୨(ସ୍ୱ.ପ୍ର.)



ଉଦ୍ଧାର ପରେ ଅମ୍ରିତ

ଅପହରଣର ୫ ଦିନ ପରେ ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କୁରାଳ ସୁବୁଦ୍ଧିସାହିର ୭ମଶ୍ରେଣୀର ଛାତ୍ର ଅମ୍ରିତ ପାତ୍ର(୧୨)ଙ୍କୁ ସୋମବାର ସ୍ଥାନୀୟ ପଣ୍ଡିତ ସାହିରେ ଥିବା ଏକ ବନ୍ଦ କୋଠରିରୁ ଉଦ୍ଧାର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କୁରାଳ ଗାଁ ସହ ନୟାଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଅପହରଣକାରୀ କୌଣସି କାରଣରୁ ଅମ୍ରିତଙ୍କୁ ଗାଁ ବାହାରକୁ ନେଇ ପାରି ନ ଥିଲେ। ତାଙ୍କୁ ଉକ୍ତ କୋଠରିରେ ତାଲା ପକାଇ ରଖିବା ପରେ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଅମ୍ରିତଙ୍କ ଉଦ୍ଧାର ପାଇଁ ଜଣେ ମହିଳା ଦେବଦୂତ ସାଜିଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ସମ୍ପୃକ୍ତ ମହିଳା ପାଣି ନେବାକୁ ଆସିଥିଲେ। ତାଙ୍କୁ ଦେଖି ଅମ୍ରିତ ପାଟି କରି ଡାକିବାରୁ ସେ ତାଙ୍କୁ ସେହି ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ମହିଳା ସ୍ଥାନୀୟ ସରପଞ୍ଚ ଓ ଗାଁଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଓଡ଼ଗାଁ ଥାନା ପୋଲିସ ପହଞ୍ଚି ଅମ୍ରିତ, ତାଙ୍କ ବାପା, ମା'ଙ୍କୁ ନିଜ ହେପାଜତକୁ ନେଇ ପଚରାଉଚୁରା କରୁଛି। ଘରଠାରୁ ମାତ୍ର ୫ଶହ ମିଟର ଦୂରରେ ଅମ୍ରିତ ସେହି ବନ୍ଦ କୋଠରିରେ ବନ୍ଦୀ ଥିଲେ। ହେଲେ ପୋଲିସ କିମ୍ବା ସନ୍ଧାନୀ କୁକୁର ତାଙ୍କର ଟେର ପାଇ ନ ପାରିବା ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ଅମ୍ରିତ ଉଦ୍ଧାର ହେବା ପରେ ସେହି ଘରୁ ପୋଲିସ ପୁଣି ଥରେ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଉକ୍ତ ବନ୍ଦ କୋଠରିରୁ ଅପହରଣ ସ୍ଥଳ ବାଉଁଶବୁଦା ମୂଳ ଦେଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇ ଅଟକି ଯାଇଥିଲା। ପୁଣିଥରେ ସନ୍ଧାନୀ କୁକୁର ପଣ୍ଡିତ ସାହିକୁ ଫେରି ଜଗନ୍ନାଥ ମନ୍ଦିର ଫେରିବା ବାଟରେ ଅଟକି ରହିଥିଲା। ଅପହରଣକାରୀ ଓ ଅପହରଣ ନେଇ ପୋଲିସ ମୁହଁ ଖୋଲି ନାହିଁ। ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ସୂଚନା ଅନୁଯାୟୀ, ଅମ୍ରିତର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ଅପହରଣକାରୀ ତାକୁ ଖାଇବାକୁ ଦେଉଥିଲେ। ପ୍ରଥମ ଦିନ ପକୁଡ଼ି ଖାଇବାକୁ ଦେଇଥିଲେ। ତେବେ ଅମ୍ରିତ ବିଭିନ୍ନ କଥା କହୁଛନ୍ତି। କେତେବେଳେ କହୁଛନ୍ତି ହାତ ବାନ୍ଧି ରଖିଥିଲେ, ପୃଷ୍ଠା-୪

ଆଶା, ଆଶାରେ ରହିଗଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଲାଗିଥିଲା ବଡ ଝଟକା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପଦ୍ମପୁର ବିଧାୟକଙ୍କ ସମେତ ପଶ୍ଚିମ ଓଡ଼ିଶାର ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା। ପଦ୍ମପୁର ଓ ବ୍ରଜରାଜନଗର ଉପନିର୍ବାଚନ ଭରି ଦେଇଥିଲା ରାଜନୈତିକ ଉଷ୍ମତା। କରୋନା କଟକଣା ହଟିବା ପରେ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲାଗି କଂସ ଚୟନ, ରାଜ୍ୟରେ ପ୍ରଥମକରି ସ୍ୱାସ୍ଥ୍ୟସେବାରେ ଡ୍ରୋନ୍ ବ୍ୟବହାର କଳାହାଣ୍ଡିରେ ଶୁଭାରମ୍ଭ, ଧରିତ୍ରୀ ଖବରଦାତାଙ୍କୁ ମାଓବାଦୀଙ୍କ ହତ୍ୟା, ପଦ୍ମପୁର ସମେତ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଆନ୍ଦୋଳନ ବର୍ଷର ଗୁରୁତ୍ୱପୂର୍ଣ୍ଣ ଘଟଣା। ସେହିପରି ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେବା ବନ୍ୟପ୍ରାଣୀପ୍ରେମୀଙ୍କ ମନରେ ଭରି ଦେଇଥିଲା ଉତ୍ସାହ। ପଶ୍ଚିମ ଓଡ଼ିଶାର ଏଭଳି କିଛି ଘଟଣାକ୍ରମକୁ ନେଇ ଏଥରର ବର୍ଷାନ୍ତ ଆଲେଖ୍ୟ।



## ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

ପ୍ରାୟ ୫ବର୍ଷ ପରେ ସମ୍ବଲପୁରର ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେଇଥିଲା। ଏହା ପ୍ରାପ୍ତବୟସ୍କ ଓ ଅଣ୍ଡିରା ବୋଲି ବନ ବିଭାଗ ସୂଚନା ଦେଇଥିଲା। ସଫାରି ଗାଡିରେ ପର୍ଯ୍ୟଟକ ଓ ଗାଇଡ୍ ବୁଲିବା ସମୟରେ ଡିସେମ୍ବର ୩ରେ ମୋବାଇଲ ଭିଡିଓରେ କଏଦ କରିଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ବନ ବିଭାଗ ସ୍ପଷ୍ଟ କରିଥିଲା।

## ଖାକିରେ ଦାଗ



ସେପ୍ଟେମ୍ବର ୧୫ରେ କଣ୍ଟାବାଞ୍ଜି ଅନ୍ନପୂର୍ଣ୍ଣା ଲଜ୍‌ରେ ପୋଲିସ ଚଢ଼ାଉ କରି ୫୮ଲକ୍ଷ ଟଙ୍କା ଜବତ ସହ ୭ଜଣଙ୍କୁ ଗିରଫ କରିଥିଲା। ସେମାନେ ସେଠାରେ ଜୁଆ ଖେଳୁଥିଲେ ବୋଲି ଏସ୍‌ଡିପିଓ ହୃଷୀକେଶ ମେହେର ସୂଚନା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ତେଲଙ୍ଗାନାର ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାର ବୋଲି ଜଣାପଡିଥିଲା। ଏସ୍‌ଡିପିଓ ମେହେର ଭୁଲ ସୂଚନା ଦେଇଥିଲେ। ସେମାନଙ୍କଠାରୁ ୫୮ଲକ୍ଷ ଜବତ ହୋଇଥିବା କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତଦନ୍ତ କରାଯିବାରୁ ପୋଲିସ ହେପାଜତରୁ ଅଧିକ ପ୍ରାୟ ୨୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥିପାଇଁ ଏସ୍‌ଡିପିଓ ମେହେରଙ୍କୁ ନିଲମ୍ବନ କରାଯାଇଥିଲା।

## ୨ମହିଳା ମାଓବାଦୀ ନିହତ

ବଲାଙ୍ଗୀର-ବରଗଡ଼ ଜିଲା ସୀମା ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ନଭେମ୍ବର ୨୪ ପୂର୍ବାହ୍ନରେ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ। ନିହତ ଦୁଇ ମହିଳା ମାଓବାଦୀ ଛତିଶଗଡର ଗୀତା ଓ ରୋଜିତା ବୋଲି ଚିହ୍ନଟ କରାଯାଇଥିଲା। ସେମାନଙ୍କ ନାଁରେ ପୋଲିସ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

## ପ୍ରଶାସନିକ ଅଧିକାରୀଙ୍କ ଜାଲିଆତି





ବଲାଙ୍ଗୀର ସହର ଉପକଣ୍ଠ ଧୁମାମରାର ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ହଡ଼ପ ମାମଲାରେ ରାଜ୍ୟ ସରକାର ଜୁଲାଇ ୬ରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ନିଲମ୍ବିତ କରିଥିଲେ। ଛୁଟିଦିନରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଜଣେ ମୃତବ୍ୟକ୍ତିଙ୍କ ଦେଢ଼ ଏକର ଜମିକୁ ହଡ଼ପ କରାଯାଇଥିବା ଏବଂ କ୍ରେତାଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜମିକ୍ରେତା, ସାକ୍ଷୀ, ତହସିଲ ଅଫିସ ରେକର୍ଡ କିପର ଏବଂ ରେଜିଷ୍ଟ୍ରି ଅଫିସ କିରାଣି ମଧ୍ୟ ଗିରଫ ହୋଇଥିଲେ।



# ପଶ୍ଚିମକୁ ଝଟକା

୧୯୫୭ ମସିହାରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ନେଇ ଚାଲିଆସୁଥିବା ଆନ୍ଦୋଳନ ବର୍ଷ ଶେଷ ଭାଗରେ ଅର୍ଥାତ୍ ଡିସେମ୍ବର ୧୨ରେ ଉଗ୍ରରୂପ ନେଇଥିଲା। ସମ୍ବଲପୁର ଜିଲା କୋର୍ଟ ଭିତରେ ଭଙ୍ଗାରୁଜା, ଗାଳିଗୁଲଜ ସହ ବିଚାରପତିଙ୍କୁ କୋର୍ଟ ପରିସରରୁ ବାହାର କରିଦିଆଯାଇଥିଲା। ଏହି ଘଟଣାରେ ୨୩ ଓକିଲଙ୍କ ସମେତ ୮ କିନ୍ନର, ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବିଭାଗକୁ କଡା ସମାଲୋଚନା କରିଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିବା ବେଳେ ସମସ୍ତ ପ୍ରାୟ ୧୬ ଶହ ଲାଇସେନ୍ସକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରିଥିଲେ। ଘଟଣା ପାଇଁ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଏମ୍‌ପି ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସଂସଦରେ ଏ ନେଇ ପ୍ରଶ୍ନ କରିଥିଲେ। ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ୪୩ ଜଣ ଓକିଲଙ୍କୁ ଛାଡି ଅନ୍ୟ ଓକିଲମାନଙ୍କ ଲାଇସେନ୍ସ କାର୍ଯ୍ୟକ୍ଷମ କରାଯାଇଥିଲା।

## ପଦ୍ମପୁର ଉପନିର୍ବାଚନ: ପ୍ରଥମ ବିଧାୟିକା



ବରଗଡ଼ ଜିଲା ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରେ ଏହି ଆସନ ପାଇଁ ଡିସେମ୍ବର ୫ରେ ଉପନିର୍ବାଚନ ହୋଇଥିଲା। ୮ତାରିଖରେ ଭୋଟ୍ ଗଣତି ଏବଂ ଫଳାଫଳ ପ୍ରକାଶ ପାଇଥିଲା। ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ସର୍ବାଧିକ ୧ଲକ୍ଷ ୨୦ହଜାର ୮୦୭ଖଣ୍ଡ ଭୋଟ୍ ପାଇ ବିଜୟିନୀ ହୋଇଥିଲେ। ଏହି ଉପନିର୍ବାଚନ ବିଜୟ ପରେ ବର୍ଷା ଏଠାରେ ପ୍ରଥମ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ଅଳକା ମହାନ୍ତିଙ୍କ ବାଜିମାତ୍



ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଗତ ମେ ୩୧ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥିନୀ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି ୯୩,୯୫୩ ଭୋଟ୍ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଦଳର ପ୍ରାର୍ଥୀ ପୂର୍ବତନ ବିଧାୟକ କିଶୋର ପଟେଲ ୨୭,୮୩୧ ଓ ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ୨୨,୬୩୦ ଭୋଟ୍ ପାଇଥିଲେ।

## ଅସ୍ତମିତ ବ୍ୟକ୍ତିତ୍ୱ


ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମୁଖ୍ୟମନ୍ତ୍ରୀ


ରିପୁନାଥ ସେଠ୍ ପୂର୍ବତନ ମନ୍ତ୍ରୀ


ବିଜୟ ରଞ୍ଜନ ସିଂବରିହା ପୂର୍ବତନ ମନ୍ତ୍ରୀ


ଦୁର୍ଯ୍ୟୋଧନ ମାଝି ପୂର୍ବତନ ମନ୍ତ୍ରୀ


ନୀହାର ପ୍ରଧାନ, ବୈଜ୍ଞାନିକ ଇସ୍ରୋ


ରୋହିତ ବିଶ୍ୱାଳ, ଧରିତ୍ରୀ ଖବରଦାତା


ଶ୍ରେୟସ ପୂଜାରୀ ଶିଶୁ କଳାକାର


ମଙ୍ଗୁଲୁ ଚରଣ ବିଶ୍ୱାଳ, ସାହିତ୍ୟିକ

## ବଦଳିଲେ କଂସ



କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବରଗଡ଼ ଧନୁଯାତ୍ରା ବନ୍ଦ ରହିଥିଲା। କରୋନା କଟକଣା ହଟିବା ପରେ ଚଳିତବର୍ଷ ଧୁମ୍‌ଧାମ୍‌ରେ ଏହି ମହୋତ୍ସବ ହେବ। ଏହି କ୍ରମରେ ଗତ ନଭେମ୍ବର ୧୦ତାରିଖ କଂସ ସମେତ ଅନ୍ୟ ପାର୍ଶ୍ୱ କଳାକାରଙ୍କ ଚୟନ ପ୍ରକ୍ରିୟା ହୋଇଥିଲା। ହୃଷୀକେଶ ଭୋଇ ପୁଣିଥରେ କଂସ ଚରିତ୍ରରେ ଅଭିନୟ ପାଇଁ ମନୋନୀତ ହୋଇଛନ୍ତି। ଏହାପୂର୍ବରୁ ସେ ୯ଥର ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ତେବେ ଧର୍ମଶାଳା ମହୋତ୍ସବରେ କଂସ ଅଭିନୟ କରି ସେ ବିବାଦୀୟ ହୋଇ ପଡ଼ିଥିଲେ ଏବଂ ପରବର୍ତ୍ତୀ ଚୟନ ପ୍ରକ୍ରିୟାରେ ସେ ଭାଗ ନେଇଥିଲେ ହେଁ କଂସ ମନୋନୀତ ହୋଇପାରି ନ ଥିଲେ।

## ଭିସୁଟ୍‌ରେ ରାଗିଂ



ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଦ୍ୱିତୀୟବର୍ଷ ଛାତ୍ରଙ୍କୁ ରାଗିଂ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୨୯ରେ ଆଣ୍ଟି ରାଗିଂ ସେଲ୍ ତଦନ୍ତ କରି ୭ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ୪ଜଣଙ୍କୁ ୧ବର୍ଷ ପାଇଁ ବିଶ୍ୱବିଦ୍ୟାଳୟରୁ ବହିଷ୍କୃତ କରାଯାଇଥିଲା। ସେମାନେ ହେଲେ ମାନସ ଟୁଡୁ, ପ୍ରତିଶ ଏସ୍‌ଆର୍ ପଣ୍ଡା, ଶାନ୍ତି ସ୍ୱରୂପ ରାଉତ ଓ ପି. ଅରବିନ୍ଦ ସେନାପତି। ଅନ୍ୟ ୩ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ସେମାନେ ହେଲେ ଅଙ୍କିତ ମହାକୁଡ, ବି.ଆର୍. ସ୍ୱାଧୀନ ଓ ବିଶ୍ୱଜିତ ପଟେଲ।




## ଜିଲା ଗଠନ ଆଶା ଉଜ୍ଜୀବିତ

ଗତ ପଦ୍ମପୁର ଉପନିର୍ବାଚନର ଅବ୍ୟବହିତ ପୂର୍ବରୁ ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା ଦାବି ଜୋର୍ ଧରିଥିଲା। ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରକୁ ଯାଇ ଉପନିର୍ବାଚନ ପରେ ବିଧିବଦ୍ଧ ଭାବେ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଘୋଷଣା କରିବା ପରେ ଆଶା ଉଜ୍ଜୀବିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଆଦି ଉପଖଣ୍ଡକୁ ଜିଲା କରିବା ପାଇଁ ମଧ୍ୟ ଦାବି ଉଠିଥିଲା।

## ସ୍ୱାସ୍ଥ୍ୟସେବାରେ ଡ୍ରୋନ

କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ପଡ଼ିଆରୁ ମାର୍ଚ୍ଚ ୨୧ରେ ୧୫ଜଣ ରୋଗୀଙ୍କ ରକ୍ତ ନମୁନା ଡ୍ରୋନ ଯୋଗେ ପରୀକ୍ଷା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଡ୍ରୋନ ଯୋଗେ ରକ୍ତ ନମୁନା ଗୋଟିଏ ସ୍ଥାନରୁ ଅନ୍ୟ ହସ୍ପିଟାଲକୁ ପଠାଯିବା ରାଜ୍ୟରେ ପ୍ରଥମ। ଆଦିବାସୀ ବହୁଳ ଅଞ୍ଚଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ବିଶେଷ କରି ଯକ୍ଷ୍ମାରୋଗର ନିରାକରଣ ପାଇଁ ଡ୍ରୋନସେବାର ଶୁଭାରମ୍ଭ କରିଛନ୍ତି।



# ଏକାଦଶ, ଦ୍ୱାଦଶରେ ଉପସ୍ଥାନ କମିଲେ କାର୍ଯ୍ୟାନୁଷ୍ଠାନ

## ଆସନ୍ତା ବର୍ଷରୁ ଲାଗୁ ହେବ ନୂଆ ନିୟମ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ରାଜ୍ୟର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାର ପ୍ରୟାସ ଚଳାଇଛନ୍ତି। ଏବେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଉପସ୍ଥାନ ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଶତପ୍ରତିଶତ ନ ରହିଲେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ଉପରେ ମଧ୍ୟ ପଦକ୍ଷେପ ନିଆଯିବ। ଦୈନିକ କଲେଜ ଛୁଟି ହେବା ପରେ ସବୁ ବିଷୟର ଆଟେଣ୍ଡାନ୍ସକୁ ଅଧ୍ୟକ୍ଷ ଯାଞ୍ଚ କରିବେ। ଯେଉଁ ଛାତ୍ରୀଛାତ୍ର କ୍ଲାସରେ ଅନୁପସ୍ଥିତ ଥିବେ, ବିଶେଷକରି ମାସରେ ୧୦ରୁ ଅଧିକ ଦିନ ଛୁଟିରେ ରହିଲେ, ସେମାନଙ୍କୁ କାରଣ ଦର୍ଶାଇବାକୁ ନୋଟିସ କରାଯିବ। ଛାତ୍ରୀଛାତ୍ର ଯେଉଁ ଉତ୍ତର ରଖିବେ, ସେଥିରେ ଉଭୟ ପିଲା ଓ ଅଭିଭାବକଙ୍କ ଦସ୍ତଖତ ରହିବ। ସନ୍ତୋଷମୂଳକ ଉତ୍ତର କିମ୍ବା କାରଣ ନ ଦର୍ଶାଇବା ପର୍ଯ୍ୟନ୍ତ ସେହି ପିଲାମାନେ କଲେଜ ଆସିଲେ ମଧ୍ୟ କୌଣସି କ୍ଲାସରେ ବସିପାରିବେ ନାହିଁ। ଆସନ୍ତା ଶିକ୍ଷାବର୍ଷରୁ ଏହି ନିୟମ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ମାତ୍ର ୫ବର୍ଷର ତଥ୍ୟକୁ ଦେଖିଲେ, ରାଜ୍ୟରେ ଯୁକ୍ତ୨ ଶେଷବର୍ଷ ପରୀକ୍ଷା ପୂର୍ବରୁ ବା ଫର୍ମପୂରଣ ସମୟରେ ସରକାରୀ କଲେଜଗୁଡ଼ିକରେ ପ୍ରାୟ ୪୫ ଭାଗ ପିଲାଙ୍କ ଉପସ୍ଥାନ ୩୫ ପ୍ରତିଶତ ତଳକୁ ଥିବାବେଳେ ଅନୁଦାନପ୍ରାପ୍ତ କଲେଜରେ ୭୦ ଭାଗରୁ ଅଧିକ ପିଲାଙ୍କ ଶ୍ରେଣୀ ଉପସ୍ଥାନ ୪୦ପ୍ରତିଶତ ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା




ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ପ୍ରାକ୍ଟିକାଲ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ଦେଉଥିବା ବେଳେ ଥିଓରି ଲାଗି ପ୍ରାୟ ୬୫ପ୍ରତିଶତ ଉପସ୍ଥାନ ରହୁଛି। ପ୍ରାୟ ୪୦ପ୍ରତିଶତ ପିଲା ନିୟମିତ ଥିଓରି କ୍ଲାସରେ ଉପସ୍ଥିତ ଥିବାବେଳେ ୬୦ପ୍ରତିଶତ ପିଲା ଅନୁପସ୍ଥିତ ରହିଛନ୍ତି। ଟ୍ୟୁଶନ ଓ ବିଭିନ୍ନ କୋଚିଂ ଲାଗି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଉପସ୍ଥାନ ଶତପ୍ରତିଶତ ହେଉନାହିଁ। ସେହିଭଳି କଳାର ସର୍ବାଧିକ ୮୫ପ୍ରତିଶତ ଓ ବାଣିଜ୍ୟ ବିଭାଗର ୬୫ ପ୍ରତିଶତ ପିଲା ଶ୍ରେଣୀରେ ନିୟମିତ ଅନୁପସ୍ଥିତ ରହୁଛନ୍ତି। ଧନ୍ଦାମୂଳକଶିକ୍ଷା ପିଲାଙ୍କ ଉପସ୍ଥାନ ୫୦% ପାର ହେଉ ନ ଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ପୂର୍ବରୁ କୋଚିଂ ଓ ଟ୍ୟୁଶନ ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି। କଲେଜ ସମୟରେ କୌଣସି କୋଚିଂ ସେଣ୍ଟରରେ ପାଠପଢ଼ା ହୋଇପାରିବ ନାହିଁ। ସେହିଭଳି ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଫର୍ମ ପୂରଣ ଲାଗି ସର୍ବନିମ୍ନ ଉପସ୍ଥାନ ୭୫ପ୍ରତିଶତ ସରକାର ଧାର୍ଯ୍ୟ କରିଛନ୍ତି। ୭୫ପ୍ରତିଶତରୁ କମ୍ ଉପସ୍ଥାନ ଥିବା ପିଲାଙ୍କୁ ଫର୍ମ ପୂରଣରୁ ବାଦ୍ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ଶ୍ରେଣୀରେ ଉପସ୍ଥାନ ଖୁବ୍‌କମ୍ ରହୁଥିଲେ ମଧ୍ୟ ପିଲାଙ୍କର ଭବିଷ୍ୟତକୁ ଗୁରୁତ୍ୱ ଦେଇ ସରକାର ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଫର୍ମ ପୂରଣ ଲାଗି ସୁଯୋଗ ଦେଉଛନ୍ତି। ମାତ୍ର ଏହି ଅବ୍ୟବସ୍ଥାକୁ ଆଉ ସରକାର ବରଦାସ୍ତ କରିବେ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କଲେଜ ଅଧ୍ୟକ୍ଷ ଏ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବା ସହ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼

**ବଡ଼ସାହି,୧୯।୧୨ (ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ କମଳାଶୂଳ ଗ୍ରାମକୁ ବିଲ୍ ଆଦାୟ କରିବାକୁ ଯାଇଥିବା ବେଳେ ଉପଭୋକ୍ତାଙ୍କ ମାଡ଼ରେ ସ୍ଥାନୀୟ ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ ଗୁରୁତର ହୋଇଛନ୍ତି। ସେହି ଗ୍ରାମର ବାପି ସିଂ, ଲଗ୍ନଦେବ ସିଂ ଏବଂ ଅନ୍ୟମାନେ ମିଳିତ ଭାବେ ଗୋଡ଼ାଇ ଗୋଡ଼ାଇ ଚେନ୍ ଓ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଯନ୍ତ୍ରୀ ଅଭିଯୋଗ କରିଛନ୍ତି। ମାମଲା (ନଂ.୩୩୮/୨୨) ରୁଜୁ କରି ପୋଲିସ ୨ଜଣଙ୍କୁ ଅଟକ ରଖିଛି।







## ୨୦ କଇଁଛ ଉଦ୍ଧାର



ଉଦ୍ଧାର କଇଁଛ।

ପାରଳାଖେମୁଣ୍ଡି,୧୯।୧୨(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମତ୍ସ୍ୟ ବିଭାଗ ପୋଖରୀରୁ କଇଁଛ ଚୋରାଚାଲାଣ ହେଉଥିବା ବେଳେ ବନବିଭାଗ ଉଦ୍ଧାର କରିଛି। ମତ୍ସ୍ୟବିଭାଗ ପୋଖରୀରେ ଦିନମଜୁରିଆ ଭାବେ କାମ କରୁଥିବା ଜଣେ ବ୍ୟକ୍ତି ରବିବାର ରାତିରେ ୨୦ଟି ପାଣି କଇଁଛ ଲୁନା (ଓଡି୨୦ ୮୧୮୪) ଯୋଗେ ନେଇ ଯାଉଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ। ପରେ ସେମାନେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ଏନ୍.ଡି ଶର୍ମା ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଲୁନା ଛାଡ଼ି ସମ୍ପୃକ୍ତ ବ୍ୟକ୍ତିଜଣକ ଫେରାର ହୋଇଯାଇଥିଲେ। ରେଞ୍ଜର ଶର୍ମା ଲୁନା ସହିତ କଇଁଛଙ୍କୁ ଜବତ କରିଥିଲେ। ତେବେ ଦିନମଜୁରିଆ ଜଣକ କିଏ ଏବଂ କାହିଁକି ସେ କଇଁଛ ଚାଲାଣ କରୁଥିଲେ ସେ ନେଇ ମତ୍ସ୍ୟବିଭାଗର କର୍ମଚାରୀମାନେ କିଛି କହିବାକୁ ମନା କରିଦେଇଥିଲେ। ଜବତ କଇଁଛଙ୍କୁ ବନବିଭାଗ ସ୍ଥାନୀୟ ରାମସାଗରରେ ଛାଡ଼ିଦେଇଛି। ଏ ନେଇ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ରେଞ୍ଜର ଶର୍ମା କହିଛନ୍ତି, ଏହା ପାଣି କଇଁଛ ପ୍ରଜାତିର। ଏହାକୁ ଧରିବା କୌଣସି ଅପରାଧ ନୁହେଁ। ତଥାପି ଅଭିଯୁକ୍ତଙ୍କୁ ଖୋଜାଚାଲିଛି ବୋଲି ରେଞ୍ଜର କହିଛନ୍ତି।



## ବଢ଼ିଲା ଶୀତ ପ୍ରକୋପ: କେନ୍ଦୁଝର ୭.୬ ଡିଗ୍ରୀ

୧୦ ଡିଗ୍ରୀ ତଳେ ୬ ସହର

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)-ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ତଳକୁ ଖସି ଯାଇଛି। ରାଜ୍ୟର ୬ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହୋଇଛି। ଏହାର ପ୍ରଭାବରେ ଶୀତ ବଢ଼ିଛି। ଗତ ଦୁଇଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ସୋମବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮, ଝାରସୁଗୁଡ଼ା ୮.୨, ସୁନ୍ଦରଗଡ଼ ୮.୫, କୋରାପୁଟ ୯, ଦାରିଙ୍ଗବାଡ଼ି ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତକୁ ସୁନ୍ଦର ନଖ;**
**ମୁହଁକୁ ସୁନ୍ଦର କଳି ତିଳକ,**
**ଏବେ ପଟା ଦାଢ଼ି ଦେଖ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଏହାହିଁ ଦୁନିଆର ରୀତି ବୋଲି ବୁଝିବାକୁ ହୋଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହକ କଥା, ନିମ୍ବ ତିଅଣ;**
**ଆଗ ପିତା ପଛକୁ ଗୁଣ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

### ତିବ୍ବତ ଏୟାରବେସ୍‌ରେ...

ଭାରତୀୟ ବାୟୁସେନା ଯୁଦ୍ଧାଭ୍ୟାସ ଚଳାଇଥିବାବେଳେ ଚାଇନା ଏହା ଉପରେ ନଜର ରଖିବା ଲାଗି ଉଦ୍ୟମ କରିଥିଲା ବୋଲି ଝାଙ୍ଗ୍‌ଡା ଚିତ୍ରରୁ ସ୍ପଷ୍ଟ ସୂଚନା ମିଳୁଛି। ୨୦୨୦ରୁ ଭାରତ ସହ ଚାଇନାର ସୀମା ବିବାଦ ବଢ଼ିଛି। ସେବେଠାରୁ ଚାଇନା ସୀମାନ୍ତ ଅଞ୍ଚଳରେ ଏହାର ଏୟାରବେସ୍ ଏବଂ ଲଢ଼ୁଆ ବିମାନ, ଡ୍ରୋନ୍, ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ଏବଂ ପର୍ଯ୍ୟବେକ୍ଷଣ ଉପକରଣ ବଢ଼ାଇବାରେ ଲାଗିଛି। ତିବ୍ବତ ହେଲିପୋର୍ଟରେ ବେଜିଂ ବିପୁଳ ପରିମାଣର ଏୟାର ଡିଫେନ୍ସ ମହଜୁଦ ରଖିବା ସହ ସୀମାରେ ରେଳଲାଇନ ଓ ଭିତ୍ତିଭୂମି ନିର୍ମାଣ ବଢ଼ାଇ ଚାଲିଛି।

### ଭୁବନେଶ୍ୱର ସମେତ...

ଏସବୁ ବିମାନବନ୍ଦରଗୁଡ଼ିକୁ ଲିଜ୍‌ରେ ଦିଆଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ସୋମବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବିମାନବନ୍ଦରଗୁଡ଼ିକୁ ଘରୋଇ କ୍ଷେତ୍ରର ନିବେଶ ଓ କାର୍ଯ୍ୟଦକ୍ଷତା ଆସିବା ପରେ ସେଗୁଡ଼ିକର ଉତ୍ତମ ପରିଚାଳନା ହୋଇପାରିବ। ପିପିପି ମୋଡ୍‌ରେ ବିମାନବନ୍ଦରଗୁଡ଼ିକର ବିକାଶ ହେଲେ ଯାତ୍ରୀ ଓ ରାଜ୍ୟ ସରକାରମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏଏଆଇ ବର୍ତ୍ତମାନ ସୁଦ୍ଧା ୮ଟି ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ କମ୍ପାନୀକୁ ଲିଜ୍‌ରେ ଦେଇସାରିଛି। ସେଗୁଡ଼ିକ ହେଲା ଦିଲ୍ଲୀର ଇନ୍ଦିରାଗାନ୍ଧୀ ବିମାନବନ୍ଦର, ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ବିମାନବନ୍ଦର, ଲକ୍ଷ୍ନୌର ଚୌଧୁରୀ ଚରଣ ସିଂ ବିମାନବନ୍ଦର, ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ବିମାନବନ୍ଦର, ବେଙ୍ଗାଲୁରୁ ବିମାନବନ୍ଦର, ଜୟପୁର ବିମାନବନ୍ଦର, ଗୁଆହାଟୀର ଗୋପୀନାଥ ବର୍ଦ୍ଦୋଲୋଇ ବିମାନବନ୍ଦର ଏବଂ ଥିରୁଅନନ୍ତପୁରମ ବିମାନବନ୍ଦର।

### ଫସଲ ବଢ଼ିଆ...

ଚାଷୀ କାଶୀନାଥ ପ୍ରଧାନ କହିଛନ୍ତି, କୋବି ଚାଷରୁ ଭଲ ଲାଭ ମିଳିବ ବୋଲି ସେ ଏହି ଚାଷ କରୁଥିଲେ। ହେଲେ କୋବି ଦର ଏଭଳି କମିଗଲା ଯେ ବେପାରୀମାନେ ମଧ୍ୟ ଆଉ କିଣିବା ପାଇଁ ଆସିଲେ ନାହିଁ। କ୍ଷେତରେ ତାହା ଅଧିକ ଦିନ ରହିପାରିବ ନାହିଁ। ସେଥିପାଇଁ ସେ ଟ୍ରାକ୍ଟର ମଡ଼ାଇ ତାହାକୁ ନଷ୍ଟ କରିଥିବା କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କହିଛନ୍ତି, ଅନୁକୂଳ ପାଗ ଯୋଗୁ ଏଥର ଉଭୟ ଧାନ ଏବଂ ଅଣଧାନ ଫସଲ ଭଲ ହୋଇଛି। ପରିବା ବିକ୍ରିବଟାରେ ସମସ୍ୟା ଦେଖାଯାଇଛି। ଶୀତଳ ଭଣ୍ଡାର ଅଭାବରୁ ମଧ୍ୟ ଏହି ସମସ୍ୟା ହେଉଛି। ଚାଷୀମାନେ ଚାହିଁଲେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳଭଣ୍ଡାର କରିପାରିବେ। ସେଥିପାଇଁ ଚାଷୀଙ୍କୁ ସଚେତନ କରାଯିବ। ସେହିପରି ସାଧାରଣ ଶୀତଳଭଣ୍ଡାରରେ କୋବି ସଂରକ୍ଷଣ ସମ୍ଭବ ନୁହେଁ, ତାହା କ୍ଷଣସ୍ଥାୟୀ। ଏଥିପାଇଁ ମଲ୍ଟି ପର୍ପୋଜ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ଅମାତ କହିଛନ୍ତି।

ସେହିପରି ଯାଜପୁର ଜିଲା ରସୁଲପୁର ବ୍ଲକରେ ପନିପରିବା ଚାଷ ବହୁଳ ଭାବରେ କରାଯାଉଛି। ଏହି ବ୍ଲକର ବାରବାଟୀଠାରେ ଚାଷୀଙ୍କ ଦୈନିକ ପରିବା ହାଟର ବେଶ୍ ଖ୍ୟାତି ରହିଛି। କ୍ଷେତରୁ ଉତ୍ପାଦିତ ପରିବାକୁ ହାଟରେ ବିକି ଚାଷୀ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଏବେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀମାନେ ହତାଶ ହେଉଛନ୍ତି। ବିଶେଷକରି ଫୁଲକୋବି ଚାଷୀ ଘୋର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ହାଟରେ ଉନ୍ନତମାନର ଫୁଲକୋବି ଗୋଟାକ (୧ରୁ ୧.୫ କେ.ଜି. ମଧ୍ୟରେ) ଦର ୫ଟଙ୍କାକୁ ଖସି ଆସିଛି, ଯାହାକି ଉତ୍ପାଦିତ ମୂଲ୍ୟଠାରୁ କମ୍। ଉନ୍ନତ କିସମର ମଞ୍ଜି ବ୍ୟବହାର କରି ଚାରା ଉତ୍ପାଦନ କରିବାରୁ ଚାଷୀମାନଙ୍କୁ ଫୁଲକୋବି ଚାରା ପିଛା ୧ରୁ ୨ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାଛଡ଼ା କୃଷି ଶ୍ରମିକମାନଙ୍କ ସଂଖ୍ୟା କମିଯାଉଛି। ଶ୍ରମିକ ଚାହିଦା ବଢ଼ିଯାଇଥିବାରୁ ସେ ବାବଦକୁ ଚାଷୀମାନଙ୍କୁ ଅଧିକ ମଜୁରି ଖର୍ଚ୍ଚ କରିବାକୁ ପଡୁଛି। ଏ ଅଞ୍ଚଳର କୋବି ଚାଷୀ ଆଲୋକ କୁମାର ମଲ୍ଲିକଙ୍କ ମତରେ ସାର, କୀଟନାଶକ, ଉନ୍ନତ କିସମର ମଞ୍ଜି, କୃଷି ଶ୍ରମିକ, ଜଳସେଚନ ବ୍ୟବସ୍ଥା ଆଦି ମହଙ୍ଗା ହୋଇପଡ଼ିଛି। ହାଟ ନିକଟରେ ସଂରକ୍ଷଣ ବ୍ୟବସ୍ଥା, ସରକାରୀ ମଣ୍ଡିର ସୁବିଧା ନ ଥିବାରୁ ଚାଷୀମାନଙ୍କ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟ ମିଳୁନାହିଁ। ଯାଜପୁର ଜିଲାରେ ପନିପରିବା ସଂରକ୍ଷଣ ରଖିବା ପାଇଁ ଶୀତଳ ଭଣ୍ଡାର ନାହିଁ। ଜିଲାର ଛତିଆଠାରେ ଥିବା ଶୀତଳଭଣ୍ଡାର କେବଳ ଆଳୁ ସଂରକ୍ଷଣ ରଖିବା ପାଇଁ ଉଦ୍ଦିଷ୍ଟ। ପରିବା ସଂରକ୍ଷଣ ପାଇଁ ପ୍ରତ୍ୟେକ ହାଟ ନିକଟରେ ଶୀତଳଭଣ୍ଡାର ସୁବିଧା କରାଯାଇପାରିଲେ ଚାଷୀମାନଙ୍କ ଦ୍ରବ୍ୟକୁ ଉଚିତ୍ ମୂଲ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଆଉ ଜଣେ ଅଗ୍ରଣୀ ଚାଷୀ ଶିଶିର କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଚାଷୀ କେବଳ ମୁଣ୍ଡର ଝାଳ ତୁଣ୍ଡରେ ମାରି କ୍ଷେତରେ ଖଟିବେ, ଆଉ ତା'ର ଉତ୍ପାଦିତ ଦ୍ରବ୍ୟକୁ ନ୍ୟାୟ ମିଳିବ ନାହିଁ। ଏହାଠାରୁ ଘୋର ଅନ୍ୟାୟ ଓ ବଡ଼ ବିପତ୍ତି ଆଉ କିଛି ନାହିଁ। ସରକାର ଚାଷୀମାନଙ୍କ ଉଦ୍ଦେଶ୍ୟରେ ଘୋଷଣା କରୁଥିବା ଯୋଜନାକୁ ବାସ୍ତବ ରୂପ ଦିଅନ୍ତୁ, ନଚେତ ଖାଦ୍ୟ ସଙ୍କଟ ସୃଷ୍ଟି ହେବ ବୋଲି ସେ ମତ ରଖିଛନ୍ତି।

### ଆହତଙ୍କ ସହ ମଦ...

ଗଛ ଡାଳ କାଟିବାକୁ ଦେହୁରୀ ଯାଇଥିଲେ। ଗଛର ଡାଳ କାଟିବା ବେଳେ ତା'ମୂଳରୁ ଅଧାଅଧି କାଟି ଦେଇଥିଲେ। ପରେ ଦଉଡି ଆଣି ଅଗ୍ର ଭାଗରେ ବାନ୍ଧି ତଳେ ଭିଡିବାକୁ ଯୋଜନା କରିଥିଲେ। ଏହି ଉଦ୍ଦେଶ୍ୟରେ ଗଛରେ ଚଢୁଥିବାବେଳେ ଭୁଲବଶତଃ କଟା ଡାଳରେ ଛିଡ଼ିଯିବାରୁ ଦେହୁରୀ ତଳେ ପଡି ଆହତ ହୋଇଥିଲେ। ତାଙ୍କ ବାମ ଗୋଡ଼ ଭାଙ୍ଗିଯିବା ସହ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ପାରାଦୀପ ପୋର୍ଟ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ରଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ନେଇ ଯାଇଥିଲେ। ବାଟରେ ଦେହୁରୀଙ୍କ ଯନ୍ତ୍ରଣା ବଢ଼ିଯାଇଥିଲା। ମଦ ପିଇଲେ ଏହା ଲାଘବ ହେବ ବୋଲି କହି ବ୍ୟାକୁଳ ହେବାରୁ ବାଧ୍ୟ ହୋଇ ରଥ ସାରଳା ରୋଡ ମଦ ଦୋକାନ ନିକଟରେ ଆମ୍ବୁଲାନ୍ସ ରଖିଥିଲେ। ସେଠାରୁ ମଦ କିଣି ଦେହୁରୀଙ୍କ ସହ ନିଜେ ଗୋଟିଏ ପେଗ୍ ନେଇଥିବା ରଥ ସ୍ୱୀକାର କରିଛନ୍ତି । ସେ ଏକଥା ମଧ୍ୟ କହିଛନ୍ତି, ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଆଡମିଶନ କରି କିଛି ଟଙ୍କା ଦେଇଥିଲେ। ସେଠାରୁ ଫେରିଲା ବେଳକୁ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟି ସହ ଦୁର୍ଘଟଣା ହୋଇଥିଲା। ସ୍କୁଟି ମାଲିକ କ୍ଷତି ବାବଦରେ ୨୦ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ୧୫ ହଜାର ଟଙ୍କାରେ ଆପୋସ ବୁଝାମଣା ହୋଇଛି। ଏବେ ଆମ୍ବୁଲାନ୍ସଟି ଚାଉଳିଆଗଞ୍ଜ ଥାନାରେ ଅଛି। ମଙ୍ଗଳବାର ଟଙ୍କା ଦେଇ ଗାଡ଼ି ଆଣିବେ ବୋଲି ରଥ କହିଛନ୍ତି।

# ବିଷ୍ଣୁଙ୍କୁ ବାହାହେଲେ ଯୁବତୀ

## ବିବାହ ଲାଗି ପରିବାର ପକାଉଥିଲା ଚାପ

ଜୟପୁର, ୧୯।୧୨

ବର୍ଷ ବର୍ଷ ଧରି ବାହାଘରକୁ ନେଇ ଥିବା ପୁରୁଣା ଚିନ୍ତାଧାରା ବଦଳିଯାଇଛି। ଊନବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ମଧ୍ୟରେ ବିବାହ ସମ୍ପର୍କିତ ମତ ସମ୍ପୂର୍ଣ୍ଣ ବଦଳିଯାଇଛି। ଅଧିକାଂଶ ଯୁବବର୍ଗ ବାହାଘର ଲାଗି ଅନାଗ୍ରହ ପ୍ରକାଶ କରୁଥିବାବେଳେ ଆଉ କେତେଜଣ ବାଧ୍ୟବାଧକତାରେ ବାହାହେବାକୁ ରାଜି ହେଉଛନ୍ତି। ତେବେ ଏ ପ୍ରକାର ଭିନ୍ନ ଚିନ୍ତାଧାରା ଉଭୟ ଝିଅ ଓ ପୁଅଙ୍କଠାରେ ଦେଖାଯାଉଛି। ତେବେ ଏପରି ବାହାଘରକୁ ନେଇ ରାଜସ୍ଥାନର ପୂଜା ସିଂ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ୩୦ ବର୍ଷୀୟା ପୂଜାଙ୍କ ଘର ଜୟପୁରର ଗୋବିନ୍ଦଗଡ଼ ଅଞ୍ଚଳରେ। ପୂଜା ବାହାହୋଇ ଗୋଟିଏ ଜୀବନସାଥୀ ବାଛିବା ଲାଗି ପରିବାର ଲୋକେ ବହୁ ବର୍ଷ ଧରି ଚାପ ପକାଇ ଆସୁଥିଲେ। ଘରଲୋକ ଓ ସମାଜର ଗଞ୍ଜଣାରେ ଅତିଷ୍ଠ ହୋଇପଡ଼ିଥିବା ପୂଜା ଶେଷରେ ଏମିତି ଏକ ନିଷ୍ପତ୍ତି ନେଇଛନ୍ତି ଯେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ମୁଣ୍ଡ ଟେକିଛି।

ଚଳିତ ମାସ ପ୍ରଥମ ସପ୍ତାହରେ ପୂଜା ନିଜ ଘରେ ବୈଦିକ ରୀତିନୀତି ଅନୁସାରେ ଭଗବାନ ବିଷ୍ଣୁଙ୍କ ସହ ବାହାଘର ରଚିଛନ୍ତି। ପୂଜାଙ୍କ ବାହାଘରରେ ପରିବାର ଲୋକଙ୍କ ସମେତ ତାଙ୍କ ସମ୍ପର୍କୀୟ ମଧ୍ୟ ଯୋଗଦେଇଥିଲେ। ବାହାଘର ପରେ ଭଗବାନ ବିଷ୍ଣୁଙ୍କୁ ପୂଜା ନିଜ ସ୍ୱାମୀ ଭାବେ ସ୍ୱୀକାର କରିଛନ୍ତି। ପ୍ରତିଦିନ ଘରପାଖ ବିଷ୍ଣୁ ମନ୍ଦିର ଯାଇ ସ୍ୱାମୀଙ୍କ ପାଇଁ ଖାଦ୍ୟ ରୋଷେଇ କରୁଥିବା ସେ କହିଛନ୍ତି। ପୂଜାଙ୍କ ଏ ପ୍ରକାର କାର୍ଯ୍ୟକଳାପକୁ କେତେଜଣ ଉପହାସ କରୁଥିବାବେଳେ ଅନେକେ ତାଙ୍କୁ ସମର୍ଥନ ଜଣାଉଛନ୍ତି। ପୂଜାଙ୍କ ମତରେ ବାହାଘର ପାଇଁ ଜୀବନ ନଷ୍ଟ ହୋଇଯାଏ। ମା'ବାପାଙ୍କ ମଧ୍ୟରେ ରୀତିମତ ଝଗଡ଼ା ଲାଗିରହୁଥିବାବେଳେ ତାକୁ ଦେଖି ପୂଜା ଛୋଟବେଳୁ ହିଁ ବାହା ନ ହେବାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ପରିବାର ଲୋକଙ୍କ ଚାପରେ ପୂଜା ବାହା ହେବାଲାଗି ରାଜି ହୋଇଥିଲେ। ଅନ୍ୟ କୌଣସି ଯୁବକ ବଦଳରେ ସେ ବିଷ୍ଣୁଙ୍କୁ ନିଜ ମନପସନ୍ଦର ଜୀବନସାଥୀ ଭାବେ ବାଛି ଏହି ବାହାଘର କରିଥିବା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୂଜାଙ୍କ ଏହି ନିଆରା ବାହାଘରର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



## ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ

# ରାଉରକେଲା ବିମାନବନ୍ଦର କାମ ସରିଲାଣି

- ମୁଖ୍ୟ, ଅଭ୍ୟାସ ପଡ଼ିଆ କାମ ବି ସରିଲାଣି
- ଉଡ଼ାଣ ଯୋଜନାରେ ଖେଳାଳିଙ୍କ ଲାଗି ରହିବ ୪ ବିମାନ
- ୨୪ରୁ ହେବ ୩ଟି ଅଭ୍ୟାସ ମ୍ୟାଚ୍
- ପୁରୁଷ ହକି ବିଶ୍ୱକପ୍‌ର ୨୦ଟି ମ୍ୟାଚ୍ ରାଉରକେଲାରେ ହେବ
- ବିମାନବନ୍ଦର କାମ ଶେଷ ଲାଇସେନ୍ସକୁ ଅପେକ୍ଷା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହିତ ରାଉରକେଲା ବିମାନ ବନ୍ଦର ଏବଂ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସୋମବାର ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଟିମ୍‌ରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲକ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ମଧ୍ୟ ଯୋଗଦେଇଥିଲେ।

ଏହି ଟିମ୍ ପ୍ରଥମେ ରାଉରକେଲା ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି। ଉଭୟ ମୁଖ୍ୟ ଏବଂ ଅଭ୍ୟାସ ପଡ଼ିଆର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଷ୍ଟାଡିୟମର ୨ଟି ଯାକ ପିଚ୍ ଓ ହାଇମାଷ୍ଟ ଲାଇଟ ଯାଞ୍ଚ ପରେ ଖେଳ ପାଇଁ ଲାଇସେନ୍ସ ମିଳିଛି। ଏଠାରେ ଉଲେଖନୀୟ ଯେ, ପୁରୁଷ ହକି ବିଶ୍ୱକପର ୨୦ଟି ମ୍ୟାଚ ରାଉରକେଲାରେ ଖେଳାଯିବ। ପ୍ରଥମ ମ୍ୟାଚ ଜାନୁଆରୀ ୧୩ରେ ଭାରତ ଓ ସ୍ପେନ ମଧ୍ୟରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଆସନ୍ତା ୨୪ରୁ ୩ଟି ଅଭ୍ୟାସ ମ୍ୟାଚ ଖେଳାଯିବ। ଏହି ଅଭ୍ୟାସ ମ୍ୟାଚରେ ଯଦି କିଛି ତ୍ରୁଟି ରହିଲା ତେବେ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ରାଉରକେଲା ବିମାନ ବନ୍ଦରର କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ଆବଶ୍ୟକ ଲାଇସେନ୍ସ ମିଳିବା ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି। ଉଡ଼ାଣ ଯୋଜନାରେ ଖେଳାଳିଙ୍କ ପାଇଁ ୪ଟି ବିମାନ ସୁବିଧା ମିଳିବ।

ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ତେଣୁ ହକି ମ୍ୟାଚ୍ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲାକୁ ଆସିବେ। ତେଣୁ ଦର୍ଶକମାନଙ୍କ ଗାଡ଼ିଗୁଡ଼ିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଉଛି। ଏହାଛଡ଼ା ଷ୍ଟାଡିୟମ ଭିତରେ ପାନୀୟ ଜଳ ଏବଂ ଶୌଚାଳୟ ଆଦି ସୁବିଧା କରାଯାଉଛି। ଯେଉଁ ଦର୍ଶକମାନେ ଷ୍ଟାଡିୟମ ବାହାରେ ରହିଥିବେ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଲଇଡି ବ୍ୟବସ୍ଥା ହୋଇଛି। ଏହି ସମୟରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହିତ ଜିଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୩ ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ଖେଳାଯିବ। ଏହି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସହିତ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁ ଯାଉଛି। ଏହି କ୍ରୀଡ଼ା ଭିତ୍ତିଭୂମି ଭାରତର ସବୁଠୁ ବଡ଼ ହକି ଷ୍ଟାଡିୟମର ରୂପ ନେବାକୁ ଯାଉଛି। ଏହି ଷ୍ଟାଡିୟମରେ ଏକା ସାଙ୍ଗରେ ୨୦ ହଜାରରୁ ଅଧିକ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ।



# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)

କେନ୍ଦୁଝର ସ୍ପେଶାଲ ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ରତନ ମୁଣ୍ଡା(୨୧)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୨୪ରେ କେନ୍ଦୁଝର ସଦର ଥାନା ଅଞ୍ଚଳରେ ୪ ବର୍ଷର ନାବାଳିକା ଘରେ ଏକାକୀ ଥିବା ବେଳେ ସମ୍ପର୍କୀୟ କକା ରତନ ତାଙ୍କ ଘରକୁ ଡାକିଥିଲେ। ଘରକୁ ଯିବା ପରେ ରତନ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ନାବାଳିକାଙ୍କ ମାଆ,ବାପା ଫେରି ଝିଅଠାରୁ ସମସ୍ତ ଘଟଣା ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୭୧/୨୦ ରେ ପୋକ୍ସୋ ଆଇନ୍‌ରେ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ୨୧ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ତର୍ଜମା କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ସେହିପରି ପୀଡ଼ିତା ନାବାଳିକାକୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ର ନାଥ ଜେନା ପରିଚାଳନା କରୁଥିଲେ।

## ଓଡ଼ିଶାର କୋଇଲା ଉତ୍ପାଦନ ବୃଦ୍ଧିକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ରାଜ୍ୟରେ କୋଇଲା ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ଉତ୍ତମ କାର୍ଯ୍ୟ, ଠିକ୍ ନୀତି ଓ ସହଯୋଗ ପାଇଁ ଓଡ଼ିଶାରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଘଟିଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ସୋମବାର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପାର୍ଲାମେଣ୍ଟରେ ଏହା କହିଛନ୍ତି।

ରାଜ୍ୟରେ କୋଇଲା ଉତ୍ପାଦନ ବଢୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କୁ ଏହା ଉପରେ ମିଳୁଥିବା ରୟାଲଟିକୁ କେନ୍ଦ୍ର ସରକାର ବୃଦ୍ଧି କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଶନିବାର କୋଲ୍‌କାତାରେ ଅନୁଷ୍ଠିତ ୨୫ତମ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ପାନୀୟଜଳ ମନ୍ତ୍ରୀ ପ୍ରଦୀପ ଅମାତ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ୫ଦିନ ପରେ ବନ୍ଧ...

ଆଉ କେତେବେଳେ ଖୋଲା ଛାଡିଥିଲେ ବୋଲି କହୁଛନ୍ତି। ପଣ୍ଡିତ ସାହିରେ ଅପହରଣକାରୀ ତାଙ୍କୁ ଜଗି ରହୁଥିଲେ। ଯେଉଁ ଘରେ ଅମ୍ରିତ ବନ୍ଦୀ ଥିଲେ ସେହି ଘର ତାଲା ପଡିଥିଲା, କେହି ରହୁ ନ ଥିଲେ। ତେବେ ତାଙ୍କ ପୁଅକୁ ହତ୍ୟା ଉଦ୍ଦେଶ୍ୟରେ ଅପହରଣ କରାଯାଇଥିବା ଅମ୍ରିତଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅମ୍ରିତଙ୍କଠାରୁ ଅପହରଣ ସମ୍ପର୍କରେ ପଚରାଉଚୁରା ଶେଷ ପରେ ଗଣମାଧ୍ୟମକୁ ପୁଣି ଅବଗତ କରାଯିବ ବୋଲି ସେ କହିଛନ୍ତି। ତେବେ ପୋଲିସ କାହାକୁ ଅଟକ ରଖି ନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ଉଦ୍ଧାରକାରୀ କାବେରୀ ଦୋରା କୁହନ୍ତି, ମୁଁ ପାଣି ନେବାକୁ ଆସିଥିଲି। ଏହି ସମୟରେ ଅମ୍ରିତ ଡାକିଥିଲେ। ଗେଟ୍ ବନ୍ଦ ଥିବାରୁ ବାହାରକୁ ନେଇ ଯିବାକୁ କହିଥିଲେ। ମୋତେ ଏଠାରେ ବନ୍ଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ। ନିଖୋଜ ଛାତ୍ର ଗାଁର ହୋଇଥିବାରୁ ଆମେ ତାଙ୍କୁ ଦେଖି ଖୁସି ହୋଇ ଯାଇଥିଲୁ। ପରେ ତାଙ୍କୁ ଉଦ୍ଧାର କରିଥିଲୁ। କିଏ ଅପହରଣ କରିଥିଲା ପଚାରିଥିଲୁ। ପିଲାଟି ଭୟଭୀତ ଥିଲା। ଠିକ୍‌ରେ କିଛି କହି ପାରୁ ନ ଥିଲା। ଯେଉଁ ଘରୁ ଉଦ୍ଧାର ହୋଇଛି ସେ ଘରର ମାଲିକ ପଞ୍ଜାବରେ ରହୁଛନ୍ତି। ପଡୋଶୀ ଘର ଲୋକେ ଚାବି ରଖିଥିଲେ ବୋଲି କାବେରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ସନ୍ଧ୍ୟାରେ ଅମ୍ରିତ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ତାଙ୍କୁ କେହି ଅପହରଣ କରି ନେଇଥିଲେ। ପରିବାର ଲୋକଙ୍କ ସହିତ ପୋଲିସ ତନାଘନା ଚଳାଇଥିଲେ ବି ତାଙ୍କ ପତ୍ତା ମିଳି ନ ଥିଲା। ରାତି ପ୍ରାୟ ୧୨ଟାରେ ଘର ନିକଟ ଏକ ବାଉଁଶବୁଦା ମୂଳରୁ ତାଙ୍କ ସାଇକେଲ ମିଳିଥିଲା।

### ରାଜସ୍ଥାନରେ ୫୦୦...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ପରିବାରଗୁଡ଼ିକୁ ଏଲ୍‌ପିଜି ସଂଯୋଗ ଯୋଗାଇଦେବା ଲାଗି ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ। ଯୋଜନା ଆରମ୍ଭ ସମୟରେ ଗ୍ୟାସ୍ ସିଲିଣ୍ଡର ଦାମ୍ ୪୦୦ ଟଙ୍କା ଥିବାବେଳେ ଏବେ ତାହା ୧,୦୪୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ଗରିବ ପରିବାର ଗ୍ୟାସ୍ କିଣି ନ ପାରି ଘରେ ଖାଲି ସିଲିଣ୍ଡର ରଖିଛନ୍ତି। ସେମାନଙ୍କୁ ଅଧାରୁ କମ୍ ଦାମ୍‌ରେ ଗ୍ୟାସ୍ ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଗେହଲଟ୍ କହିଛନ୍ତି। ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ ଦ୍ୱିତୀୟ ଥର ପାଇଁ କ୍ଷମତାରେ ରହିବା ନିମନ୍ତେ ଉଦ୍ୟମ ଚଳାଇଛି। ତେବେ ଶାସନ ଅପେକ୍ଷା ସେଠାରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଗତକାଲିର ଟେନ୍‌ସନ ଆଜି କିଛି ମାତ୍ରାରେ କମିଯିବ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଓ ଏକ ପ୍ରକାର ମନୋବଳ ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** - ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଗତକାଲିଠାରୁ ମନରେ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ,ବାଣିଜ୍ୟ,ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡ଼ିପାରେ ।

**ମିଥୁନ** - ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଆବଶ୍ୟକତା ପୂର୍ଣ୍ଣତା ଲାଭ କରିପାରିବନାହିଁ। ବ୍ୟବସାୟରେ ଉନ୍ନତି କଲେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ । ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** - ଅପୂରଣୀୟ ଅଭିଳାଷଜନିତ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିପାରେ । ଆଜିର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** - ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ବିଳାସବ୍ୟସନ ଦିଗକୁ ମୁହାଁଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବେ।

**କନ୍ୟା** - ସମସ୍ୟାଗୁଡ଼ିକ ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ କେତେକ କାରଣରୁ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ଏକପ୍ରକାର ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବ । ନିକଟସ୍ଥ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କେବଳ ତାହା କଥାରେ ହିଁ ସୀମିତ ରହିଯାଇପାରେ ।

**ତୁଳା** - ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ । ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଅତ୍ୟଧିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧ କରି ନୂତନ ବସ୍ତ୍ରାଳଙ୍କାର ପାଇଁ ମନ ବଳାଇବେ।

**ବିଛା** - ସଂଯମ ଅଭାବରୁ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ସମ୍ପର୍କୀୟଙ୍କ ଦ୍ୱାରା ଅସମ୍ମାନିତ ହେବାକୁ ପଡ଼ିବ । ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** - ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ଏବଂ ଚେଷ୍ଟା ମଧ୍ୟ ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ସଙ୍ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ମକର** - କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** - ଆଜି ଯେଉଁ କାମରେ ହାତ ଦେବେ ଅବଶ୍ୟ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** - ଆଜିର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। କାନକୁହା କଥାକୁ ବିଶ୍ୱାସକରି ପାରିବାରିକ ଜୀବନରେ ଝଡ଼ ସୃଷ୍ଟିହେବା ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ପୌଷକୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ରାମାନୁଜ ବୈଷ୍ଣବ ସମ୍ମତ ସଫଳା ଏକାଦଶୀ। ଦିବା ଘ.୦୯।୫ ଗତେ ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୬।୧୯ ଗତେ, ଘ.୦୭।୦୩ ମଧ୍ୟେ, ଘ.୦୯।୦୧ ଗତେ, ଘ.୧୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୨୬ ଗତେ, ଘ.୦୩।୪୭ ମଧ୍ୟେ ରାହୁକାଳ।

# ପୁଣି ୧୪୪ ଧାରା, ସ୍ୱାଭାବିକ ହେଉନି କୋର୍ଟ କାର୍ଯ୍ୟ

- କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
- ସମ୍ବଲପୁରରେ ବିଭିନ୍ନ ଜିଲାର ଓକିଲ ପ୍ରତିନିଧି ଦଳ


ଜିଲା କୋର୍ଟ ପରିସରରେ ଓକିଲଙ୍କ ପ୍ରତିନିଧି ଦଳ।

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ନେଇ ସମ୍ବଲପୁରରେ ଆନ୍ଦୋଳନ ସମୟରେ କୋର୍ଟରେ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଘଟଣା ନେଇ ଉପୁଜିଥିବା ପରିସ୍ଥିତିରେ ସୁଧାର ଆସିନାହିଁ। ଜିଲା ପ୍ରଶାସନ ସୋମବାର ପୁଣି କୋର୍ଟ ପାର୍ଶ୍ୱରେ ୧୪୪ ଧାରା ଲାଗୁ କରିଛି। କୋର୍ଟରେ ବିଚାରପତି ଓ କର୍ମଚାରୀ କାମ କରୁଥିବାବେଳେ କୋର୍ଟ ପରିସର ଓ ବାହାରେ ପୋଲିସ ଛାଉଣି ରହିଥିଲା। ତେଣୁ ମହକିଲମାନେ କୋର୍ଟ କାମରେ ଆସିବାକୁ ଭୟ କରୁଛନ୍ତି। ଜିଲା ଓକିଲ ସଂଘର ୫୪ଜଣ ଓକିଲଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ନିଲମ୍ବନ ହଟିବା ପରେ ମଧ୍ୟ ଓକିଲମାନେ କାର୍ଯ୍ୟରେ ଯୋଗଦେଉନାହାନ୍ତି।

କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା, ମହକିଲ ଓ କୋର୍ଟ କାମରେ ଆସୁଥିବା ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଜିଲା କୋର୍ଟ ପକ୍ଷରୁ ହେଲ୍ପଡେସ୍କ ଖୋଲାଯାଇ କର୍ମଚାରୀ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା କିଛିଟା ଅଫିସ କାମ ହେଉଥିଲେ ମଧ୍ୟ ମହକିଲମାନଙ୍କ କାମରେ ବାଧା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାର ଓକିଲ ସଂଘ ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସୋମବାର ସମ୍ବଲପୁର ଗସ୍ତ କରିଛନ୍ତି। ସେମାନେ ଜିଲା ଓକିଲ ସଂଘ କର୍ମକର୍ତ୍ତା, ଗିରଫ ଓକିଲ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ଓ ବିଚାରପତିମାନଙ୍କୁ ସାକ୍ଷାତ କରିଛନ୍ତି। ଆଇଜି କୁମାରଙ୍କୁ ଭେଟି ସେମାନେ ଅନୁରୋଧ କରିଥିଲେ ଯେ, ସମ୍ବଲପୁର ଜିଲା କୋର୍ଟରେ ଯାହା ଘଟଣା ଘଟିଲା ତାହା ଦୁଃଖଦାୟକ। ସବୁ ସମସ୍ୟାର ସମାଧାନର ବାଟ ରହିଛି। ଘଟଣା ପରେ ଜନସାଧାରଣଙ୍କ କୋର୍ଟ ସମ୍ବନ୍ଧୀୟ କୌଣସି କାମ ହୋଇପାରୁ ନାହିଁ। ତେଣୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବାକୁ ଦାବି କରିଥିଲେ। ଏହାସହ ଯାହା ଉପଲବ୍ଧି ହେଲା ହାଇକୋର୍ଟରେ ଜଣାଇବାକୁ ଯୋଜନା ରହିଛି ବୋଲି କହିଥିଲେ। ପ୍ରତିନିଧି ଦଳରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ, ପୂର୍ବତନ ସଭାପତି ନିର୍ମଳ ରଥ, ବାଲେଶ୍ୱର ସଂଘ ସଭାପତି ମନୋଜ ନାୟକ, ନୀଳଗିରି ବାର୍‌ର ପୂର୍ବତନ ସଭାପତି କିଶୋର ଷଡଙ୍ଗୀ, ଭୁବନେଶ୍ୱର ବାର୍‌ର ପୂର୍ବତନ ସଭାପତି ଜାୟୁଲ ହକ, ବାଲେଶ୍ୱର ସଂଘର ମହମ୍ମଦ ଇସଲାମ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ପୋଲିସ ଆଇଜି ଡ. କୁମାର କହିଛନ୍ତି, କୌଣସି ଅଘଟଣ ଘଟିବା ସନ୍ଦେହରେ ୧୪୪ ଧାରା ଲାଗୁ କରାଯାଇଥାଏ। ଯେଉଁ କାରଣରୁ ଆନ୍ଦୋଳନ କରାଯାଉଥିଲା ତାହା ସ୍ଥାୟୀ ଭାବେ ପ୍ରତ୍ୟାହୃତ ହୋଇନାହିଁ। ଅସ୍ଥାୟୀ ଭାବେ ଆନ୍ଦୋଳନ ସ୍ଥଗିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ହୃଦ୍‌ବୋଧ ହେବା ପରେ ୧୪୪ଧାରା ଲାଗୁ କରାଯାଇଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରୟାସ କରାଯାଉଛି। କୋର୍ଟ କାର୍ଯ୍ୟରେ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଭିଡିଓ ଓ ଅନ୍ୟ ତଥ୍ୟ ପ୍ରମାଣ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ଗିରଫ କରିବା ଏକ ପ୍ରକ୍ରିୟା। ଆଗକୁ ପ୍ରମାଣ ମିଳିଲେ ଗିରଫ କରାଯିବ ବୋଲି ସେ କହିଥିଲେ। ଏହି ଘଟଣାରେ ଟାଉନ ଥାନାରେ ସୋମବାର ଓକିଲ ମନୋରଞ୍ଜନ ପଣ୍ଡା ଆତ୍ମସମର୍ପଣ କରିଥିଲେ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏବେ ଗିରଫ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ୮ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୬ ଜଣ ଓକିଲ ରହିଛନ୍ତି। ୧୪ଜଣ ଓକିଲଙ୍କ ଜାମିନ ଆବେଦନ ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହେବା ପରେ ଜିଲା ଜଜ୍‌କୋର୍ଟରେ ଆବେଦନ କରିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

**ବ୍ରହ୍ମପୁର ଅଫିସ,୧୯।୧୨**

ବ୍ରହ୍ମପୁର ମେଡିକାଲରେ ସୋମବାର ଅପରାହ୍ନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(ଭଞ୍ଜବିହାର) ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ପୁରୀ ଜିଲା ପଦ୍ମପୁର ଗ୍ରାମର ଲାଲ ଜିନ୍ନା (୨୨)। ପ୍ରାଥମିକ ତଥ୍ୟ ଅନୁସାରେ, ଛାତ୍ରୀ ଜଣକ ସାବେରୀ ହଷ୍ଟେଲରେ ରହୁଥିଲେ। ସେ କିଛିଦିନ ହେବ ମ୍ୟାଲେରିଆ ଓ ଟାଇଫଏଡ୍‌ରେ ଆକ୍ରାନ୍ତ ଥିଲେ। ଭୀଷଣ ଜ୍ୱରରେ ଗୁରୁତର ହେବା ପରେ କେତେକ ସହପାଠୀ ସୋମବାର ସକାଳେ ତାଙ୍କୁ ଭଞ୍ଜବିହାର ପରିସରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ମଧ୍ୟାହ୍ନରେ ତାଙ୍କୁ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମତ୍ୟୁ ଘଟିଛି। କିଭଳି ତାଙ୍କ ମୃତ୍ୟୁ ଘଟିଲା ସେ ସମ୍ପର୍କରେ କୌଣସି ସୂଚନା ପୋଲିସ ନିକଟରେ ପହଞ୍ଚି ନାହିଁ କିମ୍ବା ଡାକ୍ତରଙ୍କ ପକ୍ଷରୁ ମଧ୍ୟ ସୂଚନା ମିଳିନାହିଁ। ଖବର ପାଇ ମୃତା ଛାତ୍ରୀଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚିଛନ୍ତି। ଖବର ଲେଖା ହେବା ଯାଏ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

# ଚିଲିକାରେ ଭାସିଲା ଗ୍ୟାସ୍ ସିଲିଣ୍ଡର


ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଡଙ୍ଗାରେ ପିଟି ହେବା ପରେ ପାଣିକୁ ଖସିପଡ଼ିଛି।

**କୃଷ୍ଣପ୍ରସାଦ,୧୯।୧୨(ଡି.ଏନ୍.ଏ.)**

## ଭ୍ୟାନ୍ ଖସିପଡ଼ି ପିଟି ହେବାରୁ ଡଙ୍ଗା ବୁଡ଼ିଲା

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଘାଟ ଚିଲିକାରେ ପୁଣି ଅଘଟଣ ଘଟିଛି। ସୋମବାର ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ତଳକୁ ଖସି ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଡଙ୍ଗା ଓ ଭ୍ୟାନରେ ଥିବା ଗ୍ୟାସ୍ ସିଲିଣ୍ଡର ଚିଲିକାରେ ଭାସିଥିଲା। ଅପରାହ୍ନରେ ଗ୍ୟାସ ସିଲିଣ୍ଡର ବୋଝେଇ ଏକ ଡଙ୍ଗା ସାତପଡ଼ାରୁ ଜହ୍ନିକୁଦା କୂଳକୁ ଆସିଥିଲା। କୃଷ୍ଣପ୍ରସାଦ ଚାରିଛକରୁ ଏକ ପିକ୍‌ଅପ୍ ଭ୍ୟାନ ଗ୍ୟାସ ସିଲିଣ୍ଡର ନେବା ପାଇଁ ପହଞ୍ଚିଥିଲା। ଡଙ୍ଗାରୁ ଗ୍ୟାସ୍ ସିଲିଣ୍ଡର ଭ୍ୟାନରେ ଲୋଡ୍ ହେଉଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ଚିଲିକାକୁ ଖସି ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଏପରିକି ଭ୍ୟାନଟି ମଧ୍ୟ ଚିଲିକାରେ ଫସିଯାଇଥିଲା। ଫଳରେ ଗ୍ୟାସ୍ ସିଲଣ୍ଡର ପାଣିରେ ଭାସିଥିଲା। ଏହା ପରେ ସେଠାରେ ଉପସ୍ଥିତ ଲୋକେ ଡଙ୍ଗା, ଭ୍ୟାନକୁ ଉପରକୁ ଆଣିବା ସହ ଭାସୁଥିବା ଗ୍ୟାସ୍ ସିଲିଣ୍ଡରକୁ ଉଦ୍ଧାର କରିଥିଲେ।




# ଜି.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ଗିରଫ



**ଫୁଲବାଣୀ ଅଫିସ/ଟିକାବାଲି, ୧୯।୧୨:** ନିଜ ବାନ୍ଧବୀଙ୍କୁ ପ୍ରେମ ପରେ ପ୍ରତାରଣା ଏବଂ ବଳାତ୍କାର ଅଭିଯୋଗରେ କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ଏନ୍.ଲୁକ୍‌ଙ୍କୁ ସୋମବାର ଟିକାବାଲି ଥାନା ପୋଲିସ ଗିରଫ କରିଛି। ଏଥିସହ ସମ୍ପୃକ୍ତା ବାନ୍ଧବୀ ଏବଂ ଉପାଧ୍ୟକ୍ଷଙ୍କ ଡାକ୍ତରୀମାଇନା କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ରଟିଙ୍ଗିଆ ଗ୍ରାମର ଏନ.ଲୁକ୍ ଟିକାବାଲି ବ୍ଲକ ଶଙ୍କରାଖୋଲ ଅଞ୍ଚଳର ଜଣେ ୩୫ ବର୍ଷୀୟା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପାଇଁ ଉଭୟ ପରିବାରର ସ୍ୱୀକୃତି ମିଳିଥିଲା। ଏପରିକି ସେମାନଙ୍କ ନିର୍ବନ୍ଧ ମଧ ସରିଥିଲା। ହେଲେ କିଛି ଦିନ ହେବ ଏନ୍.ଲୁକ୍ ପ୍ରେମିକାଙ୍କୁ ଅଣଦେଖା କରି ଆସୁଥିଲେ। ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଠିକ୍ କରିଥିବା ଜାଣିବା ପରେ ପ୍ରେମିକା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଏନ୍.ଲୁକ୍‌ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ନଂ.୧୦୮/୨୨ରେ ମାମଲା ରୁଜୁ ହୋଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଡି.ତିରୁପତି ରାଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଭାରତ ହକି ବିଶ୍ୱକପ୍ ଜିତୁ

## ସାମାଜିକ ଗଣମାଧ୍ୟମ ଲାଇଭ୍‌ରେ ୫-ଟି ସଚିବ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**



ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ୫–ଟି ସଚିବ ଭି.କେ. ପାଣ୍ଡିଆନ।

୨୦୨୩ ବିଶ୍ୱକପ୍ ଲୋକଙ୍କ ବିଶ୍ୱକପ୍। ଏହା କୌଣସି ଦେଶ କିମ୍ବା ଖେଳାଳିଙ୍କ ଲାଗି ଆୟୋଜନ କରାଯାଉନି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଜଣେ ଓଡ଼ିଆ ଅଲିମ୍ପିକ୍‌ରେ ପଦକ ହାସଲ କରିବା। ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଏହି ବିଶ୍ୱକପ୍ ଲୋକଙ୍କ ସହଯୋଗରେ ହେଉ। ଭାରତ ହକି ବିଶ୍ୱକପ୍ ଜିତୁ। ଆଗାମୀ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ପ୍ରସ୍ତୁତ। ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି। ସୋମବାର ସନ୍ଧ୍ୟାରେ କ୍ରୀଡ଼ାବିତ୍ ଓ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ଆସି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ୫–ଟି ସଚିବ ଭି. କେ. ପାଣ୍ଡିଆନ ଏହା କହିଛନ୍ତି।

କ୍ରୀଡ଼ାରେ ନିବେଶ ଯୁବବର୍ଗଙ୍କ ଉପରେ ନିବେଶ। କ୍ରୀଡ଼ାରେ ନିବେଶ ରାଜ୍ୟକୁ ସଫଳତା ଦେଇଛି। କିଏ କେଉଁ ଦେଶର ପ୍ରଶଂସକ, ସେଥିରେ କିଛି ଫରକ ପଡ଼ି ନ ଥାଏ। ହାର୍ ଜିତ୍ ଉପରେ ମଧ୍ୟ କୌଣସି ଫରକ ପଡ଼ି ନ ଥାଏ। ଖେଳ ଶେଷରେ ସବୁ ଖେଳାଳି ସାରା ଦେଶ ଓ ବିଶ୍ୱର ସମ୍ପତ୍ତି ବୋଲି ଫାଇଭ–ଟି ସଚିବ କହିଛନ୍ତି। କଠିନ ପରିଶ୍ରମ, ବାରମ୍ବାର ଶିକ୍ଷାରୁ ସଫଳତା ମିଳିଥାଏ।

ଓଡ଼ିଶାର ଯୁବବର୍ଗ ବିଶ୍ୱସ୍ତରର ଖେଳାଳିଙ୍କଠାରୁ ଶିଖନ୍ତୁ। ବିଶ୍ୱକପ୍ ହକିରେ ଭାରତୀୟ ଟିମ୍ ଭଲ କରିବ ବୋଲି ସେ ଆଶା କରିଛନ୍ତି। ଓଡ଼ିଶାର ସୁନ୍ଦରଗଡ଼ରୁ ହକିର ଆରମ୍ଭ, ହକିର ମୂଳପିଣ୍ଡ ବୋଲି ସେଠାରେ ଷ୍ଟାଡିୟମ ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାରତ ଉତ୍ତମ ପ୍ରଦର୍ଶନ କରି ରାଉଣ୍ଡ ଲିଗ୍ ପରେ କ୍ୱାର୍ଟର, ସେମି ଓ ଫାଇନାଲ୍ ଖେଳିବା ସେ ଆଶା କରିଛନ୍ତି। ୨୦୨୩ ପାଇଁ ବିଡର ରେସରେ ଥିଲେ ମାଲେସିଆ, ବେଲଜିୟମ୍, ଭାରତ।

ବେଲଜିୟମ୍ ସହ ଟଫ୍ ଫାଇଟ୍ ପରେ ଭାରତ ଜିତିଥିଲା ବିଡ୍। ଭିତ୍ତିଭୂମି, ଇଭେଣ୍ଟ ରେକର୍ଡ, ଅଧିକ ପ୍ରଶଂସକ ଏହି ୩ଟି ବର୍ଗରେ ସବୁଠୁ ଆଗରେ ରହି ଭାରତ ହୋଷ୍ଟ ପାଇଁ ବିଡିଂ ଜିତିଥିଲା। ଦୁଇଟି ସହରରେ ଖେଳ ଆୟୋଜନ ହେଉଥିବାରୁ ଏଥର ଉଦ୍‌ଘାଟନ ଉତ୍ସବ ହେବ ନାହିଁ। କିନ୍ତୁ ୫ଟି ମହାନଗରେ ଉତ୍ସବ ପାଳନ କରାଯିବ। କଟକକୁ ଆସିବେ ବିଶିଷ୍ଟ ଗାୟକ ପ୍ରୀତମ। ସେହିପରି ସବୁ ଖେଳାଳିଙ୍କୁ ସ୍ୱତନ୍ତ୍ର ଓଡିଆ ଖାଦ୍ୟ ପରଷା ଯିବ ବୋଲି ୫–ଟି ସଚିବ କହିଛନ୍ତି। ହକି ପାଇଁ ୩୦ଜିଲାର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଓ କୋଚିଂ ଦିଆଯିବ। ବିଜୁବାବୁଙ୍କ ହକି ଭଲପାଇବା ସ୍ମୃତିଚାରଣ କରିବା ସହ ଏହି ମାଟିରୁ ଭାରତ ହକି ବିଶ୍ୱକପ ଜିତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

# ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ପ୍ରତିଶ୍ରୁତି ପରେ ହଟିଲା

**ବାଲିଗୁଡା,୧୯।୧୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ବୁଲାଣି ରାସ୍ତାରେ ରବିବାର ରାତିରେ ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗାଁ ଅଞ୍ଚଳର ରାକେଶ ମଲ୍ଲିକ ଓରଫ ଲିଟୁ ଓ ଅଚ୍ୟୁତାନନ୍ଦ ନାୟକ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ସୋମବାର ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ପ୍ରାୟ ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବାରୁ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ରବିବାର ରାତି ପ୍ରାୟ ୧୦ଟାରେ ବଡ଼ଗାଁ ଅଞ୍ଚଳର ରାକେଶ ଓ ଅଚ୍ୟୁତାନନ୍ଦ ବାଇକ୍‌ରେ ମହାସିଙ୍ଗି ଆଡୁ ବାଲିଗୁଡ଼ା ଅଭିମୁଖେ ଆସୁଥିଲେ। ସୁରୁବାଲି ଗାଁ ନିକଟ ବୁଲାଣି ରାସ୍ତାରେ ସାମ୍ନାରୁ ଆସୁଥିବା ହାଇୱା ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଲିଗୁଡ଼ା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ରାକେଶ ଓ ଅଚ୍ୟୁତାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ୫୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସମ୍ପୃକ୍ତ ଠିକା ସଂସ୍ଥା ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ଆନ୍ଦୋଳନ ହଟିଥିଲା।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# 'ଡ୍ୟୁଟି' କରୁଛନ୍ତି

ଭାରତ ୧ ଡିସେମ୍ବର ୨୦୨୨ରୁ ବିଧିବଦ୍ଧ ଭାବେ ଏକ ବର୍ଷ ପାଇଁ ଜି୨୦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛି। ସଂଯୋଗବଶତଃ ୨୦୨୨ ଡିସେମ୍ବର ସକାଶେ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍‌ସି)ର ଅଧ୍ୟକ୍ଷତା ଭାରତ ଭାଗରେ ପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୟୁଏନ୍ଏସ୍‌ସିର ଦୁଇ ବର୍ଷିଆ ନିର୍ବାଚିତ ସଦସ୍ୟ ଭାବେ ଏହା ପୂର୍ବରୁ ଭାରତ ଅଗଷ୍ଟ ୨୦୨୧ରେ ଅଧ୍ୟକ୍ଷତା ଦାୟିତ୍ୱ ନିର୍ବାହ କରିଥିଲା। ଏବେ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ଭାବେ ଭାରତ ସମ୍ଭ୍ରମ ରକ୍ଷା କରି କେତେକ ସକାରାତ୍ମକ ପଦକ୍ଷେପ ନେଇପାରିବ ବୋଲି ଆଶା କରାଯାଉଥିଲା। ହେଲେ ନ୍ୟୁୟର୍କଠାରେ ମଲ୍ଟିଲାଟେରାଲିଜମ୍ ବା ବହୁପକ୍ଷବାଦ ଉପରେ ବିତର୍କ ହେବା ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ଅନୌପଚାରିକ ଭାବେ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିଥିଲେ। କିନ୍ତୁ ତାହାକୁ ଅଯଥାରେ ଗୁରୁତ୍ୱ ଦେଇ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କର ପାକିସ୍ତାନକୁ ଉପଲକ୍ଷ୍ୟ କରି କହିଥିଲେ, ନିରାପତ୍ତା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ଅନୁଚିତ। ଯେଉଁ ଦେଶ ୯/୧୧ ମାଷ୍ଟରମାଇଣ୍ଡ ଲାଡେନ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଥିଲା, ସେହି ରାଷ୍ଟ୍ର ଜାତିସଂଘରେ ପ୍ରବଚନ ଦେବାର ବିଶ୍ୱସନୀୟତା ହରାଇଛି। ସମଗ୍ର ବିଶ୍ୱ ପାକିସ୍ତାନକୁ 'ଆତଙ୍କବାଦର କେନ୍ଦ୍ରସ୍ଥଳୀ' ବୋଲି ଜାଣିଥିବା ବିଷୟ ଜୟଶଙ୍କର କହିଥିଲେ। ତେବେ ପାକିସ୍ତାନର ବିଧିବଦ୍ଧ ପାଳି ପଡ଼ିବା ପରେ ଜୟଶଙ୍କରଙ୍କୁ ଜବାବ ଦେବାକୁ ଯାଇ ବିଲାୱଲ କହିଥିଲେ 'ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ମୃତ। କିନ୍ତୁ ଗୁଜରାଟର କଂସେଇ ଜୀବିତ ଅଛନ୍ତି ଓ ସେ ଏବେ ଭାରତର ପ୍ରଧାନମନ୍ତ୍ରୀ'। ଦେଖିବାକୁ ଗଲେ ଏହିଭଳି ଅସୁନ୍ଦର ମନ୍ତବ୍ୟକୁ ଜୟଶଙ୍କରଙ୍କ ତ୍ରୁଟିପୂର୍ଣ୍ଣ କୂଟନୀତି ନିମନ୍ତ୍ରଣ କରି ଡାକି ଆଣିଥିଲା। କାରଣ ବିଲାୱଲ ଭୁଟ୍ଟୋ ତାଙ୍କର ମତକୁ ଚତୁରତାର ସହିତ ମୁଖ୍ୟ ଆଲୋଚନାକୁ ଆଣିବାର ସୁଯୋଗ ପାଇଲେ। ପୁନର୍ବାର କୁହାଯାଇପାରେ ଯେ, ତାଙ୍କ ମୂଳ ମନ୍ତବ୍ୟ ସଭାଗୃହ ଭିତରେ ଦିଆଯାଇ ନ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ସିଧାସଳଖ ସମାଲୋଚନା କରିବା ପରେ ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଅନେକ ଭାରତୀୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କରଙ୍କ କାର୍ଯ୍ୟକୁ ପ୍ରଥମେ ତର୍ଜମା କରାଯିବା ଦରକାର। ଲାଡେନ୍‌ଙ୍କୁ ସୁରକ୍ଷା ଦେବା ଓ ପାକିସ୍ତାନ ଆତଙ୍କବାଦର କେନ୍ଦ୍ରସ୍ଥଳ ଭଳି ଶବ୍ଦ ବ୍ୟବହାର କରି ନ ଥିଲେ ହୁଏତ ବିଲାୱଲ ତାଙ୍କର କଦର୍ଯ୍ୟ ମତ ଦେବାରେ ସଫଳ ହୋଇ ନ ଥାନ୍ତେ। ସେ ବିଧିବଦ୍ଧ ଭାବେ ୟୁଏନ୍ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇ ନ ଥିଲେ। ଅନୌପଚାରିକ ଭାବେ ବିଲାୱାଲ କେଉଁଠାରେ କ'ଣ କହିଲେ ଭାରତ ତାହାକୁ ଗୁରୁତ୍ୱ ଦେବାର ନ ଥିଲା। ଏଠାରେ ଯେଉଁ ବିଷୟଟି ଭାରତ ପାଇଁ ଏବେ ଅତି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି, ତାହା ହେଲା ଦେଶର ବିଫଳ ବୈଦେଶିକ ନୀତି। ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବାଠାରୁ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ଭଲ ନାହିଁ। ଏହାର ସୁଯୋଗ ନେଇ ଚାଇନା ବିଭିନ୍ନ ଦିଗରୁ ଭାରତକୁ ଘେରି ଯାଇଛି। ତାୱାଙ୍ଗରେ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ)ର ଉପସ୍ଥିତି ଓ ଭାରତ ଭୂଖଣ୍ଡକୁ ପ୍ରବେଶ କରିବା ଘଟଣା ଏହାର ସଦ୍ୟ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ବିଫଳ କୂଟନୀତି ବୁଝିବାକୁ ହେଲେ ଉପରଲିଖିତ ଘଟଣାକୁ ତର୍ଜମା କରାଯାଇପାରେ। ଭାରତର ସୈନ୍ୟ ଗଲୱାନ୍‌ଠାରୁ ତାୱାଙ୍ଗ ପର୍ଯ୍ୟନ୍ତ ଆକ୍ରମଣର ଶିକାର ହେବା ସତ୍ତ୍ୱେ କୌଣସି ଦେଶ ତରଫରୁ ଏପର୍ଯ୍ୟନ୍ତ ଚାଇନାକୁ ନିନ୍ଦା କରାଯାଇ ନାହିଁ। ଭାରତ ସପକ୍ଷରେ ଆସୁଥିବା ମତ କେବଳ ଆଶ୍ୱାସନା ସ୍ତରରେ ରହିଯାଉଛି। ଚାଇନା ନେତୃତ୍ୱ ବୁଝିସାରିଲାଣି ଯେ, ଭାରତରେ ଶାସନ କରୁଥିବା ରାଜନୈତିକ ପାର୍ଟିର ମୁଖ୍ୟ ଲକ୍ଷ୍ୟ ଦେଶରେ କ୍ଷମତାକୁ ଜାବୁଡ଼ି ଧରିବା। ବୈଦେଶିକ ନୀତିରେ ନୂଆଦିଲ୍ଲୀ ସ୍ପଷ୍ଟ ଆଭିମୁଖ୍ୟ ରଖୁ ନ ଥିବାରୁ ବେଜିଂ ଯେତେବେଳେ ସୁଯୋଗ ପାଉଛି ଭାରତ ବିରୋଧୀ କାର୍ଯ୍ୟରେ ସେନାକୁ ଲଗାଇ ଦେଉଛି ଏବଂ ଅନ୍ତର୍ଜାତୀୟ ସ୍ତରରେ, ସୁଯୋଗ ପାଇଲା ମାତ୍ରକେ, କେଞ୍ଚେ ଦେଉଛି। ତାୱାଙ୍ଗ ଭିତରକୁ ପିଏଲ୍ଏ ପଶି ଆସିଥିବା ସତ୍ତ୍ୱେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚିରାଚରିତ ଢଙ୍ଗରେ କହିପକାଇଲେ- ଭାରତର ଇଞ୍ଚେ ଜମିକୁ କେହି ମାଡ଼ିବସିବେ ନାହିଁ। ଦୁଇ ଦେଶ ମଧ୍ୟରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ବେଳେ ଉଚିତ ପଦକ୍ଷେପ ନିଆଯିବା ଲାଗି ପ୍ରସ୍ତୁତି ଆରମ୍ଭ କରା ନ ଯାଇ ବାହୁସ୍ଫୋଟ ମାରିବା ହାସ୍ୟାସ୍ପଦ ମନେ ହେଉଛି। ସେହିଭଳି ପାକିସ୍ତାନ ଏବେ ଆର୍ଥିକ ଦୃଷ୍ଟିରୁ ଏକ ଦୁର୍ବଳ ଦେଶରେ ପରିଣତ ହୋଇଛି। ହେଲେ ଜୟଶଙ୍କର ତାହାକୁ ପୂର୍ବଭଳି ଭାରତର ଶତ୍ରୁ ରାଷ୍ଟ୍ର ଭାବେ ଅଭିହିତ କରି ମନ୍ତବ୍ୟ ଦେବା ଅନାବଶ୍ୟକ ଥିଲା। ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ଥିବା ବେଳେ ଘଷରା ବିଷୟ ଉତ୍‌ଥାପନ କରିବା ଦ୍ୱାରା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ନିଜ ପରିପକ୍ୱତା ପ୍ରଦର୍ଶନ କରିନାହାନ୍ତି ବୋଲି କୁହାଯାଉଛି। ହୁଏତ ଜୟଶଙ୍କରଙ୍କୁ ବୁଝାଇ ଦିଆଯାଇଛି ଯେ ରାଜନୈତିକ ସୁବିଧା ସକାଶେ ସବୁବେଳେ ପାକିସ୍ତାନକୁ ଟେକି ଧରିବା ଆବଶ୍ୟକ। ଜଣେ ଅବସରପ୍ରାପ୍ତ ଅଫିସର ଭାବେ ଜୟଶଙ୍କର ତାଙ୍କ 'ଡ୍ୟୁଟି' କରୁଛନ୍ତି। ନିଜର ବୁଦ୍ଧି ଲଗାଇ ଭାରତ ଓ ତାହାର ନାଗରିକଙ୍କ ବୃହତ୍ ସ୍ୱାର୍ଥ ରକ୍ଷା ଚାକିରିରେ ଥିବା କିମ୍ବା ଅବସର ନେଇଥିବା କୌଣସି ଅଫିସରଙ୍କଠାରୁ ଆଶା କରିବା ବୃଥା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | 1 | | 6 | |
| | 7 | | | 5 | 9 | | | |
| 4 | 8 | | | | 6 | | | 3 |
| | | 1 | | | | | 3 | 8 |
| 8 | | | 5 | | 4 | | | |
| | 9 | | | 6 | | | | |
| | | | | | 5 | 7 | 9 | |
| 2 | | | | | | 5 | | |
| | | | | 2 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 8 | 1 | 6 | 4 | 5 | 7 | 3 |
| 3 | 4 | 1 | 5 | 7 | 8 | 6 | 2 | 9 |
| 5 | 6 | 7 | 3 | 9 | 2 | 1 | 4 | 8 |
| 9 | 2 | 6 | 8 | 5 | 7 | 3 | 1 | 4 |
| 8 | 1 | 5 | 4 | 3 | 9 | 7 | 6 | 2 |
| 4 | 7 | 3 | 6 | 2 | 1 | 8 | 9 | 5 |
| 1 | 3 | 2 | 9 | 8 | 6 | 4 | 5 | 7 |
| 7 | 5 | 4 | 2 | 1 | 3 | 9 | 8 | 6 |
| 6 | 8 | 9 | 7 | 4 | 5 | 2 | 3 | 1 |

ଗତକାଲିର ଉତ୍ତର



# ସ୍ୱଦେଶୀ ସ୍ୱାଭିମାନ ଓ ଜିଆଇ ଟ୍ୟାଗ୍

ସମରେନ୍ଦ୍ର ବଳିଆରସିଂହ

ଶୋଇଲା ପୁଅର ଭାଗ ନାହିଁ। ଆପଣ ପଚାରିବେ, କିଏ ଶୋଇଛି ? ଏହାର ଉତ୍ତର ହେଲା, ଆମେ ଶୋଇଛୁ। ଅର୍ଥନୀତି ଭଳି ଏ ଓଡ଼ିଆ ଜାତି ମାନ୍ଦାବସ୍ଥାର ଶିକାର ହୋଇଯାଉଛି। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ବହୁ ବିଳମ୍ବ ହେଲା। ନୀଳାଦ୍ରି ବିଜୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା'ଲକ୍ଷ୍ମୀଙ୍କ ପାଇଁ ରସଗୋଲା ଭୋଗ ଦେଇ ମାନଭଞ୍ଜନ କରନ୍ତି। ହେଲେ ରସଗୋଲାକୁ ନେଇ ଆଗ ପଶ୍ଚିମବଙ୍ଗ ଭୌଗୋଳିକ ସଙ୍କେତ ବା ଜିଆଇ ଟ୍ୟାଗ୍ ପାଇଗଲା। ଆମର ବିଳମ୍ବିତ ଉଦ୍ୟମ ପରେ ଆମେ ଓଡ଼ିଶା ରସଗୋଲା ଭାବେ ଜିଆଇ ଟ୍ୟାଗ୍ ପାଇଲୁ। ଏବେ ନଗଦାନଗଦି ଖବର ହେଲା, ଆସାମ ଗାମୋସା(ଗାମୁଛା)କୁ ଜିଆଇ ଟ୍ୟାଗ୍ ମିଳିଛି। ଆସାମର ସଂସ୍କୃତିକୁ ଦର୍ଶାଉଥିବା ଏହି ବସ୍ତ୍ରକୁ ମାନ୍ୟତା ମିଳିବା ନେଇ କେନ୍ଦ୍ର ବାଣିଜ୍ୟ, ଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟେଲ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି, ଆସାମର ଗାମୋସା ଏବେ ଦୁନିଆରେ ପ୍ରସିଦ୍ଧ ହେଉଛି। ଜିଆଇ ଟ୍ୟାଗ୍ ମିଳିବା ପରେ ବୁଣାକାରମାନଙ୍କର ଭରସା ବଢ଼ିବ। ଏହି ପରିପ୍ରେକ୍ଷୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରାଜ୍ୟବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଲୁଙ୍ଗି ଗାମୁଛା ସମ୍ପର୍କରେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ଏକଦା ଅରଟରେ ବୁଣା ହେଉଥିଲା ନାଲି ରଙ୍ଗର କରିଆ। ପରେ ତନ୍ତ ଆସିଲା ଓ ସେହି କରିଆ ପରିଚିତ ହେଲା ଗାମୁଛା ଭାବେ । ଲାଲମାଟି ଖୋର୍ଦ୍ଧା ବୀର ପାଇକମାନଙ୍କ ମାଟି। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଥିଲା ଏଠିକାର ପାଇକମାନଙ୍କର ପରିଧାନ। ପାଇକ ପୁଅ ସେଇ ନାଲି ଗାମୁଛାକୁ ମୁଣ୍ଡରେ କି ଅଣ୍ଟାରେ ଭିଡ଼ି ଯୁଦ୍ଧକୁ ଯାଉଥିଲା। ଶତ୍ରୁ ବେକରେ ଗାମୁଛା ପକାଇ ତାକୁ କବଳିତ କରୁଥିଲା । ଗରିବଙ୍କଠାରୁ ଆରମ୍ଭ କରି ଧନୀ, ଗାଁରୁ ସହର ପର୍ଯ୍ୟନ୍ତ ଏହି ସ୍ୱଦେଶୀ ପରିଧାନ ଥିଲା ସମସ୍ତଙ୍କର ପ୍ରିୟ। ଗାମୁଛା ଥିଲା ଲୋକଙ୍କର 'ଷ୍ଟାଇଲ୍ ଷ୍ଟେଟମେଣ୍ଟ। ଜମିଦାର ହୁଅନ୍ତୁ କି ହଳିଆ, ବେକରେ ପଡ଼ିଥିବ ନାଲି ଗାମୁଛା ବା କରିଆ। ଗାମୁଛା ଅଛି ତ ସବୁ କିଛି ଅଛି। ଖୋର୍ଦ୍ଧା ସହର ସମେତ ଡାଳତୋଳା, ଧଳାପଥର, ସଁପୁର, ବାଜପୁର, ଦେଉଳି, ଆମ୍ବଝର ଆଦି ଗାଁଗୁଡ଼ିକ ଖୋର୍ଦ୍ଧା ଗାମୁଛା ପାଇଁ ପ୍ରସିଦ୍ଧ ଥିଲା। କୋଡ଼ିଆ ସୂତାରେ ଏହା ତିଆରି ହେଉଥିଲା, ରଙ୍ଗ ଛାଡୁ ନ ଥିଲା। ତେଣୁ ଏହାର ଚାହିଦା ଅଧିକ ରହିଥିଲା।

କେବଳ ଲୁଙ୍ଗି, ଗାମୁଛା ନୁହେଁ; ଶାଢ଼ି ପାଇଁ ମଧ୍ୟ ଖୋର୍ଦ୍ଧାର ପ୍ରସିଦ୍ଧି ରହିଛି। ବୀରାଙ୍ଗନା ପାଇକ ରମଣୀ ପିନ୍ଧୁଥିଲେ ଶାଢ଼ି। ଶାଢ଼ି ପିନ୍ଧି ଯୁଦ୍ଧ କରୁଥବାର ଇତିହାସ ସାକ୍ଷୀ। ପାଇକ ରମଣୀ କଳାବତୀ ହୁଅନ୍ତୁ କି ହାରାବତୀ, ଶାଢ଼ି ପିନ୍ଧି ବୀରଦର୍ପରେ ଇଂରେଜମାନଙ୍କ ମୁକାବିଲା କରୁଥିଲେ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ଏକ ଅଲଗା ପରିଚୟ ଥିଲା, ବାଣିଜ୍ୟ ଭାଷାରେ



ଯାହାକୁ ଆମେ କହୁଛୁ 'ବ୍ରାଣ୍ଡ'। ଏସବୁ ପରିଧାନ ପିନ୍ଧିବା ପାଇଁ ଭାରି କୋମଳ, ହାଲୁକା ଏବଂ ଚର୍ମ ପାଇଁ ଭଲ। ତନ୍ତବୁଣା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ପ୍ରଚଳନ ପାଖାପାଖି ୧୦୦ ବର୍ଷର ପୁରୁଣା ବୋଲି ବୁଣାକାରମାନେ କୁହନ୍ତି। ଜଣେ ମାରୱାଡ଼ି ବ୍ୟବସାୟୀ ଗଣପତି ଲାଲଙ୍କ ଉଦ୍ୟମକ୍ରମେ ନୀଳ ଲୁଙ୍ଗି ଓ ଲାଲ ଗାମୁଛା ବୁଣା ଆରମ୍ଭ ହୋଇଥିଲା। ତାଙ୍କ ନାମରେ ଏହି ଗାମୁଛା ଗଣପତି ଗାମୁଛା ଭାବେ ପରିଚିତ ହେଲା। ପରେ ଶାଢ଼ି ମଧ୍ୟ ପ୍ରସ୍ତୁତ ହେଲା। ଦୀର୍ଘସ୍ଥାୟୀ ସୂତାରେ ଭଲ ରଙ୍ଗର ପ୍ରୟୋଗ କରାଯାଉଥିଲା, ତେଣୁ ଦିନକୁ ଦିନ ଏସବୁର ଚାହିଦା ଆକାଶଛୁଆଁ ହେଲା। ୧୯୭୫ ବେଳକୁ ଖୋର୍ଦ୍ଧା ବ୍ରାଣ୍ଡ ସାରା ଓଡ଼ିଶାରେ ଛାଇଗଲା। କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷରେ ଲୋକପ୍ରିୟ ହେଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି। ତଥ୍ୟ କୁହେ, ୧୯୮୫ରେ କୃଷ୍ଣ ମୁରାରୀ ଶାହା କଳତନ୍ତ ବସାଇ ଅଧିକ ଉତ୍ପାଦନ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ବ୍ରାଣ୍ଡ ଜାତୀୟ ହସ୍ତଶିଳ୍ପ ମାନ୍ୟତା ପାଇଲା। ଏହି ବ୍ରାଣ୍ଡର ପାଇକପୁଅ ଛାପ ଲୁଙ୍ଗି ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରଚାର ପ୍ରସାର କରାଇବାରେ ସହାୟକ ହୋଇଥିଲା। କେବଳ ହିନ୍ଦୁ ନୁହନ୍ତି, ମୁସଲମାନମାନେ ମଧ୍ୟ ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ପସନ୍ଦ କରୁଥିଲେ। ତେଣୁ ହିନ୍ଦୁ-ମୁସଲିମ ସଂପ୍ରୀତି ପାଇଁ ଏସବୁ ପରିଧାନର ବଡ଼ ଭୂମିକା ରହିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ 'କୁଟି ଖାଅ, କାଟି ପିନ୍ଧ'ର ସ୍ଲୋଗାନ୍ ଦେଉଥିଲେ। ଏଭଳି ସ୍ୱଦେଶୀ ପରିଧାନ ସେଇ ସ୍ଲୋଗାନକୁ ପରିପୁଷ୍ଟ କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଆତ୍ମନିର୍ଭର ଭାରତ'ର ସ୍ଲୋଗାନ୍ ଦେଉଛନ୍ତି। ହେଲେ ସେଇ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି।

ଖୋର୍ଦ୍ଧା ସମେତ ବେଗୁନିଆ, ବୋଲଗଡ଼ ବ୍ଲକ୍‌ରେ ବହୁ ବୁଣାକାର ପରିବାର ଉତ୍କୃଷ୍ଟମାନର ପରିଧାନ ପ୍ରସ୍ତୁତ କରୁଥିଲେ। ରେଖା ଶାଢ଼ି ଓ ଟସର ଶାଢ଼ି ସେତେବେଳେ ଲୋକପ୍ରିୟ ହୋଇଥିଲା। ଖୋର୍ଦ୍ଧା ନିକଟସ୍ଥ ରାଉତପଡ଼ା ଗ୍ରାମର ବୁଣାକାରମାନେ ଗୀତଗୋବିନ୍ଦ ପାଟ ପ୍ରସ୍ତୁତ କରୁଥିଲେ। ଏହା ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ପାଟବସ୍ତ୍ରର ପରିଚୟ ଲାଭ କରିଥିଲା। ସେହିପରି ଧଳାପଥର ଗ୍ରାମର ବୁଣାକାରଙ୍କ ପରଦା ଶିଳ୍ପ ରାଜ୍ୟ ତଥା ଦେଶ ବାହାରେ ସୁନାମ ଅର୍ଜନ କରିଥିଲା। କୁଶଳୀ ବୁଣାକାର ଉଦୟନାଥ ସାହୁଙ୍କ କୁଶଳୀ ହାତର କାରିଗରି ଯୋଗୁ ଏଠିକାର ପରଦା କଳା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଏହା ଅନସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଆଧ୍ୟାତ୍ମିକତା କ୍ଷେତ୍ରରେ ଧଳାପଥର ପର୍ଦ୍ଦାକଳାର ବଡ଼ ଭୂମିକା ଥିଲା। ଏହି ପର୍ଦ୍ଦାକଳା ଭାରତ ସରକାରଙ୍କ ଜିଆଇ ଟ୍ୟାଗ୍‌ରେ ମଧ୍ୟ ପଞ୍ଜୀକୃତ ହୋଇଥିଲା।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ସ୍ୱଦେଶୀ ବସ୍ତ୍ରର ପ୍ରଚାର, ପ୍ରସାର ପାଇଁ ଖୋର୍ଦ୍ଧା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ସମୟସ୍ରୋତରେ ଏସବୁ ହଜିଯିବାକୁ ବସିଛି। ସମ୍ପ୍ରତି ତନ୍ତୁବାୟ ସମବାୟ ସହଯୋଗ ସମିତିଗୁଡ଼ିକ ରୁଗ୍ଣ ହୋଇପଡ଼ିଛି। ନକଲି ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଆସି ଅସଲିକୁ ଅନେକ ପରିମାଣରେ ବଜାରରୁ ହଟେଇଦେଇଛି। କାରିଗରମାନଙ୍କୁ ଆଶାନୁରୂପକ ପାରିଶ୍ରମିକ ମିଳୁନାହିଁ। ଅପରପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟର ହସ୍ତତନ୍ତ କାରିଗରମାନଙ୍କୁ ରିହାତି ମୂଲ୍ୟରେ ସୂତା, ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କଞ୍ଚାମାଲ ଯୋଗାଇଦେଉଥିବା ହେତୁ ସେଠାକାର ବୁଣାକାରମାନଙ୍କ ଉତ୍ପାଦ ଆମ ରାଜ୍ୟର ରପ୍ତାନି ମୂଲ୍ୟ ତୁଳନାରେ ଶସ୍ତା ହେଉଛି।

ଦିନେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିଥିଲା ଲାଲମାଟି ଖୋର୍ଦ୍ଧା। ଲାଲମାଟିର ସ୍ୱଦେଶୀ ବସ୍ତ୍ର ଉତ୍ପାଦନ ପ୍ରାଚୀନ ନୌବାଣିଜ୍ୟ ସହ ଜଡ଼ିତ ବୋଲି କେତେକ ମତ ଦିଅନ୍ତି। ସେତେବେଳେ ଆମର ଲୁଙ୍ଗି, ଗାମୁଛା ଓ ଶାଢ଼ି ସୁଦୂର ଜାଭା, ସୁମାତ୍ରା, ବୋର୍ନିଓକୁ ରପ୍ତାନି ହେଉଥିଲା। ଏଭଳି ସ୍ୱର୍ଣ୍ଣିମ ଅତୀତର ସାକ୍ଷୀ ହେଉଛି ଲାଲମାଟିର ସ୍ୱଦେଶୀ ବସ୍ତ୍ର। ବର୍ତ୍ତମାନ ଏହି ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି, ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ନ କରନ୍ତି, ତେବେ କାଳଗର୍ଭରେ ଏହି କଳା ଲୀନ ହୋଇଯିବ! ଆମ ସ୍ୱଦେଶୀ ପରିଧାନକୁ ସ୍ୱାବଲମ୍ବନର ନୂଆ ରାହା ଭାବେ ସାମ୍ନାକୁ ଆଣିବାକୁ ହେବ। 'ସ୍ୱଦେଶୀ ସ୍ୱାଭିମାନ'କୁ ଉଜାଗର କରିବାକୁ ପଡ଼ିବ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ସାମଗ୍ରିକ ଭାବେ ଉଦ୍ୟମ କରିବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଆଗେଇ ଆସନ୍ତୁ।

**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା, ମୋ: ୮୨୪୯୬୭୯୦୯୯**



# ଦୀର୍ଘ ଜୀବନ ବନାମ ସୁସ୍ଥ ଜୀବନ

ଅଲେଖ ଚନ୍ଦ୍ର ମିଶ୍ର

ଦୀର୍ଘକାଳ ବଞ୍ଚିରହିବାକୁ କିଏ ବା ନ ଚାହେଁ ? ସେଥିପାଇଁ ତ 'ଶତାୟୁ ଭବ, ଦୀର୍ଘଜୀବୀ ହୁଅ, କୋଟି ପରମାୟୁ ହେଉ, ମୋର ଆୟୁଷ ତୋତେ ଲାଗିଯାଉ' ଇତ୍ୟାଦି ଆଶୀର୍ବଚନ ଆମ ସଂସ୍କୃତିରେ ଯୁଗଯୁଗରୁ ପ୍ରଚଳିତ ହୋଇ ଆସିଛି। ହେଲେ ମଣିଷ ଜୀବନରେ ଏମିତି ପରିସ୍ଥିତି ଆସେ ଯେତେବେଳେ ସେ ମୃତ୍ୟୁକୁ ସ୍ୱାଗତ କରେ। ଶୀଘ୍ର ଚାଲିଯିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ। କେହିକେହି ସେଥିପାଇଁ ସରକାରଙ୍କ ନିକଟରେ ଗୁହାରି କରନ୍ତି। ଏହାକୁ ଇଉଥାନାସିଆ କୁହାଯାଏ। ଅତଏବ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସାଧାରଣ ଅବସ୍ଥାରେ ଯେଉଁ ମଣିଷ ମୃତ୍ୟୁର କଳ୍ପନାରେ ଶିହରି ଉଠୁଥାଏ ସେ ଇଚ୍ଛାମୃତ୍ୟୁ ଲୋଡ଼େ କାହିଁକି ? ଏହାର ଅନେକ କାରଣ ମଧ୍ୟରେ ସର୍ବାଗ୍ରେ ରହିଛି ଦୁରାରୋଗ୍ୟ ବ୍ୟାଧିର ପ୍ରକୋପ, ଯାହା ଶାରୀରିକ ଅସୁସ୍ଥତାର ଏକ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ। ଅର୍ଥାତ୍ ସୁସ୍ଥ ଜୀବନଯାପନ କରୁଥିବା ବ୍ୟକ୍ତି ପ୍ରାୟତଃ ମୃତ୍ୟୁକୁ ଚାହେଁନା। ସୁତରାଂ ଦୀର୍ଘ ଜୀବନ ଏବଂ ସୁସ୍ଥ ଜୀବନ ଏ ଦୁଇଟି ମଧ୍ୟରୁ ସୁସ୍ଥ ଜୀବନ ହିଁ ଅଧିକ ସ୍ପୃହଣୀୟ। ଏହି ଦୁଇଟିର ଏକତ୍ର ସଂଯୋଗ ଏକ ବିରଳ ସଂଘଟନ, ଯାହାକୁ ପାଇବା ପାଇଁ କଠୋର ସଂଯମତା ଓ ଆଚରଣ ବିଧି ପ୍ରୟୋଜନ। ଏ କ୍ଷେତ୍ରରେ ପୁରାଣ ଶାସ୍ତ୍ରଠାରୁ ଚିକିତ୍ସା ବିଜ୍ଞାନ ଯାଏ ସର୍ବତ୍ର ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଇଛି। ତାହା ମଧ୍ୟରୁ ଏକ କ୍ଷୁଦ୍ର ଅଥଚ ମହାନ୍ ଉପଚାର ହେଉଛି ବିଶ୍ରାମ। ଅଥଚ ତା'ର ମୂଲ୍ୟ ନ ବୁଝି କିଛି ଲୋକ ଆରାମ ହାରାମ ବୋଲି କହନ୍ତି ତ ଅନ୍ୟ କେହି ଏହାକୁ ବୃଥା ସମୟ ନଷ୍ଟ (ଡାଉନ ଟାଇମ) ଭାବି ଏଡ଼େଇ ଦିଅନ୍ତି। କେହି କେହି କହିବାର ଶୁଣାଯାଏ, 'ମରିବାକୁ ତ ବେଳ ନାହିଁ, ବିଶ୍ରାମ ନେବି କ'ଣ ?' କାର୍ଯ୍ୟ ବ୍ୟସ୍ତତାର ଅତ୍ୟଧିକ ଚାପରେ ଏମାନେ ଭୁଲିଯାଆନ୍ତି ଯେ, ଦିନଦିନ ଧରି ଅବିରତ ପରିଶ୍ରମ ଦୈହିକ ସନ୍ତୁଳନକୁ ସେମାନଙ୍କର ଅଜ୍ଞାତରେ ଏପରି ନୀରବରେ ପ୍ରତିଘାତ କରିଚାଲିଥାଏ ଯେ ତା'ର ସଂଗୃହୀତ ପରିଣାମ ଶେଷରେ ତାଙ୍କର ଦେହକୁ ଅନ୍ତଃସାରଶୂନ୍ୟ କରିଦିଏ। ତେଣୁ ସୁସ୍ଥସବଳ ରହିବା ପାଇଁ ବିଶ୍ରାମ ଅପରିହାର୍ଯ୍ୟ।

ବିଶ୍ରାମର ଅର୍ଥ କେବଳ କର୍ମରୁ ସାମୟିକ ବିରତି ନୁହେଁ। ଶରୀରର ଆବଶ୍ୟକତା ଅନୁଯାୟୀ ଏହାର ପ୍ରକାର ଭେଦ ରହିଛି ଯଥା ସ୍ଥୂଳ(ଫିଜିକାଲ), ମାନସିକ (ମେଣ୍ଟାଲ), ସ୍ନାୟବିକ (ସେନସରି), ସାମାଜିକ (ସୋସିଆଲ), ଆଧ୍ୟାତ୍ମିକ(ସ୍ପିରିଚୁଆଲ) ଏବଂ ଆବେଗିକ (ଇମୋଶନାଲ)। ସ୍ଥୂଳ ବିଶ୍ରାମ କହିଲେ, ଶାରୀରିକ ପରିଶ୍ରମରୁ ବିରାମକୁ ବୁଝାଇଥାଏ ଯାହା କ୍ଳାନ୍ତି ଓ ଦୁର୍ବଳତା ଦୂରକରେ। ମନକୁ କିଛି ସମୟ ପାଇଁ ଭାରମୁକ୍ତ ଓ ଫାଙ୍କା ରଖିଲେ ମାନସିକ ବିଶ୍ରାମ ମିଳେ, ଯାହା ଦୁଶ୍ଚିନ୍ତା ଦୂରକରି ତାକୁ ଅଧିକ ଗ୍ରହଣଶୀଳ କରେ।



ବୈଦ୍ୟୁତିକ ସରଞ୍ଜାମ ତଥା ଅନ୍ୟାନ୍ୟ ବାହ୍ୟ ସୂତ୍ରରୁ ସୃଷ୍ଟ ଶବ୍ଦ ପ୍ରଦୂଷଣରୁ ମୁକ୍ତି ସ୍ନାୟବିକ ବିଶ୍ରାମ ଯୋଗାଇଥାଏ ଯାହାଦ୍ୱାରା ମସ୍ତିଷ୍କ ଅଧିକ କାର୍ଯ୍ୟକ୍ଷମ ହୁଏ। ପରିବାର, ପରିଜନଙ୍କ ଗହଣରେ ଖୁସିରେ କାଟୁଥିବା ସମୟ ସାମାଜିକ ବିଶ୍ରାମ ପ୍ରଦାନ କରେ, ଯାହା ମନକୁ ଓ ଦେହକୁ ପ୍ରଫୁଲ୍ଲ ଓ ସତେଜ ରଖେ। ଯୋଗ, ଧ୍ୟାନ ଓ ଏକାଗ୍ରତା ମାଧ୍ୟମରେ ମିଳୁଥିବା ବିଶ୍ରାମକୁ ଆଧ୍ୟାତ୍ମିକ ବିଶ୍ରାମ କୁହାଯାଏ, ଯାହାର ପ୍ରଭାବରେ ବୃଥାଚିନ୍ତା (ଟେନ୍‌ସନ), ଉଦ୍‌ବେଗ ଓ ଉତ୍କଣ୍ଠାରୁ ମୁକ୍ତି ମିଳେ। ସେହିପରି ଆବେଗିକ ବିଶ୍ରାମ ସାଥୀମାନଙ୍କ ସହିତ ଗୁଲିଖଟି, ହସ ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରରୁ ମିଳିଥାଏ। ଏହାଦ୍ୱାରା ଦେହର ସୂକ୍ଷ୍ମ ତନ୍ତ୍ରୀଗୁଡ଼ିକ ଚଳଚଞ୍ଚଳ ହୋଇଥାଏ।

କିନ୍ତୁ ଏ ସମସ୍ତ ପ୍ରକାରର ବିଶ୍ରାମ ଅପେକ୍ଷା ଶୟନ ବା ନିଦ୍ରା ହେଉଛି ଶ୍ରେଷ୍ଠ ବିଶ୍ରାମ, ଯେଉଁଥିରେ ଉପରୋକ୍ତ ସମସ୍ତ ପ୍ରକାରର ବିଶ୍ରାମ ଏକାଧାରରେ ସନ୍ନିବିଷ୍ଟ। କାମ କରିବା ପାଇଁ ଦିନ ଏବଂ ଶୋଇବା ପାଇଁ ତ ରାତିର ସୃଷ୍ଟି। ମଣିଷ ଶରୀର ଏପରି ଭାବରେ ଗଠିତ ଯେ ଶୋଇବା ଦରକାର ପଡ଼ିଲେ ହାଇ ମାଧ୍ୟମରେ ଓ ଆଖି ମୁଦିହୋଇ ଆସିବାରେ ତାର ସଙ୍କେତ ମିଳେ। ଅଥଚ କିଛି ଲୋକ ତାକୁ ଏଡ଼େଇବା ପାଇଁ ଚା, କଫି, ଧୂମପାନ, ମଦ୍ୟ ଇତ୍ୟାଦିର ସାହାରା ନେଇଥାନ୍ତି, ଯାହା ପରିଶେଷରେ ଘାତକ ସାବ୍ୟସ୍ତ ହୁଏ। ଠିକ୍ ଭାବରେ ନ ଶୋଇଲେ ଇନସେମିଆ, ସ୍ଲିପ ଆପନିଆ, ଡିମେନ୍ସିଆ , ହୃଦଘାତ, ରକ୍ତଚାପ, ମେଦବୃଦ୍ଧି ଇତ୍ୟାଦି ସୃଷ୍ଟିହୁଏ ବୋଲି ଚିକିତ୍ସା ବିଜ୍ଞାନୀମାନେ କୁହନ୍ତି। ଏହାଛଡ଼ା ଶୋଇବା ଦ୍ୱାରା ଶାରୀରିକ ଓ ମାନସିକ କ୍ଳାନ୍ତି ତଥା ଅବସାଦ ଦୂର ହୁଏ, ପାଚନପ୍ରକ୍ରିୟା ତ୍ୱରାନ୍ୱିତ ହୁଏ, ସ୍ମରଣଶକ୍ତି ବଢ଼େ ଏବଂ ଉଠିବା ପରେ କାମ କରିବା ପାଇଁ ଉତ୍ସାହ ମିଳେ। ଆମେରିକାସ୍ଥିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସଂସ୍ଥା ଏନ୍ଆଇଏଚ୍‌ର ଏପ୍ରିଲ ୨୦୨୧ ସଂଖ୍ୟାରେ ପ୍ରକାଶିତ ବୁଲେଟିନର ତଥ୍ୟ ଅନୁସାରେ ସେମାନେ ଅନେକ ଶତାୟୁଙ୍କ ଉପରେ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ ଯେ ସେମାନଙ୍କର ଦୀର୍ଘଜୀବନର ଏକ ରହସ୍ୟ ଥିଲା ରାତିରେ ଅନ୍ୟୂନ ଦଶଘଣ୍ଟା ଶୋଇବାର ଅଭ୍ୟାସ।

ଏନ୍ଆଇଏଚ୍‌ର ମୁଖ୍ୟ ଡ. ମାରିଷ୍ଟା ବ୍ରାଉନଙ୍କ ମତରେ ଶୋଇବାର ନିର୍ଦ୍ଦିଷ୍ଟ ଶୃଙ୍ଖଳା ରହିବା ଦରକାର ଯଥା ଶୋଇବାର ଶୈଳୀ (କ୍ୱାଲିଟି), ପରିମାଣ (କ୍ୱାଣ୍ଟିଟି ) ଏବଂ ନିୟମିତତା (କନ୍‌ସିଷ୍ଟେନ୍ସି)। ସେହିପରି ରୋଚେଷ୍ଟର୍ ୟୁନିଭର୍ସିଟିର ନିଦ୍ରା ବିଶାରଦ (ସ୍ଲିପ ଏକ୍ସପର୍ଟ) ଡ. ମାଇକେଲ ମେଡେଗାର୍ଡ କୁହନ୍ତି, ପ୍ରତିଦିନ ରାତିରେ ସ୍କୁଲ ବୟସର ପିଲାମାନେ ନଅଘଣ୍ଟା, କିଶୋର (ଟିନ୍ଏଜ)ମାନେ ଆଠରୁ ଦଶଘଣ୍ଟା, ପ୍ରୌଢ଼ମାନେ ସାତଘଣ୍ଟା ଏବଂ ବୟସ୍କମାନେ ନଅରୁ ଦଶଘଣ୍ଟା ପର୍ଯ୍ୟନ୍ତ ଶୋଇବା ଆବଶ୍ୟକ। ତାଙ୍କ ମତରେ ସର୍ବାଧିକ ଦଶଘଣ୍ଟାରୁ ଅଧିକ ଶୋଇବା ଖରାପ। ସେହିପରି ଉପଯୁକ୍ତ ନିଦ୍ରା ପରେ ବି ଯଦି ନିଦୁଆ (ଡ୍ରାଉଜି ) କିମ୍ବା ଅଳସ ଲାଗେ ତେବେ ଜାଣିବାକୁ ହେବ ଯେ ସ୍ୱାସ୍ଥ୍ୟରେ କିଛି ସମସ୍ୟା ରହିଛି। 'ଅର୍ଦ୍ଧ ରୋଗହାରୀ ନିଦ୍ରା'। ତେଣୁ ପ୍ରତ୍ୟେକ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଯିଏ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ଚାହାନ୍ତି ବିଶ୍ରାମକୁ ହେୟଜ୍ଞାନ କରିବା ଉଚିତ ନୁହେଁ।

**ଶାସ୍ତ୍ରୀନଗର, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ମୁମ୍ବାଇର ୨୭ ବର୍ଷୀୟ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର କୌସ୍ତୁଭ ଧୋଣ୍ଡେ ସ୍ୱୟଂଚାଳିତ ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ୫ଜି ଟେକ୍ନୋଲୋଜିରେ ଚାଲୁଛି। 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ପ୍ରସ୍ତୁତ କରାଯାଇଛି। କୌସ୍ତୁଭଙ୍କ ଜନ୍ମ କୃଷକ ପରିବାରରେ। ପିଲାଦିନେ ସେ ଚାଷୀମାନଙ୍କ ସମସ୍ୟା ନିକଟରୁ ଦେଖିଛନ୍ତି। ତାଙ୍କ ଅଞ୍ଚଳରେ କୃଷକମାନେ ଟ୍ରାକ୍ଟର କିଣି ତାହାକୁ ବିକ୍ରି କରିବାର କାରଣ ଖୋଜି ସେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ପାଇଁ ଡିଜେଲ ଦରବୃଦ୍ଧି ଓ ଟ୍ରାକ୍ଟର ଚଳାଇବା ଲାଗି ଚାଳକ ଖୋଜିବା ଥିଲା ବଡ଼ ସମସ୍ୟା। ଏଥିପାଇଁ ସେ ଇଞ୍ଜିନିୟରିଂ ପଢ଼ିବା ପରେ ୨୦୧୬ରେ 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ଗଠନ କରି ଚାଳକବିହୀନ ଟ୍ରାକ୍ଟର ନିର୍ମାଣରେ ଲାଗିଥିଲେ। କେବଳ ଗୋଟିଏ ଫୋନ୍ ଆପ୍ ଜରିଆରେ କୃଷକ ଏହି ଟ୍ରାକ୍ଟରକୁ ସଞ୍ଚାଳନ କରିପାରିବେ। ଚାଳକ ଚାଳିତ ଡିଜେଲ ଟ୍ରାକ୍ଟର କ୍ଷେତରେ ଯାହା କାମ କରେ ତାହା ଏହା କରିପାରୁଛି। ଏହାର ବିଜ୍ଞାନଭିତ୍ତିକ ପରୀକ୍ଷା ସରିଛି। ଏହାକୁ ୨୦୨୪ ସୁଦ୍ଧା ଲଞ୍ଚ କରାଯିବା ଯୋଜନା ରହିଛି। ଏହି ଟ୍ରାକ୍ଟରରେ ଜଣେ କୃଷକର କ୍ଷତି ୪ଗୁଣ କମ୍ ହେବ ବୋଲି କହନ୍ତି କୌସ୍ତୁଭ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୭

- ଇଣ୍ଡୋନେସିଆର ସୁମାତ୍ରାଠାରେ ସିଲ୍‌କେୟାରର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବିମାନରେ ଯାତ୍ରା କରୁଥିବା ସମସ୍ତ ୧୦୪ ଯାତ୍ରୀ ମୃତ।
- ଦକ୍ଷିଣ କୋରିଆ ରାଷ୍ଟ୍ରପତି ଭାବେ ବିରୋଧୀଦଳ ପ୍ରାର୍ଥୀ ତଥା ନିଜକୁ ଜଣେ ଗାନ୍ଧିବାଦୀ ନେତା ବୋଲାଉଥିବା କିମ୍ ଦାଏ ଜଙ୍ଗ ନିର୍ବାଚିତ।
- ମଣିପୁରରେ କ୍ଷମତାସୀନ ମିଳିତ ସାମ୍ମୁଖ୍ୟରେ ଅଂଶୀଦାର ଥିବା ମଣିପୁର ପିପୁଲ୍ସ ପାର୍ଟିର ୩ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ଏସିଡ୍ ବିକ୍ରି ଉପରେ କଟକଣା ଲାଗୁହେଉ

ମହାଶୟ,

ଦିଲ୍ଲୀରେ ୧୭ ବର୍ଷୀୟା ଝିଅ ଉପରେ ୨ ଦୁର୍ବୃତ୍ତ ଏସିଡ୍ ଆକ୍ରମଣ କରିବା ଏକ ଦୁଃଖଦାୟକ ପ୍ରସଙ୍ଗ। ଏସିଡ୍ ଆକ୍ରମଣ ପୀଡ଼ିତାମାନଙ୍କୁ କେବଳ ସହାନୁଭୂତିପୂର୍ଣ୍ଣ ବାକ୍ୟ କିମ୍ବା ସ୍ୱାନ୍ତନାମୂଳକ ଅନୁକମ୍ପା ରାଶି ପ୍ରଦାନ ଦ୍ୱାରା ପ୍ରକୃତ ନ୍ୟାୟ ଦେଇହେବ ନାହିଁ। ସେଥିପାଇଁ ଭାରତୀୟ ଆଇନ ଧାରାରେ ପରିବର୍ତ୍ତନ ଆଣି ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ହେବ। ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଅପରାଧୀମାନଙ୍କୁ ଆଇନ ଦଣ୍ଡ ଦେବ ତ ନିଶ୍ଚୟ, କିନ୍ତୁ ସରକାର ପୀଡ଼ିତାମାନଙ୍କୁ ଜୀବନଯାପନ ପାଇଁ ସମସ୍ତ ସୁବିଧା ସୁଯୋଗ ଦେବା ଆବଶ୍ୟକ। ସର୍ବଭାରତୀୟ ସ୍ତରରେ ଏସିଡ୍ ବିକ୍ରି ଉପରେ କଠୋର କଟକଣା ଲାଗିବା ଉଚିତ। ଏସିଡ୍ ବିକ୍ରେତାମାନେ କ୍ରେତାମାନଙ୍କର ପରିଚୟପତ୍ରର ଡାଟା ରଖିବା ଦରକାର। ଜଘନ୍ୟ ଏସିଡ୍ ଆକ୍ରମଣ ଆଧୁନିକ କୁତ୍ସିତ ଅପରାଧର ଭିନ୍ନ ଏକ ଅଧ୍ୟାୟ। ପ୍ରେମ ଓ ପ୍ରତାରଣା କାରଣରୁ ଏସିଡ୍ ଆକ୍ରମଣ ଏକ ହିଂସ୍ର ଅପରାଧ ଶ୍ରେଣୀର। ଏଥିରେ ବିଶେଷକରି ଅଧିକାଂଶ ଝିଅ ସେମାନଙ୍କ ପ୍ରକୃତ ରୂପ ଚେହେରା ହରାଇ ମାନସିକ କଷ୍ଟରେ ଦୁଃଖ ଯନ୍ତ୍ରଣାରେ ସାରା ଜୀବନ ବିତାଇଥାନ୍ତି।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଳ ନୟନା
ଆଜି ବଢ଼ିଛି ପରା ମୋ ବାସନା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଦାନନ୍ଦଙ୍କ ଆରୋଗ୍ୟ ପାଇଁ ସମୂହ ଦୀପଦାନ**

**ଲୋଇସିଂହା,(ଡି.ଏନ.ଏ):** ଆଗଲପୁର ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ବେଳେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେରଙ୍କ ବେକରେ ଜାଭେଲିନ ଷ୍ଟିକ ପଶି ଯାଇଥିଲା। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ସଫଳ ଅସ୍ତ୍ରୋପଚାର କରାଯାଇ ଜାଭେଲିନ ଷ୍ଟିକକୁ କଢାଯାଇଥିଲା। ସଦାନନ୍ଦ ଏବେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଦ୍ରୁତ ଆରୋଗ୍ୟ ପାଇଁ ବିଜେଡି ଓ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରେ ସାମୂହିକ ଦୀପଦାନ କରାଯାଇଥିବା ବିଜେଡ ଯୁବନେତା ନିହାର ରଞ୍ଜନ ବେହେରା କହିଛନ୍ତି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

**ଖପ୍ରାଖୋଲ, ୧୯।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ କର୍ଲାମାଲ ଗାଁର କୌଶଲ୍ୟା ଚିରାଗୁନଙ୍କ ନାମରେ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆବଣ୍ଟିତ ହୋଇଛି। ଏହା ଅନଲାଇନରେ ଦେଖାଯାଉଛି। ହେଲେ ସାମାଜିକ ସମୀକ୍ଷା ସମୟରେ ସମୀକ୍ଷା ଦଳ ଅନଲାଇନ କପି ଅନୁସାରେ କୌଶଲ୍ୟାଙ୍କ ଘର ସମ୍ପର୍କରେ ପଚାରିଥଲେ। କୌଶଲ୍ୟା ୫ବର୍ଷହେଲା ଅନ୍ୟ ଗାଁକୁ ବାହାହୋଇ ଯାଇଥିବାବେଳେ ସେ କୌଣସି ଘର ପାଇ ନ ଥିବା ପଡୋଶୀମାନେ କହିଥିଲେ। ପରେ କୌଶଲ୍ୟା ନିଜ ଶାଶୁ ଘରୁ ସମାଜସେବୀ ଧ୍ରୁବ ସରାଫଙ୍କ ସହାୟତାରେ ପଞ୍ଚାୟତରେ ଲିଖିତ ଜଣାଇଥିବା ଜଣାଯାଇଛି। ତାଙ୍କ ନାମରେ ଥିବା ଘରକୁ ଅନ୍ୟକେହି ଚଞ୍ଚକତା କରି ନେଇ ଯାଇଥିବା ସନ୍ଦେହ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ତାଙ୍କୁ ଅଭିଯୋଗ ମିଳିନି। ଅନୁସନ୍ଧାନ ପରେ ଅଭିଯୋଗ ସତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ
### ପନେସର, ସେମେଲମୁଣ୍ଡାରେ ବୈଠକ

**ଲୋଇସିଂହା,୧୯।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ ପୁଣି ମୁଣ୍ଡ ଟେକିଛି। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏଥିପାଇଁ ଆସନ୍ତା ୨୧ ତାରିଖରେ ଲୋଇସିଂହା ବନ୍ଦ ଡାକରା ଦିଆଯାଇଛି। ବନ୍ଦକୁ ସଫଳ ଏବଂ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗାଁକୁ ଚାଲ ଅଭିଯାନ ହାତକୁ ନିଆଯାଇଛି। ଆନ୍ଦୋଳନର ସଂକ୍ରିୟ ସଦସ୍ୟମାନେ ଗାଁକୁ ଯାଇ ବୈଠକ କରି ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ସହ ଜନଜାଗରଣ ସୃଷ୍ଟି କରୁଛନ୍ତି। ସୋମବାର ସନ୍ଧ୍ୟାରେ ପ୍ରସ୍ତାବିତ ଏନଏସି ଅଧୀନ ହୀରାପୁର ପଞ୍ଚାୟତର ସେମେଲମୁଣ୍ଡାରେ ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସ୍ୱତଃସ୍ଫୂର୍ତ୍ତଭାବେ ଜନସାଧାରଣ ଓ ମହିଳା ଏସଏଚଜି ଉପସ୍ଥିତ ରହିପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ସେହିପରି ପନେସରାରେ ଆହୂତ ବୈଠକରେ ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ।

# ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ବେଳେ ଉତ୍ତେଜନା

- କୋର୍ଟ ଭିତରେ ରହିଲେ ବିଚାରପତି, ଓକିଲ
- ଏସ୍‌ପି. ପହଞ୍ଚି କଲେ ସ୍ଥିତି ନିୟନ୍ତ୍ରଣ, ୧୩ ଗିରଫ

**ସଇଁତଳା, ୧୯।୧୨ (ଡି.ଏନ.ଏ.)**



କୋର୍ଟ ସମ୍ମୁଖରେ ଆନ୍ଦୋଳନକାରୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ବଲାଙ୍ଗୀର ଜିଲା ସଇଁତଳା ଜେଏମ୍‌ଏଫସି କୋର୍ଟରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିବା ସମୟରେ ତୁମୁଳକାଣ୍ଡ ଘଟିଛି। ଜିଲା ଯୁବ କନ୍ଧ ସମାଜର କେତେଜଣ କର୍ମକର୍ତ୍ତା ସ୍ଥାନୀୟ କୋର୍ଟ ସମ୍ମୁଖରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାରାବାଜି କରିଥିଲେ। ଏଥିଯୋଗୁ ଉପସ୍ଥିତ ବିଚାରପତି, ଓକିଲ ଓ କୋର୍ଟ କର୍ମଚାରୀ ଦୀର୍ଘ ସମୟ ଧରି କୋର୍ଟ ଭିତରେ କବାଟ ବନ୍ଦ କରି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଏସ୍‌ପି ନୀତିନ କୁଶଲକର ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ସଇଁତଳା ଥାନାଧିକାରୀ ଅବନୀ କୁମାର ସାହୁ, ଟିଟିଲାଗଡ଼ ଥାନାଧିକାରୀ ରଞ୍ଜନ ବରିହାଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ପୋଲିସ ଧନେଶ୍ୱର ମାଝି, ଲାଲୁ ମାଝିଙ୍କ ସମେତ ୧୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି। ଏସପି କୁଶଲକରଙ୍କୁ ଏନେଇ ପଚାରିବାରୁ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମାମଲା ରହିଛି ବୋଲି କହିଛନ୍ତି। ଓକିଲ ସଂଘ ସଭାପତି ହିଜକ୍ଷ ତାଣ୍ଡି, ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ଦେବରାଜ ପଣ୍ଡା, ସୁବୋଧ ମିଶ୍ର, ଜପେଶ୍ୱର ଜାନୀ, ସତ୍ୟନାରାୟଣ ସାହୁ, ପ୍ରଶାନ୍ତ ପୁଟେଲ, ଫିରୋଜ ବର୍ଗତି ପ୍ରମୁଖ କୋର୍ଟ ପରିସରରେ ଏଭଳି ଘଟଣାର ତୀବ୍ର ନିନ୍ଦା କରିଛନ୍ତି।

ପୋଲିସ ସୂଚନା ଅନୁସାରେ ସଇଁତଳା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ଅଞ୍ଚଳରେ ଆଦିତ୍ୟ ବିର୍ଲା କମ୍ପାନୀ ତରଫରୁ ନିର୍ମାଣାଧୀନ ସୌର ପ୍ରକଳ୍ପକୁ ଦୀର୍ଘଦିନରୁ ଜିଲା ଯୁବ ଆଦିବାସୀ କର୍ମକର୍ତ୍ତାମାନେ ବିରୋଧ କରି ଆସୁଛନ୍ତି। ରବିବାର ଅପରାହ୍ନରେ ସଂଘ ତରଫରୁ ପ୍ରଦର୍ଶନ ଜାରି ରହିଥିବାବେଳେ ଖୁସୀରାମ ଜାନୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଉପସ୍ଥିତ ପୋଲିସ ଅଧିକାରୀଙ୍କ ପ୍ରତି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଗିରଫ ହୋଇଥିଲେ। ସୋମବାର ପୂର୍ବାହ୍ନରେ ଜାନୀଙ୍କୁ ସଇଁତଳା ସିଭିଲ କୋର୍ଟ ପରିସରରେ ଥିବା ଜେଏମ୍‌ଏଫସି ଅଦାଲତରେ ହାଜର କରାଯାଇଥିଲା। ଏହି ସମୟରେ ସଂଘର ଧନେଶ୍ୱର ମାଝି, ଲାଲୁ ମାଝିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଅସ୍ତ୍ରଶସ୍ତ୍ର ଧରି କୋର୍ଟ ପରିସରକୁ ପଶି ଯାଇଥିଲେ। ଓକିଲ, ମହକିଲ, ଖବରଦାତା ତଥା କୋର୍ଟ କର୍ମଚାରୀମାନଙ୍କୁ ସେମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ସେହି ସମୟରେ କୋର୍ଟରୁମ୍‌ରେ ବିଚାରପତି ସାକ୍ଷ୍ୟ ଗ୍ରହଣ କରୁଥିଲେ। ପାଟିତୁଣ୍ଡ ଶୁଣି ଉପସ୍ଥିତ ଓକିଲମାନଙ୍କ ସହିତ କଥା ହୋଇ ଜେଏମଏଫସି ଜିଲାଜଜ ଏବଂ ଏସ୍‌ପିଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ଜଣାଇଥିଲେ।

## ଭାଇଚାରା ବଜାୟ ରଖିବାକୁ ଗୁରୁତ୍ୱ

**ସାବାସ ସଂଗଠନର ପ୍ରତିଷ୍ଠା ଦିବସ**

**ଲାଠୋର, ୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଗଠନ ସଭାପତି କପିଳ ସୁନା ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ସଂଗଠନ ସଦସ୍ୟମାନଙ୍କ ଗହଣରେ ପ୍ରତିଷ୍ଠା ସମିତିର ବରିଷ୍ଠ ସଦସ୍ୟ ଭୁବନେଶ୍ୱର ବାରିକ ସମାଜରେ ଭାଇଚାରା ବଜାୟ ରଖିବା ସହ ସବୁବର୍ଗର ଲୋକେ କିଭଳି ସାମାଜିକ ନ୍ୟାୟ ପାଇ ପାରିବେ ପାଇବେ ସେଥିପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ରବି ସୋନି ସଂଗଠନ ସଦସ୍ୟମାନଙ୍କର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ ଓ କାର୍ଯ୍ୟପନ୍ଥା ନିର୍ଣ୍ଣୟ ୮ ଜାନୁୟାରୀ ୨୦୨୩ମସିହାରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ସିକନ୍ଦର ସୁନା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ଯୁବରାଜ ଗୁର୍ଲା।

## ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

**ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ଇଞ୍ଚେ ମାଟି ଛାଡିବୁ ନାହିଁ**

**ବିନିକା, ୧୯।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରବାସୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରି ସୋମବାର ବିନିକା ସହର ଭିତରେ ୨୨୦କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟାୱାର ନିର୍ମାଣକୁ ସହରବାସୀ ବିରୋଧ କରିଛନ୍ତି। ଟାୱାର ନିର୍ମାଣକୁ ବନ୍ଦ ନ କଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସହର ଭିତରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଟଣା ଯିବାକୁ ବିଭାଗ ଉଦ୍ୟମ ଚଳାଇଛି। ଏହାକୁ ବିରୋଧ କରି ସ୍ଥାନୀୟ ଅତିରିକ୍ତ ତହସିଲଦାର, ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଅଧାବଧି ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଅପରପକ୍ଷରେ ପୋଲିସ ଉପସ୍ଥିତିରେ ଯେଉଁ ବାଟ ଦେଇ ତାର ଯିବ ସେହି ସ୍ଥାନମାନଙ୍କରେ ଟାୱାର ନିର୍ମାଣ କାର୍ଯ୍ୟ କମ୍ପାନୀ ପକ୍ଷରୁ ଆରମ୍ଭ ହୋଇଥିଲା। ଏହା ଜାଣି ଶତାଧିକ ଲୋକେ ନିର୍ମାଣସ୍ଥଳକୁ ଯାଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ମେରି ରାୟ ନୀତିକୁ ବିରୋଧ କରିବା ସହିତ ନିର୍ମାଣ ବନ୍ଦ କରିଦେଇଥିଲେ। ପ୍ରକାଶଥାଉକି ବିନିକାର ଗୋଟିଏ ପଟେ ମହାନଦୀ ଥିବାବେଳେ ଅନ୍ୟପଟେ ଘଣ୍ଟାସିନିପାହାଡ ସହର ରହିଛି। ବିଦ୍ୟୁତ୍ ତାର ଯାଉଥିବା ସ୍ଥାନ ମାନଙ୍କରେ ଅନେକ ସରକାରୀ, ବେସରକାରୀ ଅନୁଷ୍ଠାନ ଗଢି ଉଠିଛି।

ଏହି ଶୀର୍ଷ କାତର ପ୍ରସଙ୍ଗ ନେଇ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ସ୍ପୋର୍ଟସ କ୍ଲବଠାରେ ମୁନତାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ସର୍ବଦଳୀୟ ବୈଠକ। ଏଥିରେ ଚାଷୀ, ସାମାଜିକ କର୍ମୀ, ବିଭିନ୍ନ ଦଳର ନେତା ଯୋଗଦେଇ ଅଞ୍ଚଳର ସ୍ୱାର୍ଥକୁ କଦାପି ଜଳାଞ୍ଜଳି ଦିଆଯିବ ନାହିଁ। ଏପରିକି ଗୋଟିଏ ଇଞ୍ଚ ମାଟିରେ ବେଆଇନ କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ମନୁପାଲି ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଶୁଭାରମ୍ଭ

**ବାଉଁଶୁଣୀ, ୧୮।୧୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ମନୁପାଲି ସେବା ସମବାୟ ସମିତି ପରିସରରେ ଧାନ କ୍ରୟ କେନ୍ଦ୍ର (ମଣ୍ଡି) ରବିବାର ଶୁଭାରମ୍ଭ ହୋଇଛି। ଏସସିଏସ ସମ୍ପାଦକ ଯତୀନ ଶଙ୍କର ଭୋଇଙ୍କ ଦ୍ୱରା ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନୁପାଲି ସେବା ସମବାୟ ସମିତି ସଭାପତି ଶେଷଦେବ ସାହୁ, ବୌଦ୍ଧ କେନ୍ଦ୍ର ବ୍ୟାଙ୍କ ସଦସ୍ୟ ଦିଲୀପ କୁମାର ମେହେର ଓ ଚାଷୀ ରାହସ ତଣ୍ଡିଆଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ପୂଜାର୍ଚ୍ଚନା ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଖାଲିଆପଲି ପୂର୍ବତନ ସରପଞ୍ଚ ଶେଷଦେବ ମୁଦୁଲି, ଚାଷୀ ଯଇରା ଘିବିଲା, ଡିଇଓ ଦିଲୀପ ଭୋକ୍ତା, ନରେନ୍ଦ୍ର ପ୍ରଧାନ,କର୍ମଚାରୀ ବିରମିତ୍ର ଖମାରି, ପ୍ରଫୁଲ୍ଲ ଦେହୁରୀ ଓ ଚାଷୀବୃନ୍ଦ ଉପସ୍ଥିତ ଥିଲେ।

### ଶିକ୍ଷକ ନିଯୁକ୍ତି ପାଇଁ ସ୍କୁଲରେ ତାଲା

**ତରଭା, ୧୯।୧୨(ଡି.ଏନ.ଏ.)**

ସୋନପୁର ସଦର ବ୍ଲକ ଖରଜୁରା ପଞ୍ଚାୟତ ଅନ୍ତର୍ଗତ ବହିରଖମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଭାବ ଜନିତ ସମସ୍ୟା ଦେଇ ଗତି କରୁଛି। ଏଥିଯୋଗୁ ପିଲାଙ୍କ ପାଠପଢା ବ୍ୟାହତ ହୋଇଛି। ଶିକ୍ଷକ ନିଯୁକ୍ତି ଦାବି କରି ସୋମବାର ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ସାମ୍ନାରେ ଟେଷ୍ଟ ମାରି ଧାରଣା ଦେଇଥିଲେ। ଖବର ପାଇ ଏବିଇଓ ଫକୀର ଭୋଇ ଘଟଣାସ୍ଥଳକୁ ଆସି ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଆଉ ଜଣେ ଶିକ୍ଷକ ସ୍କୁଲରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ଜଣ ଶିକ୍ଷକ ରହିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ସମୂହ ଚୟନ ଶିବିର



ଚୟନ ଶିବିରରେ ପ୍ରତିଯୋଗୀମାନେ।

**ପ୍ରଥମ ଦିବସରେ ୧୪୦ ପ୍ରତିଯୋଗୀ**

**ମୁରିବାହାଲ, ୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ କ୍ରୀଡା ସମୂହ ଚୟନ ଶିବିର ସୋମବାର ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ବ୍ଲକର ୨୨ବିଦ୍ୟାଳୟର ୧୪୦ ପ୍ରୀତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମର ସଭାପତି ପ୍ରବୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କ୍ରୀଡା ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଏବିଇଓ କୋଦଣ୍ଡଧର ଭୋଇ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ତିନିଦିନ ଧରି ଚାଲିବାକୁ ଥିବା କ୍ରୀଡ଼ାରେ ପ୍ରଥମ ଦିନରେ ୧୦୦, ୨୦୦, ୪୦୦, ୧୦୦୦ ଓ ୧୫୦୦ ମିଟର ଦୌଡ, ଡିସକସ, ଶଟପୁଟ ଶ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରଭୃତି ବିଭାଗରେ ୧୪ ଓ ୧୭ ବର୍ଷର ବାଳିକାବାଳକ ଭାଗ ନେଇଥିଲେ। ସମ୍ପାଦକ ଦେବରାଜ ଦାଶଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ସନ୍ତୋଷ ମେହେର, ବିନୋଦ ମହାପାତ୍ର, ନବୀନ ସରାଫ, କୁବେରଲାଲ ବେହେରା, ପ୍ରସାଦି କମ୍ପ, ରମେଶ ଚନ୍ଦ୍ର ବିଶି, ମୋହନ ପ୍ରଧାନୀ, କୃଷ୍ଣଚନ୍ଦ୍ର ନାୟକ ବିଚାରକଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ଶୁଖା ଆଞ୍ଚଳିକ ଧନୁଯାତ୍ରାର କଂସ ବରଣ



କଂସ ବରଣ ସହ ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଉପସ୍ଥିତ କମିଟି ଏବଂ ଗ୍ରାମବାସୀ।

**ସ୍ଥାପିତ ହେଲା ଶୁଭସ୍ତମ୍ଭ**

**ଡୁଙ୍ଗୁରିପାଲି, ୧୯।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ଗ୍ରାମରେ ଡିସେମ୍ବର ୨୩ରୁ ୨୯ତାରିଖ ପର୍ଯ୍ୟନ୍ତ ଅଷ୍ଟମ ବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ କଂସ ଓ ଅନ୍ୟାନ୍ୟ କଳାକାର ବରଣ ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆରେ ପହଞ୍ଚି ଥିଲେ। ପରେ କଂସ ଭୂମିକାରେ ଅଭିନୟ କରିବାକୁ ବରଗଡ ଜିଲା ଦହିତା ଗ୍ରାମର ଭାଗବତିଆ ମେହେରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ରଞ୍ଜନ ଠେଲା ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବ କିପରି ଶାନ୍ତିଶୃଙ୍ଖଳାର ସହ ହୋଇ ପାରିବ ସେନେଇ ଆଲୋଚନା କରିଥିଲେ। ହାଇସ୍କୁଲ ଖେଳ ପଡିଆ ମଥୁରା ନଗରୀ ଭାବେ ରଖାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସେହିପରି ଶୁଖା ଗ୍ରାମର ବିକ୍ରମ ପଡ଼ାକୁ ଗୋପପୁର ଭାବେ ରଖାଯାଇଛି। ଶିଶୁ କଳାକାର ଅମନ କୁମାର ମିଶ୍ର, ଆଶିଷ କୁମାର ପାଢ଼ୀ ବଳରାମ, ଅର୍ପିତା ପାଣିଗ୍ରାହୀ ରାଧା ଓ କୃପାସିନ୍ଧୁ ସାହୁଙ୍କୁ ଅକ୍ରୁର ଭୂମିକାରେ ଅଭିନୟ କରିବା ପାଇଁ କମିଟି ପକ୍ଷରୁ ବରଣ କରାଯାଇଛି। ଗୋପପୁର କର୍ତ୍ତାଭାବେ ରାମ ମେହେର ଓ ମହାଦେବ ପଧାନ ଦାୟିତ୍ୱ ତୁଲାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯାତ୍ରା କମିଟି ସମ୍ପାଦକ ରୋଶନ ବିଶ୍ୱାଳ, କୋଷାଧକ୍ଷ ହୃଦାନନ୍ଦ ମେହେରଙ୍କ ସହ କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଖପ୍ରାଖୋଲ, ୧୯।୧୨(ଡି.ଏନ.ଏ.)**



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହାରାପଦରଠାରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସୁମତି ପ୍ରଧାନ, ସମ୍ମାନିତ ଅତିଥି ସମିତି ସଭ୍ୟା ଗୋଲାପି ଧରୁଆ, ପିଇଓ କ୍ଷୀରଧର ବରିହା, ଜିଆର୍‌ଏସ ପ୍ରଦୀପ ଶତପଥୀ ପ୍ରମୁଖ ଯୋଗଦେଇ ହକି ବଶ୍ୱକପ ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳ କ୍ରୀଡା କ୍ଷେତ୍ରରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ପ୍ରୋତ୍ସାହନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଖେଳଶିକ୍ଷକ କ୍ଷୀରସିନ୍ଧୁ ବେହେରା, ଦୀପକ ରାଜହଂସ, ସୁରଜ ରାଜ ହଂସ, କରୁଣାକର ଧାରୁଆ, ହେମାରାଜ ଧରୁଆ, ତପେଶ୍ୱର୍ ସୁନା, ରାମେଶ୍ୱର ଧରୁଆ ପ୍ରମୁଖ ସହଯୋଗ କରିଥିଲେ। କୃତି ଦଳକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାଯାଇଛି।

## ଅଙ୍ଗନୱାଡି କର୍ମୀଙ୍କୁ ଡାକି ଆଲୋଚନା କଲେ ସିଡିପିଓ

**ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ କହିଲେ**

**ଲୋଇସିଂହା, ୧୯।୧୨(ଡି.ଏନ.ଏ)**

ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶରେ ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ସିଡିପିଓ ପ୍ରଜ୍ଞାରାଣୀ ବାରିକ ଆନ୍ଦୋଳନରତ କର୍ମୀଙ୍କୁ ଡାକି ସୋମବାର ଆଲୋଚନା କରିଥିଲେ। ଅଲ ଓଡିଶା ଅଙ୍ଗନୱାଡି ଲେଡି ୱାର୍କ ଆସୋସିଏଶନ ଆହ୍ୱାନକ୍ରମରେ ଅଙ୍ଗନୱାଡି କର୍ମୀ ଚଳାଇଥିବା ଆନ୍ଦୋଳନ ଯୋଗୁ କେନ୍ଦ୍ର ବନ୍ଦ ପଡିଛି। ଶିଶୁମାନେ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି। ଗର୍ଭବତୀ, ପ୍ରସୂତି, କିଶୋରୀମାନେ ବିଭାଗୀୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କର୍ମୀଙ୍କ ଦାବି ପ୍ରତି ସରକାର ସଚେତନ ଅଛନ୍ତି। ଏସବୁ ଦାବି ପୂରଣ ପାଇଁ ୬ମାସ ଅପେକ୍ଷା କରିବାକୁ ପଡିବ। ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବାକୁ କର୍ମୀଙ୍କୁ ଅନୁରୋଧ କରିଥିଲେ ସିଡିପିଓ। ନଚେତ ସରକାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ଶୁଣାଇଥିଲେ ସିଡିପିଓ। ସରକାରଙ୍କ ନାଲି ଆଖିକୁ ଡରିବୁ ନାହିଁ। ଯାହା ପଦକ୍ଷେପ ନଅ ପଛେ ଦାବିରୁ ଓହରିବୁ ନାହିଁ। ଦାବି ପୂରଣ ନହେବା ଯାଏ କାର୍ଯ୍ୟରେ ଯୋଗଦେବୁ ନାହିଁ ବୋଲି ସଂଘ ସଭାନେତ୍ରୀ କୁମ୍ଭାର କହିଛନ୍ତି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୧୯।୧୨**




ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

ଡିସେମ୍ବର ୧୭ ଓ ୧୮ ତାରିଖ ସ୍ଥାନୀୟ ଯାଦବ ଭବନଠାରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ବେଞ୍ଚ ପ୍ରେସ ଓ ଦ୍ୱିତୀୟ ଦିନ ସୁନ୍ଦର ସ୍ୱାସ୍ଥ୍ୟ ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ଜିମ୍‌ରୁ ପ୍ରାୟ ଦୁଇଶହ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବେଞ୍ଚପ୍ରେସ ପ୍ରତିଯୋଗିତାରେ ପାଞ୍ଚଟି ଗ୍ରୁପ ମଧ୍ୟରୁ ୫୩ କେଜି ବର୍ଗରେ ସାହିଲ ସ୍ୱାଇଁ ପ୍ରଥମ, ୫୯ କେଜି ବର୍ଗରେ ବିଶ୍ୱଜିତ ସୁନା ପ୍ରଥମ, ଛୋଟୁ ପୋଢ ଦ୍ୱିତୀୟ, ଅକ୍ଷୟ ସାହୁ ତୃତୀୟ, ୬୬ କେଜି ବର୍ଗରେ ମନୋରଞ୍ଜନ ସାହୁ ପ୍ରଥମ, ଦୀପକ ପରିଡା ଦ୍ୱିତୀୟ ଓ ଅମିତ ଜଗତ ତୃତୀୟ, ୭୪ କେଜି ବର୍ଗରେ ଯୁବରାଜ ବରୁଆ ପ୍ରଥମ, କରନ ସାହୁ ଦ୍ୱିତୀୟ ଓ ଉପିନ ଜାଲ ତୃତୀୟ, ୮୩ କେଜି ବର୍ଗରେ ଆନନ୍ଦ ଛତର ପ୍ରଥମ, ସିଦ୍ଧାନ୍ତ ପଢିଆରି ଦ୍ୱିତୀୟ ଓ ନିକେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୯୩ କେଜି ବର୍ଗରେ ସାର୍ଥକ ଶ୍ରୀବାସ୍ତବ ପ୍ରଥମ, ଉଦୟ ମହାରଥା ଦ୍ୱିତୀୟ ଓ ପ୍ରଶାନ୍ତ ମିଶ୍ର ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଷ୍ଟ୍ରଙ୍ଗମ୍ୟାନର ଆଖ୍ୟା ମନୋରଞ୍ଜନ ସାହୁଙ୍କୁ ମିଳିଥିଲା।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ପ୍ରଦୀପ ପୁଞ୍ଜି ପ୍ରଥମ, ସାହିଲ ସ୍ୱାଇଁ ଦ୍ୱିତୀୟ ଓ ସୁରେନ୍ଦ୍ର ବେହେରା ତୃତୀୟ, ୬୦ କେଜି ବର୍ଗରେ ଶେଖ୍ ଅଖତର ପ୍ରଥମ, ବୁଲୁ ବାଗ ଦ୍ୱିତୀୟ ଓ ଦେବବ୍ରତ ପଧାନ ତୃତୀୟ, ୬୫ କେଜି ବର୍ଗରେ ବୀରେନ୍ଦ୍ର ପାତ୍ର, ଯୋଗେଶ୍ ପନିକା ଦ୍ୱିତୀୟ ଓ ବୀରେନ୍ଦ୍ର ବେହେରା ତୃତୀୟ, ୭୦ କେଜି ବର୍ଗରେ ଉପେନ୍ ଜାଲ ପ୍ରଥମ, ବଦ୍ରିନାଥ ମହାରଥା ଦ୍ୱିତୀୟ ଓ ମୁକେଶ ରୋହିଦାସ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଶେଖ୍ ଅଖତର ଚମ୍ପିୟନ ଅଫ୍ ଚମ୍ପିୟନ୍‌ସ ଉପାଧିରେ ସମ୍ମାନିତ ହୋଇଥିଲେ। ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ପ୍ରଥମ ଗ୍ରୁପରେ ଟିଟୁ ସ୍ୱାଇଁ, ଦ୍ୱିତୀୟ ଗ୍ରୁପରେ ବୁଲୁ ବାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଓ ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ରାଜେନ୍ଦ୍ର ବଡେଇ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ଅଧାପକ ପ୍ରହଲ୍ଲାଦ ଶତପଥୀ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଜିଲା ବଡି ବିଲଡିଂ ସମ୍ପାଦକ ସଞ୍ଜୟ ଶତପଥୀ ଓ ସଭ୍ୟ ରୂପକ କୁମାର ବରାଳ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ସଞ୍ଜୁ ବବନ ମିଶ୍ର, ଜିତେନ୍ଦ୍ର ନାଗ, ଅନିଲ ନାଏକ, ଗୋପାଳ ସୁନା, ରାମ ଭାଇ ଓ ଯାଦବ ସମାଜର ପ୍ରଶାନ୍ତ ମହାକୁର ସହାୟତା କରିଥିଲେ।

## ସଂକ୍ଷେପରେ

### ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ରାଜଗାଙ୍ଗପୁର ଗସ୍ତ

ରାଜଗାଙ୍ଗପୁର,୧୯।୧୨(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ଗ୍ରାମୀଣ ଉନ୍ନୟନ ତଥା ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ସୋମବାର ସନ୍ଧ୍ୟାରେ ରାଜଗାଙ୍ଗପୁର ଗସ୍ତ କରିଥିଲେ। ରାଜଗାଙ୍ଗପୁର ଡାକବଙ୍ଗଳାରେ ଦଳୀୟ ନେତୃବୃନ୍ଦ ଓ କର୍ମୀବୃନ୍ଦଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ଏହି ଆଲୋଚନାରେ କୁତ୍ରା ବ୍ଲକ, ରାଜଗାଙ୍ଗପୁର ବ୍ଲକ, ଲାଠିକଟା ବ୍ଲକ ତଥା ରାଜଗାଙ୍ଗପୁର ପୌରାଞ୍ଚଳର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ସମସ୍ତ କର୍ମୀ ଓ ନେତାଙ୍କୁ ସଙ୍ଗଠନକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଲୋକଙ୍କ ସମସ୍ୟା ତଥା ଗ୍ରାମାଂଚଳ ସମସ୍ୟାଗୁଡ଼ିକ ତ୍ୱରିତ ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଏତଦ ବ୍ୟତୀତ ହକି ବିଶ୍ୱକପ୍ ଖେଳ ପାଇଁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ ସୁନ୍ଦରଗଡ଼ ଜିଲା ହୋଇଥିବାରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ତ୍ରୀଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନ ଓ ଅନ୍ୟମାନେ ରହିଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ଏସ୍‌ଟିକ୍ଲବ ତାଲଡିହି ଚାମ୍ପିୟନ

ଟେନ୍‌ସା,୧୯।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ କଲମଙ୍ଗ ଫୁଟବଲ ପଡିଆଠାରେ ତ୍ରିଶକ୍ତି ଇଣ୍ଟର ଭିଲେଜ କମିଟି ଆନୁକୂଲ୍ୟରେ ପଞ୍ଚମ ବିସିୱାଇସିକେ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୨ ଉଦ୍‌ଯାପିତ ହୋଇଛି। ୩୨ଟି ଦଳ ଭାଗ ନେଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରୋୟଲ ଏଫ୍‌ସି ବନାମ ଏସ୍‌ଟି କ୍ଲବ ତାଲଡିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଏସ୍‌ଟି କ୍ଲବ ତାଲଡିହି ୩-୨ ବ୍ୟବଧାନରେ ମ୍ୟାଚ ଜିତି ଚଳିତ ବର୍ଷ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ କୁଶ ଆପଟ ତଥା ଅନ୍ୟ ଅତିଥି ମଧ୍ୟରେ କୋଇଡା 'ଖ' ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଜିଲା ଯୁବ ବିଜେଡି ସଭାପତି ଅବିନାଶ ସୁମନ ବାଗେ, ପୂର୍ବତନ ଉପାଧ୍ୟକ୍ଷ ଦିବାକର ନାଏକ, ଟାଟା ଷ୍ଟିଲ କଲମଙ୍ଗ ମହାପ୍ରବନ୍ଧକ ଦିପକ ବେହେରା, ପ୍ରବନ୍ଧକ ସୁନିଲ ସର୍ଦ୍ଦାର, ସାଗାସାହି ମିତ୍ତଲ ଷ୍ଟିଲ କାର୍ମିକ ଅଧିକାରୀ ଜିତେସ ରଥ, ବାଦଲ ବାରିକ ପ୍ରମୁଖ ଯୋଗଦେଇ ପ୍ରଥମେ ଖେଳ ପ୍ରାରମ୍ଭ କରିଥିବା ସ୍ୱର୍ଗତ ନଦିଆ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଖେଳାଳି ଓ ଗ୍ରାମବାସୀଙ୍କୁ ସମ୍ବୋଧନ କରିଥିଲେ । ପରେ ପୁରସ୍କାର ବିତରଣ ଉତ୍ସବରେ ବିଜେତା ଦଳକୁ ୭୧ହଜାର, ଉପବିଜେତା ଦଳକୁ ୫୧ହଜାର, ତୃତୀୟ ସ୍ଥାନ ଦଳକୁ ୩୧ହଜାର, ଚତୁର୍ଥ ସ୍ଥାନ ଅଧିକାର ଦଳକୁ ୨୫ ହଜାର ନଗଦ ସହ ଟ୍ରଫି ଓ ଖାସି ପ୍ରଦାନ କରିଥିଲେ। ତ୍ରିଶକ୍ତୀ ଇଣ୍ଟର ଭିଲେଜ କମିଟି ସଭାପତି ରୁଷି ନାଏକ, ସମ୍ପାଦକ ବାଟୁ ମୁଣ୍ଡା, ବରିଷ୍ଠ ସଦସ୍ୟ ଦଶରୁ ନାଏକ, ଧନେଶର କୁମୁଡିଆଲ, କୁନା ପାତ୍ର, ଆକାଶ ନାଏକ, ସୁଶାନ୍ତ ବେହେରା, ହେମନ୍ତ ପାତ୍ର, ବାବଲୁ ନାଏକ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁନ୍ଦରଗଡ ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଓହ୍ଲାଇ ଟୁର୍ଣ୍ଣାମେଣ୍ଟ ପରିସମାପ୍ତ କରିଥିଲେ ।

# ସେତୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟମାନେ ସେତୁ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିବାକୁ ଯାଉଛନ୍ତି।

କୁତ୍ରା, ୧୯।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ନିର୍ମାଣ ହେଉଥିବା ସେତୁଗୁଡ଼ିକୁ ପରିଦର୍ଶନ କରିବା ସହ ନିର୍ମାଣ ବିଳମ୍ବ ହେଉଥିବା ଯୋଗୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି ଗ୍ରାମ୍ୟ ଉନ୍ନୟନ ତଥା ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ। ଏହା ସହ ଏହାର ନିର୍ମାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ଘଡ଼େଇ, ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ମଙ୍ଗଳା କିଷାନଙ୍କ ସହ ପ୍ରଥମେ ଜଉରାମୁଣ୍ଡା ତରକେରା ରାସ୍ତାର କାଣ୍ଡି ନାଳ ଉପରେ ୨୫.୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ୫୪ ମିଟର ବିଶିଷ୍ଟ ବିଜୁ ସେତୁର କାର୍ଯ୍ୟକୁ ତଦାରଖ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ କହିଥିଲେ। ଏହା ସହ ଏଠାରେ

**ସେତୁ ନିର୍ମାଣ କାର୍ଯ୍ୟ ତଦାରଖ ପରେ ବିଳମ୍ବ ନେଇ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ତାଗିଦ**

ଆବଶ୍ୟକତାକୁ ଦେଖି ଗାର୍ଡୱାଲ ସହ ଏହି କାଣ୍ଡି ନାଳରେ ଏକ ଚେକ ଡ୍ୟାମର ଯୋଜନା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଦୀର୍ଘ ବର୍ଷରୁ ନିର୍ମାଣ ଆରମ୍ଭ ହୋଇ କାର୍ଯ୍ୟରେ ବିଳମ୍ବିତ ହେଉଥିବା ସମଲାଇମୁଣ୍ଡା ତରକେରା ରାସ୍ତାର ତମ୍ଭୁ ନାଳା ସେତୁ କାର୍ଯ୍ୟ ତଦାରଖ କରିବା ସହ ନିର୍ମାଣ କାର୍ଯ୍ୟରେ ହେଉଥିବା ବିଳମ୍ବ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯେପରି ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ ହେବ ସେଥିପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏହା ସହ ଜଉରାମୁଣ୍ଡାରୁ ତରକେରା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ରାସ୍ତା କାର୍ଯ୍ୟର ମଧ ତଦାରଖ କରିଥିଲେ। ଶେଷରେ କୁତ୍ରାରେ ନବ ନିର୍ମିତ ତଥା ଚଳିତ ଶିକ୍ଷାବର୍ଷରେ ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ସରକାରୀ ଆଇଟିଆଇକୁ ବୁଲି ଦେଖିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଯୋଗୁ ନିର୍ମାଣରେ ବିଳମ୍ବିତ ହେଉଥିବା ସେତୁ ୨ଟିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

## ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲେଫ୍ରିପଡ଼ା,୧୯।୧୨(ଡ଼ି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସାତଯୋରିଆ ଖେଳ ପଡ଼ିଆରେ ହକି ବିଶ୍ୱକପ ଉପଲକ୍ଷେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ଆୟୋଜିତ ପ୍ରତିଯୋଗିତାରେ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରା, ଗିରିଙ୍ଗକେଲା ପଞ୍ଚାୟତର ସରପଞ୍ଚ ନୀଳମଣି ମାଝୀ, ସମିତିସଭ୍ୟା କେତକୀ ନାଏକ, ଭାରପ୍ରାପ୍ତ ଜିପିଇଓ ଲିଟୁନ ମହାନନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତସ୍ତରରୁ ମନୋନୀତ ହୋଇଥିବା ଫୁଟବଲ ଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ କାର୍ଯ୍ୟକ୍ରମ ରହିଥିବାବେଳେ ସୋମବାର ଲେଫ୍ରିପଡା ବ୍ଲକର ୧୭ ପଞ୍ଚାୟତ ମଧ୍ୟରୁ ୧୬ପଞ୍ଚାୟତର ମନୋନୀତ ହୋଇଥିବା ଫୁଟବଲ ଦଳ ମଧ୍ୟରେ ଖେଳ ହୋଇଥିଲା। ଦୁଇଗୋଟି କ୍ୱାର୍ଟର ଫାଇନାଲ ଖେଳ ହୋଇଥିଲା। ମଙ୍ଗଳବାର ଏହାର ଉଦ୍‌ଯାପିତ କରାଯାଇ ବିଜେତା ଏବଂ ଉପବିଜେତା ଦଳଙ୍କୁ ପୁରସ୍କାର କରାଯିବା କାର୍ଯ୍ୟକ୍ରମ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ଜଣାପଡିଛି।




ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

# ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥି।

ସୁନ୍ଦରଗଡ଼,୧୯।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ତିନି ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ସୁନ୍ଦରଗଡ଼ ଉପଖଣ୍ଡର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ୧୬୦୦ରୁ ଅଧିକ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗତ ତିନି ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷବର୍ଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଖୋଖୋ, କବାଡ଼ି, ଭଲିବଲ ସହିତ ଜାଭଲିନ, ଡିସ୍‌କସ୍ ଥ୍ରୋ, ହାଇଜମ୍ପ, ଲଙ୍ଗଜମ୍ପ, ୧୦୦ ମିଟର, ୨୦୦ ମିଟର ଏବଂ ୪୦୦ ମିଟର ବର୍ଗରେ ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବାବଦରେ ଟ୍ରଫି, ମେଡାଲ ଓ ମାନପତ୍ର ସହିତ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ଏହି ଉଦ୍‌ଯାପନୀ ଉତ୍ସବରେ ଓଡିଶା ସରକାରଙ୍କ ରାଜ୍ୟ ଯୁବ କଲ୍ୟାଣ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କୁନାବିହାରୀ ଦାସ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘର ସଦସ୍ୟ ବିଶ୍ୱରଞ୍ଜନ ହୋତା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ସୁମନ୍ତ କୁମାର ସାହୁ ,ପ୍ରସନ୍ନ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ.କୁମୁଦିନୀ ରାଉତରାୟ, ପ୍ରାଧ୍ୟାପକ ଡ. କୁଳମଣି ବେହେରା, ବୀରେନ୍ଦ୍ର କୁମାର ପଟେଲ, ଡ. ବିନୋଦ ବିହାରୀ ମଲ୍ଲିକ, ଡ. ଆଶୁତୋଷ ଝା, ପ୍ରଭାକର ସେଠୀ, ଆର୍ଯ୍ୟବିଭାସ କୁମାର, ନୂତନ ଖମାରୀ, ପ୍ରଦୀପ ବହିଦାର, ଅହିର, ଆଞ୍ଜେଲିନା କିଣ୍ଡୋଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏନ୍‌ସିସି କ୍ୟାଡେଟ, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନେ ଜିଲା ପ୍ରଶାସନର ଏହି ପ୍ରକାର ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହି ଭଳି ପ୍ରତିଯୋଗିତା ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାରେ ନିଶ୍ଚୟ ସହାୟକ ହୋଇଛି ବୋଲି ମତ ଦେଇଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଦୁଇଟି ସ୍ୱତନ୍ତ୍ର ହକି କୋଟ ଯୋଗାଇ ଦିଆଯିବ ବୋଲି ଓଡିଶା ସରକାରଙ୍କ ରାଜ୍ୟ ଯୁବ କଲ୍ୟାଣ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଦାସ ଏହି ସମାରୋହରେ ଘୋଷଣା କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ, ଅଧ୍ୟାପିକା ନାଜନିନ ଆଜାଦ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ହକି ବିଶ୍ୱକପ ପାଇଁ ସୁନ୍ଦରଗଡ଼ ଜିଲାରେ ଜନସାଧାରଣଙ୍କୁ ଯୋଡ଼ି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଯୁବପିଢ଼ିଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ପାଇଁ ଗତ ୧୪ ରୁ ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା କରାଯାଉଛି। ସୁନ୍ଦରଗଡ଼ ସମେତ ବଣାଇ ଓ ପାନପୋଷ ଉପଖଣ୍ଡରେ ମଧ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବାମଣ୍ଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଦେବଗଡ଼, ୧୯।୧୨(ଡି.ଏନ.ଏ.)

ସ୍ଥାନୀୟ ଟାଉନ କ୍ଲବ ଠାରେ ବାମଣ୍ଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଲୋକନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁରଲୀଧର ନାୟକ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ, ବରିଷ୍ଠ ନାଟ୍ୟକାର ଯୋଗେଶ ଚନ୍ଦ୍ର ଦଳବେହେରା, ମାର୍କଣ୍ଡେଶ୍ୱର ଶତପଥି, ହେମନ୍ତ ମହାପାତ୍ର, ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ମଞ୍ଚାସୀନ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କବିତାପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ରଚିତ ନାଟକ ପୁସ୍ତକ 'ଚଲାପଥ' ଓ 'ଆଲୋକ' ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାସହିତ ସଂସଦର କୋଷାଧ୍ୟକ୍ଷ ଡ.ରାମଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୁର୍ଗୁଡ଼ାରେ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ

ଲେଫ୍ରିପଡ଼ା,୧୯।୧୨(ଡ଼ି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସୁର୍ଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟରେ ହକି ବିଶ୍ୱକପ୍ ଅବସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଲସରା ବିଧାୟକ ଭବାନୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବିଇଓ ମହେନ୍ଦ୍ର ସରୋନିଆ, ଏବିଇଓ କିଶୋର ଅର୍କ, ଲେଫ୍ରିପଡା ମେଡିକାଲ ଅଫିସର ଡା. ଚନ୍ଦନ ଚୌଧୁରୀ, ସ୍ଥାନୀୟ ଛଟେନପାଲି ସରପଞ୍ଚ ଚପଳା କାଲୋ, ଯୁବନେତା ବିମଳ କୁମାର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦିତ କୁମାର ପଟେଲ ଅତିଥିଙ୍କୁ ସ୍ୱାଗତ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର କ୍ରୀଡ଼ାବିତମାନଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଲେଫ୍ରିପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ କ୍ରୀଡ଼ାବିତ ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ରୀଡ଼ାକୁ ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ।




ସୁର୍ଗୁଡାରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥି।

## ଆନ୍ତଃବିଦ୍ୟାଳୟ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କୁତ୍ରା,୧୯।୧୨(ଡି.ଏନ.ଏ.)

ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ହେବାକୁ ଥିବା ହକି ବିଶ୍ୱକପ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ବିଦ୍ୟାଳୟସ୍ତରରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇ ସୋମବାର ଆନ୍ତଃବିଦ୍ୟାଳୟ ବ୍ଲକସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କୁତ୍ରା ବିଇଓ ଗୁରୁଚରଣ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଲମ୍ପିଆଡ ଲାଜରୁସ ବାର୍ଲା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଲମ୍ପିଆଡ ତଥା ଭାରତୀୟ ହକି କୋଚ ସୁନିଲ ତିଗା, ପୂର୍ବତନ ଅଲମ୍ପିଆଡ ଲିଲି ମାଧୁରୀ ବାର୍ଲା, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ଶଙ୍କରପ୍ରସାଦ ଟପ୍ପୋ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସରୋନିଆ, ଏବିଓ ଲକ୍ଷ୍ମଣ ଜାମୁଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ଶିକ୍ଷକ ବିଭୀଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିନରେ ହକି, ଭଲିବଲ, ଦଉଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ, ଡିସକସ, ଜାଭଲିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଉପସ୍ଥିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଖେଳ ପରିଚାଳନାରେ କ୍ରୀଡା ଶିକ୍ଷକ ଲବଣିଧର ଗର୍ଡିଆ, ମହେନ୍ଦ୍ର କଲସେର, ପୁଲକ ପ୍ରଧାନ, ଜୁଦିତ ଆଇନ୍ଦ, ବ୍ରହ୍ମାନନ୍ଦ ମହନ୍ତ, ଅନୁପମା ଟପ୍ପୋ, ଉମାଶଙ୍କର ମଲ୍ଲିକ, ସରସ୍ୱତୀ ମିଞ୍ଜ, ଶକୁନ୍ତଳା ପ୍ରଧାନ, ଜନ୍ମେଜୟ ବେହେରା, ଭିକାରୀ ଦାସ, କିରନଶିଳା ବାର୍ଲା ପ୍ରମୁଖ ପରିଚାଳନା କରିଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆଲୋଚନା ଚକ୍ର

ଦେବଗଡ଼,୧୯।୧୨(ଡି.ଏନ.ଏ)

ଦେବଗଡ଼ ବାବୁସାହିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପ୍ରେରଣା କେନ୍ଦ୍ର (ଆଶ୍ରମ)ରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ 'ସହଜ ରାଜଯୋଗ ଦ୍ୱାରା ଈଶ୍ୱରୀୟ ଅନୁଭୂତି 'ଶୀର୍ଷକ ଏକ ଈଶ୍ୱରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଆଶ୍ରମର ସଂଚାଳିକା ବ୍ରହ୍ମା କୁମାରୀ ସୁଶୀଳାଙ୍କ ଅଧ୍ୟକ୍ଷତା ଏବଂ ସମ୍ବଲପୁର ଆଶ୍ରମର ବ୍ରହ୍ମା କୁମାରୀ ଜ୍ୟୋତିଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ରଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସତ୍ୟରଂଜନ ରାଉତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁଧିର କୁମାର କପରଦାର, ଇଂ. ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବ୍ରହ୍ମାକୁମାରୀ ଅମ୍ବିକା ଦାଶ, ବ୍ରହ୍ମାକୁମାର ଦୟାନିଧି ସାହୁ, ମୋହନ ଗୋଏଲ, ପିଣ୍ଟୁ ମେହେର ଓ ସଞ୍ଜୀବ କୁମାର ଅଗ୍ରୱାଲାଙ୍କ ସମେତ ଅନୁଷ୍ଠାନର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ ।

## ବୁଡ଼ାକଟାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୁତ୍ରା, ୧୯।୧୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟା ଲକ୍ଷ୍ମୀ କ୍ଲବ ପକ୍ଷରୁ ସୋମବାର ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ପୂର୍ବତନ ବିଧାୟକ ଗ୍ରେଗୋରୀ ମିଞ୍ଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦେବେନ୍ଦ୍ର ନାଏକ, ଫକିର ବରିହା, ମୀନକେତନ ବାଦୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଡାଲମିଆ କଲେଜ ଓ ମୁଚଲୁ ପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲଟି ସୁଟ ଆଉଟର ସାହାଯ୍ୟ ନିଆଯାଇଥିଲା। ଏଥିରେ ଡାଲମିଆ କଲେଜ ବିଜୟ ହୋଇଥିଲା। ଆୟୋଜକ କମିଟିର ସଭାପତି ଗୁଲବଦନ ଲାକ୍ରା, ସେକ୍ରେଟାରୀ ରାହୁଲ ଟପ୍ପୋ, ପାତ୍ର ମାଝୀ, ଟଙ୍କଧର ବରିହା, ଶିବ ଲାକ୍ରା, ପବିତ୍ର ମାଝି, ସିମନ୍ତ ଟପ୍ପୋ, ସରୋଜ ଟପ୍ପୋ, ରାଜକୁମାର ଲାକ୍ରା,ସାଗର ଲାକ୍ରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୯୮୯ ବ୍ୟାଚର ବନ୍ଧୁ ମିଳନ

ଦେବଗଡ଼, ୧୯।୧୨ (ଡି.ଏନ.ଏ.)

ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବସନ୍ତ ନିବାସ ଡାକବଙ୍ଗଳାରେ ୧୯୮୯ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଶତାଧିକ ବନ୍ଧୁ ବିଭିନ୍ନ ଅଞ୍ଚଳରୁ ଏକାଠି ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ବର୍ତ୍ତମାନ ସମୟରେ ପରଲୋକ ହୋଇଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ ବନ୍ଧୁ ଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ତା'ପରେ ସମସ୍ତ ବନ୍ଧୁ ଦେବଗଡ଼ରେ ଥିବା ଗୁରୁଙ୍କୁ ଭେଟ କରି ଆଶୀର୍ବାଦ ନେଇଥିଲେ। ପରେ ଏକ ବାଇକ୍ ରାଲି କରି ସହର୍ ପରିକ୍ରମା କରିଥିଲେ। ସୂଚନା ଥାଉ ୧୯୮୯ ବ୍ୟାଚର ବନ୍ଧୁମାନେ କରୋନା ସମୟରେ ବିଭିନ୍ନ ସେବା କରିଥିଲେ ଏବଂ ପ୍ରତ୍ୟେକ ସମୟରେ ସାମାଜିକ କାମରେ ଏକାଠି ହେଉଥିବା ଦେଖିବାକୁ ମିଳିଛି।



୧୯୮୯ ମାଟ୍ରିକ ବ୍ୟାଚର ବନ୍ଧୁମାନେ।

# କୁଣ୍ଢେଇଗୋଳାକୁ ହରାଇ 'କଲା ଦଳ' ଚାମ୍ପିୟନ

ଦେବଗଡ଼,୧୯।୧୨(ଡି.ଏନ.ଏ)

ବାରକୋଟ ବ୍ଲକ ଗୋଲାବନ୍ଧ ଗ୍ରାମର ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ 'ରାଧାକୃଷ୍ଣ କପ୍' ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲାର ମୋଟ ୮ଟି ଦଳକୁ ନେଇ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚରେ କୁଣ୍ଢେଇଗୋଳା ଭଲିବଲ ଦଳକୁ ୨୫-୧୮ ଓ ୨୫-୧୯ ପଏଣ୍ଟରେ ପରାସ୍ତ କରି କଲା ଭଲିବଲ ଦଳ ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ରାତିରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼




ଭଲିବଲ ପ୍ରତିଯୋଗିତାରେ ଚାମ୍ପିୟନ ଦଳର ଖେଳାଳି।

**ରାଧାକୃଷ୍ଣ କପ୍ ଭଲିବଲ୍ ପ୍ରତିଯୋଗିତା**

ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ସାହୁ ଯୋଗଦେଇ ଚାମ୍ପିୟନ କଲା ଦଳ ଏବଂ ରନର୍ସ ଅପ୍ କୁଣ୍ଢେଇଗୋଳା ଭଲିବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଭାବେ ବାବୁଲୀ ବିଶ୍ୱାଳ, ଋଷି ପ୍ରଧାନ ଓ ବଳରାମ ଦ୍ୱିବେଦୀ ମ୍ୟାଚ ପରିଚାଳନା କରିଥିଲେ। ଭାଷ୍ୟକାର ଅଜୟ ରାଉତ ମ୍ୟାଚଗୁଡ଼ିକର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ରାଧାକୃଷ୍ଣ କ୍ଲବର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ସଦାନନ୍ଦଙ୍କ ଆରୋଗ୍ୟ ପାଇଁ ସମୂହ ଦୀପଦାନ**

**ଲୋଇସିଂହା,(ଡି.ଏନ.ଏ):** ଆଗଲପୁର ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ବେଳେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେରଙ୍କ ବେକରେ ଜାଭେଲିନ ଷ୍ଟିକ ପଶି ଯାଇଥିଲା । ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ସଫଳ ଅସ୍ତ୍ରୋପଚାର କରାଯାଇ ଜାଭେଲିନ ଷ୍ଟିକକୁ କଢାଯାଇଥିଲା । ସଦାନନ୍ଦ ଏବେ ଆସିୟୁରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ଦ୍ରୁତ ଆରୋଗ୍ୟ ପାଇଁ ବିଜେଡି ଓ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରେ ସାମୂହିକ ଦୀପଦାନ କରାଯାଇଥିବା ବିଜେଡ ଯୁବନେତା ନିହାର ରଞ୍ଜନ ବେହେରା କହିଛନ୍ତି ।

# ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ବେଳେ ଉତ୍ତେଜନା

- କୋର୍ଟ ଭିତରେ ରହିଲେ ବିଚାରପତି, ଓକିଲ
- ଏସ୍‌ପି. ପହଞ୍ଚି କଲେ ସ୍ଥିତି ନିୟନ୍ତ୍ରଣ, ୧୩ ଗିରଫ

**ସଇଁତଳା, ୧୯।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ଜେଏମ୍‌ଏଫସି କୋର୍ଟରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିବା ସମୟରେ ତୁମୁଳକାଣ୍ଡ ଘଟିଛି । ଜିଲା ଯୁବ କନ୍ଧ ସମାଜର କେତେଜଣ କର୍ମକର୍ତ୍ତା ସ୍ଥାନୀୟ କୋର୍ଟ ସମ୍ମୁଖରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାରାବାଜି କରିଥିଲେ । ଏଥିଯୋଗୁ ଉପସ୍ଥିତ ବିଚାରପତି, ଓକିଲ ଓ କୋର୍ଟ କର୍ମଚାରୀ ଦୀର୍ଘ ସମୟ ଧରି କୋର୍ଟ ଭିତରେ କବାଟ ବନ୍ଦ କରି ରହିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଏସ୍‌ପି ନୀତିନ କୁଶଲକର ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ସଇଁତଳା ଥାନାଧିକାରୀ ଅବନୀ କୁମାର ସାହୁ, ଟିଟିଲାଗଡ଼ ଥାନାଧିକାରୀ ରଞ୍ଜନ ବରିହାଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ । ବିଶୃଙ୍ଖଳିତ ଆଚରଣ ପାଇଁ ପୋଲିସ ଧନେଶ୍ୱର ମାଝି, ଲାଲୁ ମାଝିଙ୍କ ସମେତ ୧୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି । ଏସପି କୁଶଲକରଙ୍କୁ ଏନେଇ ପଚାରିବାରୁ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମାମଲା ରହିଛି ବୋଲି କହିଛନ୍ତି । ଓକିଲ ସଂଘ ସଭାପତି ହିଜକ୍ଷ ତାଣ୍ଡି, ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ, ଦେବରାଜ ପଣ୍ଡା, ସୁବୋଧ ମିଶ୍ର, ଜପେଶ୍ୱର ଜାନୀ, ସତ୍ୟନାରାୟଣ ସାହୁ, ପ୍ରଶାନ୍ତ ପୁଟେଲ, ଫିରୋଜ ବଗର୍ତ୍ତି ପ୍ରମୁଖ କୋର୍ଟ ପରିସରରେ ଏଭଳି ଘଟଣାର ତୀବ୍ର ନିନ୍ଦା କରିଛନ୍ତି ।

ପୋଲିସ ସୂଚନା ଅନୁସାରେ ସଇଁତଳା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ଅଞ୍ଚଳରେ ଆଦିତ୍ୟ ବିର୍ଲା କମ୍ପାନୀ ତରଫରୁ ନିର୍ମାଣାଧୀନ ସୌର ପ୍ରକଳ୍ପକୁ ଦୀର୍ଘଦିନରୁ ଜିଲା ଯୁବ ଆଦିବାସୀ କର୍ମକର୍ତ୍ତାମାନେ ବିରୋଧ କରି ଆସୁଛନ୍ତି । ରବିବାର ଅପରାହ୍ଣରେ ସଂଘ ତରଫରୁ ପ୍ରଦର୍ଶନ ଜାରି ରହିଥିବାବେଳେ ଖୁସୀରାମ ଜାନୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଉପସ୍ଥିତ ପୋଲିସ ଅଧିକାରୀଙ୍କ ପ୍ରତି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଗିରଫ ହୋଇଥିଲେ । ସୋମବାର ପୂର୍ବାହ୍ନରେ ଜାନୀଙ୍କୁ ସଇଁତଳା ସିଭିଲ କୋର୍ଟ ପରିସରରେ ଥିବା ଜେଏମ୍‌ଏଫସି ଅଦାଲତରେ ହାଜର କରାଯାଇଥିଲା । ଏହି ସମୟରେ ସଂଘର ଧନେଶ୍ୱର ମାଝି, ଲାଲୁ ମାଝିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଅସ୍ତ୍ରଶସ୍ତ୍ର ଧରି କୋର୍ଟ ପରିସରକୁ ପଶି ଯାଇଥିଲେ । ଓକିଲ, ମହକିଲ, ଖବରଦାତା ତଥା କୋର୍ଟ କର୍ମଚାରୀମାନଙ୍କୁ ସେମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ସେହି ସମୟରେ କୋର୍ଟରୁମ୍‌ରେ ବିଚାରପତି ସାକ୍ଷ୍ୟ ଗ୍ରହଣ କରୁଥିଲେ । ପାଟିତୁଣ୍ଡ ଶୁଣି ଉପସ୍ଥିତ ଓକିଲମାନଙ୍କ ସହିତ କଥା ହୋଇ ଜେଏମଏଫସି ଜିଲାଜଜ ଏବଂ ଏସ୍‌ପିଙ୍କୁ ଫୋନ ଯୋଗେ ଘଟଣା ବିଷୟରେ ଜଣାଇଥିଲେ ।


କୋର୍ଟ ସମ୍ମୁଖରେ ଆନ୍ଦୋଳନକାରୀଙ୍କ ବିକ୍ଷୋଭ ପ୍ରଦର୍ଶନ ।

## ଭାଇଚାରା ବଜାୟ ରଖିବାକୁ ଗୁରୁତ୍ୱ

**ସାବାସ ସଂଗଠନର ପ୍ରତିଷ୍ଠା ଦିବସ**

**ଲାଠୋର, ୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସଂଗଠନ ସଭାପତି କପିଳ ସୁନା ସ୍ୱାଗତ ଭାଷଣ ଦେଇଥିଲେ । ଉପସ୍ଥିତ ସଂଗଠନ ସଦସ୍ୟମାନଙ୍କ ଗହଣରେ ପ୍ରତିଷ୍ଠା ସମିତିର ବରିଷ୍ଠ ସଦସ୍ୟ ଭୁବନେଶ୍ୱର ବାରିକ ସମାଜରେ ଭାଇଚାରା ବଜାୟ ରଖିବା ସହ ସବୁବର୍ଗର ଲୋକେ କିଭଳି ସାମାଜିକ ନ୍ୟାୟ ପାଇ ପାରିବେ ପାଇବେ ସେଥିପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ସଦସ୍ୟ ରବି ସୋନି ସଂଗଠନ ସଦସ୍ୟମାନଙ୍କର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ । ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ଚୟନ ଓ କାର୍ଯ୍ୟପନ୍ଥା ନିର୍ଣ୍ଣୟ ୮ ଜାନୁୟାରୀ ୨୦୨୩ମସିହାରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ସିକନ୍ଦର ସୁନା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ଯୁବରାଜ ଗୁର୍ଲା ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

**ଖପ୍ରାଖୋଲ, ୧୯।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ କର୍ଲାମାଲ ଗାଁର କୌଶଲ୍ୟା ଚିରାଗୁନଙ୍କ ନାମରେ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆବଣ୍ଟିତ ହୋଇଛି । ଏହା ଅନଲାଇନରେ ଦେଖାଯାଉଛି । ହେଲେ ସାମାଜିକ ସମୀକ୍ଷା ସମୟରେ ସମୀକ୍ଷା ଦଳ ଅନଲାଇନ କପି ଅନୁସାରେ କୌଶଲ୍ୟାଙ୍କ ଘର ସମ୍ପର୍କରେ ପଚାରିଥଲେ । କୌଶଲ୍ୟା ୫ବର୍ଷହେଲା ଅନ୍ୟ ଗାଁକୁ ବାହାହୋଇ ଯାଇଥିବାବେଳେ ସେ କୌଣସି ଘର ପାଇ ନ ଥିବା ପଡୋଶୀମାନେ କହିଥିଲେ । ପରେ କୌଶଲ୍ୟା ନିଜ ଶାଶୁ ଘରୁ ସମାଜସେବୀ ଧ୍ରୁବ ସରାଫଙ୍କ ସହାୟତାରେ ପଞ୍ଚାୟତରେ ଲିଖିତ ଜଣାଇଥିବା ଜଣାଯାଇଛି । ତାଙ୍କ ନାମରେ ଥିବା ଘରକୁ ଅନ୍ୟକେହି ଚଞ୍ଚକତା କରି ନେଇ ଯାଇଥିବା ସନ୍ଦେହ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ତାଙ୍କୁ ଅଭିଯୋଗ ମିଳିନି । ଅନୁସନ୍ଧାନ ପରେ ଅଭିଯୋଗ ସତ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ
### ପନେସର, ସେମେଲମୁଣ୍ଡାରେ ବୈଠକ

**ଲୋଇସିଂହା,୧୯।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ପ୍ରସଙ୍ଗ ପୁଣି ମୁଣ୍ଡ ଟେକିଛି । ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏଥିପାଇଁ ଆସନ୍ତା ୨୧ ତାରିଖରେ ଲୋଇସିଂହା ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ ସଫଳ ଏବଂ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଗାଁକୁ ଚାଲ ଅଭିଯାନ ହାତକୁ ନିଆଯାଇଛି । ଆନ୍ଦୋଳନର ସଂକ୍ରିୟ ସଦସ୍ୟମାନେ ଗାଁକୁ ଯାଇ ବୈଠକ କରି ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ସହ ଜନଜାଗରଣ ସୃଷ୍ଟି କରୁଛନ୍ତି । ସୋମବାର ସନ୍ଧ୍ୟାରେ ପ୍ରସ୍ତାବିତ ଏନଏସି ଅଧୀନ ହୀରାପୁର ପଞ୍ଚାୟତର ସେମେଲମୁଣ୍ଡାରେ ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକକୁ ସ୍ୱତଃସ୍ଫୂର୍ତ୍ତଭାବେ ଜନସାଧାରଣ ଓ ମହିଳା ଏସଏଚଜି ଉପସ୍ଥିତ ରହିପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ସେହିପରି ପନେସରାରେ ଆହୂତ ବୈଠକରେ ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ ।

## ଢୋଲମହୁରି କଳା ପରିଷଦ ସମ୍ମାନିତ


ଢୋଲ ମହୁରି କଳାକାରଙ୍କୁ ସମ୍ମାନିତ କରାଯାଉଛି ।

**ଗୁଡ଼ଭେଲା,୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ରୁଷୁଡା ଗ୍ରାମରେ ପାଚେରୀଘାଟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଲାଙ୍ଗୀର ଢୋଲମୁହୂରୀ କଳା ପରିଷଦକୁ ଆୟୋଜକ କମିଟି ପକ୍ଷରୁ ସମ୍ମାନୀତ କରାଯାଇଛି । ମହୋତ୍ସବ କମିଟି ସଭାପତି ଭୋଜରାଜ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୁଡ଼ଭେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ବେବି ଦୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସାମାଜିକ କର୍ମୀ ନବୀନ ଜୈନ, ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ରୁଷୁଡା ସରପଞ୍ଚ କୈଳାସ ବେହେରା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୃଥୀରାଜ ନନ୍ଦ, ଟୁକୁ ମାଝି, ଅମରେଶ ବାଗ, ରବିଶଙ୍କର ଭୋଇ, ମୁଖ୍ୟ ପୂଜକ ତେଜରାଜ ମାଝି, ଗୋବର୍ଦ୍ଧନ ମାଝି ଓ ଅନୁଷ୍ଠାନ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଖେଳକୁଦ ଶିବିର

**ଦେଓଗାଁ,୧୯।୧୨(ଡି.ଏନ.ଏ)**

ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ବନ୍ଧପାଲି ଖେଳପଡିଆରେ ସୋମବାର ବ୍ଲକସ୍ତରୀୟ ଖେଳକୁଦ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ସମ୍ପାଦକ ଉମେଶ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିବିରରେ ବ୍ଲକର ୧୨ ହାଇସ୍କୁଲର ଛାତ୍ରୀଛାତ୍ର ଭାଗନେଇଥିଲେ ।

## ଦୁର୍ଗା ବେହେରା ଘରୋଇ ବସ୍ ମାଲିକ ସଂଘ ସଭାପତି

**ବଲାଙ୍ଗୀର ଅଫିସ, ୧୯।୧୨**



ବଲାଙ୍ଗୀର ଜିଲା ଘରୋଇ ବସ୍ ମାଲିକ ସଂଘର ନିର୍ବାଚନ ଆସନ୍ତା ୨୪ ତାରିଖ ଅନୁଷ୍ଠିତ ହେବ । ରବିବାର ଏଥିପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ଏବଂ ସମ୍ପାଦକ ପଦବୀ ସହ ଅନ୍ୟ ପଦପଦବୀ ପାଇଁ ଆଶାୟୀ ବସ୍‌ମାଲିକମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସଭାପତି ପଦବୀ ପାଇଁ ବସ୍ ମାଲିକ ଦୁର୍ଗାଚରଣ ବେହେରା ଏବଂ ଆଶୁତୋଷ ମିଶ୍ର ନାମାଙ୍କନ ଦାଖଲ କରିଥିଲେ । ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ରହିଥିଲା । ମିଳିଥିବା ସୂଚନା ମୁତାବକ ସଭାପତି ପଦବୀରୁ ଅନ୍ୟତମ ପ୍ରାର୍ଥୀ ଆଶୁତୋଷ ମିଶ୍ର ତାଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବାରୁ ଏକମାତ୍ର ପ୍ରାର୍ଥୀ ଭାବେ ଦୁର୍ଗା ଚରଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି ।

## ବ୍ଲକସ୍ତରୀୟ କ୍ରୀଡ଼ା ସମୂହ ଚୟନ ଶିବିର


ଚୟନ ଶିବିରରେ ପ୍ରତିଯୋଗୀମାନେ ।

**ପ୍ରଥମ ଦିବସରେ ୧୪୦ ପ୍ରତିଯୋଗୀ**

**ମୁରିବାହାଲ, ୧୯।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ କ୍ରୀଡା ସମୂହ ଚୟନ ଶିବିର ସୋମବାର ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଉଦ୍‌ଘାଟନ ହୋଇଯାଇଛି । ଏଥିରେ ବ୍ଲକର ୨୨ବିଦ୍ୟାଳୟର ୧୪୦ ପ୍ରିତିଯୋଗୀ ଅଂଶଗ୍ରହଣ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମର ସଭାପତି ପ୍ରବୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଗୋଗଦେଇ ଏହି କ୍ରୀଡା ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଏବିଇଓ କୋଦଣ୍ଡଧର ଭୋଇ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ । ତିନିଦିନ ଧରି ଚାଲିବାକୁ ଥିବା କ୍ରୀଡ଼ାରେ ପ୍ରଥମ ଦିନରେ ୧୦୦, ୨୦୦, ୪୦୦, ୧୦୦୦ ଓ ୧୫୦୦ ମିଟର ଦୌଡ, ଡିସକସ, ଶଟପୁଟ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରଭୃତି ବିଭାଗରେ ୧୪ ଓ ୧୭ ବର୍ଷର ବାଳିକାବାଳକ ଭାଗ ନେଇଥିଲେ । ସମ୍ପାଦକ ଦେବରାଜ ଦାଶଙ୍କ ନେତୃତ୍ୱରେ ଖେଳ ଶିକ୍ଷକ ସନ୍ତୋଷ ମେହେର, ବିନୋଦ ମହାପାତ୍ର, ନବୀନ ସରାଫ, କୁବେରଲାଲ ବେହେରା, ପ୍ରସାଦି କର୍ଣ୍ଣ, ରମେଶ ଚନ୍ଦ୍ର ବିଶି, ମୋହନ ପ୍ରଧାନୀ, କୃଷ୍ଣଚନ୍ଦ୍ର ନାୟକ ବିଚାରକଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ଅଙ୍ଗନୱାଡି କର୍ମୀଙ୍କୁ ଡାକି ଆଲୋଚନା କଲେ ସିଡିପିଓ

**ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ କହିଲେ**

**ଲୋଇସିଂହା, ୧୯।୧୨(ଡି.ଏନ.ଏ)**

ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶରେ ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟକୁ ସିଡିପିଓ ପ୍ରଜ୍ଞାରାଣୀ ବାରିକ ଆନ୍ଦୋଳନରତ କର୍ମୀଙ୍କୁ ଡାକି ସୋମବାର ଆଲୋଚନା କରିଥିଲେ । ଅଲ ଓଡିଶା ଅଙ୍ଗନୱାଡି ଲେଡି ୱାର୍କ ଆସୋସିଏଶନ ଆହ୍ୱାନକ୍ରମରେ ଅଙ୍ଗନୱାଡି କର୍ମୀ ଚଳାଇଥିବା ଆନ୍ଦୋଳନ ଯୋଗୁ କେନ୍ଦ୍ର ବନ୍ଦ ପଡିଛି । ଶିଶୁମାନେ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ରହିଛନ୍ତି । ଗର୍ଭବତୀ, ପ୍ରସୂତି, କିଶୋରୀମାନେ ବିଭାଗୀୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । କର୍ମୀଙ୍କ ଦାବି ପ୍ରତି ସରକାର ସଚେତନ ଅଛନ୍ତି । ଏସବୁ ଦାବି ପୂରଣ ପାଇଁ ୬ମାସ ଅପେକ୍ଷା କରିବାକୁ ପଡିବ । ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବାକୁ କର୍ମୀଙ୍କୁ ଅନୁରୋଧ କରିଥିଲେ ସିଡିପିଓ । ନଚେତ ସରକାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ଶୁଣାଇଥିଲେ ସିଡିପିଓ । ସରକାରଙ୍କ ନାଲି ଆଖିକୁ ଡରିବୁ ନାହିଁ । ଯାହା ପଦକ୍ଷେପ ନଅ ପଛେ ଦାବିରୁ ଓହରିବୁ ନାହିଁ । ଦାବି ପୂରଣ ନହେବା ଯାଏ କାର୍ଯ୍ୟରେ ଯୋଗଦେବୁ ନାହିଁ ବୋଲି ସଂଘ ସଭାନେତ୍ରୀ କୁମ୍ଭାର କହିଛନ୍ତି ।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଖପ୍ରାଖୋଲ, ୧୯।୧୨(ଡି.ଏନ.ଏ.)**


କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହାରାପଦରଠାରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ସୁମତି ପ୍ରଧାନ, ସମ୍ମାନିତ ଅତିଥି ସମିତି ସଭ୍ୟା ଗୋଲାପି ଧରୁଆ, ପିଇଓ କ୍ଷୀରଧର ବରିହା, ଜିଆର୍‌ଏସ ପ୍ରଦୀପ ଶତପଥୀ ପ୍ରମୁଖ ଯୋଗଦେଇ ହକି ବିଶ୍ୱକପ ଉପରେ ଆଲୋକପାତ କରିଥିଲେ । ଗ୍ରାମାଞ୍ଚଳ କ୍ରୀଡା କ୍ଷେତ୍ରରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ପ୍ରୋତ୍ସାହନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଖେଳଶିକ୍ଷକ କ୍ଷୀରସିନ୍ଧୁ ବେହେରା, ଦୀପକ ରାଜହଂସ, ସୁରଜ ରାଜ ହଂସ, କରୁଣାକର ଧାରୁଆ, ହେମାରାଜ ଧରୁଆ, ତପେଶ୍ୱର୍ ସୁନା, ରାମେଶ୍ୱର ଧରୁଆ ପ୍ରମୁଖ ସହଯୋଗ କରିଥିଲେ । କୃତି ଦଳକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାଯାଇଛି ।

## ବରିଷ୍ଠରେ ଆୟୁଷ, ଆକାଶ କନିଷ୍ଠ ବର୍ଗ ଗ୍ରୁପ୍ ଚାମ୍ପିୟନ

**ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ**

**ବଲାଙ୍ଗୀର ଅଫିସ, ୧୯।୧୨**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ସୋମବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପୁରାତନ ଛାତ୍ର ତଥା ୟୁନେସ୍କୋର ସମ୍ମାନିତ ସଭ୍ୟ ତଥା ଅଷ୍ଟ୍ରେଲିଆର ଶିଶୁ ବିଶେଷଜ୍ଞ ଡା ଚିତ୍ତରଞ୍ଜନ ଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସଭାରେ ପରିଚାଳନା କମିଟି ସଭାପତି ବସନ୍ତ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ରଥ, ପୂର୍ବତନ ଶିକ୍ଷକ ତଥା ଛାତ୍ର ରାମଗୋପାଳ ଖମାରୀ ଶର୍ମା ଅତିଥିଭାବେ ମଞ୍ଚାସୀନ ଥିଲେ । ବିଦ୍ୟାଳୟ କ୍ରୀଡା ଶିକ୍ଷକ ତଥା ସମ୍ପାଦକ ସୌରଭ ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବରିଷ୍ଠ ବର୍ଗରେ ଆୟୁଷ ପରୁଆ ଏବଂ କନିଷ୍ଠ ବର୍ଗରେ ଆକାଶ ପାଣ୍ଡେ ଗ୍ରୁପ ଚମ୍ପିୟାନ ହୋଇଥିଲେ । ବରିଷ୍ଠ ଶିକ୍ଷକ ବିକାଶ ରଞ୍ଜନ ସାହୁ ସଭା ସଂଯୋଜନା ଏବଂ ଧନ୍ନବାଦ ଅର୍ପଣ କରିଥିଲେ । ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟ ପୂର୍ବତନ କ୍ରୀଡା ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଳ, କ୍ରୀଡା ଶିକ୍ଷକ ସ୍ୱାଗତ ମେହେର, ରାଜେନ୍ଦ୍ର ଭୋଇ, ବି. ରଜତ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରୀ ଉପସ୍ଥିତ ଥିଲେ ।


ପୃଥ୍ୱୀରାଜ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ, ୧୯।୧୨**



ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ।

ଡିସେମ୍ବର ୧୭ ଓ ୧୮ ତାରିଖ ସ୍ଥାନୀୟ ଯାଦବ ଭବନଠାରେ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ବେଞ୍ଚ ପ୍ରେସ ଓ ଦ୍ୱିତୀୟ ଦିନ ସୁନ୍ଦର ସ୍ୱାସ୍ଥ୍ୟ ଓ ମେନ୍ସ ଫିଜିକ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲାର ସମସ୍ତ ଜିମ୍‌ରୁ ପ୍ରାୟ ଦୁଇଶହ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ବେଞ୍ଚପ୍ରେସ ପ୍ରତିଯୋଗିତାରେ ପାଞ୍ଚଟି ଗ୍ରୁପ ମଧ୍ୟରୁ ୫୩ କେଜି ବର୍ଗରେ ସାହିଲ ସ୍ୱାଇଁ ପ୍ରଥମ, ୫୯ କେଜି ବର୍ଗରେ ବିଶ୍ୱଜିତ ସୁନା ପ୍ରଥମ, ଛୋଟୁ ପୋଢ ଦ୍ୱିତୀୟ, ଅକ୍ଷୟ ସାହୁ ତୃତୀୟ, ୬୬ କେଜି ବର୍ଗରେ ମନୋରଞ୍ଜନ ସାହୁ ପ୍ରଥମ, ଦୀପକ ପରିଡା ଦ୍ୱିତୀୟ ଓ ଅମିତ ଜଗତ ତୃତୀୟ, ୭୪ କେଜି ବର୍ଗରେ ଯୁବରାଜ ବରୁଆ ପ୍ରଥମ, କରନ ସାହୁ ଦ୍ୱିତୀୟ ଓ ଉପିନ ଜାଲ ତୃତୀୟ, ୮୩ କେଜି ବର୍ଗରେ ଆନନ୍ଦ ଛତର ପ୍ରଥମ, ସିଦ୍ଧାନ୍ତ ପଢିଆରି ଦ୍ୱିତୀୟ ଓ ନିକେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୯୩ କେଜି ବର୍ଗରେ ସାର୍ଥକ ଶ୍ରୀବାସ୍ତବ ପ୍ରଥମ, ଉଦୟ ମହାରଥା ଦ୍ୱିତୀୟ ଓ ପ୍ରଶାନ୍ତ ମିଶ୍ର ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଷ୍ଟ୍ରଙ୍ଗମ୍ୟାନର ଆଖ୍ୟା ମନୋରଞ୍ଜନ ସାହୁଙ୍କୁ ମିଳିଥିଲା ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ପ୍ରଦୀପ ପୁଞ୍ଜି ପ୍ରଥମ, ସାହିଲ ସ୍ୱାଇଁ ଦ୍ୱିତୀୟ ଓ ସୁରେନ୍ଦ୍ର ବେହେରା ତୃତୀୟ, ୬୦ କେଜି ବର୍ଗରେ ଶେଖ୍ ଅଖତର ପ୍ରଥମ, ବୁଲୁ ବାଗ ଦ୍ୱିତୀୟ ଓ ଦେବବ୍ରତ ପଧାନ ତୃତୀୟ, ୬୫ କେଜି ବର୍ଗରେ ବୀରେନ୍ଦ୍ର ପାତ୍ର, ଯୋଗେଶ୍ ପନିକା ଦ୍ୱିତୀୟ ଓ ବୀରେନ୍ଦ୍ର ବେହେରା ତୃତୀୟ, ୭୦ କେଜି ବର୍ଗରେ ଉପେନ୍ ଜାଲ ପ୍ରଥମ, ବଦ୍ରିନାଥ ମହାରଥା ଦ୍ୱିତୀୟ ଓ ମୁକେଶ ରୋହିଦାସ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଶେଖ୍ ଅଖତର ଚମ୍ପିୟନ ଅଫ୍ ଚମ୍ପିୟନ୍‌ସ ଉପାଧିରେ ସମ୍ମାନିତ ହୋଇଥିଲେ । ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ପ୍ରଥମ ଗ୍ରୁପରେ ଟିଟୁ ସ୍ୱାଇଁ, ଦ୍ୱିତୀୟ ଗ୍ରୁପରେ ବୁଲୁ ବାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ ଓ ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ରାଜେନ୍ଦ୍ର ବଢେଇ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ଅଧ୍ୟାପକ ପ୍ରହ୍ଲାଦ ଶତପଥୀ ଯୋଗଦାନ କରିଥିଲେ । ପ୍ରତିଯୋଗିତାରେ ଜିଲା ବଡି ବିଲଡିଂ ସମ୍ପାଦକ ସଞ୍ଜୟ ଶତପଥୀ ଓ ସଭ୍ୟ ରୂପକ କୁମାର ବରାଳ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତାକୁ ସଫଳ କରିବାରେ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର, ସଭ୍ୟ ବବନ ମିଶ୍ର, ଜିତେନ୍ଦ୍ର ନାଗ, ଅନିଲ ନାଏକ, ଗୋପାଳ ସୁନା, ରାମ ଭାଇ ଓ ଯାଦବ ସମାଜର ପ୍ରଶାନ୍ତ ମହାକୁର ସହାୟତା କରିଥିଲେ ।

## ସଂକ୍ଷେପରେ

### ଆଜି ପାଇକମାଲ ହାଇସ୍କୁଲର ହୀରକ ଜୟନ୍ତୀ

**ପାଇକମାଲ,୧୯।୧୨(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ପାଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୧୯୬୦ ମସିହାରେ ପ୍ରତିଷ୍ଠିତ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଉତ୍ସବର ପ୍ରଥମ ଦିବସରେ ବିଦ୍ୟାଳୟର ପୁରାତନ ଛାତ୍ର ଓ ବର୍ତ୍ତମାନ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଯୋଗଦାନ କରି ନବନିର୍ମିତ ହୀରକ ଜୟନ୍ତୀ ସ୍ମାରକୀ ପ୍ରେକ୍ଷାଳୟ ତଥା ସଭାଗୃହ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନ କାର୍ଯ୍ୟକ୍ରମରେ ୧୯୬୦ରୁ ଅଧ୍ୟୟନ କରିଥିବା ସମସ୍ତ ଛାତ୍ରୀଛାତ୍ର ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ହୀରକ ଜୟନ୍ତୀ କମିଟି ସଭାପତି ଅନିଲ କୁମାର କାଳିଆ ସୂଚନା ଦେଇଛନ୍ତି।

### ଜର୍ଗଗଡ଼ରେ କମ୍ବଳ ବଣ୍ଟନ

**ପାଇକମାଲ,୧୯।୧୨(ଡି.ଏନ.ଏ.):** ବରଗଡ ଟାଟା ପାୱାର ତରଫରୁ ପାଇକମାଲ ବ୍ଲକ ଜର୍ଜଗଡ଼ ଗ୍ରାମ ସ୍ଥିତ ନୃସିଂହନାଥ ବୃଦ୍ଧାଶ୍ରମରେ ରହୁଥିବା ୮ଜଣ ବୃଦ୍ଧାବୃଦ୍ଧଙ୍କୁ ସୋମବାର କମ୍ବଳ ବଣ୍ଟନ କରାଯାଇଛି। ସେହିପରି ଜର୍ଗଗଡ଼ ଗ୍ରାମର ୧୮ଜଣ ଗରିବ, ବିକଳାଙ୍ଗ, ବିଧବା ମହିଳା ଓ ପୁରୁଷଙ୍କୁ ମଧ କମ୍ବଳ ବଣ୍ଟନ କରାଯାଇଥିଲା। ଟାଟା ପାୱାରର ଆଡମିନିଷ୍ଟ୍ରେଟର ଇନ୍‌ଚାର୍ଜ ସତ୍ୟେନ୍ଦ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ପାଇକମାଲ ଏସ୍‌ଡିଓ ପୁରନ୍ଧର ସାହୁ, ଜଗବନ୍ଧୁ ପୋଥାଲ ଓ ଗ୍ରାମର ଶିବ ସାହୁ, ବଡ ଶତପଥି ଗରିବ ଅସହାୟ ଲୋକଙ୍କୁ ଚିହ୍ନଟ କରିଥିଲେ।

### ସାଇକୁବେର ସମାଜ ବୈଠକ

**ପାଇକମାଲ, ୧୯।୧୨ ( ଡି.ଏ ନ.ଏ):** ପାଇକମାଲ ସାଇକୁବେର ସମାଜର ବାର୍ଷିକ ବୈଠକ ସୋମବାର ସଭାପତି ସୁରଥ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ପୂର୍ବତନ ସମ୍ପାଦକ ଲିଙ୍ଗରାଜ ସାହୁ ଭାଗବତ ଓ ସମ୍ପାଦକ ସୁଶାନ୍ତ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାରେ ନୃସିଂହନାଥଠାରେ ସମାଜ ତରଫରୁ ହେବାକୁ ଥିବା ଭବନ ପାଇଁ ଘୋଷିତ ଅର୍ଥ ରାଶି ଶୀଘ୍ର ପ୍ରଦାନ କରିବା ପାଇଁ ଆଲୋଚନା ହୋଇଥିଲା। ନିଲେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସରଣ୍ଡା,୧୯।୧୨(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବାଳକ ହାଇସ୍କୁଲ ୧୯୯୪ ମ୍ୟାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ଡେବ୍ରିଗଡ଼ ବାରପାହାଡ଼ ପାଦଦେଶରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଣେଶ ଦାସଙ୍କ ଅଧକ୍ଷତରେ ଅନୁଷ୍ଠିତ ବୈଠକରେ ବିଗତ ଦିନରେ ପରଲୋକ ହୋଇଥିବା ସାଥୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ସଦସ୍ୟ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ହୋଇ ଜନମଙ୍ଗଳ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୮ ଜଣ ସଦସ୍ୟ ଯୋଗଦେଇ ସ୍କୁଲ ସମୟ ଓ ବର୍ତ୍ତମାନ ପରିସ୍ଥିତି ଉପରେ ନିଜର ସ୍ମୃତି ସାରଥୀ ସାହୁଙ୍କ ସଂଯୋଜନାରେ ଉପସ୍ଥାପନ କରିଥିଲେ। ଏଥିରେ ଅମିତ ଅଗ୍ରୱାଲ, ପ୍ରଶାନ୍ତ ଦାଶ, ଗୌରାଙ୍ଗ ଦେବତା, ଶିବ ଶଙ୍କର କୁମ୍ଭକାର, ସ୍ୱାଧୀନ ତାଣ୍ଡି, ଶଙ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବିନିକା,୧୯।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ୪୯ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୪୪ ଓ ୫ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଉନ୍ନୟନ ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପି. କୁଜୁର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗ ଦେଇଥିଲେ।

# ସାହିତ୍ୟ ସମାଜକୁ ସୁଧାରି ପାରିବ

### ଶିକ୍ଷା,ଶିକ୍ଷକ ମଙ୍ଗଳ କମିଟିର ସ୍ୱତନ୍ତ୍ର ବୈଠକ

**ଅମରପାଲି, ୧୯।୧୨(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ନୂଆପାଲିଠାରେ ଶିକ୍ଷା ଓ ଶିକ୍ଷକ ମଙ୍ଗଳ କମିଟିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସୁବର୍ଣ୍ଣପୁର ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡା.ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ପ୍ରଧାନଙ୍କ ରଚିତ ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରେୟାର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର ଡା. ଜ୍ୟୋତି ରଞ୍ଜନ ବହିଦାର ଯୋଗଦେଇ ସାହିତ୍ୟ ହିଁ ସମାଜକୁ ସୁଧାରି ପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପୁରୋହିତ, ଗାୟତ୍ରୀ ଆବାସିକ ସ୍କୁଲ ପ୍ରଧାନ ଶିକ୍ଷକ ପଙ୍କଜ ଖମାରି ଯୋଗଦେଇ ନୂଆପାଲି ଭଳି ଏକ ଗାଁର ଜଣେ ଅବସରପ୍ରାପ୍ତ ଶିକ୍ଷକ ତାଙ୍କର ତିନୋଟି ପୁସ୍ତକ ଯଥା ପ୍ରବନ୍ଧ ପ୍ରବାହ, ଭକ୍ତି ରସାମୃତ ଓ ମୃଗୁଣୀ ଉଦ୍ଧାର ଲୋକାର୍ପିତ କରିଥିବାରୁ ପ୍ରଶଂସା କରିଥିଲେ । କବି ତଥା ଲେଖକ ଧ୍ରୁବ ଚରଣ ପ୍ରଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅକ୍ରୁର ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ହୃଷୀକେଶ ଦାସଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଧ୍ରୁବଚରଣ ପ୍ରଧାନ ସ୍ୱାଗତ ସଙ୍ଗୀତ ଓ ଭଜନ ଗୁରୁ ଫକିର ପ୍ରଧାନ ଓ ସାଥି ପରିବେଷଣ କରିଥିଲେ। ଉଲୁଣ୍ଡା ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଝାରୀଙ୍କ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜେଲରୁ ମୁକୁଳିଲେ, ଧାରଣା ସ୍ଥଗିତ

### ଚାଷୀନେତାଙ୍କୁ ରାତିଅଧିଆ ଗିରଫ ଘଟଣା

**ସରଣ୍ଡା,୧୯।୧୨(ଡି.ଏନ.ଏ.)**

ଅତାବିରା ପୋଲିସ ୪ଜଣ ଚାଷୀନେତାଙ୍କୁ ଉଠାଇ ନେବା ସହ ସେମାନଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବା ଘଟଣାରେ ଉକ୍ତ ଚାଷୀନେତାଙ୍କୁ ଜାମିନ ମଞ୍ଜୁର ହୋଇଛି। ସେମାନେ ଜେଲରୁ ମୁକୁଳିବା ପରେ ସୋମବାର ସନ୍ଧ୍ୟା ସାଢେ ୬ଟାରେ ଅତାବିରା ଦୁର୍ଗାମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସଙ୍ଗଠନର କର୍ମକର୍ତ୍ତାମାନେ ସେମାନଙ୍କୁ ଜୁସ୍ ପିଆଇ ଜେଲ୍ ଭିତରେ ଗିରଫ ଚାଷୀନେତାମାନେ ଚଳାଇଥିବା ଅନଶନ ଭଙ୍ଗ କରାଇଥିଲେ। ସେହିପରି ବେଆଇନ ଗିରଫଦାରି ପ୍ରତିବାଦରେ ଚାଲିଥିବା ଅହୋରାତ୍ର ଧାରଣା ସୋମବାର ସନ୍ଧ୍ୟା ୭ଟାରେ ସ୍ଥଗିତ ରହିଛି। ଅନ୍ୟପକ୍ଷେ ଚାଷୀମାନଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅତାବିରା ପୋଲିସ କରିଥିବା ମାମଲାର ନିଃସର୍ତ୍ତ ପ୍ରତ୍ୟାହାର, ହୀରାକୁଦ ପାଣି ଛାଡିବା ତାରିଖରେ ପରିବର୍ତ୍ତନ, ଚାଷୀଙ୍କ ଟୋକନ ଜେନେରେଟ କରିବା, ବିକ୍ରି ଧାନର ପ୍ରାପ୍ୟ ପ୍ରଦାନ ଆଦି ଦାବି ରଖାଯାଇଛି। ଏହି ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚାଷୀନେତା ଟିକେଲାଲ ମିଶ୍ର ଚେତାବନୀ ଦେଇଛନ୍ତି ।


ଚାଷୀ ନେତାମାନେ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି।

# ଉଦ୍‌ଘାଟନର ୬ମାସ ପରେ କାର୍ଯ୍ୟକ୍ଷମ ହେଲା ଏମ୍‌ସିଏଚ୍

**ସୋନପୁର,୧୯।୧୨(ନି.ପ୍ର.)**


କାର୍ଯ୍ୟକ୍ଷମ ପରେ ସୁବର୍ଣ୍ଣପୁର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡାକ୍ତର, ନର୍ସ ଓ କର୍ମଚାରୀ।

ସୁବର୍ଣ୍ଣପୁର ଜିଲା ସଦର ମହକୁମା ଝୁପୁଡିପଡାରେ ନୂତନ ଭାବେ ନିର୍ମିତ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ) ସୋମବାର କାର୍ଯ୍ୟକ୍ଷମ ହୋଇଛି। ଗତ ଜୁନ୍ ୧୫ ତାରିଖରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ରାଣୀ ସିଂହଦେଓ ଅତିଥିଭାବେ ଯୋଗଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ତେବେ ଏହା କାର୍ଯ୍ୟକ୍ଷମ ହୋଇ ପାରି ନଥିଲା। କେବଳ ତଳ ମହଲାରେ କିଡନୀ ରୋଗୀଙ୍କ ଡାଏଲିସିସି ହେଉଥିଲା। ଜିଲାରେ ଡାକ୍ତର ଓ ନର୍ସଙ୍କ ଅଭାବ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରୁ ନ ଥିଲା। ବୁଦ୍ଧିଜୀବୀ ମହଲରେ ଏଥିନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଧରିତ୍ରୀରେ ଏ ସମ୍ପର୍କରେ ଏକାଧିକ ଖବର ପ୍ରକାଶ ପାଇଥିଲା ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ୧୪କୋଟି ୪ଲକ୍ଷ ୯୦ହଜାର ଟଙ୍କା ବ୍ୟୟରେ ତିନି ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ଶିଶୁଙ୍କ ପାଇଁ ଓପିଡି, ଟୀକାକରଣ, ଲାବୋରେଟୋରୀ, ଲେବର ରୁମ୍, ପ୍ରି ଡେଲିଭରି ଅବଜରଭେସନ ରୁମ, ଆଶା ଗୃହ, ଡାକ୍ତରଙ୍କ କକ୍ଷ, ନର୍ସ ଡ୍ୟୁଟି ରୁମ୍, ଏସଏନସିୟୁ, କଙ୍ଗାରୁ ମଦର କେୟାର ୟୁନିଟ, ୨୦ ଶଯ୍ୟା ବିଶିଷ୍ଟ ଏଏନସି ୱାର୍ଡ, ଓଟି ବ୍ଲକ, ୨୦ ଶଯ୍ୟା ବିଶିଷ୍ଟ ପୋଷ୍ଟ ନାଟାଲ ୱାର୍ଡ ଓ ୧୦ ଶଯ୍ୟା ବିଶିଷ୍ଟ ଶିଶୁ ୱାର୍ଡ ରହିଛି। ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଛାତ ତଳେ ପ୍ରସୂତି ମହିଳା, ନବଜାତକ, ଶିଶୁ ଓ କିଶୋରଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ମିଳି ପାରିବ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଓ ନର୍ସ ରହିବା ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ କ୍ୱାଟର୍ସ ମଧ ନିର୍ମାଣ ହୋଇଛି।

### ଲୋକ ମହୋତ୍ସବ ମଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ

**ଅମରପାଲି,୧୯।୧୨(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂର୍ବ ମଲେଶ୍ରୀ ବୈଠକର ବିବରଣୀ ପଠନ କରାଯାଇଥିଲା । ହରିହର ଜୋର ପ୍ରଜେକ୍ଟର ପ୍ରତିକୃତି ସହିତ ସ୍ଥାନୀୟ କୀର୍ତ୍ତିରାଜିକୁ ମୁଖ୍ୟ ମଞ୍ଚର ଷ୍ଟେଜକ୍ରାଫ୍ଟ ଭାବେ ସ୍ଥାନିତ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହିତ ପୂର୍ଣ୍ଣାଙ୍ଗ କମିଟି ଗଠନ, ସଂସ୍କୃତିକ ଦଳ ନିମନ୍ତ୍ରଣ, ସ୍ମରଣିକା ପାଇଁ ଲେଖା ସଂଗ୍ରହ ପ୍ରକାଶନ କାର୍ଯ୍ୟ ପାଇଁ ଦାୟିତ୍ୱ ବଣ୍ଟନ ପରବର୍ତ୍ତୀ ବୈଠକରେ ସ୍ଥିର କରିବାକୁ ପ୍ରସ୍ତାବ ନିଆଯାଇଥିଲା। ଆସନ୍ତା ଫେବୃଆରୀ ୧୦ରୁ ୧୨ ତାରିଖ ଯାଏ ୩ ଦିନ ବ୍ୟାପି ମଲେଶ୍ରୀ ମହୋତ୍ସବ କରିବାକୁ ଚୂଡାନ୍ତ ନିଷ୍ପତି ନିଆଯାଇଥିଲା। ବୈଠକରେ ତହସିଲଦାର ବିଭୁଧ ଗଡ଼ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ରେଭିନ୍ୟୁ ଅଫିସର ଅଜିତ କୁମାର ମିର୍ଦ୍ଧା, ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇ, କାର୍ଯ୍ୟକାରୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, କିଶୋର କୁମାର ହୋତା, ଲକ୍ଷ୍ମୀ ନାରାୟଣ ସାହୁ, ଗୋପୀନାଥ ମହାକୁର, ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସାଂସ୍କୃତିକ ସଂଘ ସଭାପତି ରାମକୃଷ୍ଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ବଢିଆପଡ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବ୍ରହ୍ମଗିରି ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ବୌଦ୍ଧ/ବଢିଆପଡ଼ା,୧୯।୧୨ (ସ୍ୱ.ପ୍ର/ଡି.ଏନ୍.ଏ.)**

ବୌଦ୍ଧ ଜିଲା ବଢିଆପଡା ଖେଳ ପଡିଆଠାରେ ୟୁଥ କ୍ଲବ ଆନୁକୂଲ୍ୟରେ ସପ୍ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ଅତିଥି ଭାବରେ ଭିଶାଖା ଆଇବେଷ୍ଟସ ଷ୍ଟେଟ ମୁଖ୍ୟ ପ୍ରବୀଣ କୁମାର ବେହେରା, ସେଲେସ ମ୍ୟାନେଜର ଗୋପିନାଥ ଦାସ, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ,ସରପଞ୍ଚ ସୁଶ୍ରୀ ଅନୁଜା ଦୀପ, ଝରଣା ଜାନୀ, ଅରୁଣ ବାଘ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳ ବ୍ରହ୍ମଗିରି ପୁରୀ ବନାମ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୧୦୪ ରନ କରିଥିଲା। ଏହାର ଜବାବରେ ବ୍ରହ୍ମଗିରି ଦଳ ସମସ୍ତ ଉଇକେଟ ହରାଇ ୭୪ ରନ କରି ପରାଜୟ ବରଣ କରିଥିଲା। ଖେଳଟି ୩ଟି ପର୍ଯ୍ୟାୟରେ ହୋଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ସେଟ ଖେଳରେ ବ୍ରହ୍ମଗିରି ଦଳ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିଲା। ଅତିଥିମାନେ ବିଜୟୀ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜଭାବେ ବ୍ରହ୍ମଗିରିର ସୌଭାଗ୍ୟ ନାୟକଙ୍କୁ ପ୍ରଦାନ କରାଯାଇଥିଲା ।

# ବ୍ୟାଡ୍‌ମିଣ୍ଟନ: ଅନୁଗୋଳର ଅମ୍ଲାନ ଚାମ୍ପିୟନ

**ଜାମଟିକ୍ରା, ୧୯।୧୨(ଡି.ଏନ.ଏ.)**

ଅତାବିରା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟୁନୁ ପଣ୍ଡା ସ୍ମାରକୀ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଯନ୍ତ୍ରୀ ଅମିତ ପ୍ରଧାନ, ଅମିଶ ତୁର୍କୀଆ, ନବୀନ ଦାଶ, ବୁଲୁ କର, ସଞ୍ଜୟ ମାନେକ, ତିଳକରାଜ ଶର୍ମା, ଏମ୍‌ଡି ନବାବ, ଜଗଦୀଶ କଟାକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଜିତେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଦିପ ଅଗ୍ରୱାଲ, ଗଙ୍ଗାଧର ବେହେରା , ସଞ୍ଜୀପ ମିଶ୍ର ଖେଳ ପରିଚାଳନା କରିଥିଲେ। ଏଥିରେ ୩୨ ଯୋଡ଼ି ଖେଳାଳି ଭାଗ ନେଇଥିଲେ। ଅନୁଗୋଳର ଅମ୍ଲାନ ଆଣ୍ଡ ପାର୍ଟନର ଓ ବଲାଙ୍ଗୀରର ମୁନା ଆଣ୍ଡ ପାର୍ଟନର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୨–୦ରେ ଅନୁଗୋଳର ଅମ୍ଲାନ ଚାମ୍ପିୟନ ହୋଇଥିଲେ। ବେଷ୍ଟ ଖେଳାଳି ଭାବେ ଅନୁଗୋଳର ଅମ୍ଲାନ କେଶରୀ ଗଡ଼ନାୟକ ପୁରସ୍କୃତ ହୋଇଥିଲେ। ବେଷ୍ଟ ସ୍ମାସର ଭାବେ ତନ୍ମୟ ସାହୁ ଓ ବେଷ୍ଟ ଭଲେଣ୍ଟିୟର ଭାବେ ହବିସ ଖାନ ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱର ଦଳ ତୃତୀୟ ସ୍ଥାନରେ ରହିଥିଲେ। ଉପସଭାପତି ପାର୍ଥସାରଥୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଫାରୁଖ ଖାନ, ମୁନା ମଲ୍ଲିକ, ଦେବେନ୍ଦ୍ର ସ୍ୱାଇଁ, ଏମ୍‌ଡି ପରବେଜ, ଦୁର୍ଗା ବିଶ୍ୱାଳ, ରବି ଦାଶ, ରୋଶନ ସାମଲ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ କୃତୀ ଖେଳାଳିମାନେ।

# ବ୍ୟାରେଜ ନିର୍ମାଣ ପାଇଁ ସିଡବ୍ଲ୍ୟୁସି ପ୍ରତିନିଧି ମଣ୍ଡଳୀଙ୍କ କ୍ଷେତ୍ର ପରିଦର୍ଶନ

**ବୌଦ୍ଧ, ୧୯।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତର ଲକ୍ଷ୍ମୀପଥରରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଦାବି ହୋଇଆସୁଛି। ବ୍ରିଜ ହେଲେ ଅଞ୍ଚଳର ଚାଷୀ ଉପକୃତ ହୋଇପାରିବେ। ଏନେଇ ଗତ ରବିବାର କେନ୍ଦ୍ରୀୟ ଜଳ ଆୟୋଗ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। କମିଟିରେ ସିଡବ୍ଲ୍ୟୁସିର ମୁଖ୍ୟଯନ୍ତ୍ରୀ ଇଂ ଏ.କେ ପ୍ରଧାନ, ଡେପୁଟି ଡାଇରେକ୍ଟର ଆର.ରାମ ପ୍ରସାଦ, ମେଗାଲିଫଟ ଅଧୀକ୍ଷଣ ଯନ୍ତ୍ରୀ ଗୁରୁଚରଣ ପୃଷ୍ଟି ପ୍ରମୁଖ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।


ସିଡବ୍ଲ୍ୟୁସିର ପ୍ରତିନିଧିଙ୍କ କ୍ଷେତ୍ର ପରିଦର୍ଶନ।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ

**ଡୁଙ୍ଗୁରିପାଲି, ୧୯।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ବାପୁଜୀ ପାଠାଗାରରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ଲୋ ଫାଉଣ୍ଡେସନ ସହଯୋଗରେ ଆୟୋଜିତ ଶିବିରକୁ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଶୁଖା ସରପଞ୍ଚଙ୍କ ପ୍ରତିନିଧି ସ୍ୱାଧୀନ ବିଶ୍ୱାଳ ଯୋଗଦେଇଥିଲେ। ଶିବିରରେ ୩୩ ଜଣ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ଲୋ ଫାଉଣ୍ଡେସନର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶୁଖା ପାକ୍ସ ସଭାପତି ରୋଶନ ବିଶ୍ୱାଳ, ରଞ୍ଜନ ଠେଲା, ପଞ୍ଚା ମହାରଣା ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଉପସ୍ଥିତରେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଅମରପାଲି କ୍ରିକେଟ୍ କପ ମୁର୍ଷୁଣ୍ଡି-ଉଫୁଲା ଫାଇନାଲ ମୁକାବିଲା

**ଅମରପାଲି,୧୯।୧୨(ଡି.ଏନ.ଏ)**


ଅତିଥିଙ୍କ ସହିତ ବିଜୟୀ ଉଫୁଲା ଦଳ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ୩୦ତମ ଅମରପାଲି କ୍ରିକେଟ କପର ସୋମବାର ଥିଲା ପଞ୍ଚମ ଦିବସ। ସୋମବାର ଉଭୟ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମୁର୍ଷୁଣ୍ଡି ଓ କଳାପଥର ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ମୁର୍ଷୁଣ୍ଡି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୯୯ରନ ସଂଗ୍ରହ କରିଥିଲା। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୯୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ମୁର୍ଷୁଣ୍ଡି ୫ ଓଭରରେ ୬ ଉଇକେଟ ହରାଇ ୭୦ ରନ କରିଥିଲା। କଳାପଥର ନିର୍ଦ୍ଧାରିତ ୫ଓଭରରେ ୩ ଉଇକେଟ ହରାଇ ୫୦ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ମୁର୍ଷୁଣ୍ଡି ଦଳ ପାଇନାଲରେ ପ୍ରବେଶ କରିଥିଲା।

ଦ୍ୱିତୀୟ ଫର୍ମାଟ ଉଫୁଲା ଓ ବ୍ରାହ୍ମଣିପାଲି ମଧ୍ୟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୯ ଉଇକେଟ ହରାଇ ୯୨ରନ କରିଥିଲା। ଜବାବରେ ବ୍ରାହ୍ମଣିପାଲି ଦଳ ୮.୪ ଓଭରରେ ୨ ଉଇକେଟ ହରାଇ ୯୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଉଫୁଲା ଦଳ ୫ ଓଭରରେ ଗୋଟିଏ ଉଇକେଟ ହରାଇ ୮୨ ରନ କରିଥିବା ବେଳେ ବ୍ରାହ୍ମଣିପାଲି ଦଳ ୩ ଉଇକେଟ ହରାଇ ୫୬ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳ ଯାଇଥିଲା। ଏଥିରେ ବ୍ରାହ୍ମଣିପାଲି ଦଳ ଗୋଟିଏ ଓଭର ରେ ୯ ରନ କରିଥିବା ବେଳେ ଉଫୁଲା ୧୦ରନ କରି ଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ଉଫୁଲା ଦଳ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ମୁର୍ଷୁଣ୍ଡି ଓ ଉଫୁଲା ମଧ୍ୟରେ ଫାଇନାଲ ମ୍ୟାଚ ହେବ। ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଲୁଡୁରପଙ୍କ ସରପଞ୍ଚ ସୁର୍ଯ୍ୟ ନନ୍ଦ, ଏମ୍‌ପି ପ୍ରତିନିଧି ନଳିନି ପଣ୍ଡା, ବଡକିରାସିରା କେନ୍ଦୁପତ୍ର ରେଞ୍ଜ ଅଧିକାରୀ ସୁମନ୍ତ ମହାକୁଡ, ଖଣ୍ଡହତା ସରପଞ୍ଚ ପ୍ରତିନିଧି ଆଶିଷ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ଉଫୁଲାର ରାଜକୁମାର ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

# ରାସ୍ତା ଅସମ୍ପୂର୍ଣ୍ଣ, ଟୋଲ୍‌ପ୍ଲାଜା ଉଦ୍‌ଘାଟନ

**ପଡ଼ିଆବାହାଲ,୧୯।୧୨(ଡି.ଏନ.ଏ.)**

ସମ୍ବଲପୁର-ତିଲେଇବଣି ୫୫ନଂ. ଜାତୀୟ ରାଜପଥ ଏବେ ଅସମ୍ପୂର୍ଣ୍ଣ ହୋଇ ରହିଛି। ଅନେକ କାମ ବାକି ରହିଥିବା ବେଳେ ମରମତି କାମ ମଧ୍ୟ ଚାଲିଛି। ହେଲେ ସୋମବାର ରାଜପଥର ନିଳଡୁଙ୍ଗରୀଠାରେ ଟୋଲପ୍ଲାଜାକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ଠିକା ସଂସ୍ଥା ପୁଞ୍ଜିଲ୍ୟାଡ୍ ଓ ସବ୍‌କଣ୍ଟ୍ରାକ୍ଟର ଡିଭି ପ୍ରୋଜେକ୍ଟ ଲିମିଟେଡ କର୍ତ୍ତୃପକ୍ଷଙ୍କ ସମେତ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏନ୍‌ଏଚ୍‌ଏଆଇ ପିଡି ନାଗେଶ୍ୱର ରାଓ ଓ ଅଧିକାରୀ ଡା. ରାମ ପ୍ରସାଦ ପଣ୍ଡା ମଧ୍ୟ ଉପସ୍ଥିତ ରହିଥିଲେ। ନୂଆବର୍ଷ ଆରମ୍ଭରୁ ଏହାର କାର୍ଯ୍ୟକାରିତା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ



ନିଳଡୁଙ୍ଗୁରୀଠାରେ ଟୋଲପ୍ଲାଜା ଉଦ୍‌ଘାଟନ ଅବସରରେ ଅଧିକାରୀମାନେ ।

ଦେଇଥିଲେ। ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବାରିକେଡ୍, ଯାତ୍ରୀ ପ୍ରତୀକ୍ଷାଳୟ, ବର୍ଷାଜଳ ନିଷ୍କାସନ ନାଳ, ସର୍ଭିସରୋଡ, ବସ୍‌ଷ୍ଟପ, ଫୁଟ୍ ୱେ, ସୂଚନା ଫଳକ

### ଟିକସ ଆଦାୟ ଯୋଜନା ନେଇ ଅସନ୍ତୋଷ

ପ୍ରଭୃତି କାମ ବାକି ରହିଛି। ନିମ୍ନମାନର କାମ ଯୋଗୁ ବାରମ୍ବାର ରାସ୍ତା ମରାମତି କାମ ଚାଲିଛି । ଅନ୍ୟପକ୍ଷରେ ଟୋଲପ୍ଲାଜାରେ ଶୌଚାଳୟ ପରି ଅତ୍ୟାବଶ୍ୟକ କାମ ସମ୍ପୂର୍ଣ୍ଣ ହୋଇନାହିଁ। ସମ୍ବଲପୁରର ସିନ୍ଦୂରପଙ୍କ, ଜୟନ୍ତପୁର, ପଡିଆବାହାଲ, ଗୌଡପାଲି, କୁଲୁଣ୍ଡି, ବଡରମା ପ୍ରଭୃତି ସ୍ଥାନ ବର୍ତ୍ତମାନ ଯାଏ ଅସୁରକ୍ଷିତ ଓ ବହୁତ କାମ ବାକି ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ଅଧିକାରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ସମସ୍ତ କାମ ସମ୍ପୂର୍ଣ୍ଣ ହେବା ପରେ ଟୋଲପ୍ଲାଜା କାର୍ଯ୍ୟ କରିବ।

## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

**ନାକଟିଦେଉଳ,୧୯।୧୨(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କେଲୋ ଗ୍ରାମର ଏକ ପୋଖରୀ ଭିତରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଚନ୍ଦ୍ରମଣୀ ପ୍ରଧାନ(୭୦)। ସୂଚନା ଅନୁସାରେ ଚନ୍ଦ୍ରମଣି ଗାଁ ମୁଣ୍ଡରେ ନିଜ ଜମିରେ ଏକ ପୋଖରୀ ଖୋଳି ମାଛ ଚାଷ କରିଆସୁଥିଲେ। ଜଗାରଖା ପାଇଁ ସେ ପୋଖରୀ ହୁଡ଼ାରେ ଏକ କୁଡିଆ ତିଆରି କରି ସେଠାରେ ରାତିରେ ଶୋଉଥିଲେ। ପ୍ରତିଦିନ ପରି ରବିବାର ରାତିରେ ସେ ଜଗିବା ପାଇଁ କୁଡିଆକୁ ଯାଇଥିଲେ। ସାଙ୍ଗରେ ନେଇଥିବା ଖାଦ୍ୟ ଖାଇସାରି ସେ ପୋଖରୀରେ ଧୋଇହେଉଥିବା ବେଳେ କୌଣସି କାରଣରୁ ସେ ଗଭୀର ପାଣିରେ ବୁଡ଼ି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ସୋମବାର ଚନ୍ଦ୍ରମଣି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ପୋଖରୀ ପାଖକୁ ଯାଇ ଖୋଜାଖୋଜି କରୁଥିବା ବେଳେ ପାଣିରେ ଚନ୍ଦ୍ରମଣୀଙ୍କ ଚାଦର ଭାସୁଥିବା ଦେଖିଥିଲେ। ଖବର ପାଇ ନାକଟିଦେଉଳ ଦମକଳ ବାହିନୀ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। କିସିଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଘରଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

**ନାକଟିଦେଉଳ,୧୯।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କିସିଣ୍ଡା ଗ୍ରାମରୁ ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ରେଢ଼ାଖୋଲ ଥାନା ଶୁଣ୍ଢିମୁଣ୍ଡା ଗ୍ରାମର ଅଜିତ ପୃଷ୍ଟି (୨୭)। ସୂଚନା ଅନୁସାରେ ଅଜିତଙ୍କ ବାପା ଭାଗିରଥୀ ପୃଷ୍ଟିଙ୍କର ପୃଷ୍ଟି ଟ୍ରାଭେଲ୍ସ ନାମରେ ଏକ ବସ୍ କିସିଣ୍ଡା ଅଞ୍ଚଳକୁ ଯାତାୟାତ କରେ। ଏହି ବସ୍‌ରେ କଣ୍ଡକ୍ଟର ଭାବେ କାମ କରୁଥିବା ତାଙ୍କ ସାନପୁଅ ଅଜିତ କିସିଣ୍ଡାଠାରେ ଏକ ଭଡ଼ା ଘର ନେଇ ରହୁଥିଲେ। ରବିବାର ଅଜିତ ବସ୍ ଡ୍ୟୁଟି ସାରି ସେହି ଘରେ ରହିଥିଲେ। ସୋମବାର ସକାଳୁ ବଡ଼ଭାଇ ବୁଲୁ ପୃଷ୍ଟି ଅଜିତଙ୍କ ମୋବାଇଲକୁ କଲ କରିଥିଲେ ମଧ୍ୟ ତାହା ସୁଇଚ୍ ଅଫ୍ ରହିଥିଲା। ପରେ ସେ ଘର ମାଲିକଙ୍କୁ ଫୋନ କରି ଅଜିତଙ୍କୁ ଉଠାଇ ଦେବାକୁ କହିଥିଲେ। ଘର ମାଲିକ ଭଡାଘରକୁ ଯାଇ ଘର ଛାତରେ ଅଜିତ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିଥିଲେ। ତାଙ୍କଠାରୁ ଖବର ପାଇ ପରିବାର ଲୋକେ କିସିଣ୍ଡାରେ ପହଞ୍ଚିଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲେ। ତେବେ ଅଜିତଙ୍କର ୨ଟି ଯାକ ଗୋଡ଼ ମାଟିରେ ଲାଗିଥିବାରୁ ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ବଡ଼ଭାଇ ବୁଲୁ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ.୧୨୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କିସିଣ୍ଡା ଥାନା ଅଧିକାରୀ ଲୋକନାଥ ସାହୁ ପ୍ରକାଶ କରିଛନ୍ତି।

### ବ୍ଲକସ୍ତରୀୟ ଜନଶୁଣାଣିରେ ୨୯୯ ଅଭିଯୋଗ

**ରେଢ଼ାଖୋଲ,୧୯।୧୨(ଡି.ଏନ.ଏ.):** ରେଢ଼ାଖୋଲ ଲୁହାପଙ୍କ ପଞ୍ଚାୟତ ସଭାଗୃହଠାରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୨୯୯ଟି ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ୨୯୬ ବ୍ୟକ୍ତିଗତ ଓ ୩ଟି ଗୋଷ୍ଠୀଗତ ରହିଥିଲା। ତେବେ ଶୁଣାଣିସ୍ଥଳରେ ୧୫ ଅଭିଯୋଗର ସମାଧାନ ହୋଇଥିଲା। ଶିବିରରେ ଉପଜିଲାପାଳ ପବିତ୍ର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, ସରପଞ୍ଚ ଚିନ୍ମୟୀ ପ୍ରଧାନ, ସମିତିସଭ୍ୟ ଜିତେନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପକ୍ଷରୁ ଶ୍ମଶାନ ସଫେଇ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୧୯।୧୨:** ବେଲପାହାଡ଼ ପୌର ପରିଷଦ ଅନ୍ତର୍ଗତ ଗୁମାଡେରା ଅଞ୍ଚଳର ଲିଲାରୀ ନାଳ ନିକଟରେ ଥିବା ଶ୍ମଶାନକୁ ସାମାଜିକ କର୍ମୀଙ୍କ ପକ୍ଷରୁ ରବିବାର ସଫେଇ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଆରୋଗ୍ୟମ କେୟାରିଂ ଲାଇଫ ଓ ହରିଓଁ କ୍ଲବ ସଦସ୍ୟଙ୍କ ମିଳିତ ପ୍ରୟାସରେ ଏହା ହୋଇଥିଲା। ସାମାଜିକକର୍ମୀ ବବନ ସିଂହଙ୍କ ନେତୃତ୍ୱରେ ଦିନେଶ ସିଂ, ସଞ୍ଜୟ ସିଂ, ସଙ୍ଗୀତ ସିଂ, ରମେଶ ରାୟ, ଅଜୟ ସିଂ, ସୁନିଲ ସିଂ, ଉପେନ୍ଦ୍ର ସିଂ,ଦେବରାଜ ହାତୀପଗା ପ୍ରମୁଖ ଯୋଗଦେଇ ଶ୍ମଶାନ ପରିସର ଓ ଗାଧୁଆ ଘାଟ ସଫେଇ କରିଥିଲେ।

## ଝୁଝୁମୁରାରେ କ୍ରୀଡ଼ା ପ୍ରତିଭା ଚୟନ ଶିବିର

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ପୁରୁଷ ହକି ବିଶ୍ୱକପ ପରିପ୍ରେକ୍ଷୀରେ ଝୁଝୁମୁରା ବ୍ଲକ ବସିସାହି ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଫୁଟବଲ, ଖୋଖୋ, ହକି, କବାଡି ଆଦି ଖେଳରେ କୃତୀ ଖେଳାଳି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ ହୋଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଝୁଝୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଜିଲା ପରିଷଦ ସଭ୍ୟା କବିତା ସାହୁ, ସମିତି ସଭ୍ୟା ଜୟନ୍ତି ପ୍ରଧାନ, ସରପଞ୍ଚ ଜଗତେଶ୍ୱର ମିର୍ଦ୍ଧା, ସ୍କୁଲ ପରିଚାଳନା କମିଟିର ଅମରେଶ ପ୍ରଧାନ, ଅନନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।


ଶିବିରରେ ଉପସ୍ଥିତ ଅତିଥି ଓ ଅଧିକାରୀ ।

## ରଙ୍ଗେଇଲା ପଞ୍ଚାୟତ ହାଇସ୍କୁଲର ରୌପ୍ୟ ଜୟନ୍ତୀ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଝାରସୁଗୁଡା ଅଫିସ୍,୧୯।୧୨**

ଲଖନପୁର ବ୍ଲକ୍ ରଙ୍ଗେଇଲା ପଞ୍ଚାୟତ ହାଇସ୍କୁଲ୍‌ର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡିହିପହର ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲ୍ ପରିସରରେ ପହଞ୍ଚିଥିଲା। ପ୍ରଧାନଶିକ୍ଷୟିତ୍ରୀ ଯୁଗେଶ୍ୱରୀ ସେନାପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ରାଜେଶ କୁମାର ପଣ୍ଡା ପରିଚାଳନା କରିଥିଲେ। ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଓ ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଭିସୁଟ୍‌ର ଅବସରପ୍ରାପ୍ତ ଅଧ୍ୟାପକ ଶଶୀ ଭୂଷଣ ମହାପାତ୍ର, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସ୍ଥାନୀୟ ସରପଞ୍ଚ ବିମଳା କିଷାନ, ଜିଲାପରିଷଦ ସଦସ୍ୟା ପୁଷ୍ପଲତା ସେଠ୍, ସ୍କୁଲ୍ ପରିଚାଳନା କମିଟି ସଭାପତି ବିଦ୍ୟାଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଜିଲା ପରିଷଦ ସଦସ୍ୟ ସନତ ସିଂହ, ମୁଖ୍ୟବକ୍ତା ଶିକ୍ଷାବିତ୍ ଓ ଭାଷା ଗବେଷକ ଡ. ଗୌରୀଦାସ ପ୍ରଧାନ, ଏବିଡିଓ ଗୋପାଳକୃଷ୍ଣ ମିଶ୍ର, ସରପଞ୍ଚ ବିମଳା କିଷାନ, ସମିତିସଭ୍ୟ ସରୋଜ କଲେତ, ସୌକତୁଲ୍ଲା ଖାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ସ୍କୁଲ୍ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିଶୁ ହସିଲେ ଦେଶ ହସିବ କ୍ଷୁଦ୍ର ନାଟକ, ମେଲୋଡି, ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା ।

## ଅନଶନକାରୀଙ୍କ ସହ ଏଡିଏମ୍‌ଓଙ୍କ ଆଲୋଚନା

**ରେଢ଼ାଖୋଲ,୧୯।୧୨(ଡି.ଏନ.ଏ.)**

ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ୬ବର୍ଷ ଧରି ଏକ ଏଜେନ୍ସି ଅଧୀନରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ପୁନଃ ନିଯୁକ୍ତି ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅନଶନ ପଞ୍ଚମ ଦିନରେ ପହଞ୍ଚିଛି। ତେବେ ସୋମବାର ସମ୍ବଲପୁର ଏଡିଏମ୍‌ଓ ଡା. ଅଶୋକ କୁମାର ଦାଶ ଅନଶନସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ଦାୟିତ୍ୱ ନେଇଥିବା ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦକଙ୍କୁ ଡାକି କେଉଁ ପରିସ୍ଥିତିରେ ଛଟେଇ କରାଯାଇଛି ସେ ନେଇ ପଚାରି ବୁଝିଥିଲେ। ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ଛଟେଇ କରି ନୂତନ ନିଯୁକ୍ତି ଦିଆଯିବା ଠିକ୍ ହୋଇନାହିଁ ବୋଲି କହିବା ସହିତ ଏହାର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ବେଳେ ଏଡିଏମ୍‌ଓଙ୍କ ସହିତ ଅତିରିକ୍ତ ଉପଜିଲାପାଳ ପ୍ରିତିଶ ପଣ୍ଡା, ସିଡିପିଓ ଝୁନୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସ୍ୱୟଂସହାୟକ ଗୋଷ୍ଠୀ ଏଡିଏମ୍‌ଓଙ୍କୁ କିଛିଦିନ ସମୟ ମାଗି ସମାଧାନ କରିବାକୁ କହିଥିବା ଜଣାପଡିଛି। ଅପରପକ୍ଷରେ ପୁନଃ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅନଶନ ଚାଲୁରହିବ ବୋଲି ଛଟେଇ ଆଉଟସୋର୍ସିଂ କର୍ମଚାରୀମାନେ କହିଛନ୍ତି।

## ସମ୍ବଲପୁର ଝିଅ ନୂଆଦିଲ୍ଲୀରେ ପ୍ରବାସୀ ଓଡ଼ିଆ ମହିଳା ସଂଗଠନ ସମ୍ପାଦିକା

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର)ରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ମହିଳାମାନଙ୍କ ସଂଗଠନ ଉତ୍କଳିନୀ ସମ୍ପାଦିକା ଭାବେ ସମ୍ବଲପୁରର ଝିଅ ସୁସ୍ମିତା ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ସରୋଜିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଜୁ ଶତପଥୀ ସଂଯୋଜନା କରିଥିଲେ। ୨୦୨୨-୨୩ବର୍ଷ ପାଇଁ ମନୋନୀତ ହୋଇଥିବା ଉପସଭାପତି ସ୍ନିଗ୍ଧା ନନ୍ଦ, କୋଷାଧ୍ୟକ୍ଷ ସବିତା ସାହୁ, ଜ୍ୟୋତିଶ୍ରୀ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସ୍ମରଣିକା ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବନାରସ ଘରାନା କଥକ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ନଳିନୀ ଓ କମଳିନୀ ମୁଖ୍ୟଅତିଥି ଥିଲେ। ସଂଗଠନର ସଭ୍ୟାମାନଙ୍କ ଦ୍ୱାରା କ୍ଷୁଦ୍ର ନାଟିକା ମଞ୍ଚନ ସହ କବିତା ମହାନ୍ତି ଓଡ଼ିଶୀ ଓ ଗୁରୁ ଶ୍ରୀମନ୍ତ ମିଶ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ


ପ୍ରତିଯୋଗିତାରେ ବିଜୟୀ ଦଳ ସହ ଅତିଥି ।

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ଆଲା ହଜରତ କମିଟି ପକ୍ଷରୁ ସମ୍ବଲପୁର ଗ୍ରୀନଷ୍ଟାର କପ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଥାପଡାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡୋର ବର୍ଗରେ ମହମ୍ମଦ ସୋହେଲ ଓ ଶୁଭମ ନଥାନି ଯୋଡି ଚାମ୍ପିୟନ ହୋଇଥିବା ବେଳେ ବିଶାଳ ଅଗ୍ରୱାଲ ଓ ଶିବମ ଅଗ୍ରୱାଲ ରନର୍ସଅପ୍ ହୋଇଛନ୍ତି । ସେହିପରି ଆଉଟଡୋର ବର୍ଗରେ ମହମ୍ମଦ ଆକବର ଓ ମହମ୍ମଦ ସାହିଲ ଚାମ୍ପିୟନ ଓ ପୁରୁଷୋତ୍ତମ ମହାନ୍ତି ଓ ସ୍ୱାଧୀନ ନାୟକ ରନର୍ସଅପ୍

### ଇଣ୍ଡୋର ବର୍ଗରେ ମହମ୍ମଦ ସୋହେଲ, ଶୁଭମ ନଥାନି ଯୋଡ଼ି ଚାମ୍ପିୟନ

ଟ୍ରଫି ହାସଲ କରିଛନ୍ତି। ଆୟୋଜକ ଅନୁଷ୍ଠାନ ସଭାପତି ରଜନିକାନ୍ତ ମଲ୍ଲିକଙ୍କ ପରିଚାଳନାରେ ପୁରସ୍କାରେ ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ନେତା ଦେବେନ କିଶୋର ପତି ମୁଖ୍ୟଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶେଖ ବାବନା ସୂଚନା ପ୍ରଦାନ କରିଥିଲେ ।

## ବିକାଶ ସ୍କୁଲ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଅତିଥି ଓ ଛାତ୍ରୀଛାତ୍ର।

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ସମ୍ବଲପୁର ଶାସନସ୍ଥିତ ବିକାଶର ସ୍କୁଲ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ବ୍ୟବସାୟିକ ପ୍ରଶାସନର ପ୍ରଫେସର ଡ.ବିଶ୍ୱଜିତ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍ୟମୀ ହେବାର ଉପକାରିତା ଓ ତାକୁ ଅଗ୍ରସର କରିବା ପାଇଁ ଉପାୟକୁ ଗଳ୍ପ ମାଧ୍ୟମରେ ଉପସ୍ଥାପନ କରିଥିଲେ। ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଳି କ୍ରିଷ୍ଣା ବ୍ୟବସାୟୀ ଓ ଉଦ୍ୟମୀ ଭିତରେ ଥିବା ପାର୍ଥକ୍ୟ ଦର୍ଶାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱର ପ୍ରସିଦ୍ଧ ବ୍ୟବସାୟୀଙ୍କ ପାୱାର ପଏଣ୍ଟ ଉପସ୍ଥାପନା କରାଯାଇଥିଲା। ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଉପସ୍ଥିତ ରହି ବାଣିଜ୍ୟ ଉପରେ ନିଜର ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଓ ବିକାଶ ଗ୍ରୁପ୍ ସମ୍ବଲପୁରର ଏକାଡେମିକ୍ ଅଫିସର ପୁଷ୍ମିତା ପଣ୍ଡା ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗର ସହଯୋଗୀ ରାକେଶ କୁମାର ଶର୍ମାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ-ଅଧ୍ୟାପିକା ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ବାଣିଜ୍ୟ ବିଭାଗର ଛାତ୍ରୀ ନିକିତା ଖଣ୍ଡେଲୱାଲ ଓ ସୁରୈୟା ଫାତ୍ମା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବାଣିଜ୍ୟ ବିଭାଗ ଛାତ୍ର ପୃଥ୍ୱୀରାଜ ଭୋଳ ଧନ୍ୟବାଦ ଦେଇଥିଲେ।

## ଲିଙ୍ଗ ନିରୂପଣ ଆଇନ ଜିଲା ପରାମର୍ଶଦାତା କମିଟି ବୈଠକ

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଲିଙ୍ଗ ନିରୂପଣ ଆଇନ ୧୯୯୪ର ଜିଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ କୁମାର ପଟେଲ ୨ଟି ନୂଆ ଅଲଟ୍ରାସାଉଣ୍ଡ କେନ୍ଦ୍ରର ନୂତନ ପଞ୍ଜୀକରଣ ଓ ୨ଟିର ନବୀକରଣ ରିପୋର୍ଟ ଉପସ୍ଥାପନ କରିଥିଲେ। ଗୋଟିଏ ନବୀକରଣ ଆବେଦନକୁ ଖାରଜ କରାଯିବା ସହିତ ବାକି ସମସ୍ତ ଆବେଦନକୁ ମଞ୍ଜୁର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭରତଚନ୍ଦ୍ର ଦାସ ବିଭିନ୍ନ ଅଲଟ୍ରାସାଉଣ୍ଡ କେନ୍ଦ୍ରର ଯାଞ୍ଚ ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ। ଜିଲାପାଳ ଦାସ ଭ୍ରୂଣ ହତ୍ୟା ଓ ଲିଙ୍ଗ ନିରୂପଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ଟ୍ରାଫିକ, ସଖିର ପ୍ରତିନିଧି, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଡିପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଅଫିସରେ ଅନୁଷ୍ଠିତ ବୈଠକ ।

## ଏସ୍‌ଏଚ୍‌ଜିଙ୍କ ଧାନକିଣା କମିଶନ ଦାବିରେ ଏଏପିର ଧାରଣା


ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଛି।

**କୁଚିଣ୍ଡା,୧୯।୧୨(ଡି.ଏନ.ଏ.)**

୨୦୨୦-୨୧ର ଖରିଫ ଧାନ କିଣାରେ ନିୟୋଜିତ କୁଚିଣ୍ଡା ଓ ବାମରା ବ୍ଲକର ୮ଗୋଟି ମହିଳା ଏସ୍‌ଏଚ୍‌ଜିଙ୍କ କମିଶନ ବାବଦକୁ ସରକାର ମୋଟ ୫୫ଲକ୍ଷ ୨୨ହଜାର ୯୫୮ଟଙ୍କା ପ୍ରଦାନ କରି ନ ଥିବା ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଗରେ ଧାରଣା ଆରମ୍ଭ ହୋଇଛି। ୨୦୨୦-୨୧ରେ ସରକାର ଏହି ୮ଗୋଟି ଏସ୍‌ଏଚ୍‌ଜିଙ୍କୁ ଧାନକିଣା ପାଇଁ ଲାଇସେନ୍ସ ପ୍ରଦାନ କରିଥିଲେ। ଧାନକିଣା ନିମନ୍ତେ ଉକ୍ତ ଏସ୍‌ଏଚ୍‌ଜି ସଦସ୍ୟମାନେ ବ୍ୟାଙ୍କରୁ ଋଣ ଆଣି ଆବଶ୍ୟକ ଯନ୍ତ୍ରପାତି କିଣିଥିଲେ। ମାତ୍ର ସରକାର ଘୋଷଣା କରିଥିବା କମିଶନ ନ ଦେବାରୁ ସେମାନଙ୍କ ବ୍ୟାଙ୍କ ଋଣଭାର ବଢିବାରେ ଲାଗିଛି। ଏପରିସ୍ଥଳେ ୨୦୨୧-୨୨ରେ ଏହି ଏସ୍‌ଏଚ୍‌ଜିଙ୍କୁ ଧାନକିଣାରୁ ସରକାର ବାଦଦେଇ ଅନ୍ୟ ଏସ୍‌ଏଚ୍‌ଜିଙ୍କୁ ନିୟୋଜିତ କରି ତାଙ୍କ କମିଶନ ପ୍ରଦାନ କରୁ ନ ଥିବା ନେଇ ଗତ ୨ତାରିଖରେ ଉପଜିଲାପାଳଙ୍କୁ ୧୫ଦିନ ମଧ୍ୟରେ ସମାଧାନ ପାଇଁ ଦାବିପତ୍ର ଦେଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବାକୁ ଆନ୍ଦୋଳନକାରୀ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ସଭାପତି ବିନୟ ପ୍ରକାଶ ତିର୍କୀ, କୁଚିଣ୍ଡା ବ୍ଲକ ସଭାପତି ଇରାନ ନାଏକ, ଲିଙ୍କନ କିଣ୍ଡୋଙ୍କ ନେତୃତ୍ୱରେ ଏସ୍‌ଏଚ୍‌ଜି ସଦସ୍ୟ ଧାରଣାରେ ସାମିଲ ହୋଇଛନ୍ତି। ପ୍ରକାଶଥାଉକି ବାମରା ବ୍ଲକ କୁଟାରିମାଲ ଶକ୍ତି, ଜରାବଗା ଦିବ୍ୟ ଭାରତୀ, କେନ୍ଦୁପାଣୀ ବିଶ୍ୱ, ବେଲମୁଣ୍ଡା ତାରିଣୀ ଏସ୍‌ଏଚ୍‌ଜି ଏବଂ କୁଚିଣ୍ଡା ବ୍ଲକ କୁନ୍ତରା ମା' ମଙ୍ଗଳା, ଟାଇଁସର ମା' ମହାଲକ୍ଷ୍ମୀ, ରାଉତବାହାଲ ପୂଜା, ରେଙ୍ଗାଲି ଶୋଭା ଏସ୍‌ଏଚ୍‌ଜିଙ୍କ ମୋଟ ୫୫ଲକ୍ଷ ୨୩ହଜାର ଟଙ୍କା କମିଶନ ପ୍ରାପ୍ୟ ବାକିଥିବା ଜଣାଯାଇଛି।

## ଯୁବକଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

**କୋଲାବିରା,୧୯।୧୨(ଡି.ଏନ.ଏ.)**

କୋଲାବିରା ଥାନା ସମାସିଂହା ଗାଁ ମୁଣ୍ଡରେ ଥିବା ଏକ ଢାବା ସାମ୍ନାରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସମାସିଂହା ଗ୍ରାମର ରିତେସ ପଟେଲ(୩୦)। ପରିବାର ଲୋକେ ଖବର ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ଭିଣୋଇ ମଣ୍ଟୁ ପଟେଲ ତାଙ୍କ ଶଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୧୯୪/୨୨) ରୁଜୁ କରିଛି। ରବିବାର ରାତିରେ କେତେଜଣ ସାଙ୍ଗଙ୍କ ସହ ରିତେସ ଢାବାରେ ଖିଆପିଆ କରିଥିଲେ ଏବଂ ଅତ୍ୟଧିକ ନିଶାଗ୍ରସ୍ତ ହେବାରୁ ସେମାନେ ଢାବା ବାରଣ୍ଡାରେ ଥିବା ଖଟରେ ଶୁଆଇଦେଇ ଚାଲିଯାଇଥିବା ପୋଲିସ ଆଗରେ ପ୍ରକାଶ କରିଛନ୍ତି। ପୋଲିସ ତାଙ୍କ ସାଙ୍ଗମାନଙ୍କୁ ପଚରାଉଚରା କରୁଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଛନ୍ତି ତଦନ୍ତକାରୀ ଅଧିକାରୀ ଏସଡିପିଓ ନିର୍ମଳ କୁମାର ମହାପାତ୍ର। ରିତେସଙ୍କ ମୃତ୍ୟୁରେ ଗ୍ରାମବାସୀ ସୋମବାର ଦିନତମାମ ଦୋକାନ ବଜାର ବନ୍ଦ ରଖିଥିଲେ। ଗାଁ ମାଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୧୯।୧୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକର ଖଣ୍ଡୋକଟାଠାରେ ସୋମବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଉପାଧ୍ୟକ୍ଷା ରଶ୍ମିତା ନାଏକ, ତହସିଲଦାର ପ୍ରସନ୍ନ ଟେଟେ, ଏବିଡିଓ ସହଦେବ ନନ୍ଦ, ଏଇଇ ପ୍ରଜ୍ଞା ପରମିତା ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଖଣ୍ଡୋକଟା, ଗୋଛରା, ଅର୍ଡାବହାଲ, ବାଉରୀଗୋଡ଼ା, ପାରୁଅଭାଡ଼ି ପଞ୍ଚାୟତରୁ ସର୍ବମୋଟ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ଇତି ମଧ୍ୟରୁ ୨୧ ଗୋଟି ଅଭିଯୋଗ ଶିବିରସ୍ଥଳରେ ସମାଧାନ କରାଗଲା। ବ୍ଲକ କାର୍ଯ୍ୟାଳୟର ତରୁଣ ପ୍ରସାଦ ବିଶ୍ୱାଳ, ହିମାଂଶୁ ପଟେଲ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଗଛରେ ପିଟି ହେଲା ବାଇକ୍, ଆରୋହୀ ମୃତ

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ଥାନା ଅନ୍ତର୍ଗତ ସାନ୍ତମୁଣ୍ଡା ନିକଟରେ ସୋମବାର ସନ୍ଧ୍ୟାରେ ଗଛରେ ପିଟି ହୋଇ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପିପଲପଦର ଗାଁର ପଦ୍ମନାଭ ନନ୍ଦ(୪୦) । ଦେଓଗାଁ ଥାନା ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ପଠାଇଛି । ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରାଯାଇଛି । ପଦ୍ମନାଭ ବଲାଙ୍ଗୀରରୁ ବାଇକରେ ଘରକୁ ଫେରୁଥିବା ବେଳେ ସାନ୍ତମୁଣ୍ଡା ନିକଟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେଥିବା ଗଛରେ ପିଟି ହୋଇଯାଇଥିଲେ ।

## ସଂକ୍ଷେପରେ

### ମହିଳାଙ୍କ ସ୍ୱାସ୍ଥ୍ୟ, ସଚ୍ଛତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଜୁନାଗଡ଼,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ହିଞ୍ଜଲିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ମହିଳାଙ୍କ ସ୍ୱାସ୍ଥ୍ୟ ଓ ସଚ୍ଛତା ସଚେତନତା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। କୈଭଲ୍ୟା ଏଜୁକେସନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଏହାର ଉପରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ସିଆରସିସି ଗୋଦାବରିଶ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଫାଉଣ୍ଡେଶନ ବ୍ଲକ ପରିଚାଳିକା ସୁପ୍ରିୟା କୁମାରୀ ପରିଚାଳନା କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଘୁମୁରା ଉତ୍ସବ ପାଇଁ ଫୁଟବଲ, ଭଲିବଲ ପ୍ରତିଯୋଗିତା

**କେସିଙ୍ଗା,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଶିରୋଲ ପଞ୍ଚାୟତ ପକ୍ଷରୁ ଆସନ୍ତା ଜାନୁୟାରୀ ୫ରେ ହେବାକୁ ଥିବା କଳାହାଣ୍ଡି ଉତ୍ସବ ଘୁମୁରା ନିମନ୍ତେ ପଞ୍ଚାୟତସ୍ତରୀୟ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଡୁମେରମୁଣ୍ଡା ଖେଳ ପଡିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଡୁମେରମୁଣ୍ଡା, ଶିରୋଲ ଓ ପୋଢ଼ଖମ୍ବ ଗ୍ରାମର ୩ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘଟନୀ ଖେଳରେ ଶିରୋଲ ଦଳ ଡୁମେରମୁଣ୍ଡା ଦଳକୁ ୨-୧ ଗୋଲରେ ହରାଇଥିଲା। ଶିରୋଲ ଦଳ ପୋଢ଼ଖମ୍ବ ଦଳକୁ ମଧ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିରୋଲ ସରପଞ୍ଚ ଝରଣା ବାଗ ଯୋଗଦେଇଥିଲେ। ପିଇଓ ଗଜିନ୍ଦ୍ର ସାହା, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗ, ଜିଆରଏସ ଉପେନ୍ଦ୍ର ଗୌଡ଼, ସମସ୍ତ ୱାର୍ଡମେମ୍ବର ଯୋଗଦେଇଥିଲେ।

### ଜିଲାସ୍ତରୀୟ ଜ୍ୟୋତିର୍ବିଦ୍ ମହାସଭା

**ନୂଆପଡା ଅଫିସ/ କୋମନା, ୧୯।୧୨ (ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବିଲେଞ୍ଜୋର ସହଭାଗୀ ବିକାଶ ଅଭିଯାନଠାରେ ଜିଲାସ୍ତରୀୟ ଜ୍ୟୋତିର୍ବିଦ ମହାସଭା ଅନୁଷ୍ଠିତ ହୋଇଯାଇଛି। ଭୂଷଣ୍ଡ ଜଗତଙ୍କ ସଭାପତିତ୍ୱରେ ଜିଲାର ୫ଟି ବ୍ଲକର ସମସ୍ତ ଜୌତିର୍ବିତମାନେ ଯୋଗଦେଇ କୋମନା ବ୍ଲକ ନୂତନ ଜ୍ୟୋତିର୍ବିଦ ସଂଘ ଗଠନ କରି ପରିଚାଳନା କମିଟି ଚୟନ କରାଯାଇଥିଲା। ନୂତନ ସଭାପକତି ଭାବେ ନୀଳକଣ୍ଠ ରଣା, ଉପସଭାପତି ଚତୁର୍ଭୂଜ ରଣା, ସମ୍ପାଦକ ଦେବେନ୍ଦ୍ର ଛତ୍ରିଆ, ସହ ସମ୍ପାଦକ ପଦ୍ମଚରଣ ମେହେର, କୋଷାଧ୍ୟହକ୍ଷ ହଲଧର ଧରୁଆଙ୍କୁ ଚୟନ କରାଯାଇଛି। ରାମସିଂ ରଣା, ଡାକେଶ୍ୱର ହଂସ, ହରେକୃଷ୍ଣ ନିଆଲ, ବ୍ରହ୍ମ ହଂସ, ପୁରୁଷମ କରୁଆଁ, ମାନସିଂ ମାଝି,ବନମାଳି ଦୁରିଆ, ଗମ୍ଭୀର ମାଝି, ସୀମାଞ୍ଚଳ ମାଝି, ଦେବାର୍ଚ୍ଚନ ଶଗରିଆ, ମାନଭଞ୍ଜନ ତ୍ରିପାଠୀ, ଜଳନ୍ଧର ମାଝି, ଚଉବନ ବେହେରା, ଖଗଦେବ ଖମାରୀ, ଡମ୍ବରୁ ଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଶାସ୍ତ୍ରୀଜୀ ଶିକ୍ଷା ନିକେତନରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.):** ଭବାନୀପାଟଣା ଶାସ୍ତ୍ରୀଜୀ ଶିକ୍ଷା ନିକେତନରେ ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଯୁବ ସଂଯୋଜକ ପ୍ରସନ୍ନ କୁମାର ମେହେର ଓ ସମ୍ମାନିତ ଅତିଥି ଦ୍ୱିତୀୟା ବଞ୍ଜୋର୍ ଉଦଘାଟନ କରିବା ସହ କ୍ରୀଡା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ନେତୃତ୍ୱରେ ଦୁଇଦିନ ବ୍ୟାପୀ ଏହି ବାର୍ଷିକ କ୍ରୀଡା ଉତ୍ସବ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମିଲିଟାରୀ ଅଫିସର୍ ତଥା ବର୍ତ୍ତମାନ ମେଦିନୀପୁର ପଞ୍ଚାୟତର ସରପଞ୍ଚ ଗୌରୀଶଙ୍କର ମିଶ୍ର ଯୋଗଦେଇଥିଲେ। ରଞ୍ଜିତ ଶବର ଓ ଜୟଶ୍ରୀ ଦାସ ବିଦ୍ୟାଳୟ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିଲେ। ଜଳେଶର ଗୌଡ, କିଶୋର ଚନ୍ଦ୍ର ସାହୁ ଓ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହେଇଥିଲା।

# ୯ ଦଫା ଦାବି ନେଇ ଗର୍ଜିଲା ଯୁବ କଂଗ୍ରେସ

**ଜୁନାଗଡ,୧୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ସୋମବାର ୯ଦଫା ଦାବି ନେଇ ଗର୍ଜିଛି କଂଗ୍ରେସ। ଏହି ଅବସରରେ ଦଳୀୟ ଯୁବ କର୍ମୀ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ। ପରେ ସେଠାରେ ବିଭିନ୍ନ ସମସ୍ୟାକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ପ୍ରତିବାଦ କରି ବିକ୍ଷୋଭ କରିଥିଲେ। ପରେ ଏକ ୯ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବିଡିଓ ଉପସ୍ଥିତ ନ ଥିବାରୁ ଏହାକୁ ମୁଖ୍ୟ କିରାଣି ଗ୍ରହଣ କରିଥିଲେ। ଏଥିରେ ମଣ୍ଡିରେ କଟନିଛଟନି ବନ୍ଦ କରିବା, ଚାଷୀଙ୍କୁ ଅଗ୍ରୀମ ବସ୍ତା ଯୋଗାଇ ଦିଆଯିବା, କେନାଲ ପାଣିର ସମସ୍ୟା, ବ୍ଲକରେ ପିସି କାରବାର ବନ୍ଦ କରିବା, ଠିକାଦାର ପୋଷା ନିତୀ ବନ୍ଦ କରିବା ସହ ବ୍ଲକର ଉନ୍ନୟନ କାମକୁ ଟେଣ୍ଡର ମାଧ୍ୟମରେ କରାଯିବା, ମରୁଡି ସହାୟତା ପ୍ରଦାନ ଓ ଜାତୀୟ ରାଜପଥ ୨୬ କଡରେ ବଙ୍କା ସମାଜ ଗୃହରେ ଗଢି ଉଠିଥିବା ବାରକୁ ଉଚ୍ଛେଦ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ଜିଲା ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ମିଲନ୍ଦ ଗୌତମ, ଭାରପ୍ରାପ୍ତ ଜିଲା ପ୍ରଭାରୀ ବିଶ୍ୱଜିତ ଲେଙ୍କା, ନବରଙ୍ଗପୁର ସଭାପତି ଦ୍ୱାରିକା ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଉପସଭାପତି ମହମ୍ମଦ ସାହେବ, ଯୁବନେତା ପ୍ରଭାତ ଦାଶ, ଅମିତ ଅଗ୍ରୱାଲ, ଡାକେ ଲହଜଲ, କୁମୁଦ ଗହୀର, ଅନୀଲ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ କଂଗ୍ରେସର ବିକ୍ଷୋଭ।

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

# ନଗର ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ, ୧୯।୧୨**

ବଲାଙ୍ଗୀର ସାଲେପାଲିସ୍ଥିତ ରାଧାମାଧବ ମନ୍ଦିରରେ ନଗର ତୈଳିକ ସମାଜର ବନ୍ଧୁମିଳନ ତଥା ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ରେବତୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାଜରେ ଉନ୍ନତି ସକାଶେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜ ସଭାପତି ତଥା ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ରାଜନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ଇତିହାସ ଏବଂ ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା କମିଟି ସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଦୀପ ସାହୁ, ସାଙ୍ଗଠନିକ ସମ୍ପାଦକ ବିକାଶ ରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ସମାଜର ଉନ୍ନତିକଳ୍ପେ ମତ ରଖିଥିଲେ। ନଗର ସମ୍ପାଦକ ଧ୍ରୁବଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ପ୍ରଶାସନିକ ସେବାପ୍ରାପ୍ତ ଶରତ ସାହୁ ଏବଂ ଡ. ସନ୍ଧ୍ୟାରାଣୀ ସାହୁଙ୍କୁ ମାନପତ୍ର ଏବଂ ସମାଜସେବୀ ରାହାସ ବିହାରୀ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତେଲି ସମାଜର ରକ୍ତଦାନ କରିଥିବା ଯୁବବର୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦୁର୍ଗା ସାହୁ ଏବଂ ଆଶୁତୋଷ ସାହୁ। ଜିଲା ତଥା ନଗର କମିଟିର ସଭ୍ୟ କୃଷ୍ଣ ବିହାରୀ ସାହୁ, ପରମାନନ୍ଦ ସାହୁ, ପ୍ରମୋଦ ସାହୁ, ଫକୀର ସାହୁ, ଆନନ୍ଦ ସାହୁ, ପ୍ରଶାନ୍ତ ସାହୁ, ସୁଦାମ ସାହୁ, ଯୁବ କମିଟି ସଭାପତି ଅନୁପ ସାହୁ, ସମ୍ପାଦକ ଅଙ୍କିତ ସାହୁ, ମହିଳା କମିଟି ସଭାପତି ଗୌରୀ ସାହୁ, ସମ୍ପାଦକ ସୁଇଟି ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ନଗର ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

### ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲ

## ନୂତନ ଡାଏଲିସିସ ମେଶିନ, ଶୌଚାଳୟ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୯।୧୨**

ସୋମବାର ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଠାରେ ଏକ ନୂତନ ଡାଏଲିସିସ ମେଶିନର ଉଦ୍‌ଘାଟନ କରିଥିଲେ। କର୍ତ୍ତବ୍ୟ ଫାଉଣ୍ଡେସନ ସଂସ୍ଥା ପକ୍ଷରୁ ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲ ଏହି ନୂତନ ମେଶିନ ଯୋଗାଇଦିଆଯାଇଛି। ବର୍ତ୍ତମାନ ଏହା ୧୧କୁ ବୃଦ୍ଧି ପାଇଛି। ଆଗାମୀ ଦିନରେ ଏହାକୁ ଆହୁରି ବୃଦ୍ଧି କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏତଦବ୍ୟତୀତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଏମ୍‌ସିଏଚ.କୋଠାରେ ନବନିର୍ମିତ ଶୌଚାଳୟକୁ ଜିଲାପାଳ ଉଦଘାଟନ କରିଥିଲେ। ଏହି କାର୍ଯକ୍ରମରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷକ ମାନସୀ ପଣ୍ଡା, ଅତିରିକ୍ତ ମେଡିକାଲ ଅଧିକ୍ଷକ ପ୍ରଭାତ କୁମାର ରଥ, ପ୍ରଶାସନିକ ଅଧିକାରୀ ଜୟଶ୍ରୀ ପାଢୀ, ମ୍ୟାନେଜର ପ୍ରତୁଷ ପଟ୍ଟନାୟକ, ସୁଦୀପ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କୁ ଭେଟିଲେ ଅଙ୍ଗନୱାଡି କର୍ମୀ

**ଲୋଇସିଂହା,୧୯।୧୨(ଡି.ଏନ.ଏ)**

୮ ଦଫା ଦାବିନେଇ ଅଲ ଓଡିଶା ଅଙ୍ଗନୱାଡି ଲେଡି ୱାର୍କ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇଛଇ। ଇତିମଧ୍ୟରେ ଆନ୍ଦୋଳନକୁ ୨୮ ଦିନ ବିତି ଯାଇଛି । ହେଲେ ରାଜ୍ୟ ସରକାର ସଂଘର ଦାବିକୁ ଶୁଣୁ ନାହାନ୍ତି। ଓଲଟି କାର୍ଯ୍ୟାନୁଷ୍ଠାନ ଧମକ ଦେଉଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଓ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କୁ ଭେଟି ସ୍ମାରକ ପତ୍ର ଦେଇଛନ୍ତି। ନଅଗାଁ(ଖ) ସ୍ଥିତ ଭାଜପା କାର୍ଯ୍ୟାଳୟରେ ବ୍ଲକ ଅଙ୍ଗନୱାଡି ସଂଘ ସଭାନେତ୍ରୀ ଯାଜ୍ଞସିନୀ କୁମ୍ଭାରଙ୍କ ନେତୃତ୍ୱରେ କର୍ମୀମାନେ ବିଧାୟକଙ୍କୁ ଭେଟିଥିଲେ । ଆନ୍ଦୋଳନ ସମ୍ପର୍କରେ ଜଣାଇ ୮ ଦଫା ସମ୍ବଳିତ ଦାବିପତ୍ର ସେମାନେ ପ୍ରଦାନ କରିଥିଲେ । କେନ୍ଦ୍ର ସରକାର ଯେତେବେଳ ଏହି ପଦବୀ ସୃଷ୍ଟି କରିଥିଲେ ସେତେବେଳେ ୮ ଟି ଯୋଜନା ଉପରେ ସେମାନେ କାମ କରୁଥିଲେ। ଏବେ ସେମାନେ ପ୍ରାୟ ୨୮ ଟି ଯୋଜନାରେ କାମ କରୁଛନ୍ତି। ତେଣୁ ସଂଘର ଦାବି ଯଥାର୍ଥ । ଏହାକୁ ମୁଁ ପୂର୍ଣ୍ଣ ସମର୍ଥନ ଜଣାଉଛି ଓ ସେମାନଙ୍କ ଦାବିକୁ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ବୋଲି ବିଧାୟକ ମହାଲିଙ୍ଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅପରପକ୍ଷେ ସଂଘର ପ୍ରତିନିଧି ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଟେଲକୁ ଭେଟି ସ୍ମାରକ ପତ୍ର ଦେଇଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ କୌଣସି କାମରେ ଆସିଲେ ଶୌଚାଳୟ ନ ଥିବାରୁ ହଟହଟା ହେଉଥିବା ନେଇ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ଡିଆରଡିଏ ବୈଠକରେ କର୍ମୀଙ୍କ ଦାବି ପ୍ରସଙ୍ଗ ଉଠାଇବା ସହ ଖୁବଶୀଘ୍ର ଶୌଚାଳୟ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ପଟେଲ ପ୍ରତିଶ୍ରୁତି ଦେଇଥିଲେ ।


ବିଧାୟକଙ୍କୁ ଅଙ୍ଗନୱାଡି କର୍ମୀ ସଂଘ ସଦସ୍ୟ ଭେଟୁଛନ୍ତି।

## ଶ୍ରୀରାମ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନୂଆପଡ଼ା ଅଫିସ,୧୯।୧୨**

ନୂଆପଡା ସଦର ବ୍ଲକ ପାୱାରତୋଲା ଶ୍ରୀରାମ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରସିସି ଗିରିଧାରି ନାଏକ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ଗୋବର୍ଦ୍ଧନ ସାହୁ, ଦିଲୀପ କୁମାର ଦଣ୍ଡସେନା, ହିରାଲାଲ ନାଏକ, ଭୋକସିଂ ମାଝି, ପ୍ରେମ ଦଣ୍ଡସେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ୨ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
@ ଦୀପକ
@ ରଶ୍ମିତା
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଯୁଗ୍ମ ଜନଶୁଣାଣି ଶିବିର

**ଦେଓଗାଁ,୧୯।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ମେହେରଙ୍କ ପରିଚାଳନାରେ ଏଡିଏମ ମହେନ୍ଦ୍ର ମହାପାତ୍ର, ଉପଜିଲାପାଳ କୁମାର ନାଗଭୂଷଣ, ଦେଓଗାଁ ଥାନାଧିକାରୀ ତାରାବତୀ ପ୍ରଧାନ, ଏପିଡି (ପ୍ରଶାସନିକ) ଗୁଣନିଧି ନାଏକ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଡୁମେରପିଟାରେ ମୋବାଇଲ ଟାୱାର ସ୍ଥାପନ, ପାନୀୟ ଜଳଯୋଗାଣ ତଥା ବିଭିନ୍ନ ସମସ୍ୟା ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧକ୍ଷ ଡ. ବିପିନ କୁଶୁଲିଆ ଅଭିଯୋଗ କରିଥିଲେ। ବ୍ଲକର ବିଭିନ୍ନ ଗାଁରୁ ୨୨ଟି ଗୋଷ୍ଠୀଭିତ୍ତିକ ଏବଂ ୧୦୭ଟି ବ୍ୟକ୍ତିଗତ ଅଭିଯୋଗ ଦାଖଲ ହୋଇଥିଲା । ଓଏଲଏମ ବ୍ଲକ ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆଙ୍କ ନେତୃତ୍ୱରେ ଓଡିଶା ଜିବିକା ମିଶନ ଓ ମିଶନ ଶକ୍ତି ତଥା ସ୍ୱୟଂ ସହାୟକ ଦଳ ପକ୍ଷରୁ ବିଭିନ୍ନ ପାରଦର୍ଶିତା ପ୍ରଦର୍ଶିତ କରାଯାଇଥିଲା। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ପରିଚାଳନାରେ ଉଦ୍ୟାନ, କୃଷି ବିଭାଗର ବିଭିନ୍ନ ଯୋଜନା, ଏଫଇଏସ ପକ୍ଷରୁ ଜୈବିକ ପଦ୍ଧତି ଉପରେ ସଚେତନତା, ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ ବିଭାଗ ତଥା ପୋଲିସ ପ୍ରଶାସନ ପକ୍ଷରୁ ଷ୍ଟଲ ମଧମରେ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଷ୍ଟଲ କରାଯାଇଥିଲା ।

# ପଞ୍ଚାୟତସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ରୁପ୍ରାରୋଡ,୧୯।୧୨(ଡି.ଏନ.ଏ.)**

ପୁରୁଷ ବିଶ୍ୱକପ ହକି ପାଇଁ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ଗ୍ରାମପଞ୍ଚାୟତ ସମେତ ସମସ୍ତ ପଞ୍ଚାୟତରେ ବିଭିନ୍ନ ଖେଳକୁଦ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁସ୍କୁଟି ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ଭଲିବଲ ଓ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁସ୍କୁଟି ପିଇଓ ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ମୁସ୍କୁଟି ସରପଞ୍ଚ ସଞ୍ଜୁଲତା ଭୋଇ, ସମ୍ମାନିତ ଅତିଥି ଭାବେ ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବିଷ୍ଣୁ ଚରଣ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଫୁଟବଲ ଖେଳ ସାଲିଙ୍ଗ ଓ କୁଟେନ ମଧରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୧-୧ରେ ଡ୍ର ହୋଇଥିଲା। ପରବର୍ତ୍ତୀ ମ୍ୟାଚ କେନ୍ଦୁପଡା ଓ କାରୁମପଦର ମଧରେ ଅନୁଷ୍ଠିତ ହୋଇ ଡ୍ର ହୋଇଥିଲା। ପରେ ଭଲିବଲ ମ୍ୟାଚ ମୁସ୍କୁଟି ଓ କେନ୍ଦୁପଡା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁସ୍କୁଟି ବିଜୟୀ ହୋଇଥିଲା। ଖେଳ ପରିଚାଳନା ମିଳିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ସମୀର ରଞ୍ଜନ ନାଏକ କରିଥିବା ବେଳେ ଲାଇନରେ ସଡମାତୁର ନାଏକ ଓ କହ୍ନେର ପାତ୍ର ସହଯୋଗ କରିଥିଲେ।

# ଟି୨୦ ବାର୍ ଆସୋସିଏଶନ କ୍ରିକେଟ ଟୁର୍ନାମେଣ୍ଟ

### ଖେଳାଳିଙ୍କୁ ଉତ୍ସାହିତ ପାଇଁ ବ୍ୟାଟ୍ ଧରିଲେ ଜିଲାପାଳ

**ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଷ୍ଟାଡିୟମଠାରେ ଜିଲାସ୍ତରୀୟ ଟି୨୦ ବାର୍ ଆସୋସିଏଶନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ବାର ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଓ ଅନ୍ୟତମ ଅତିଥି ଭାବେ ଓଡିଶା ଅଲମ୍ପିକ ସଭାପତି ଜଗମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ ପାଇଁ ଜିଲାପାଳ କ୍ରିକେଟ ଖେଳିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଧର୍ମଗଡ ବାର ଆସୋସିଏଶନ ଓ କଳାହାଣ୍ଡି ବାର ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ବାର ଆସୋସିଏଶନ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ଜିଲାର ୮ଟି ବାର ଆସୋସଏଶନ ଭାଗ ନେବାକୁ ଥିବାବେଳେ ୨୫ ତାରିଖ ଏଠାରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


ଜିଲାପାଳ ବ୍ୟାଟ ଧରି କ୍ରିକେଟ ଖେଳୁଛନ୍ତି।

# ସ୍ୱାସ୍ଥ୍ୟାବସ୍ଥା ପଚାରିଲେ, ସାହସକୁ ଜିଲାପାଳଙ୍କ ପ୍ରଶଂସା



ଜିଲାପାଳ ଚଞ୍ଚଳ ରାଣା ଆଇସିୟୁ ବାହାରେ ଛାତ୍ର ସଦାନନ୍ଦଙ୍କ ମାତାପିତା ଏବଂ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୯।୧୨**

### ଛାତ୍ରଙ୍କ ବେକରେ ଜାଭେଲିନ୍ ପଶିଯିବା ଘଟଣା

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ହାଇସ୍କୁଲ କ୍ରୀଡା ପ୍ରତିଯୋଗିତା ଚାଲିଥିବାବେଳେ ଏକ ଜାଭେଲିନ୍ ଗଳିଯିବା ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଛାତ୍ର ସଦାନନ୍ଦ ମେହେରଙ୍କ ସ୍ୱାସ୍ଥାବସ୍ଥା ଜିଲାପାଳ ଚଞ୍ଚଳ ରାଣା ପଚାରି ବୁଝିଥିଲେ। ଜିଲାପାଳ ରାଣା ସୋମବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ଆଇସିୟୁରେ ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ରହିଛି ସେନେଇ ମେଡିକାଲ କଲେଜ ଅଧିକ୍ଷକ ଡା ମାନସୀ ପଣ୍ଡା, ଏଡିଏମ୍‌ଓ ଡା ପ୍ରଭାତ କୁମାର ରଥଙ୍କ ସହ ଆଲୋଚନା କରିଥିଲେ। ସଦାନନ୍ଦ ଏବେ ସୁସ୍ଥ ହେଉଥିବା ସମ୍ପର୍କରେ ଡାକ୍ତରମାନେ ସୂଚନା ଦେବା ସହ ଦିନେ ଦୁଇଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ରିଲିଫ୍ କରାଯିବ ବୋଲି କହିଥିବା ଜିଲାପାଳ ରାଣା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏହାପରେ ଜିଲାପାଳ ରାଣା ତାଙ୍କ ପିତାମାତାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ରାଣା ସଦାନନ୍ଦଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କ ସାହସକୁ ଦେଖି ଡାକ୍ତରମାନେ ମଧ ଉତ୍ସାହିତ ହୋଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଅସ୍ତ୍ରୋପଚାର କରିବାକୁ ସାହସ ବାନ୍ଧିଥିଲେ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ସମସ୍ତ ଡାକ୍ତରୀ ଟିମ୍‌କୁ ମଧ ଧନ୍ୟବାଦ ଜଣାଇଥିଲେ।

### ‘ଆଇସିୟୁ ପ୍ରୋଟୋକଲ ଉଲ୍ଲଂଘନ ହୋଇଛି’

ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁ ଭିତରେ ପ୍ରବେଶ କରି କେତେକ ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ନାଁରେ ଫଟୋ ଉଠାଇଛନ୍ତି। କୌଣସି ପରିସ୍ଥିତିରେ କେହି ବାହାର ଲୋକ ଆଇସିୟୁକୁ ପ୍ରବେଶ କରିପାରିବେ ନାହିଁ। ଆଇସିୟୁ ପ୍ରୋଟୋକଲ କେହିବି ଭାଙ୍ଗି ପାରିବେ ନାହିଁ। ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ବାହାନାରେ ଆଇସିୟୁ ଭିତରକୁ ପଶିବା ପ୍ରୋଟୋକଲ ଉଲ୍ଲଂଘନ ହୋଇଛି। ଏହା ଉଲଂଘନ କରିବାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ରାଣା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଆଜି କଡା ଭାଷାରେ ତାଗିଦ୍ କରିଛନ୍ତି। ସଦାନନ୍ଦଙ୍କୁ ଦେଖିବା ବାହାନାରେ ଦୁଇଜଣ ବିଜେଡି ନେତା, ବଲାଙ୍ଗୀର ପୌରାଧକ୍ଷା ଏବଂ ଜଣେ ଆଇନଜୀବୀ ଓ ଜଣେ କଂଗ୍ରେସ ନେତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗଣମାଧମ ପ୍ରତିନିଧିଙ୍କୁ ଆଇସିୟୁ ପ୍ରୋଟୋକଲ ନାଁରେ ବାରଣ କରାଯାଉଥିବାବେଳେ ରାଜନେତା ଓ ଅନ୍ୟମାନେ କିଭଳି ଆଇସିୟୁକୁ ପ୍ରବେଶ କଲେ ବୋଲି ଜିଲାପାଳ ରାଣାଙ୍କୁ ଗଣମାଧମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଆଗକୁ ଯେଭଳି ଆଇସିୟୁ ପ୍ରୋଟୋକଲ ଉଲ୍ଲଂଘନ ନହେବ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ଜିଲାପାଳ ରାଣା ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଜିଲାପାଳ ରାଣା ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାବେଳେ ଆଇସିୟୁ ଭିତରକୁ ଯାଇ ନ ଥିବା ଦେଖାଯାଇଥିଲା।

## ଲାଗିରହିଛି ଆରୋପ ପ୍ରତ୍ୟାରୋପ

### ବ୍ରଜରାଜନଗର, ବେଲପାହାଡ ପୌର ପରିଷଦରେ ଅଚଳାବସ୍ଥା

ଝାରସୁଗୁଡ଼ା ଅଫିସ/ବେଲପାହାଡ଼,୧୯।୧୨

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ଓ ବେଲପାହାଡ ପୌର ପରିଷଦ ପରିଚାଳନାକୁ ନେଇ ଏବେ ଦେଖାଦେଇଛି ଅଚଳାବସ୍ଥା। ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଥିବାବେଳେ ଅନ୍ୟପଟେ ପୌରାଞ୍ଚଳରେ ଉନ୍ନୟନ କାମ ଆଗେଇ ପାରୁନାହିଁ। ସରକାର ଓ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଉଭୟ ପୌରପରିଷଦକୁ ସୁଚାରୁରୂପେ ପରିଚାଳନା କରିବାପାଇଁ ଦାବି ହେଉଛି।

ନବନିର୍ବାଚିତ ପ୍ରତିନିଧିଙ୍କୁନେଇ ବ୍ରଜରାଜନଗର ଓ ବେଲପାହାଡରେ କାଉନସିଲ୍ ବୈଠକ ଆହ୍ୱାନ କରାଯାଉଛି । ହେଲେ ବୈଠକରେ ଅଧିକାଂଶ କାଉନସିଲର ଅନୁପସ୍ଥିତ ରହୁଛନ୍ତି। କେତେବେଳେ କାଉନସିଲରମାନେ ପୌରାଧ୍ୟକ୍ଷ ଆଉ କେତେବେଳେ ପୌର ନିର୍ବାହୀ ଅଧିକାରୀଙ୍କ ନାମରେ ଅଭିଯୋଗ ଆଣୁଛନ୍ତି। ଗତ ଗୁରୁବାର ବେଲପାହାଡ ପୌର ପରିଷଦ ବୈଠକ ରହିଥିବାବେଳେ ଏଥିରେ ଉପାଧ୍ୟକ୍ଷାଙ୍କ ସମେତ ୧୩ଜଣ କାଉନସିଲର



ବେଲପାହାଡ ଉପଧ୍ୟକ୍ଷାଙ୍କ ନେତୃତ୍ୱରେ କାଉନସିଲରମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଅନୁପସ୍ଥିତ ରହିଥିଲେ। ଫଳରେ କୋରମ ଅଭାବରୁ ପୌରାଧ୍ୟକ୍ଷ ବୈଠକ ବାତିଲ କରିଥିଲେ। ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ହୋଇଥିଲା। ଏ ନେଇ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟପକ୍ଷେ ଉପଧ୍ୟକ୍ଷା ରୀନା ସୁନାଙ୍କ ନେତୃତ୍ୱରେ ଅସନ୍ତୁଷ୍ଟ କାଉନସିଲରମାନେ ସୋମବାର ଜିଲାପାଳଙ୍କୁ ଏକ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ବିଭାଗୀୟ ନିର୍ଦ୍ଦେଶକ, ୫-ଟି ସଚିବ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ବେଲପାହାଡ ପୌର ପରିଷଦ କାଉନସିଲ୍ ବୈଠକରେ ଓଡିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ (୭୧-(୨-ବି) ପାଳନ କରାଯାଉନାହିଁ, ପୌରାଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟ ଆଦି ଉଲ୍ଲେଖ ରହିଛି। ସେହିପରି ବ୍ରଜରାଜନଗର ପୌର ପରିଷଦ ପରିଚାଳନାରେ ଅବବ୍ୟସ୍ଥା ନେଇ ଉପାଧ୍ୟକ୍ଷ କ୍ରିଷ୍ଣା ଗୋପାଳ ସିତାନୀଙ୍କ ନେତୃତ୍ୱରେ ୧୩ଜଣ କାଉନସିଲର ସୋମବାର ପତ୍ର ମାଧ୍ୟମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନକଲ ପୌର ନିର୍ବାହୀ ଅଧିକାରୀ, ଯୁଡି ବିଭାଗ ସମ୍ପାଦକ, ୫-ଟି ସଚିବ ଆଦିଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ବେଲପାହାଡ ପୌର ପରିଷଦରେ କାର୍ଯ୍ୟରତ କର୍ମଚାରୀଙ୍କ ନାମରେ ଉପଧ୍ୟକ୍ଷା ଓ କେତେଜଣ କାଉନସିଲର ଆକ୍ଷେପ ମୂଳକ ମନ୍ତବ୍ୟ ଦେଇଛନ୍ତି। କର୍ମଚାରୀମାନେ ଏହାକୁ ନିନ୍ଦା କରିବା ସହ ଏସମ୍ପର୍କରେ ପୌରାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଦୀପକ


@ ରଶ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା ଅଫିସ,୧୯।୧୨:** ରାଉରକେଲା ଅବକାରୀ ପୋଲିସ ରାଉରକେଲା ରେଳ ଷ୍ଟେଶନ ପରିସରରୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନଦିଆ ୱେଷ୍ଟବେଙ୍ଗଲର ନରେଶ ଚନ୍ଦ୍ର ବାରିକ(୪୭) ଓ ମହମ୍ମଦ ଅଖତର(୫୭)। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ନଦିଆୱେଷ୍ଟ ବେଙ୍ଗଲ ନାରାୟଣପୁର ଗ୍ରାମର ନରେଶ ଓ ମହମ୍ମଦ ସୋମବାର ଏକ ଟ୍ରେନ୍ ଯୋଗେ ଦୁଇଟି ଅଖାରେ ଗଞ୍ଜେଇ ନେଇ ରାଉରକେଲା ଅଭିମୁଖେ ଆସି ପ୍ଲାଟଫର୍ମ ନଂ-୧ରେ ଅପେକ୍ଷା କରିଥିଲେ। ଏହି ସମୟରେ ଆରପିଏଫ ତାଙ୍କୁ କାବୁ କରି ଅବକାରୀ ପୋଲିସକୁ ହସ୍ତାନ୍ତର କରିଥିଲା। ଅବକାରୀ ପୋଲିସ ଉପସ୍ଥିତିରେ ଉକ୍ତ ଅଖା ଦୁଇଟିକୁ ଯାଞ୍ଚ କରାଯିବାବେଳେ ସେଥିରୁ ୧୧ କେ.ଜି ୩୬୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା।

### ଟ୍ରେନ୍‌ରେ କଟି ଯୁବକ ମୃତ

**ରାଉରକେଲା ଅଫିସ,୧୯।୧୨:** ରାଉରକେଲା ଏସ୍‌ଟିଆଇ ଛକ ରେଳ ଫାଟକ ନିକଟରେ ସୋମବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଉକ୍ତ ଯୁବକଙ୍କ ବୟସ ପାଖାପାଖି ୪୦ ହେବ। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (ରାତି ସାଢେ ୯ଟା) ମୃତକଙ୍କ କୌଣସି ପରିଚୟ ମିଳିନାହିଁ। ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮୭।୨୨) ରୁଜୁ କରି ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ସାଢେ ୩ଟାରେ ଗଙ୍ଗାଧରପାଲି ସ୍ଥିତ ଏସ୍‌ଟିଆଇ ଛକ ରେଳ ଫାଟକରେ ଜଣେ ଯୁବକ ରେଳ ଲାଇନ ପାରି ହେଉଥିବାବେଳେ ଡାହାଣ ପାର୍ଶ୍ୱରୁ ଆସୁଥିବା ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯୁବକ ଜଣଙ୍କ କାନରେ ଇୟର ଫୋନ୍ ଦେଇ କଥାବାର୍ତ୍ତା ହୋଇ ରେଳ ଲାଇନ ଅତିକ୍ରମ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା।

### ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ବୈଠକ

**ଝାରସୁଗୁଡ଼ା ଅଫିସ,୧୯।୧୨:** ନିଖିଳ ଉତ୍କଳ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଝାରସୁଗୁଡ଼ା ଜିଲା ଶାଖାର ନବମ ତ୍ରୟୋବାର୍ଷିକ ସମ୍ମିଳନୀ କାପୁମାଲ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚକ୍ରଧର ବଏଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପବିତ୍ର କୁମାର ପରିଜା ମୁଖ୍ୟଅତିଥି, ସହକାରୀ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିଭୂତି ଭୂଷଣ ପଟ୍ଟନାୟକ, ଡା.ପ୍ରଶାନ୍ତ କୁମାର କଟୁଆଳ, ଡା.ନକୁଳ ଚନ୍ଦ୍ର ନାଏକ, ସହକାରୀ ନିର୍ଦ୍ଦେଶକ ଡା.ମୃଣ୍ମୟ କୁମାର ପଣ୍ଡା, ବରଗଡ଼ ଜିଲା ସମ୍ପାଦକ ଦିଲୀପ ଦେବତା, ସମ୍ବଲପୁର ଜିଲା ସମ୍ପାଦକ ସମୀର ଗୁପ୍ତା, ବରିଷ୍ଠ ସଭ୍ୟ ଓ ଉପଦେଷ୍ଟା ବିଶିକେଶନ କିସାନ, ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସଂଗଠନ ସମ୍ପାଦକ ପ୍ରଦୀପ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂଘର ସମ୍ପାଦକ ସୁରସେନ ଭୋଇ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସଂଘର ୫ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଛି। ଏଥିରେ ଚକ୍ରଧର ବଏଗା ସଭାପତି, ରୋଜାଲିନ ନାଏକ ଉପସଭାପତି, ସୁରସେନ ଭୋଇ, ରଶ୍ମିତା ପଟେଲ କୋଷାଧକ୍ଷ, ଭିକାରୀ ଚରଣ ଚୌଧୁରୀ ସଂଗଠନ ସମ୍ପାଦକ, ବିଶ୍ୱକେସନ କିସାନ ଉପଦେଷ୍ଟା ଓ ବାସୁଦେବ ବାଗ ଉପଖଣ୍ଡ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

## ଯୁଗ୍ମ ଜନଶୁଣାଣିରେ ୪୨ ଅଭିଯୋଗ ପଞ୍ଜୀକୃତ


ଜନଶୁଣାଣି ଶିବିରରେ ଉପସ୍ଥିତ ବିଭାଗୀୟ ଅଧିକାରୀବୃନ୍ଦ।

### ଲାଠିକଟା ବ୍ଲକ

ରାଉରକେଲା ଅଫିସ,୧୯।୧୨

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଲାଠିକଟା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୪୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୪ଟିର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ତୁରନ୍ତ ବିଚାର କରି ଆଶୁ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଲାଠିକଟା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଲୋକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରେ ଆବାସ ଯୋଜନା, ରାସ୍ତା ଓ ଡ୍ରେନ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ୍, ରାସନ କାର୍ଡ, ସ୍ୱାସ୍ଥ୍ୟ, ଅଙ୍ଗନୱାଡି ଏବଂ ସ୍କୁଲ ଆଦି ସମସ୍ୟା ରହିଥିଲା। ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏବଂ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧକ୍ଷ କମଳ ଲାକ୍ରା, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝି, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଡିଏମ୍‌ଏଫ୍ ସିଇଓ ରୀତା ଡାଙ୍ଗ, ବଣାଇଁ ଏସ୍‌ଡିପିଓ ସ୍ୱରାଜ ଦେବତା, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀରାଣୀ ନାୟକ, ଲାଠିକଟା ବ୍ଲକ ଅଧକ୍ଷ ଦିଲୀପ କୁମାର ଖେସ ଏବଂ ଲାଠିକଟା ବିଡିଓ ରୀନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଜିଆଇଏସ୍ ପ୍ରଣାଳୀରେ ଟିପିଡବ୍ଲ୍ୟୁଓଡିଏଲ୍‌ର ଗ୍ରାହକ ସର୍ଭେ

ସମ୍ବଲପୁର,୧୯।୧୨(ବ୍ୟୁରୋ)

ଜିଆଇଏସ୍ ପ୍ରଣାଳୀରେ ଟିପିଡବ୍ଲ୍ୟୁଓଡିଏଲ୍‌ର ଗ୍ରାହକ ସର୍ଭେ ଆରମ୍ଭ ହୋଇଛି। ଡ୍ରୋନ, ମୋବାଇଲ ଭିଡିଓ ମ୍ୟାପିଂ ବ୍ୟବହାର ଗ୍ରାହକ ସେବାର ମାନ ବୃଦ୍ଧି କରିବା ପାଇଁ ସହାୟକ ହେବ। ଏହାଦ୍ୱାରା ଲୋଭୋଲଟେଜ, ଜରୁରିକାଳୀନ ପରିସ୍ଥିତି ସମୟରେ ଗ୍ରାହକ ସେବାର ମାନ ନିରୂପଣ କରାଯାଇପାରିବ। ପଶ୍ଚିମ ଓଡ଼ିଶାର ବରଗଡ, ସୋନପୁର, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲାର ବିଦ୍ୟୁତ୍ ଗ୍ରାହକ, ଜନସାଧାରଣ ଏହି ସେବା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଷଡ଼ବଂଶୀୟ ଗଣ୍ଡସମାଜର ମହାସଭା ଉଦ୍‌ଯାପିତ

### ଗଣ୍ଡ ସମାଜର ସମ୍ବିଧାନ ସଂଶୋଧନ ପାଇଁ ନିଷ୍ପତ୍ତି

ଝାରସୁଗୁଡ଼ା ଅଫିସ,୧୯।୧୨

ଝାରସୁଗୁଡା ସହର ଉପକଣ୍ଠସ୍ଥ ଦଲକି (ଫୁଲଚାଙ୍ଗୁର) ଠାରେ ଝାରସୁଗୁଡା ଷଡବଂଶୀୟ ଔଟଘର ଗଣ୍ଡ ସମାଜର ତ୍ରିଦିବସୀୟ ମହାସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ତାରିଖରୁ ଏହି ମହାସଭା ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ଗଣ୍ଡ ସମ୍ବିଧାନକୁ ସଂଶୋଧନ କରାଯାଇ ମାର୍ଜିତ ରୂପେ ସମାଜରେ ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଗଲା। ୩ଦିନ ଧରି ଷଡବଂଶୀୟ ଗଣ୍ଡ ସମାଜର ସଂସ୍କୃତି, ପରମ୍ପରା, ଐତିହ୍ୟ ଉପରେ ବକ୍ତାମାନେ ଆଲୋଚନା କରିଥିଲେ । ଶେଷରେ ପଶ୍ଚିମ ଓଡ଼ିଶାର ବିଭିନ୍ନ କଳାକାରଙ୍କୁ ନେଇ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ସମ୍ବଲପୁର ସଭାପତି ବଦ୍ରି ବରିହା, ନବୀନ ନାଏକ, ଲୀଳାସାଗର ଧୁରୁଆ, ତପି ମରେଇ, ସେବକ ରାମ ଧୁରୁଆ ସଭା ପରିଚାଳନା କରିଥିଲେ। ଅମରେନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧର୍ମେନ୍ଦ୍ର ପ୍ରଧାନ, ପ୍ରସନ୍ନ ପ୍ରଧାନ, ହେମେନ୍ଦ୍ର ନାଥ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦ ହଜାର ଜାତି ସମାଜର ଲୋକ ଉପସ୍ଥିତ ଥିଲେ।

## ହକି ଟିକେଟ ପାଇଁ କାଉଣ୍ଟରରେ ଭିଡ଼


ହକି ମ୍ୟାଚ୍ ଟିକେଟ୍ ପାଇଁ କାଉଣ୍ଟରରେ ଭିଡ଼ ଲାଗିଛି।

ରାଉରକେଲା ଅଫିସ,୧୯।୧୨

ରାଉରକେଲାରେ ପ୍ରଥମ ଥର ପାଇଁ ହେବାକୁ ଥିବା ବିଶ୍ୱସ୍ତରୀୟ ହକି ମ୍ୟାଚ୍‌ର ଅଫଲାଇନ ଟିକେଟ ବିକ୍ରି ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପରିସରରେ ସୋମବାର ଆରମ୍ଭ ହୋଇଛି। ଆସନ୍ତା ଜାନୁଆରୀ ୧୩ ତାରିଖରେ ରାଉରକେଲାରେ ହେବାକୁ ଥିବା ବିଶ୍ୱକପ୍ ହକି ମ୍ୟାଚ୍‌ରେ ଭାରତ ଦଳ ସ୍ପେନକୁ ଭେଟିବ। ଉକ୍ତ ମ୍ୟାଚ୍ ଦେଖିବା ପାଇଁ ହକି କ୍ରୀଡ଼ାପ୍ରେମୀ ଟିକେଟ କିଣିବା ଲାଗି କାଉଣ୍ଟରରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ବିର୍ସାମୁଣ୍ଡା ହକି ଷ୍ଟାଡିୟମର ୨ ଓ ୬ ନମ୍ବର ଟିକେଟ କାଉଣ୍ଟର ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲାରହିଥିଲା। ଗୋଟିଏ ଆଧାର କାର୍ଡରେ ୨ଟି ଲେଖାଏ ଟିକେଟ ମିଳିବା ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଥମ ଦିନରେ ବହୁ ଦର୍ଶକ ଟିକେଟ ନ ପାଇ ଫେରିଥିବା ଜଣାପଡିଛି।

## ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଝାରସୁଗୁଡ଼ା ଅଫିସ, ୧୯।୧୨

ଲଖନପୁର ବ୍ଲକ୍ ଅଢାପଡା ଜବାହରଲାଲ୍ ସରକାରୀ ହାଇସ୍କୁଲ୍‌ର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସ୍କୁଲ୍ ତରଫରୁ ସିଲ୍, କପ୍ ସହିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଣ୍ଣ କେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଏଥିରେ କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନ ମୁଖ୍ୟଅତିଥି, ସମିତିସଭ୍ୟା ଦମୟନ୍ତୀ ସା ମୁଖ୍ୟବକ୍ତା ଓ ପୂର୍ବତନ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ସିଆର୍‌ସିସି ସୁଶାନ୍ତ ସା, ଛାତ୍ର ସଂସଦ ସଭାପତି ରଞ୍ଜନ ଭୋଇ, ସ୍କୁଲ୍ ପରିଚାଳନା କମିଟି ସଭାପତି ପ୍ରସନ୍ନ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହାକୁ ଶିକ୍ଷୟିତ୍ରୀ ଶାନ୍ତିଲତା ପାଣ୍ଡେ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍କୁଲ୍‌ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଘୁମୁରା ଉତ୍ସବ ପାଇଁ ଫୁଟବଲ, ଭଲିବଲ ପ୍ରତିଯୋଗିତା

କେସିଙ୍ଗା,୧୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଶିରୋଲ ପଞ୍ଚାୟତ ପକ୍ଷରୁ ଆସନ୍ତା ଜାନୁୟାରୀ ୫ରେ ହେବାକୁ ଥିବା କଳାହାଣ୍ଡି ଉତ୍ସବ ଘୁମୁରା ନିମନ୍ତେ ପଞ୍ଚାୟତସ୍ତରୀୟ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଡୁମେରମୁଣ୍ଡା ଖେଳ ପଡିଆଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଡୁମେରମୁଣ୍ଡା, ଶିରୋଲ ଓ ପୋଢ଼ଖମ୍ବ ଗ୍ରାମର ୩ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ।

## ଟି୨୦ ବାର୍ ଆସୋସିଏଶନ କ୍ରିକେଟ ଟୁର୍ନାମେଣ୍ଟ

ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂରଷ୍ଟାଡିୟମଠାରେଜିଲାସ୍ତରୀୟ ଟି୨୦ ବାର୍ ଆସୋସିଏଶନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ବାର ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦଘାଟନୀରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଅନ୍ୟତମ ଅତିଥି ଭାବେ ଓଡିଶା ଅଲମ୍ପିକ ସଭାପତି ଜଗମୋହନ ପଟ୍ଟନାୟକ ଯୋଗଦେଇଥିଲେ। ଉପସ୍ଥିତ ଖେଳାଳିଙ୍କୁ ଉତ୍ସାହିତ ପାଇଁ ଜିଲାପାଳ କ୍ରିକେଟ ଖେଳିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଧର୍ମଗଡ ବାର ଆସୋସିଏଶନ ଓ କଳାହାଣ୍ଡି ବାର ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ବାର ଆସୋସିଏଶନ ବିଜୟୀ ହୋଇଥିଲା।


ସମ୍ବଲପୁର ଝାହୁଆପଡା ଆରଣ୍ୟକ ମଞ୍ଚଠାରେ ସୋମବାର ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବରେ ଅବସର ନାଟକର ଏକ ଦୃଶ୍ୟ।

## ସ୍ୱାସ୍ଥ୍ୟାବସ୍ଥା ପଚାରିଲେ, ସାହସକୁ ଜିଲାପାଳଙ୍କ ପ୍ରଶଂସା


ଜିଲାପାଳ ଚଞ୍ଚଳ ରାଣା ଆଇସିୟୁ ବାହାରେ ଛାତ୍ର ସଦାନନ୍ଦଙ୍କ ମାତାପିତା ଏବଂ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

### ଛାତ୍ରଙ୍କ ବେକରେ ଜାଭେଲିନ୍ ପଶିଯିବା ଘଟଣା

ବଲାଙ୍ଗୀର ଅଫିସ, ୧୯।୧୨

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ହାଇସ୍କୁଲ କ୍ରୀଡା ପ୍ରତିଯୋଗିତା ଚାଲିଥିବାବେଳେ ଏକ ଜାଭେଲିନ୍ ଗଳିଯିବା ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଛାତ୍ର ସଦାନନ୍ଦ ମେହେରଙ୍କ ସ୍ୱାସ୍ଥାବସ୍ଥା ଜିଲାପାଳ ଚଞ୍ଚଳ ରାଣା ପଚାରି ବୁଝିଥିଲେ। ଜିଲାପାଳ ରାଣା ସୋମବାର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ଆଇସିୟୁରେ ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ରହିଛି ସେନେଇ ମେଡିକାଲ କଲେଜ ଅଧିକ୍ଷକ ଡା ମାନସୀ ପଣ୍ଡା, ଏଡିଏମ୍‌ଓ ଡା ପ୍ରଭାତ କୁମାର ରଥଙ୍କ ସହ ଆଲୋଚନା କରିଥିଲେ। ସଦାନନ୍ଦ ଏବେ ସୁସ୍ଥ ହେଉଥିବା ସମ୍ପର୍କରେ ଡାକ୍ତରମାନେ ସୂଚନା ଦେବା ସହ ଦିନେ ଦୁଇଦିନ ଭିତରେ ତାଙ୍କୁ ହସ୍ପିଟାଲରୁ ରିଲିଫ୍ କରାଯିବ ବୋଲି କହିଥିବା ଜିଲାପାଳ ରାଣା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏହାପରେ ଜିଲାପାଳ ରାଣା ତାଙ୍କ ପିତାମାତାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ରାଣା ସଦାନନ୍ଦଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଥିଲେ। ତାଙ୍କ ସାହସକୁ ଦେଖି ଡାକ୍ତରମାନେ ମଧ ଉତ୍ସାହିତ ହୋଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଅସ୍ତ୍ରୋପଚାର କରିବାକୁ ସାହସ ବାନ୍ଧିଥିଲେ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ସମସ୍ତ ଡାକ୍ତରୀ ଟିମ୍‌କୁ ମଧ ଧନ୍ୟବାଦ ଜଣାଇଥିଲେ।

### 'ଆଇସିୟୁ ପ୍ରୋଟୋକଲ ଉଲ୍ଲଂଘନ ହୋଇଛି'

ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁ ଭିତରେ ପ୍ରବେଶ କରି କେତେକ ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ନାଁରେ ଫଟୋ ଉଠାଇଛନ୍ତି। କୌଣସି ପରିସ୍ଥିତିରେ କେହି ବାହାର ଲୋକ ଆଇସିୟୁକୁ ପ୍ରବେଶ କରିପାରିବେ ନାହିଁ। ଆଇସିୟୁ ପ୍ରୋଟୋକଲ କେହିବି ଭାଙ୍ଗି ପାରିବେ ନାହିଁ। ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ବାହାନାରେ ଆଇସିୟୁ ଭିତରକୁ ପଶିବା ପ୍ରୋଟୋକଲ ଉଲ୍ଲଂଘନ ହୋଇଛି। ଏହା ଉଲଂଘନ କରିବାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ରାଣା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଆଜି କଡା ଭାଷାରେ ତାଗିଦ୍ କରିଛନ୍ତି। ସଦାନନ୍ଦଙ୍କୁ ଦେଖିବା ବାହାନାରେ ଦୁଇଜଣ ବିଜେଡି ନେତା, ବଲାଙ୍ଗୀର ପୌରାଧକ୍ଷା ଏବଂ ଜଣେ ଆଇନଜୀବୀ ଓ ଜଣେ କଂଗ୍ରେସ ନେତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଇସିୟୁ ପ୍ରୋଟୋକଲ ନାଁରେ ବାରଣ କରାଯାଉଥିବାବେଳେ ରାଜନେତା ଓ ଅନ୍ୟମାନେ କିଭଳି ଆଇସିୟୁକୁ ପ୍ରବେଶ କଲେ ବୋଲି ଜିଲାପାଳ ରାଣାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଆଗକୁ ଯେଭଳି ଆଇସିୟୁ ପ୍ରୋଟୋକଲ ଉଲ୍ଲଂଘନ ନହେବ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ଜିଲାପାଳ ରାଣା ମେଡିକାଲ କଲେଜ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଜିଲାପାଳ ରାଣା ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାବେଳେ ଆଇସିୟୁ ଭିତରକୁ ଯାଇ ନ ଥିବା ଦେଖାଯାଇଥିଲା।

## ସଂକ୍ଷେପରେ

### ଆଲ୍ଲାହାବାଦ ୟୁନିଭର୍ସିଟିରେ ଛାତ୍ର-ଗାର୍ଡ ସଂଘର୍ଷ

**ଲକ୍ଷ୍ନୌ,୧୯।୧୨:** ଆଲ୍ଲାହାବାଦ ୟୁନିଭର୍ସିଟି କ୍ୟାମ୍ପସରେ ପ୍ରବେଶକୁ ନେଇ ସୋମବାର ସନ୍ଧ୍ୟାରେ ଛାତ୍ର ଓ ସୁରକ୍ଷା ଗାର୍ଡଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ୟୁନିଭର୍ସିଟି ଗେଟ୍‌ରେ ଥିବା ପୋଲିସକର୍ମୀଙ୍କ ଉପରକୁ ଛାତ୍ରମାନେ ଟେକା ଫିଙ୍ଗିଥିବାବେଳେ ଉତ୍ତ୍ୟକ୍ତ ଛାତ୍ର ଏକ ମୋଟର ସାଇକେଲ ଜଳାଇ ଦେଇଛନ୍ତି। ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲା। କିଛିମାସ ପୂର୍ବେ ୟୁନିଭର୍ସିଟି ଫି' ବୃଦ୍ଧି ନେଇ ବିକ୍ଷୋଭ କରିଥିବା ଛାତ୍ର ସଂଗଠନର ନେତା କ୍ୟାମ୍ପସରେ ଥିବା ବ୍ୟାଙ୍କ ଯାଉଥିବାବେଳେ ଗାର୍ଡ ତାଙ୍କୁ ଭିତରକୁ ଛାଡ଼ି ନ ଥିଲା। ଫଳରେ ଗାର୍ଡ ଓ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ମାଡ଼ଗୋଳ ସ୍ଥିତି ଉପୁଜିଥିଲା।

**ପରିବାରର ୬ ଜୀବନ୍ତ ଦଗ୍ଧ ଘଟଣା**

### ଘରେ ନିଆଁ ଲଗାଇବାକୁ ସୁପାରି ଦିଆଯାଇଥିଲା

**ହାଇଦ୍ରାବାଦ ,୧୯।୧୨:** ତେଲଙ୍ଗାନାର ମଞ୍ଚେରିଆଲ ଜିଲାରେ ଗତ ଶନିବାର ଭୋର ସମୟରେ ଏକ ଘରେ ନିଆଁ ଲାଗି ପରିବାରର ୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଜିଲାର ଭେଙ୍କଟପୁରରେ ଗ୍ରାମ ରାଜସ୍ୱ ସହାୟକ (ଭିଆର୍‌ଏ)ଙ୍କ ଘରେ ନିଆଁ ଲଗାଇବା ପାଇଁ ସୁପାରି ଦିଆଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। ଘଟଣା ପଛରେ ପରକୀୟା ପ୍ରୀତି ରହିଥିବା ପୋଲିସ ଜାଣିବାକୁ ପାଇଛି। ଭିଆର୍‌ଏ ଶିବାୟାଙ୍କ ସ୍ତ୍ରୀ ପଦ୍ମା (୪୫)ଙ୍କ ସହ ତାଙ୍କର ପାରିବାରିକ ବନ୍ଧୁ ଶାନ୍ତିଆହ ଅନୈତିକ ସମ୍ପର୍କ ରଖିଥିଲେ। ଶାନ୍ତିଆହ ତାଙ୍କ ସ୍ତ୍ରୀ ସୃଜନାଙ୍କଠାରୁ ଅଲଗା ହୋଇ ଭିଆର୍‌ଏଙ୍କ ଘର ନିକଟରେ ରହୁଥିଲେ। ନିଆଁ ଲାଗିବାର କାରଣ ସମ୍ପର୍କରେ ଫୋରେନ୍‌ସିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ କହିଛି। କେତେଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ୧୯୭୧ ଯୁଦ୍ଧର ହିରୋ ରାଠୋଡ଼ଙ୍କ ପରଲୋକ



**ଯୋଧପୁର, ୧୯।୧୨:** ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ହିରୋ କୁହାଯାଉଥିବା ଲାନ୍ସ ନାଏକ ଭୈରୋଂ ସିଂ ରାଠୋଡ଼ଙ୍କ ସୋମବାର ପରଲୋକ ଘଟିଛି। ଥଣ୍ଡା ଓ ଛାତିରେ ଯନ୍ତ୍ରଣା ଯୋଗୁ କିଛିଦିନ ଧରି ଅସୁସ୍ଥ ଥିବା ଭୈରୋଂ ସିଂ ଯୋଧପୁରର ଏମ୍ସରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଯୁଦ୍ଧରେ ଭୈରୋଂ ତାଙ୍କ ମେଶିନ୍ ଗନ୍ ସାହାଯ୍ୟରେ ବହୁ ପାକିସ୍ତାନୀ ସୈନ୍ୟଙ୍କୁ ନିହତ କରିଥିଲେ। ଯୁଦ୍ଧରେ ତାଙ୍କ ବୀରତ୍ୱ ପାଇଁ ୧୯୭୨ରେ ତାଙ୍କୁ ସେନା ମେଡାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ କାର୍ଯ୍ୟ କରୁଥିବା ଭୈରୋଂ ସିଂ ୧୯୮୭ରେ ଚାକିରିରୁ ଅବସର ନେଇଥିଲେ। ଭୈରୋଂ ସିଂଙ୍କ ଜୀବନୀକୁ ନେଇ ବଲିଉଡ୍‌ରେ 'ବର୍ଡର' ନାମରେ ଫିଲ୍ମ ତିଆରି ହୋଇଥିଲା, ଯେଉଁଥିରେ ଭୈରୋଂଙ୍କ ଭୂମିକାରେ ସୁନୀଲ ସେଟ୍ଟୀ ଅଭିନୟ କରିଥିଲେ।

### ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା

**ବେଙ୍ଗାଲୁରୁ ,୧୯।୧୨:** କର୍ଣ୍ଣାଟକର ହଗଲି ଗ୍ରାମର ଆଦର୍ଶ ପ୍ରାଇମେରୀ ସ୍କୁଲ ଶିକ୍ଷକ ମୁଥାପ୍ପା ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା କରିଛନ୍ତି। ପ୍ରଥମେ ମୁଥାପ୍ପା ୧୦ ବର୍ଷ ବୟସର ଭରତଙ୍କୁ ବେଲଚାରେ ପିଟିଥିଲେ, ଏହାପରେ ତାଙ୍କୁ ବାଲକୋନିରୁ ତଳକୁ ଠେଲିଦେଇଥିବା ଗଡକ ଜିଲା ବରିଷ୍ଠ ପୋଲିସ ଅଧିକାରୀ ଶିବପ୍ରକାଶ ଦେବରାଜୁ କହିଛନ୍ତି। ଭରତଙ୍କ ମା' ଗୀତା ବରକର ସେହି ସ୍କୁଲର ଶିକ୍ଷୟିତ୍ରୀ ହୋଇଥିବାବେଳେ ମୁଥାପ୍ପା ଏ ଘଟଣା ନେଇ ତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ମୁଥାପ୍ପା ବର୍ତ୍ତମାନ ଫେରାର୍ ଥିବାବେଳେ ପୋଲିସ ତାଙ୍କ ଖୋଜାଖୋଜି ଚଳାଇଛି।

**କର୍ଣ୍ଣାଟକ-ମହାରାଷ୍ଟ୍ର ବିବାଦ**

# ବେଲଗାଭିରେ ୧୪୪ ଧାରା

## ସୀମାରେ ୩୦୦ ନେତା ଅଟକ



**ବେଲଗାଭି/ନୂଆଦିଲ୍ଲୀ ,୧୯।୧୨**

ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ସୋମବାର ଉଗ୍ର ରୂପ ଧାରଣ କରିଛି। ମହାରାଷ୍ଟ୍ର ଏକୀକରଣ ସମିତି (ଏମ୍‌ଇଏସ୍)ର ସଦସ୍ୟଙ୍କ ସହ ଏନ୍‌ସିପି ନେତାମାନେ ବେଲଗାଭିରେ ପ୍ରବେଶ ଅନୁମତି ଦାବି କରି ବିକ୍ଷୋଭ କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କର୍ଣ୍ଣାଟକ ବିଧାନସଭାରେ ବି.ଏସ୍. ବୋମାଇ ସରକାରଙ୍କ ଶେଷ ଶୀତ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ଏନ୍‌ସିପି ସମେତ ଶିବସେନା ନେତାମାନେ ବିକ୍ଷୋଭ ଯୋଜନା କରିଥିଲେ। ସୀମାରେ ୩୦୦ରୁ ଊର୍ଦ୍ଧ୍ୱ ଏନ୍‌ସିପି, କଂଗ୍ରେସ ଓ ଶିବସେନା ସଦସ୍ୟ ବେଲଗାଭିରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ କର୍ଣ୍ଣାଟକ ପୋଲିସ ଅଟକ ରଖି ଫେରାଇ ଦେଇଛି। ସେହିପରି ମହାରାଷ୍ଟ୍ର ପୋଲିସ ମଧ୍ୟ କେତେଜଣଙ୍କୁ ଅଟକ ରଖିଥିଲା। ତିଲକୱାଡ଼ିଠାରେ ଏମ୍‌ଇଏସ୍‌ର ବିକ୍ଷୋଭକୁ ରୋକିବା ଲାଗି ବ୍ୟାପକ ପୋଲିସ ମୁତୟନ ହେବା ସହ ବେଲଗାଭିରେ ୧୪୪ ଧାରା ଜାରି ହୋଇଛି।

ମହାରାଷ୍ଟ୍ର ଏକୀକରଣ ସମିତିର ସଦସ୍ୟମାନେ ୫ ଦଶନ୍ଧିର ସୀମା ବିବାଦ ପ୍ରସଙ୍ଗ ଉଠାଇ ଶୀତ ଅଧିବେଶନ ପୂର୍ବରୁ ବଡ଼ ଧରଣର ବିକ୍ଷୋଭ ଯୋଜନା କରିଥିଲେ। ସୀମା ବିବାଦ ପାଇଁ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପାଟୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭାଜନ ନୀତିକୁ ଦାୟୀ କରିଛନ୍ତି। ମୋଦି ମହାରାଷ୍ଟ୍ରକୁ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ବସିବା ସତ୍ତ୍ୱେ ସୀମା ବିବାଦର ସମାଧାନ ହୋଇପାରି ନାହିଁ। ନେତାମାନଙ୍କୁ ବେଲଗାଭି ଛଡ଼ା ନ ଯିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା କହିଛନ୍ତି। ଏହି ମାମଲା ଉପରେ ସୁପ୍ରିମକୋର୍ଟ ରାୟ ନ ଶୁଣାଇବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ସୀମାକୁ ନେଇ ଦାବି ଉଠାଇବେ ନାହିଁ ବୋଲି ଶାହାଙ୍କ ସହ ବୈଠକରେ ଦୁଇ ମୁଖ୍ୟମନ୍ତ୍ରୀ ରାଜି ହୋଇଥିଲେ। ତେବେ ଏହା ମହାରାଷ୍ଟ୍ର ଗର୍ବର ପ୍ରସଙ୍ଗ ହୋଇଥିବା କହି ଏହା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଆମେ ଆମ ଲୋକଙ୍କ ସହ ରହିଛୁ ଏବଂ ସବୁ ଆବଶ୍ୟକତା ଯୋଗାଇ ଦେବୁ ବୋଲି ଶିନ୍ଦେ କହିବା ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ବିରୋଧ କରିଛନ୍ତି।

ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ବିଶେଷଜ୍ଞ କମିଟି ମୁଖ୍ୟ ତଥା ମହାରାଷ୍ଟ୍ର ଏମ୍‌ପି ଧୈର୍ଯ୍ୟଶୀଳ ସାମ୍ଭାଜିରାଓ ମାନେ ସୋମବାର ବେଲଗାଭି ଗସ୍ତ କରିବାକୁ ଥିବାବେଳେ ଜିଲା ପ୍ରଶାସନ ତାଙ୍କୁ ବାରଣ କରିଥିଲା। ମହାରାଷ୍ଟ୍ର ଏମ୍‌ପିଙ୍କ ପ୍ରବେଶ ଯୋଗୁ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିପାରେ ବୋଲି ପୋଲିସ ଏଡିଜି ଆଲୋକ କୁମାର କହିଥିଲେ। କର୍ଣ୍ଣାଟକ ବିଧାନସଭା ଅଧିବେଶନ ସମୟରେ ବିକ୍ଷୋଭ ପାଇଁ ୬୧ଟି ସଂଗଠନ ଅନୁମତି ଲୋଡ଼ିଥିଲେ। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ବେଲଗାଭିରେ ୬ ଏସ୍‌ପି, ୧୧ ଏଏସ୍‌ପି, ୪୩ ଡିଏସ୍‌ପିଙ୍କ ସମେତ ୪,୦୦୦ରୁ ଊର୍ଦ୍ଧ୍ୱ ପୋଲିସ ମୁତୟନ ହୋଇଛନ୍ତି।

### ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମାଫୋସା ଏଏନ୍‌ସି ନେତା ନିର୍ବାଚିତ



**ଜୋହାନ୍ସବର୍ଗ ,୧୯।୧୨(ପି.ଟି.)**

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ସୋମବାର ଶାସକ ଦଳ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ୭୦ ବର୍ଷୀୟ ରାମାଫୋସା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଜ୍ୱେଲି ମଖିଜେଙ୍କୁ ପରାସ୍ତ କରିଛନ୍ତି। କୋଭିଡ୍ ମହାମାରୀ ବେଳେ ଜ୍ୱେଲି ଓ ତାଙ୍କ ସହଯୋଗୀମାନେ ବହୁକୋଟି ଟଙ୍କା ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ ହେବା ପରେ ସେ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିଲେ। ରାଷ୍ଟ୍ରପତି ରାମାଫୋସା ମନିଲଣ୍ଡରିଂ ଦୁର୍ନୀତି ମହାଭିଯୋଗରୁ ବର୍ତ୍ତିଯିବା ପରେ ତାଙ୍କୁ ଶାସକ ଦଳର ନେତା ଭାବେ ପୁନଃ ନିର୍ବାଚିତ କରାଯାଇଛି। ରାଷ୍ଟ୍ରପତିଙ୍କ ଘନିଷ୍ଠ ସହଯୋଗୀ ପଉଲ୍ ମାଶାଟିଲେଙ୍କୁ ଦଳର ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଛି।

## ଭୁଶୁଡ଼ିଲା ୧୩ କୋଟିର ପୋଲ



**ପାଟନା,୧୯।୧୨**

ବିହାରରେ ନିର୍ମିତ ଏକ ପୋଲ ରବିବାର ଦୁଇଖଣ୍ଡ ହୋଇ ନଦୀରେ ଖସିପଡ଼ିଛି। ବେଗୁସରାଇ ଜିଲାରେ ବୁରହି ଗଣ୍ଡକ ନଦୀ ଉପରେ ୧୩ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ ହୋଇଥିଲା। ତେବେ ସଂଯୋଗ ରାସ୍ତା ନ ଥିବାରୁ ଉକ୍ତ ପୋଲ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରି ନ ଥିଲା। ୨୦୬ ମିଟର ଲମ୍ବ ଏହି ବ୍ରିଜ୍‌ରେ କିଛିଦିନ ହେଲା ଫାଟ ଦେଖାଦେଇଥିଲା। ତେବେ ରବିବାର ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ କେହି ନ ଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସି ଦୁର୍ନୀତି ଧରିଲେ ଜଜ୍

**ଚେନ୍ନାଇ, ୧୯।୧୨**

ମାଡ୍ରାସର ଧାଣ୍ଡୟୁଥାପାନି ମନ୍ଦିର ଦର୍ଶନ ଟିକେଟ୍‌କୁ ନେଇ ଏକାଧିକ ଦୁର୍ନୀତି ଅଭିଯୋଗ ପରେ ମାଡ୍ରାସ ହାଇକୋର୍ଟ ବିଚାରପତି ଏସ୍.ଏମ୍. ସୁବ୍ରମନିୟମ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ସାଧାରଣ ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସିଥିଲେ। ନିଜ ପରିଚୟ ଦେଇ ନ ଥିବାବେଳେ ଦର୍ଶନ ପାଇଁ ସେ ତିନିଟି ଟିକଟ କିଣି ୧୫୦ ଟଙ୍କା ଦେଇଥିଲେ। କିନ୍ତୁ ଟିକେଟ କାଉଣ୍ଟରରେ ବସିଥିବା ବ୍ୟକ୍ତି ତାଙ୍କୁ ୫୦ ଟଙ୍କାରେ ୨ଟି ଟିକେଟ ସହ ୫ ଟଙ୍କିଆ ତୃତୀୟ ଟିକେଟ ଦେଇଥିଲେ। ଏ ନେଇ ବିଚାରପତି କାଉଣ୍ଟରରେ ପ୍ରଶ୍ନ କରିବାରୁ ମନ୍ଦିର କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିଥିଲେ। ଏହା ଉପରେ ଦୃଷ୍ଟି ଦେବାକୁ ସେ ହିନ୍ଦୁ ରିଲିଜିୟସ୍ ଆଣ୍ଡ ଚାରିଟେବୁଲ ଏଣ୍ଡୋମେଣ୍ଟସ୍‌କୁ ପରାମର୍ଶ ଦେଇଛନ୍ତି।

## ଟୁଇଟର ସିଇଓ ପଦରୁ ଓହରନ୍ତୁ ମସ୍କ

**ୱାଶିଂଟନ୍, ୧୯।୧୨**



ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ୟୁଜର୍ସ ଏଲନ ମସ୍କଙ୍କ ଉପରେ ଖୁସି ନାହାନ୍ତି। ଟୁଇଟରର ମାଲିକାନା ଏଲନ ମସ୍କଙ୍କ ହାତକୁ ଯିବା ପରେ କମ୍ପାନୀର କର୍ମଚାରୀଙ୍କଠୁ ଆରମ୍ଭ କରି ୟୁଜର୍ସ ଅସୁଖୀ ଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ମସ୍କ ଟୁଇଟର ସିଇଓ ପଦରେ ରହିବା ଉଚିତ୍ କି ନୁହେଁ ସେଥିଲାଗି ଟୁଇଟର ପୋଲ୍ ଜରିଆରେ ୟୁଜର୍ସଙ୍କ ମତ ଲୋଡ଼ିଥିଲେ। ସୋମବାର ଏହାର ଫଳ ପ୍ରକାଶ ପାଇଛି, ଯେଉଁଥିରେ ୫୭.୫% ୟୁଜର୍ସ ମସ୍କ ସିଇଓ ପଦରୁ ଓହରି ଯିବା ଦରକାର ବୋଲି ମତ ଦେଇଥିବାବେଳେ ମାତ୍ର ୪୨.୫% ମସ୍କଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ମୋଟ ୧୭ ନିୟୁତ ଟୁଇଟର ୟୁଜର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ପୋଲ ରେଜଲ୍ଟ ଅନୁସାରେ ମସ୍କ ଆଗାମୀ ନିଷ୍ପତ୍ତି ନେବେ ବୋଲି ରବିବାର କହିଥିବାବେଳେ ଏ ନେଇ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

**୫୭% ୟୁଜର୍ସଙ୍କ ମତ**

ମସ୍କଙ୍କ ଟୁଇଟର ପୋଲ୍‌କୁ ଅନୁକରଣ କରି ଆମେରିକୀୟ ର୍‍ୟାପର ସ୍ନୁପ ଡଗ୍ ଏହି ମାଇକ୍ରୋବ୍ଲଗିଂ ଆପ୍ ପରିଚାଳନା କରିବା ଲାଗି ୟୁଜର୍ସଙ୍କ ମତ ଲୋଡ଼ିଛନ୍ତି। ଏଥିଲାଗି ସୋମବାର ସ୍ନୁପ ଟୁଇଟର ପୋଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୟୁଜର୍ସ ନିଜ ମତ ଦେଇଛନ୍ତି। ଏଥିରୁ ୮୦ ପ୍ରତିଶତ ୟୁଜର୍ସ ସ୍ନୁପ ଟୁଇଟର ପରିଚାଳନା ଦାୟିତ୍ୱ ଗ୍ରହଣ କରନ୍ତୁ ବୋଲି ମତ ଦେଇଛନ୍ତି।

## ଆମେରିକା ନିର୍ମିତ ୪ କ୍ଷେପଣାସ୍ତ୍ର ଖସାଇଥିବା ଦାବି କଲା ରୁଷିଆ



**ମସ୍କୋ,୧୯।୧୨**

ୟୁକ୍ରେନ୍ ଉପରେ ରୁଷିଆ ୧୦ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଆମେରିକା ନିର୍ମିତ ୪ଟି କ୍ଷେପଣାସ୍ତ୍ରକୁ ଖସାଇଥିବା ପ୍ରଥମ ଥର ପାଇଁ ମସ୍କୋ ଦାବି କରିଛି। ୟୁକ୍ରେନ୍ ସୀମାକୁ ଲାଗି ରହିଥିବା ରୁଷିଆର ବେଲ୍‌ଗୋରୋଡ ଅଞ୍ଚଳ ଉପରେ ଆମେରିକାର ୪ଟି 'ହାର୍ମ' ଆଣ୍ଟି-ରାଡାର କ୍ଷେପଣାସ୍ତ୍ରକୁ ରୁଷୀୟ ସୈନ୍ୟ ଖସାଇଥିଲେ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ୟୁକ୍ରେନ୍‌କୁ ଆମେରିକା ସମେତ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅସ୍ତ୍ର ସହାୟତା ଯୋଗାଇ ଆସୁଛନ୍ତି। ବେଲ୍‌ଗୋରୋଡ ଅଞ୍ଚଳରେ ୟୁକ୍ରେନ୍ ପକ୍ଷରୁ ବାରମ୍ବାର କ୍ଷେପଣାସ୍ତ୍ର ମାଡ଼ କରାଯାଉଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

### ନାବାଳିକାଙ୍କୁ କୀଟ ନାଶକ ଦେଇ ହତ୍ୟା

**ଖଣ୍ଡୱା, ୧୯।୧୨**

ମଧ୍ୟପ୍ରଦେଶର ଜୱାରର ଫାଲିଆ ଆଦିବାସୀ ସମ୍ପ୍ରଦାୟର ଜଣେ ନାବାଳିକାଙ୍କୁ ଅପହରଣ ପରେ କୀଟନାଶକ ଦେଇ ହତ୍ୟା କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଶନିବାର ସନ୍ଧ୍ୟାରେ ନାବାଳିକାଙ୍କୁ ଘରେ ନ ପାଇଁ ତାଙ୍କ ସମ୍ପର୍କୀୟ ତାଙ୍କୁ ଖୋଜାଖୋଜି କରିଥିଲେ। ରାତିରେ ପୋଲିସ ନାବାଳିକାଙ୍କୁ ଏକ ଖୋଲା ପଡ଼ିଆରେ ଅଚେତ ଅବସ୍ଥାରେ ପାଇଥିଲା। ବିଷକ୍ରିୟା ଯୋଗୁ ନାବାଳିକାଙ୍କ ମୁହଁରୁ ଫେଣ ଭଳି କିଛି ପଦାର୍ଥ ବାହାରୁଥିବାବେଳେ ପୋଲିସ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



ଘନ କୁହୁଡ଼ି ଯୋଗୁ ସୋମବାର ସକାଳେ ଗୁରୁଗ୍ରାମର ସିଗ୍ନେଚର ଟାୱାର ନିକଟସ୍ଥ ଦିଲ୍ଲୀ-ଗୁରୁଗ୍ରାମ ଏକ୍ସପ୍ରେସ୍ ୱେରେ ଟ୍ରାଫିକ୍ ଜାମ।

## ଫିଫା ବିଶ୍ୱକପ୍ ପରାଜୟ ପରେ ଫ୍ରାନ୍ସ ସହରରେ ଦଙ୍ଗା

**ପ୍ୟାରିସ୍ ,୧୯।୧୨**



କାତାରରେ ରବିବାର ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ଆର୍ଜେଣ୍ଟିନାଠାରୁ ୪-୨ ପେନାଲ୍ଟିରେ ହାରିଯାଇଥିଲା। ଏହାକୁ ନେଇ ଫ୍ରାନ୍ସରେ ଉତ୍ତେଜନା ପ୍ରକାଶ ପାଇଛି। ହଜାର ହଜାର ଫୁଟ୍‌ବଲପ୍ରେମୀ ଫ୍ରାନ୍ସର ପ୍ୟାରିସ୍, ନାଇସ୍ ଏବଂ ଲିଓନ୍ ସହରରେ ରାଜରାସ୍ତାକୁ ଓହ୍ଲାଇବା ଫଳରେ ଦଙ୍ଗା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ଟେକାପଥର, ବୋତଲ ଏବଂ ବାଣ ପୋଲିସ ଉପରକୁ ପକାଇଥିଲେ। ଉତ୍ତେଜନାପୂର୍ଣ୍ଣ ସ୍ଥିତି ଜାରି ରହିଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତି ରକ୍ଷା କରିବା ଲାଗି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଲିଓନରେ ଦଙ୍ଗାକୁ ଏଡ଼ାଇ ଚାଲିଯିବାକୁ ଉଦ୍ୟମ କରୁଥିବା ଜଣେ ମହିଳାଙ୍କ ଉପରେ ଆକ୍ରମଣ ହୋଇଛି। ପ୍ୟାରିସ୍ ରାଜରାସ୍ତାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସଶସ୍ତ୍ର ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପଡ଼ିଥିଲା। ଫ୍ରାନ୍ସ ରାଜଧାନୀର ଚାମ୍ପସ-ଏଲିସିଠାରେ ଦଙ୍ଗାନିରୋଧୀ ପୋଲିସ ସହ ଉତ୍ତ୍ୟକ୍ତ ଲୋକଙ୍କର ସଂଘର୍ଷ ହୋଇଥିଲା। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ପ୍ୟାରିସ୍ ଓ ଲିଓନ୍ ସହର ରାସ୍ତାଘାଟରେ ଦେଖାଦେଇଥିବା ଦଙ୍ଗା ଓ ଉତ୍ତେଜନାପୂର୍ଣ୍ଣ ସ୍ଥିତିର ଭିଡିଓ ପୋଷ୍ଟ କରିଛନ୍ତି। ପୋଲିସ ଟିଅର ଗ୍ୟାସ୍ ଛାଡୁଥିବାବେଳେ ଲୋକେ ଦୌଡ଼ି ପଳାଉଥିବା ଦେଖାଯାଇଛି।

**ସ୍ଥିତି ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ**

ପୂର୍ବରୁ ବିଶ୍ୱକପ୍‌ର ବିଭିନ୍ନ ମ୍ୟାଚ୍‌ରେ ପରାଜୟକୁ ନେଇ ୟୁରୋପୀୟ ଦେଶଗୁଡ଼ିକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗତ ୧୫ ତାରିଖ ସେମିଫାଇନାଲରେ ଫ୍ରାନ୍ସଠାରୁ ମରକ୍କୋ ହାରିଯିବା ପରେ ଫ୍ରାନ୍ସ ଓ ବେଲ୍‌ଜିୟମର ବିଭିନ୍ନ ସହରରେ ଦଙ୍ଗା ହୋଇଥିଲା। ଫ୍ରାନ୍ସରେ ଜଣେ ୧୪ ବର୍ଷର ବାଳକ ହିଂସାତ୍ମକ ସଂଘର୍ଷରେ ପ୍ରାଣ ହରାଇଥିଲେ। ବ୍ରସେଲ୍ସରେ ପୋଲିସ ଶତାଧିକ ଲୋକଙ୍କୁ ଗିରଫ କରିଥିଲା।

## କେରଳରେ ଫୁଟ୍‌ବଲ ଉନ୍ମାଦନା: ୩ ଜଣଙ୍କୁ ହାଣିଲେ

**କନ୍ନୁର ,୧୯।୧୨**

ରବିବାର ରାତିରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ କେରଳର କେତେକ ସ୍ଥାନରେ ଏହାକୁ ନେଇ ହିଂସାକାଣ୍ଡ ଘଟିଛି। କନ୍ନୁରରେ ୩ ଜଣ ଯୁବକଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀ ହାଣିଥିବାବେଳ କୋଚିରେ ୨ ପୋଲିସ କର୍ମଚାରୀଙ୍କ ଉପରେ ମାଡ଼ ହୋଇଛି। କୋଲାମ୍‌ରେ ଜଣେ ଯୁବକ ସଂଜ୍ଞାହୀନ ହୋଇପଡ଼ି ପ୍ରାଣ ହରାଇଛନ୍ତି। ଫ୍ରାନ୍ସକୁ ହରାଇ ଆର୍ଜେଣ୍ଟିନା ବିଶ୍ୱକପ୍ ହାତେଇବା ପରେ କନ୍ନୁର ଜିଲାର ପଲ୍ଲିୟାମୂଲାରେ ଦୁଇଟି ଟିମ୍ ମଧ୍ୟରେ ସଂଘର୍ଷ ହୋଇଥିଲା। ବିରୋଧୀ ଟିମ୍‌ର ଆକ୍ରମଣରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ କନ୍ନୁର ପୋଲିସ ୬ ଜଣଙ୍କୁ ଗିରଫ କରିଛି। ପୂର୍ବରୁ କ୍ରୋଏସିଆଠାରୁ ବ୍ରାଜିଲ ହାରିଯିବା ପରେ ପଲ୍ଲିୟାମୂଲାରେ ସଂଘର୍ଷ ହୋଇଥିଲା। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ଗ୍ୟାଙ୍ଗ ସଦସ୍ୟମାନେ ଡ୍ରଗ୍ସ ନିଶାରେ ଥିଲେ କି ନାହିଁ ତାହାର ତଦନ୍ତ କରୁଛି।

**ଉତ୍ସବ ପାଳନ ବେଳେ ସଂଜ୍ଞାହୀନ ହୋଇ ଜଣେ ମୃତ**

ସେହିପରି ରବିବାର ରାତିରେ କଲ୍ଲୁର ଷ୍ଟାଡିୟମ ଛକଠାରେ କେତେଜଣ ଯୁବକ ରାସ୍ତା ଅବରୋଧ କରି ଆର୍ଜେଣ୍ଟିନା ବିଜୟରେ ଉତ୍ସବ ମନାଉଥିଲେ। ପୋଲିସ ସେମାନଙ୍କୁ ବିରୋଧ କରିବାରୁ ସେମାନେ ମାଡ଼ ମାରିବା ସହ ଜଣେ ପୋଲିସ କର୍ମଚାରୀଙ୍କୁ ରାସ୍ତାରେ ଘୋଷାଡ଼ିଥିଲେ। ଏଥିରେ କୋଚି ନର୍ଥ ଥାନାର ୨ ଜଣ କର୍ମଚାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି। କୋଲାମ ସହରର ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ରାତିରେ ଆର୍ଜେଣ୍ଟିନା ବିଜୟ ପାଳନ ବେଳେ ଜଣେ ନାବାଳକ ସଂଜ୍ଞାହୀନ ହୋଇପଡ଼ିଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି।

# କ୍ଲିନ୍ ସୁଇପ୍ ପଥରେ ଇଂଲଣ୍ଡ

**କରାଚୀ, ୧୯।୧୨(ଏପି)**

ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ ଜିତିବା ଦିଗରେ ଅଗ୍ରସର ହେଉଛି ଭ୍ରମଣକାରୀ ଇଂଲଣ୍ଡ କ୍ରିକେଟ ଦଳ। ଲେଗ୍‌ସ୍ପିନର ରେହାନ ଅହମ୍ମଦ ତାଙ୍କ ପଦାର୍ପଣ ମ୍ୟାଚରେ ସର୍ବକନିଷ୍ଠ ପୁରୁଷ ଖେଳାଳି ହିସାବରେ ୫ ଉଇକେଟ ସଫଳତା ହାସଲ କରି ବିଜୟପଥକୁ ସୁଗମ କରିଛନ୍ତି। ଇଂଲଣ୍ଡ ଦୀର୍ଘ ୧୭ ବର୍ଷ ପରେ ପାକିସ୍ତାନକୁ ପ୍ରଥମ ଟେଷ୍ଟ ଟୁର୍‌ରେ ଆସିଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟର ୩ୟ ଦିବସରେ ପାକିସ୍ତାନର ଦ୍ୱିତୀୟ ଇନିଂସ ୨୧୬ ରନ୍‌ରେ ସୀମିତ ହୋଇଯାଇଛି। ୧୮ବର୍ଷୀୟ ଅହମ୍ମଦ ୪୮ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିବା ବେଳେ ଜ୍ୟାକ୍

**ରେହାନଙ୍କୁ ୫ ଉଇକେଟ**

ଲିଚ୍ (୩/୭୨)ତାଙ୍କର ସମସ୍ତ ୩ ଉଇକେଟ ୬ଟି ଡେଲିଭରିରେ ନେଇଥିଲେ। ଫଳରେ ଇଂଲଣ୍ଡ ପାଇଁ ୧୬୭ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭ୍ରମଣକାରୀ ଦଳ ବ୍ୟାଟିଂ କରିବାକୁ ଯାଇ ସୋମବାର ଖେଳ ଶେଷସୁଦ୍ଧା ୨ ଉଇକେଟ ହରାଇ ୧୧୨ ରନ୍ କରିଛି। ଜ୍ୟାକ୍ କ୍ରଲି ୪୧ ରନ୍ କରିଥିବା ବେଳେ ବେନ୍ ଡକେଟ ୫୦ ରନ୍ କରି ଅପରାଜିତ ରହିଛନ୍ତି। କ୍ରଲି ଓ ଡକେଟ ପାର୍ଟନରଶିପ୍‌ରେ ୬୯ ବଲ୍‌ରୁ ୮୭ ରନ୍ କରିଥିଲେ। ରହସ୍ୟମୟ ପାକିସ୍ତାନୀ ବୋଲର ଅବ୍ରାର ଅହମ୍ମଦ ଇଂଲଣ୍ଡର ପତନ ଘଟିଥିବା ଦୁଇଟିଯାକ ଉଇକେଟ ହାସଲ କରିଛନ୍ତି। ୪ ଦିନ ମଧ୍ୟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ ପାଇଁ ଇଂଲଣ୍ଡ ଆହୁରି ୫୫ ରନ୍ ଆବଶ୍ୟକ କରୁଛି। ଗତ ସପ୍ତାହରେ ମୁଲ୍‌ତାନଠାରେ ଦଳ ୨୬ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଏହାପୂର୍ବରୁ ଇଂଲଣ୍ଡ ରାୱଲପିଣ୍ଡିଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ୭୪ ରନ୍‌ରେ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୪
ଇଂଲଣ୍ଡ ପ୍ରଥମ ଇନିଂସ: ୩୫୪
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୧୬ (ବାବର ଆଜାମ-୫୪, ସାଉଦ୍ ଶକିଲ-୫୩, ଅବ୍ଦୁଲ୍ଲା ସଫିକ୍-୨୬; ରେହାନ ଅହମ୍ମଦ-୫/୪୮, ଜ୍ୟାକ୍ ଲିଚ୍-୩/୭୨)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୧୨/୨ (ବେନ୍‌ଡକେଟ-୫୦*, ଜ୍ୟାକ୍‌କ୍ରଲି-୪୧, ଅବ୍ରାର ଅହମ୍ମଦ-୨/୪୩)।



କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ ଚାମ୍ପିୟନ ଆର୍ଜେଣ୍ଟିନା ଦଳ।

# ବିଶ୍ୱକପ୍ ଏକାଦଶରେ ମେସି, ଏମ୍‌ବାପେ



କିଲିଆନ୍ ଏମ୍‌ବାପେ

କାତାରରେ ଫିଫା ବିଶ୍ୱକପ୍‌ର ପରିସମାପ୍ତି ଘଟିଛି। ଫାଇନାଲରେ ଫ୍ରାନ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୪-୨ (ନିର୍ଦ୍ଧାରିତ ସମୟ ଖେଳ ୨-୨ ଓ ଅତିରିକ୍ତ ସମୟରେ ୧-୧) ଗୋଲରେ ହରାଇ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଛି। ଏଥିସହ ପ୍ଲେ-ମେକର ଲିଓନେଲ ମେସିଙ୍କ ବିଶ୍ୱକପ ବିଜୟ ସ୍ୱପ୍ନ ସାକାର ହୋଇଛି। ଆସୋସିଏଟେଡ୍ ପ୍ରେସ୍ ପକ୍ଷରୁ ବିଭିନ୍ନ ଲେଖକ ଓ ସାମ୍ବାଦିକଙ୍କ ଭୋଟିଂ ଆଧାରରେ ବିଶ୍ୱକପ ଏକାଦଶ ଘୋଷଣା କରାଯାଇଛି। ଏଥିରେ ସ୍ୱାଭାବିକଭାବେ ମେସି ଏବଂ ଫାଇନାଲରେ ଗୋଲ ଦେବାରେ ହ୍ୟାଟ୍ରିକ ହାସଲକାରୀ ଫ୍ରାନ୍ସର କିଲିଆନ ଏମ୍‌ବାପେ ସ୍ଥାନ ପାଇଛନ୍ତି। ବିଭିନ୍ନ ଦେଶ ପକ୍ଷରୁ ୪-୩-୩ କମ୍ବିନେଶନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଉକ୍ତ ଆଧାରରେ ହିଁ ଦଳ ଘୋଷଣା କରାଯାଇଛି। ୧୧ ଖେଳାଳିଙ୍କ ମଧ୍ୟରୁ ୧୦ ଜଣ ଅତିକମ୍‌ରେ ସେମିଫାଇନାଲ ଖେଳିଥିବା ବେଳେ କେବଳ ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଏଥିରେ ବ୍ୟତିକ୍ରମ ରହିଛନ୍ତି।

## ଗୋଲ୍‌କିପର

**ଡୋମିନିକ୍ ଲିଭାକୋଭିକ୍ (କ୍ରୋଏସିଆ):** ନକ୍‌ଆଉଟ୍ ପର୍ଯ୍ୟାୟରେ ଲିଭାକୋଭିକ୍ ଦୁଇ ଦୁଇଟି ମ୍ୟାଚ୍‌ରେ ପେନାଲ୍ଟି ଶୁଟ୍‌ଆଉଟରେ ଦଳକୁ ବିଜୟୀ କରାଇଥିଲେ। ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ୩ଟି ସ୍ପଟ୍ କିକ୍ ରୋକିଥିବା ବେଳେ ବ୍ରାଜିଲ ବିପକ୍ଷରେ ନେମାରଙ୍କ ଶଟ୍ ପୂର୍ବରୁ ଦଳ ବିଜୟୀ ହୋଇଥିଲା। ବର୍ତ୍ତମାନ କ୍ରୋଏସିଆର ଡାଇନାମୋ ଜାଗ୍ରେବ ପକ୍ଷରୁ ଖେଳୁଥିବା ବେଳେ ଆଗାମୀ ଦିନରେ ଅନେକ ୟୁରୋପୀୟ କ୍ଲବ ତାଙ୍କୁ ନେବାକୁ ଆଗ୍ରହ ପ୍ରକାଶ କରିପାରନ୍ତି।

## ବ୍ୟାକ୍

**ରାଇଟ୍ ବ୍ୟାକ୍ ଅଶ୍ରଫ୍ ହାକିମି (ମରକ୍କୋ):** କାତାରରେ ନିଜ ପ୍ରଦର୍ଶନ ଜରିଆରେ ହାକିମି ନିଜକୁ ବିଶ୍ୱର ଶ୍ରେଷ୍ଠ ରାଇଟ୍ ବ୍ୟାକ୍ ଭାବେ ପ୍ରତିଷ୍ଠିତ କରିଛନ୍ତି। ନିଜ ଅଭେଦ୍ୟ ଡିଫେନ୍ସ ସହିତ ପ୍ରତି ଆକ୍ରମଣ କରିବାରେ ମାହିର ଥିଲେ ହାକିମି। ଟୁର୍ନାମେଣ୍ଟରେ ଆହତ ଥିଲେ ମଧ୍ୟ ଏହା ତାଙ୍କ ପ୍ରଦର୍ଶନକୁ ପ୍ରଭାବିତ କରି ନ ଥିଲା। ପ୍ୟାରିସ୍ ସେଣ୍ଟ ଜର୍ମେନ୍ ପକ୍ଷରୁ ଖେଳୁଥିବା ହାକିମି ସେମିଫାଇନାଲରେ କିଲିଆନ୍ ଏମ୍‌ବାପେଙ୍କ ପ୍ରଭାବ କମ୍ କରିବାରେ ସହାୟକ ହୋଇଥିଲେ। ଏହାସହିତ ସ୍ପେନ୍ ବିପକ୍ଷ ଶୁଟ୍‌ଆଉଟରେ ମଧ୍ୟ ତାଙ୍କର ପାନେଙ୍କା ପେନାଲ୍ଟି ବେଶ୍ ପ୍ରଶଂସନୀୟ।

## ଲେଫ୍ଟ ବ୍ୟାକ୍

**ଥିଓ ହର୍ନାଣ୍ଡେଜ୍ (ଫ୍ରାନ୍ସ):** ଥିଓ ହର୍ନାଣ୍ଡେଜ ଫ୍ରାନ୍ସ ଦଳ ପାଇଁ ପ୍ରଥମ ପସନ୍ଦର ଖେଳାଳି ନ ଥିଲେ। ବଡ଼ଭାଇ ଲୁକାସ୍ ପ୍ରଥମ ମ୍ୟାଚ୍‌ର ୮ମ ମିନିଟ୍‌ରେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ତାଙ୍କୁ ଦଳରେ ସୁଯୋଗ ମିଳିଥିଲା। ତେବେ ଥିଓଙ୍କ ଆକ୍ରମଣାତ୍ମକ ଖେଳ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ବାମପାର୍ଶ୍ୱରେ ଏମ୍‌ବାପେ ଓ ଆଡ୍ରେନ୍ ରାବିଓଟ୍‌ଙ୍କ ସହିତ ସେ ଦେଖାଇଥିଲେ ଚମତ୍କାର ତାଳମେଳ। ଏହାସହିତ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଦଳ ପାଇଁ ସ୍କୋର କରିଥିଲେ ପ୍ରଥମ ଗୋଲ୍। କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ବ୍ୟତୀତ ଥିଓ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସେଣ୍ଟର ବ୍ୟାକ୍

**ଜୋସକୋ ଜିଭାର୍ଡିଓଲ୍ (କ୍ରୋଏସିଆ):** କ୍ରୋଏସିଆକୁ ସେମିରେ ପହଞ୍ଚାଇବାରେ ୨୦ ବର୍ଷୀୟ ଜିଭାର୍ଡିଓଲ୍‌ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। କ୍ରୋଏସିଆ ବିଶ୍ୱକପ୍‌ରେ ୩ୟ ସ୍ଥାନ ହାସଲ କରିଥିବା ବେଳେ ବେଲ୍‌ଜିୟମ ଓ ବ୍ରାଜିଲ ବିପକ୍ଷରେ ତାଙ୍କର ଖେଳ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଲିଟିଲ ପେପ୍ ନାମରେ ପରିଚିତ ଏହି ଖେଳାଳି ଜଣଙ୍କ ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ।

## ସେଣ୍ଟର ବ୍ୟାକ୍

**ନିକୋଲାସ୍ ଓଟାମେଣ୍ଡି (ଆର୍ଜେଣ୍ଟିନା):** ଲିଓନେଲ ମେସିଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପାଇଁ ସମସ୍ତ ମିନିଟ୍ ଖେଳିଛନ୍ତି ନିକୋଲାସ୍ ଓଟାମେଣ୍ଡି। ଆର୍ଜେଣ୍ଟିନାର ଶକ୍ତିଶାଳୀ ଡିଫେନ୍ସର ନେତୃତ୍ୱ ନେଉଥିବା ଓଟାମେଣ୍ଡିଙ୍କ ପାଇଁ ମଧ୍ୟ ଏହା ସମ୍ଭବତଃ ଶେଷ ବିଶ୍ୱକପ୍। ରାଉଣ୍ଡ ଅଫ୍ ୧୬ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଏମି ମାର୍ଟିନେଜ୍ ପୋଷ୍ଟ ବାହାରେ ରହିଥିବା ବେଳେ ଓଟାମେଣ୍ଡି ଏକ ଚମତ୍କାର ସେଭ୍ କରିଥିଲେ।

## ମିଡ୍‌ଫିଲ୍ଡର

**ସୋଫ୍ୟାନ ଆମ୍ରାବଟ (ମରକ୍କୋ):** ଡିଫେନ୍ସିଭ୍ ମିଡ୍‌ଫିଲ୍ଡର ଭାବରେ ଆମ୍ରାବଟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।



ଲିଓନେଲ ମେସି

ମରକ୍କୋ ଡିଫେନ୍ସର ଢାଲ ଭାବେ ଥିବା ଏହି ୨୬ ବର୍ଷୀୟ ଖେଳାଳିଙ୍କ ପାଇଁ ସେମି ପର୍ଯ୍ୟନ୍ତ ଦଳ ଗୋଟିଏ ବି ଗୋଲ ବରଣ କରି ନ ଥିଲା। ସେମିଫାଇନାଲରେ ନିଜ ଦକ୍ଷତା କାରଣରୁ ଏମ୍‌ବାପେଙ୍କୁ ନୀରବ ରଖିବାରେ ମଧ୍ୟ ସମର୍ଥ ହୋଇଥିଲେ।

## ମିଡ୍‌ଫିଲ୍ଡର

**ଜୁଡ୍ ବେଲିଂହାମ୍ (ଇଂଲଣ୍ଡ):** ୧୯ ବର୍ଷୀୟ ବେଲିଂହାମ୍ ନିଜ ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ବିଶ୍ୱକପ୍ ପ୍ରଦର୍ଶନ ପରେ ବିଭିନ୍ନ କ୍ଲବ ପାଇଁ ସେ ପ୍ରଥମ ପସନ୍ଦର ଖେଳାଳି ପାଲଟି ଯାଇଛନ୍ତି। ଟୁର୍ନାମେଣ୍ଟରେ ସେ ଇରାନ୍ ବିପକ୍ଷରେ ଗୋଲ ସ୍କୋର କରିଥିବା ବେଳେ ସେନେଗାଲ ବିପକ୍ଷ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ତାଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଥିଲା।

**ଆଣ୍ଟୋନିଓ ଗ୍ରିଜ୍‌ମ୍ୟାନ (ଫ୍ରାନ୍ସ):** ସମୁଦାୟ କ୍ୟାରିୟରରେ ଫରୱାର୍ଡ ଭାବରେ ଖେଳିଥିବା ଗ୍ରିଜ୍‌ମ୍ୟାନଙ୍କୁ ମିଡ୍‌ଫିଲ୍ଡରର ଦାୟିତ୍ୱ ମିଳିଥିବା ବେଳେ ସେ ଏହାକୁ ଠିକ୍ ଭାବେ ନିର୍ବାହ କରିଛନ୍ତି। ଏପରି କି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସେ ମେସି ଓ ଏମ୍‌ବାପେଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସର୍ବାଧିକ ୧୧ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ଗ୍ରିଜ୍‌ମ୍ୟାନ୍। ଇଂଲଣ୍ଡ ଓ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ସେ ଶ୍ରେଷ୍ଠ ଖେଳାଳି ରୂପେ ମଧ୍ୟ ପୁରସ୍କୃତ ହୋଇଥିଲେ। କେବଳ ଲଙ୍ଗ୍ ଓ ଶର୍ଟ ପାସ୍ ନୁହେଁ ବରଂ ଡିଫେନ୍ସିଭ୍ ଦକ୍ଷତା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ।

## ଷ୍ଟ୍ରାଇକର

**କିଲିଆନ୍ ଏମ୍‌ବାପେ (ଫ୍ରାନ୍ସ):** କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍‌ରେ ଫ୍ରାନ୍ସ ପାଇଁ ଟପ୍ ସ୍କୋରର ରହିଛନ୍ତି ୨୩ ବର୍ଷୀୟ ଏମ୍‌ବାପେ। ୨୦୧୮ରେ ୪ ଗୋଲ ସ୍କୋର କରିଥିବା ବେଳେ ଚଳିତବର୍ଷ ସ୍କୋର କରିଛନ୍ତି ୮ ଗୋଲ୍। ପୋଲାଣ୍ଡ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଡବଲ ଗୋଲ ସ୍କୋର କରିଥିବା ଏମ୍‌ବାପେ ଫାଇନାଲରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାସହିତ ଫିଟ୍ ରହିଲେ ସେ ସହଜରେ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ୧୬ କ୍ୟାରିୟର ଗୋଲ ରେକର୍ଡ ଭାଙ୍ଗିପାରିବେ।

**ଲିଓନେଲ ମେସି (ଆର୍ଜେଣ୍ଟିନା):** ନିଜ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଜିତିଥିବା ମେସିଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ। କେବଳ ଗୋଲ ସ୍କୋର କରିବା ନୁହେଁ, ଆସିଷ୍ଟରେ ମଧ୍ୟ ସେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୭ ଗୋଲ ସହିତ ଏମ୍‌ବାପେଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦଳ ପାଇଁ ୨୬ ବିଶ୍ୱକପ ମ୍ୟାଚ୍ ଖେଳିଥିବା ମେସି ୧୩ ଗୋଲ ସହିତ ଆର୍ଜେଣ୍ଟିନାର ସର୍ବକାଳୀନ ଶ୍ରେଷ୍ଠ ଗୋଲସ୍କୋରର ରହିଛନ୍ତି। କାତାର ବିଶ୍ୱକପର ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଜୁଲିଆନ ଆଲଭାରେଜ୍ (ଆର୍ଜେଣ୍ଟିନା):** ଲାଉଟାରୋ ମାର୍ଟିନେଜ୍‌ଙ୍କ ଖରାପ ଫର୍ମ କାରଣରୁ ଦୁଇଟି ମ୍ୟାଚ୍ ପରେ ଆଲଭାରେଜଙ୍କୁ ସୁଯୋଗ ମିଳିଥିଲା। ପରବର୍ତ୍ତୀ ୪ ମ୍ୟାଚ୍‌ରୁ ୪ ଗୋଲ ସହିତ ଗୋଲ୍ଡେନ୍ ବୁଟ୍ ଦୌଡ଼ରେ ମଧ୍ୟ ସାମିଲ ଥିଲେ ଏହି ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର।

# ମେସିଙ୍କୁ ଗୋଲ୍ଡେନ୍ ବଲ୍

**ଦୋହା, ୧୯।୧୨(ପି.ଟି.):** ଆର୍ଜେଣ୍ଟିନା ଫୁଟବଲ୍ ବିଶ୍ୱକପରେ ନିଜର ତୃତୀୟ ଟାଇଟଲ ହାସଲ କରିଥିବା ବେଳେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ୍ ବଲ୍ ହାସଲ କରିଛନ୍ତି ଲିଓନେଲ୍ ମେସି। ମେସି ଚଳିତ ଟୁର୍ନାମେଣ୍ଟରେ ୭ଟି ଗୋଲ୍ ସ୍କୋର କରିବା ସହିତ ୩ଟି ଆସିଷ୍ଟ କରିଥିଲେ। ଆର୍ଜେଣ୍ଟିନାର ଅନ୍ୟତମ ଫରୱାର୍ଡ ଖେଳାଳି ଜୁଲିଆନ୍ ଆଲଭାରେଜ୍‌ଙ୍କୁ ଟୁର୍ନାମେଣ୍ଟର ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ଭାବରେ ମିଳିଛି ସିଲ୍‌ଭର ବଲ୍। ଏହା ମେସିଙ୍କ କ୍ୟାରିୟରର ଦ୍ୱିତୀୟ ଗୋଲ୍ଡେନ୍ ବଲ୍। ପୂର୍ବରୁ ଆର୍ଜେଣ୍ଟିନା ରନର୍ ଅପ୍ ହୋଇଥିବା ୨୦୧୪ ସଂସ୍କରଣରେ ମଧ୍ୟ ସେ ଗୋଲ୍ଡେନ ବଲ୍ ହାସଲ କରିଥିଲେ। ଟୁର୍ନାମେଣ୍ଟରେ ସର୍ବାଧିକ ୮ ଗୋଲ ସ୍କୋର କରିଥିବା କିଲିଆନ୍ ଏମ୍‌ବାପେଙ୍କୁ ଗୋଲ୍ଡେନ୍ ବୁଟ୍ ଏବଂ ସର୍ବାଧିକ ସେଭ୍ କରିଥିବା ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜଙ୍କୁ ଗୋଲ୍ଡେନ୍ ଗ୍ଲୋଭ୍ ପ୍ରଦାନ କରାଯାଇଛି।

## ଟପ୍ ଟେନ୍ ଗୋଲ ସ୍କୋରର

| ଖେଳାଳି | ଦେଶ | ଗୋଲସଂଖ୍ୟା |
|---|---|---|
| କିଲିଆନ୍ ଏମ୍‌ବାପେ | ଫ୍ରାନ୍ସ | ୮ |
| ଲିଓନେଲ ମେସି | ଆର୍ଜେଣ୍ଟିନା | ୭ |
| ଅଲିଭର ଗିରୁଡ୍ | ଫ୍ରାନ୍ସ | ୪ |
| ଜୁଲିଆନ୍ ଆଲ୍‌ଭାରେଜ୍ | ଆର୍ଜେଣ୍ଟିନା | ୪ |
| ରିଚାର୍ଲିସନ୍ | ବ୍ରାଜିଲ | ୩ |
| ଗୋନ୍ସାଲୋ ରାମୋସ୍ | ପର୍ତ୍ତୁଗାଲ | ୩ |
| ଏନ୍ନର ଭାଲେନ୍ସିଆ | ଇକ୍ୱେଡର | ୩ |
| ବୁକାୟୋ ସାକା | ଇଂଲଣ୍ଡ | ୩ |
| କୋଡି ଗାକ୍‌ପୋ | ନେଦରଲାଣ୍ଡ୍ସ | ୩ |
| ଆଲଭାରେ ମୋରାଟା | ସ୍ପେନ୍ | ୩ |

# ୟୁ ଆଣ୍ଡ୍ ମି ବାଲେଶ୍ୱର ବିଜୟୀ

**ସୋର, ୧୯।୧୨(ଡି.ଏନ୍.ଏ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତର ବାବା ମହାବୀର କ୍ଲବ ଆନୁକୂଲ୍ୟରେ ବାଗୁଡି ନବୋଦୟ ପଡ଼ିଆରେ ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୋର ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଗଦାଧର ମହାପାତ୍ର, ସମିତିସଭ୍ୟା ମୋନାଲିସା ପୃଷ୍ଟି, ଯୁବ ବ୍ୟବସାୟୀ ଅଶୋକ କୁମାର ଜେନା ଯୋଗଦେଇ ଏହି ଟୁର୍ନାମଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ୟୁନିକ-୧୧ ଭଦ୍ରକକୁ ହରାଇ ୟୁଆଣ୍ଡମି ବାଲେଶ୍ୱର ବିଜୟୀ ହୋଇଥିଲା। ଭଦ୍ରକ ଟିମ୍ ନିର୍ଦ୍ଧାରିତ ୨୫ ଓଭରରୁ ୨୨.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଟିମ୍ ୧୯.୩ ଓଭରରେ ୩ ୱିକେଟ ହରାଇ ୧୪୯ରନ୍ କରି ବିଜୟୀ ହୋଇଥିଲା। ୟୁଆଣ୍ଡମି ବାଲେଶ୍ୱରର ଖେଳାଳି ମାନସ ମହାଳିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତାଙ୍କୁ ସରପଞ୍ଚ ଗୟାଧର ନାୟକ ପୁରସ୍କୃତ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଶାନ୍ତ ଜେନା ଓ ଉତ୍ତମ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଖଡଗପୁର ରେଲୱେ ଏବଂ ସାଇ -୧୧ ଭୁବନେଶ୍ୱର ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଜାତୀୟ ର୍‍ୟାଙ୍କିଙ୍ଗ୍ ସନ୍ତରଣରେ ଓଡ଼ିଶାରୁ ୨୩

**ଭୁବନେଶ୍ୱର, ୧୯।୧୨**
**(କ୍ରୀଡ଼ା ପ୍ରତିନିଧି)**

ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଆନୁକୂଲ୍ୟରେ ଜାତୀୟ ର୍‍ୟାଙ୍କିଙ୍ଗ ସନ୍ତରଣ ଚାମ୍ପିୟନଶିପ୍ ମଙ୍ଗଳବାରଠାରୁ ହାଇଦ୍ରାବାଦରେ ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖ ପର୍ଯ୍ୟନ୍ତ ଗାଚିବାୱଲି ସୁଇମିଂ ପୁଲ୍‌ରେ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୨୩ (୧୧ ବାଳିକା, ୧୨ ବାଳକ) ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଚଳିତ ମାସ ୧ରୁ ୧୧ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ଜୋନ୍‌ସ୍ତରୀୟ ର୍‍ୟାଙ୍କିଙ୍ଗ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଓଡ଼ିଶା ଦଳ ଚୟନ କରାଯାଇଛି। ମନୋନୀତ ହୋଇଥିବା ଓଡ଼ିଶାର ମହିଳା ସନ୍ତରଣକାରୀମାନେ ହେଲେ ପ୍ରତ୍ୟାଶା ରାୟ, ମନ୍ମତା ମିଶ୍ର, ଭଦ୍ରା ଶତପଥୀ, ଆଦ୍ୟାଶା ମିଶ୍ର, ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଆକାଂକ୍ଷା ନାୟକ, ସୋନିଆ ପଟେଲ, ଅର୍ପିତା ସାହୁ, ପୁଣ୍ୟତୋୟା ବେହେରା, ନନ୍ଦିନୀ ଦଳବେହେରା ଓ ସୁନୀତା ସାହୁ। ସେହିପରି ପୁରୁଷ ବର୍ଗରେ ବିକାଶ ହରିପାଲ, ଜାତ୍ତୁ ବୁଡେକ, ନବୀନ ଶର୍ମା, ନୀତେଶ ସେଠ୍, ଅମିୟ କୁମାର ପ୍ରଧାନ, ୟଜତ ଗୁପ୍ତା, ପୀୟୁଷ ଠାକୁର, ଅନମୋଲ ମହାନ୍ତି, ଗଣେଶ ନାଏକ, ସୁନୀଲ କୁମାର ବେହେରା, ଆୟୁଷ ଆର୍ଯ୍ୟମାନ ବଡୁ, ସୁବ୍ରତ ଦଳବେହେରା ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ।



ଜାତୀୟ ର୍‍ୟାଙ୍କିଙ୍ଗ ସନ୍ତରଣ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

# ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧୨**
**(କ୍ରୀଡ଼ା ପ୍ରତିନିଧି)**

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗକ୍ରମେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୪୫ତମ ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ସସ୍ମିତା ସାମନ୍ତ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଶୈଳେନ୍ଦ୍ର ଜେନା, ବାଇର ଉପସଭାପତି ଏସ୍. ମୁରଲୀଧରନ,



ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଯୁଗ୍ମ ସମ୍ପାଦକ ଓମାର ରଶିଦ, ଯୁଗ୍ମ ଆବାହକ ରାଜେଶ କମଲ ରାଜପୁତ, ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆର ଚେୟାରମ୍ୟାନ ପ୍ରଭାକର ରାଓ, ରାଜ୍ୟ ଆସୋସିଏଶନ ସମ୍ପାଦକ ନିଲେନ କୁମାର ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଟିମ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଏଥିରେ ୫ ଜୋନ୍ (ଆନ୍ତଃରାଜ୍ୟ)ର ବିଜେତା ଏବଂ ଆୟୋଜକ ଓଡ଼ିଶା ଦଳ ଭାଗ ନେଇଛି। ଏଥିରେ ପୂର୍ବାଞ୍ଚଳରୁ ଉତ୍ତରାଖଣ୍ଡ, ପଶ୍ଚିମାଞ୍ଚଳରୁ ଛତିଶଗଡ଼, ଉତ୍ତରାଞ୍ଚଳରୁ ହରିୟାଣା, ଦକ୍ଷିଣାଞ୍ଚଳରୁ ତାମିଲନାଡୁ, ଉତ୍ତରପୂର୍ବ ଜୋନ୍‌ରୁ ମଣିପୁର ପ୍ରତିନିଧିତ୍ୱ କରୁଛନ୍ତି। ବ୍ୟକ୍ତିଗତ ଇଭେଣ୍ଟ ଚଳିତ ମାସ ୨୧ରୁ ଆରମ୍ଭ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଜାତୀୟ ଚାମ୍ପିୟନଶିପ୍‌ରେ ୩୩ ରାଜ୍ୟରୁ ପାଖାପାଖି ୯୦୦ ଖେଳାଳି ଭିନ୍ନ ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ବାଳିକା-ବାଳକ ସିଙ୍ଗଲ୍ସ, ବାଳିକା-ବାଳକ ଡବଲ୍ସ ଏବଂ ମିକ୍ସଡ ଡବଲ୍ସରେ ପ୍ରତିଯୋଗିତା ହେବ। ଜୁନିୟର ନମ୍ବର ୱାନ୍ ବାଳକ ସିଙ୍ଗଲ୍ସ ଖେଳାଳି ଶଙ୍କର ମୁଥୁସ୍ୱାମୀ, ବାଳିକା ସିଙ୍ଗଲ୍ସରେ ତସ୍‌ନିମ ମୀର ଏବଂ ଓଡ଼ିଶା ଓପନ ମହିଳା ସିଙ୍ଗଲ୍ସ ବିଜେତା ଉନ୍ନତି ହୋଦା ପ୍ରମୁଖ ପ୍ରତିଯୋଗିତାର ଆକର୍ଷଣରେ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆକ୍ସିସ୍ ବ୍ୟାଙ୍କର ସହଲ ଶାଖା ସ୍ଥାନାନ୍ତରିତ

ନୂଆଦିଲ୍ଲୀ: ଆକ୍ସିସ୍ ବ୍ୟାଙ୍କର ସହଲ ଶାଖାର ସ୍ଥାନାନ୍ତରଣ କରାଯାଉଛି। ଏପରିକି ବ୍ୟାଙ୍କର ସହଲ ପୁରୁଣା ଶାଖା ସୁବର୍ଣ୍ଣପୁର (ସୋନ୍‌ପୁର) ଜିଲାର ଡୁଙ୍ଗୁରିପାଲିସ୍ଥିତ ସହଲଠାରେ ଅବସ୍ଥିତ ଥିଲା। ବର୍ତ୍ତମାନ ଉକ୍ତ ଶାଖା ସୁବର୍ଣ୍ଣପୁର (ସୋନ୍‌ପୁର) ଜିଲାର ଡୁଙ୍ଗୁରିପାଲିସ୍ଥିତ ସହଲ ନିକଟସ୍ଥ ଆର୍‌ଏମ୍‌ସି କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହୋଇଯିବ। ଉକ୍ତ ଶାଖାର ନୂତନ ପରିଚାଳନା ୨୦୨୩ ଜାନୁୟାରୀ ୧୬ ତାରିଖରୁ ଆରମ୍ଭ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୫୨ ସପ୍ତାହରେ ୫୨ନୂଆ ଷ୍ଟୋର ଖୋଲିବ କଲ୍ୟାଣ ଜୁଏଲର୍ସ

ନୂଆଦିଲ୍ଲୀ,୧୯।୧୨

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ଆସନ୍ତା ୨୦୨୩ରେ ବ୍ୟବସାୟ ସମ୍ପ୍ରସାରଣ ସାଙ୍ଗକୁ ନୂଆ ଷ୍ଟୋର ଖୋଲିବା ନେଇ ଯୋଜନା କରିଥିବା ଜଣାପଡିଛି। ଏପରିକି ୫୨ ସପ୍ତାହରେ ୫୨ଟି ନୂଆ ଷ୍ଟୋର ଖୋଲିବାକୁ କଲ୍ୟାଣ ଲକ୍ଷ୍ୟ ରଖିଥିବା ବେଳେ କମ୍ପାନୀ (କଲ୍ୟାଣ) ତା'ର ବଜାର ଉପସ୍ଥିତିରେ ମଧ୍ୟ ୩୦% ବୃଦ୍ଧି ଆଣିବ ବୋଲି କୁହାଯାଉଛି। ସେହିଭଳି ୨୦୨୩ରେ କମ୍ପାନୀ ମୁଖ୍ୟତଃ ଅଣଦକ୍ଷିଣ ଭାରତୀୟ ଅଞ୍ଚଳରେ ବ୍ୟବସାୟ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ କରିବ। କମ୍ପାନୀର ମୋଟ କାରବାର ପ୍ରତି ଉପରୋକ୍ତ ଅଞ୍ଚଳଗୁଡ଼ିକର ଅବଦାନ ୩୫% ରହିଛି। ଅଣ ଦକ୍ଷିଣ ଭାରତୀୟ ବଜାରରୁ ୫୦% ରାଜସ୍ୱ ସଂଗ୍ରହ କରିବା ଲାଗି କମ୍ପାନୀର ଯେଉଁ ଭିଜନ ୨୦୨୫ ରହିଛି, ସେହି ଆଧାରରେ କଲ୍ୟାଣ ଜୁଏଲର୍ସ ତା'ର ଷ୍ଟୋର ସମ୍ପ୍ରସାରଣ କରିବାକୁ ଯୋଜନା ରଖିଛି। ସେହିପରି ୨୦୨୨ରେ ପାଇଲଟ୍ ଫ୍ରାଞ୍ଚାଇଜ୍ ପର୍ଯ୍ୟାୟ ସଫଳତାର ସହ ଶେଷ ହେବା ପରେ କମ୍ପାନୀର ସମ୍ପ୍ରସାରଣ ଯୋଜନା ମୁଖ୍ୟତଃ ଫ୍ରାଞ୍ଚାଇଜ ଉପରେ ପର୍ଯ୍ୟବସିତ ରହିବ। ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ୨୦୨୨ ସେପ୍ଟେମ୍ବର ୩୦ ସୁଦ୍ଧା କମ୍ପାନୀ ପ୍ରାୟ ୧୩,୦୦୦ କୋଟି ଟଙ୍କାର ରାଜସ୍ୱ ଏବଂ ପ୍ରାୟ ୪୨୫ କୋଟି ଟଙ୍କାର ପିଏଟି ହାସଲ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏପରିକି ଗହଣା କ୍ଷେତ୍ରରେ ବର୍ତ୍ତମାନ ଅଧିକ ସଂଗଠିତ ଏବଂ ଅନୁଭୂତିପୂର୍ଣ୍ଣ ରିଟେଲ ବଜାର ଆଡ଼କୁ ଅଗ୍ରସର ହେଉଥିବା ବେଳେ ସେହି ଧାରାର ଲାଭ ହାସଲ କରିବା ଲାଗି ଆମେ ବେଶ ସୁଦୃଢ଼ ସ୍ଥିତିରେ ରହିଛୁ। କମ୍ପାନୀର ପରବର୍ତ୍ତୀ ପିଢ଼ିର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ହେଉଛି ଉକ୍ତ ସାମଗ୍ରିକ ରଣନୀତିର ପ୍ରମୁଖ ଲକ୍ଷ୍ୟ ଏବଂ ଏହା ଆମ ବଜାର ଅଂଶରେ ଉଲ୍ଲେଖନୀୟ ଉନ୍ନତି ଆଣିବ ଏବଂ ଆମ ପୁଞ୍ଜି ଉପରେ ଉତ୍ତମ ରିଟର୍ନ ପ୍ରଦାନ କରିବ।

# ଓସିଓରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଛାତ୍ର

ଭୁବନେଶ୍ୱର,୧୯।୧୨



ନୱାଜ ଉଦ୍ଦିନ୍ | ସୁଶ୍ରୀ ଶ୍ରଦ୍ଧା ଜେନା

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଛାତ୍ର ଓଡିଶା ରାସାୟନିକ ଅଲିମ୍ପିୟାଡ-୨୦୨୨ର ବିଜେତା (ପ୍ରଥମ ଓ ୩ୟ ସ୍ଥାନ) ହୋଇ ଅନୁଷ୍ଠାନର ସଫଳତାରେ ଆଉ ଗୋଟିଏ ଫର୍ଦ ଯୋଡିବାରେ ସଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ଓଡ଼ିଶା କେମିକାଲ୍ ସୋସାଇଟି ଦ୍ୱାରା ଓଡିଶା ରାସାୟନିକ ଅଲମ୍ପିୟାଡ (ଓସିଓ)-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ ପ୍ରତିଯୋଗିତା ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩ହଜାର ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ୩ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ବିଜେତା ଭାବେ ପ୍ରଥମ, ୨ୟ ଓ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଓଡ଼ିଶା କେମିକାଲ୍ ସୋସାଇଟି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଏସଆଇଆର-ଆଇଏମଏମଟିସିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱ ବସୁ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଶେଷ କରି ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିଟର ନୱାଜ ଉଦ୍ଦିନ୍‌ଙ୍କୁ ୩୦୦୦ ଟଙ୍କାର ଅର୍ଥରାଶି ପୁରସ୍କାର ଦେଇଥିବା ବେଳେ ତୃତୀୟ ସ୍ଥାନ ଅଧିକାର କରିଥିବା କିଟ ଛାତ୍ରୀ ସୁଶ୍ରୀ ଶ୍ରଦ୍ଧା ଜେନାଙ୍କୁ ୧୦୦୦ ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଅପରପକ୍ଷରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ.ଚିତ୍ତରଂଜନ ମିଶ୍ର ରାସାୟନ ବିଜ୍ଞାନ ବିଭାଗର ସମସ୍ତ ଶିକ୍ଷକଶିକ୍ଷୟତ୍ରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ସେହିଭଳି ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ରସାୟନ ବିଭାଗର ମୁଖ୍ୟ ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ଡ଼ଃ. ରୁଦ୍ରମୋହନ ନନ୍ଦଙ୍କର ନିରାନ୍ତର ପ୍ରୟାସ ଯୋଗୁ ପିଲାମାନଙ୍କର ପ୍ରତିଭା ବିକାଶ ସାଙ୍ଗକୁ ସଫଳତା ହାସଲରେ ଅନେକ ସହାୟକ ହୋଇଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୯।୧୨

କ୍ରମାଗତ ୨ ଦିନର ଖରାପ ଫଳାଫଳ ପରେ ୩ୟ ଦିନ ଷ୍ଟକ୍ ବଜାର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଶେୟାର ବଜାରର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ସୋମବାର ଷ୍ଟକ୍ ବଜାରର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬୮ (୪୬୮.୩୮) ପଏଣ୍ଟ ବଢ଼ି ୬୧,୮୦୬ (୬୧,୮୦୬.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟିରେ ମଧ୍ୟ ୧୫୧ (୧୫୧.୪୫) ପଏଣ୍ଟ ବୃଦ୍ଧି ଘଟି ୧୮,୪୨୦ (୧୮,୪୨୦.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ଓ ଜାତୀୟ ବଜାରର ବିଭିନ୍ନ ଘଟଣା ଓ ନିଷ୍ପତ୍ତି ମଧ୍ୟରେ ଦଲାଲ ଷ୍ଟ୍ରିଟର ଫଳାଫଳ ପୂର୍ବ ସପ୍ତାହଠାରୁ ଭଲ ଆରମ୍ଭ କରିଛି।

# 'ପିଜିଆଇ'ର ଆକର୍ଷଣୀୟ ଜୁଏଲେରି କଲେକ୍ସନ

ନୂଆଦିଲ୍ଲୀ,୧୯।୧୨



ଅନ୍ତଃରାଷ୍ଟ୍ରୀୟ ଜୁଏଲେରି ବ୍ରାଣ୍ଡ୍ ପ୍ଲାଟିନମ୍ ଗୁଲଡି ଇଣ୍ଟରନ୍ୟାଶନାଲ (ପିଜିଆଇ)ର ନୂତନ କଲେକ୍ସନ ପ୍ଲାଟିନମ୍ ଇଭାରା ଜୁଏଲେରିର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଫେଷ୍ଟିଭ୍ ଓ ପାର୍ଟି ସିଜନ୍ ପାଇଁ 'ପ୍ଲାଟିନମ୍ ଇଭାରା 'ର ନୂଆ ପ୍ଲାଟିନମ୍ ଜୁଏଲେରି ପିସ୍‌ଗୁଡିକର ଏକ ଆକର୍ଷଣୀୟ ରେଞ୍ଜ୍ ଉପଲବ୍ଧ ରହିଛି। ଉକ୍ତ କଲେକ୍ସନରେ ଆକର୍ଷଣୀୟ ନେକ୍‌ଲେସ୍‌ଠାରୁ ଆରମ୍ଭକରି ରିଷ୍ଟ ୱେୟାର, ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ଇୟରିଙ୍ଗ୍ ଓ ରିଙ୍ଗ୍ ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନ୍‌ର ଏକ ଶୃଙ୍ଖଳା ରହିଛି। ସେହିଭଳି ଭିନ୍ନ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ସୃଷ୍ଟି କରିବା ସହ ଆପଣଙ୍କ ପୋଷାକକୁ ପରିପୂର୍ଣ୍ଣ କରୁଥିବା ସ୍ୱତନ୍ତ୍ର ଧରଣର ପିସ୍ ନିର୍ମାଣ କରିବା ପାଇଁ ସୂକ୍ଷ୍ମ ତଥାପି ବାଧାମୁକ୍ତ ଗଠନ, ସ୍ୱତନ୍ତ୍ର ଡାଇମଣ୍ଡ ପିସ୍‌ଗୁଡିକ ସହ ସେଗୁଡିକ ଏକତ୍ରିତ ହୋଇଛି। ବିଶେଷକରି କାଜୁଆଲ ୱେୟାର ହେଉ କିମ୍ବା ପାର୍ଟି ୱେୟାର, ୱର୍କ ୱେୟାର, ଇଣ୍ଡିଆନ୍ ୱେୟାର, ପ୍ଲାଟିନମ୍ ଇଭାରାର କ୍ୟୁରେଟେଡ୍ କଲେକ୍ସନ ଆପଣଙ୍କର ହଲିଡେ ସିଜନ ୱାର୍ଡରୋବ୍ ପାଇଁ ଏକ ନିଶ୍ଚିତ ଜୁଏଲେରି ଅଟେ।

# ସ୍ୱର୍ଣ୍ଣ ସେବା କେନ୍ଦ୍ର ସ୍ଥାପନ କରିବ ବନ୍ଧନ ବ୍ୟାଙ୍କ

ନୂଆଦିଲ୍ଲୀ, ୧୯।୧୨

ଦେଶରେ ପ୍ରତିରକ୍ଷା ପେନ୍‌ସନଭୋଗୀ ଓ ସେମାନଙ୍କ ପରିବାରକୁ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର କଂଟ୍ରୋଲର ଜେନେରାଲ ଅଫ୍ ଡିଫେନସ୍ ଆକାଉଂଟସ୍ ସହ ବନ୍ଧନ ବ୍ୟାଙ୍କ ପକ୍ଷରୁ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି ବୋଲି ବନ୍ଧନ ବ୍ୟାଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉକ୍ତ ବୁଝାମଣା ପତ୍ର (ଏମ୍‌ଓୟୁ) କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ଆଇଡିଏଏସ୍, କଂଟ୍ରୋଲର, ପିସିଡିଏ (ପେନ୍‌ସନ୍‌ସ) ପ୍ରୟାଗରାଜ ଶ୍ୟାମ ଦେବ, ଭାରତ ସରକାରଙ୍କ ପ୍ରତିରକ୍ଷା ସଚିବ ଆଇଏଏସ୍ ଗିରିଧର ଅରମାନ୍, ଆର୍ଥିକ ଉପଦେଷ୍ଟା (ପ୍ରତିରକ୍ଷା) ରଶିକା ଚୌବେ ଓ ବନ୍ଧନ ବ୍ୟାଙ୍କର ମୁଖ୍ୟ ସରକାରୀ ବ୍ୟବସାୟୀ ଦେବରାଜ ଶାହଙ୍କ ଉପସ୍ଥିତରେ ସ୍ୱାକ୍ଷର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବନ୍ଧନ ବ୍ୟାଙ୍କ ପକ୍ଷରୁ ୫୫୭ ଶାଖା ଜରିଆରେ ପ୍ରତିରକ୍ଷା ପେନ୍‌ସନ୍‌ଭୋଗୀ ଓ ସେମାନଙ୍କ ପରିବାରକୁ ବ୍ୟାଙ୍କ ସେବା ପ୍ରଦାନ କରାଯିବ ଏବଂ ଆଉଟରିଚ୍ ପ୍ରୋଗ୍ରାମ୍ ଫର ଡିଫେନ୍ସ ପେନ୍‌ସନର୍ସ ଅନ୍ ସିଷ୍ଟମ୍ ଫର ପେନ୍‌ସନ ଆଡମିନିଷ୍ଟ୍ରେସନ୍ ରକ୍ଷା ଅଧୀନରେ ସମସ୍ତ ପ୍ରତିରକ୍ଷା ପେନ୍‌ସନ୍‌ଭୋଗୀଙ୍କ ପେନ୍‌ସନ୍ ସମ୍ପର୍କିତ ସବୁ ସମାଧାନ କେନ୍ଦ୍ର ଲାଗି ସରକାରଙ୍କ ରହିଥିବା ଲକ୍ଷ୍ୟ ଅନୁସାରେ ବ୍ୟାଙ୍କ ଏହି ସୁବିଧା ପ୍ରଦାନ କରୁଛି।

# 'ଭବିଷ୍ୟତ ପିଢ଼ିକୁ ଶିକ୍ଷା ଅନୁକୂଳ ବାତାବରଣ'

ଭୁବନେଶ୍ୱର,୧୯।୧୨



ଏଏମ୍-ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ମାଇନ୍ସ ମ୍ୟାନେଜର ପ୍ରମୋଦ ମିଶ୍ର, ପ୍ରଡକ୍ସନ୍ ମ୍ୟାନେଜର ଗିରିଧାରୀ ପରିଡ଼ାଙ୍କ ସମେତ ଏଏମ୍-ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ ପତାକା ଦେଖାଇ ସ୍କୁଲ୍ ବସ୍‌ର ଶୁଭାରମ୍ଭ କରୁଛନ୍ତି।

ଆର୍ସେଲରମିତ୍ତଲ-ନିପ୍ପନଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ)ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ କେନ୍ଦୁଝର ଜିଲା ସେଡିଙ୍ଗ, କର ଏବଂ କରାକେନ୍ଦ୍ର ବସ୍ତିର ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍କୁଲ ଯିବା ଆସିବାର ସୁବିଧା ନିମନ୍ତେ ସ୍କୁଲ ବସ୍ ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର 'ପଢ଼େଗା ଭାରତ' ସିଏସ୍‌ଆର୍ ଯୋଜନା ଅଧୀନରେ ଉକ୍ତ ବସ ସେବାର ଶୁଭାରମ୍ଭ କରାଯାଇଥିବା ଜଣାପଡିଛି।

ଏ ସମ୍ପର୍କରେ ଏଏମ୍-ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି, ସମାଜରେ ସ୍ଥାୟୀ ବିକାଶ ଆଣିବା ପାଇଁ କଠିନ ପରିଶ୍ରମ କରୁଛି, ଏପରିକି ସମସ୍ତଙ୍କ ଅଭିବୃଦ୍ଧି ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ବିଶେଷକରି ଉକ୍ତ ସ୍କୁଲ ବସ୍ ସେବା ଓ ସୁବିଧାର ଉନ୍ମୋଚନ କରି ଆମେ ଆମର ଭବିଷ୍ୟତ ପିଢ଼ିକୁ ଶିକ୍ଷା ଲାଭ କରିବାରେ ସାହାଯ୍ୟ କରିବା ପାଇଁ ଏକ ନମ୍ର ପ୍ରୟାସ କରିଛୁ ବୋଲି ସେ ମତପ୍ରକାଶ କରିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949



REAL ESTATE

**SALE**

Yellowzone gharabari plot for sale, 2000sqft. (13Nos) at Mouza-Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road-30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160




Newly open SPA positively health benefits expert therapist, Jagamara. 7849011931. D-73668

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Full body massage in homely atmosphere. All Therapy, Mob.- 8114881641. D-73417

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74612

Newly open full body massage ladies and gents. 8327740003, 8093860513. D-74616

Relax, Refresh your Body, Mind at Saikrupa Spa with best therapies. 8984068077. D-2230

**LOST**

On 16.12.2022 HDFC Bank ID Card No.- 220305292200495 is lost. If the said ID Card found please return to G.P Combines Pvt. Ltd., 155, Bapuji Nagar, Bhubaneswar, Ph No.- 9861260540. D-71361


**ସହ ପ୍ରାଧାପକଙ୍କ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ପିଏଚ.ଡି. ଲାଭ**



ଡଃ ମୃତ୍ୟୁଞ୍ଜୟ ପଣ୍ଡା ଭାରତୀୟ ବୈଷୟିକ ପ୍ରତିଷ୍ଠାନ IITISM) ଧନବାଦରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର Prof. Devara Vijaya Bhaskar (Guide) ଓ Prof. Tanmoy Maity (co-guide)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Coordinated Power Management Strategies for multiple subgrids in photovoltaic battery based DC microgrid" ଉପରେ ଗବେଷଣା କରୁଥିଲେ। ସନ୍ଦର୍ଭଟି IIT, Madrasର Prof. N. Lakshminarasammaଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇ IIT (ISM) Dhanbadରୁ ସମ୍ମାନ ସୂଚକ ପିଏଚ୍.ଡି. ଲାଭ କରିଛନ୍ତି। ଡଃ ପଣ୍ଡାଙ୍କର ବିଭିନ୍ନ research paper ବିଦେଶ ଓ ଦେଶର Technical Journal ମାନଙ୍କରେ ପ୍ରକାଶିତ ହୋଇ ଅନେକ ଗବେଷକଙ୍କ ପାଇଁ ମାର୍ଗଦର୍ଶକ ହୋଇପାରିଛି। ଡଃ ପଣ୍ଡା ପୂର୍ବରୁ Govt. College of Engineering, Kalahandiରେ ସହକାରୀ Prof. ଭାବେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ Vellore Institute of Technologyର Vellore Campusରେ Asst. Prof. Sr. Grade-1 ରୂପେ କାର୍ଯ୍ୟ କରୁଛନ୍ତି। ପ୍ରକାଶ ଥାଉ କି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ଡଃ ମୃତ୍ୟୁଞ୍ଜୟ ମାତା ସୁଜାତା ଦେବୀ ଓ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୈଳାଶ ନାଥ ସୁବୁଦ୍ଧିଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କ ବଡ଼ ଭାଇ ଡଃ ମୃଣ୍ମୟ ଓ ଭାଉଜ ଡଃ ଶୁଭସ୍ମିତା ଏବେ ଆମେରିକାର "City University of New York"ରେ ଉଚ୍ଚତର ଗବେଷଣାରତ (Post-Doc) ତାଙ୍କର ସଫଳତାର ଶ୍ରେୟ ପାଇଁ ସେ ଭଗବାନଙ୍କର ଆଶୀର୍ବାଦ ସହିତ ପିତା, ମାତା, ଭାଇ, ଭାଉଜ, ଆତ୍ମୀୟଙ୍କ ସହିତ ଶୁଭାକାଂକ୍ଷୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୨୯୭


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**AFFIDAVIT**

I, Sambit Kumar Mohanty, S/o Malaya Kumar Mohanty, aged 23 years, residing at A-205, Kokila Gardens Phase-2, Pokhariput, Bhubaneswar have changed my name from Sambit Kumar Mohanty to Sambit Mohanty for all intents and purposes. D-2294

By virtue of affidavit No.- "12AA177268", dt.-19.12.2022 before Notary Public, Bhubaneswar I, PRATYUSH KUMAR MOHARANA, S/o- Pradeep Kumar Moharana, At- Madhusudan Nagar, Jatni- 752050 declare that my name is wrongly written as "PRATYUSH MOHARANA" in HSC Certificate further "PRATYUSH MOHARANA" and "PRATYUSHKUMAR MOHARANA" one and same person. D-2292

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ପ୍ରଶାନ୍ତ କୁମାର୍ ମହାରଣା
(ନେତୁଆ ଭାଇ)
ଧରାବତରଣ: ୨୭.୦୭.୧୯୫୧
ସ୍ୱର୍ଗାରୋହଣ: ୧୦.୧୨.୨୦୨୨
ବଣିଆ ସାହି, କଟକ
"ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।"
ଶୋକସନ୍ତପ୍ତ:
ଭାଇ-ଭାଇବୋହୂ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ

ଧ-୨୨୮୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଗୌରୀବାଳା ପରିଡ଼ା
ବଡ଼ମାଛପୁର, ଜୈନାବାଦ, ନିମାପଡ଼ା, ପୁରୀ
ଆବିର୍ଭାବ-୦୨।୦୨।୧୯୫୦
ତିରୋଧାନ- ୧୦।୧୨।୨୦୨୨
ହେ ଦିବଂଗତ ଆତ୍ମା, ଆଜି ତୁମ ଏକାଦଶାହ ପୁଣ୍ୟ ତିଥିରେ ଆମ୍ଭମାନଙ୍କର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ଆମ୍ଭମାନଙ୍କ ପାଇଁ ସଦା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବାପି, ସନ୍ଟୁ, କୁନା, ବୁବୁ, ଗୁଡୁ, ଲୁଡୁ, ସାଇରୁପା, ଅଂଶୁ, ଆୟୁଷ ଓ ପରିବାରବର୍ଗ।

ଧ-୨୨୯୬

## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫ୍ୟୁଜନ୍ ମାନିଆ

**ଫ୍ୟାଶନ ଦୁନିଆରେ ନିଜକୁ ଅପ୍‌ଡେଟ୍ ରଖିବା ଏବଂ ଏଥିରେ ନୂଆ ଏକ୍ସପେରିମେଣ୍ଟ କରିବାରେ ଏବେ ମହିଳାଙ୍କଠାରେ ବଢୁଛି କ୍ରେଜ୍। ବିଭିନ୍ନ ୱେଷ୍ଟର୍ନ ସହ ଇଣ୍ଡିଆନ୍ ପୋଷାକର ଫ୍ୟୁଜନ୍ ପାଲଟିଛି ଅନେକଙ୍କ ଲାଗି ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...**





ଟ୍ରାଡିଶନାଲ ପୋଷାକର ଡିମାଣ୍ଡ ସବୁବେଳେ ରହି ଆସିଛି। ହେଲେ ବିଭିନ୍ନ ୱେଷ୍ଟର୍ନ ୱେର୍‌ଗୁଡ଼ିକର ଆଟ୍ରାକ୍ଟିଭ୍ ଡିଜାଇନ ଅଧିକାଂଶଙ୍କୁ ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଭିତରେ ଯେପରି ଟ୍ରାଡିଶନାଲ ୱେର୍‌ର ଚାହିଦା କମି ନ ଯାଉ ସେଥିପାଇଁ ବର୍ତ୍ତମାନ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ରିତୁ କୁମାର, ମନୀଷ ମାଲହୋତ୍ରା, ସନ୍ଦୀପ୍ ଖୋସ୍‌ଲାଙ୍କ ଭଳି ବଡ଼ ବଡ଼ ଫ୍ୟାଶନ ଡିଜାଇନର ମଧ୍ୟ ଏହାକୁ ବିଭିନ୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ କରି ନୂଆ ନୂଆ ଡିଜାଇନ ପ୍ରସ୍ତୁତ କରୁଛନ୍ତି। ଆମ ଦେଶ ସମେତ ବାହାର ଦେଶଗୁଡ଼ିକରେ ମଧ୍ୟ ଇଣ୍ଡିଆନ୍ ଟେକ୍ସଟାଇଲର ଡିମାଣ୍ଡ ବେଶ୍ ବଢ଼ିବାରେ ଲାଗିଛି। ବିଶେଷକରି ଚିକେନ୍‌କରି, ଇକତ୍, ବ୍ଲକ ପ୍ରିଣ୍ଟ, ଖଦି ଭଳି ଅନ୍ୟାନ୍ୟ ଇଣ୍ଡିଆନ୍ ଫେବ୍ରିକ୍‌ରେ ପ୍ରସ୍ତୁତ ୱେଷ୍ଟର୍ନ ଡ୍ରେସ୍ ଅଧିକାଂଶଙ୍କୁ ବେଶି ଆକୃଷ୍ଟ କରୁଛି। ଓଡ଼ିଶାର ବିଭିନ୍ନ ପାରମ୍ପରିକ ପାଟ କପଡ଼ାକୁ ବ୍ୟବହାରକରି ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ପୋଷାକ ପ୍ରସ୍ତୁତ କରାଯାଉଛି। ୱେଷ୍ଟର୍ନ ଡ୍ରେସ୍ ସହ ଟ୍ରାଡିସନାଲ ଇଣ୍ଡିଆନ୍ ଆଉଟ୍‌ଫିଟ୍‌କୁ ମିକ୍ସ ମ୍ୟାଚ୍ କରି ଦିଆଯାଉଥିବା ଭିନ୍ନ ରୂପ ଅଧିକ ଆଇ କ୍ୟାଚି ମଧ୍ୟ ଲାଗୁଛି। ଏହାକୁ ଲୋକଲୋଚନକୁ ଆଣିବା ପାଇଁ ବଡ଼ ବଡ଼ ଫ୍ୟାଶନ ଶୋ' ମଧ୍ୟ ଆୟୋଜନ କରାଯାଉଛି। ବର୍ତ୍ତମାନ ଏଭଳି ଫ୍ୟୁଜନ୍ ଆଉଟଫିଟ୍ ଛୋଟ ବଡ଼ ଶୋ' ରୁମ୍‌ରୁ ଆରମ୍ଭକରି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡ଼ିକରେ ବି ଉପଲବ୍ଧ ହେଉଛି। ଦିନକୁ ଦିନ ଫ୍ୟାଶନ ପ୍ରିୟ ମହିଳାମାନଙ୍କ ଠାରେ ଏଭଳି ଆଉଟ୍‌ଫିଟ୍‌ର କ୍ରେଜ୍ ବଢ଼ିବାରେ ଲାଗିଛି...

**ମିକ୍ସ ମ୍ୟାଚ୍ ଫ୍ୟୁଜନ୍‌ର ଡିମାଣ୍ଡ ବେଶି:** ଇଣ୍ଡିଆନ୍ ଡ୍ରେସ୍ ସହ ୱେଷ୍ଟର୍ନ ଆସେସରିଜ୍ ଯେପରି ଶାଢ଼ି ସାଙ୍ଗକୁ ଜିନ୍ସ କିମ୍ବା ଅନ୍ୟ ପ୍ୟାଣ୍ଟ, ଶାଢ଼ି ସହ ଲଙ୍ଗ୍ କୋଟ୍ କିମ୍ବା ଧୋତିପ୍ୟାଣ୍ଟ, ଚୁଡିଦାର କୁର୍ତ୍ତା ସାଙ୍ଗକୁ ଡିଜାଇନର ଜ୍ୟାକେଟ୍, ଷ୍ଟାଇଲିଶ୍ ଫୁଟ୍‌ୱେର ଆଦି ମିକ୍ସ ମ୍ୟାଚ୍ କରି ପିନ୍ଧିବା ବି ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ସେହିପରି ୱେଷ୍ଟର୍ନ ଆଉଟ୍‌ଫିଟ୍ ପସନ୍ଦ କରୁଥିବା ମହିଳାମାନେ ଏହାକୁ ଭାରତୀୟ ଝଲକ ଦେବା ଲାଗି କୋହ୍ଲାପୁରୀ ଜୁତି କିମ୍ବା ଅନ୍ୟ ଏଥ୍‌ନିକ୍ ଫୁଟ୍‌ୱେର, ଷ୍ଟୋଲ୍, ସ୍କାର୍ଫ, ଏବଂ ଟ୍ରାଡିଶନାଲ୍ ଜୁଏଲେରି ଭଳି ଟ୍ରାଡିଶନାଲ ଆସେସରିଜ୍ ବ୍ୟବହାର କରୁଛନ୍ତି।

**ହସ୍ତତନ୍ତ ମେଳା ସାଜିଛି ମୁଖ୍ୟ:** ବର୍ତ୍ତମାନ ଏହି ଫ୍ୟାଶନ ଫ୍ୟୁଜନ୍‌ର ଡିମାଣ୍ଡ ଏତେ ମାତ୍ରାରେ ବଢୁଛି ଯେ, ଦେଶର ପ୍ରତିଟି ବଡ଼ ବଡ଼ ସହରରେ ହ୍ୟାଣ୍ଡଲୁମ୍ ଏକ୍‌ଜିବିଶନ୍ ବା ହସ୍ତତନ୍ତ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। ଏଥିରେ ପ୍ରତ୍ୟେକ ରାଜ୍ୟର ପାରମ୍ପରିକ ପୋଷାକ ଉପଲବ୍ଧ ହେଉଛି। ତା' ସହ ଏହାକୁ ବ୍ୟବହାରକରି ଫ୍ୟାଶନ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ବହୁ ସଂଖ୍ୟାରେ ଫ୍ୟାଶନପ୍ରିୟ ମହିଳା ଏଭଳି ଆଉଟ୍‌ଫିଟ୍ କିଣିବା ଲାଗି ଗହଳି ଜମାଉଥିବା ଦେଖିବାକୁ ମିଳୁଛି।

**ବଢୁଛି ଖଦିର ଡିମାଣ୍ଡ:** ଖଦିରେ କେବଳ କୁର୍ତ୍ତୀ, ପାଇଜାମା, ଶାଢ଼ି ଆଦି ପ୍ରସ୍ତୁତ ହେଉଥିଲା। ହେଲେ ବର୍ତ୍ତମାନ ଖଦିରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର୍ ଟପ୍ସ, ସ୍କର୍ଟ, ପଲାଜୋ, ସେପାରେଟର୍ସ ଏବଂ ନୂଆ ଡିଜାଇନର ଶାଢ଼ି ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି।

**ବଦଳୁଛି ସିଲ୍କର ଅନ୍ଦାଜ:** କେବଳ ପର୍ବପର୍ବାଣି, ବିବାହ କିମ୍ବା କୌଣସି ଉତ୍ସବରେ ନୁହେଁ, ଏବେ ବଡ଼ ବଡ଼ ଫ୍ୟାଶନ ଶୋ'ରେ ବି ମଡେଲମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି। ସିଲ୍କ କେବଳ ଶାଢ଼ିରେ ସୀମିତ ନାହିଁ ଏହାକୁ ବ୍ୟବହାର କରି ଲେହେଙ୍ଗା, ଜ୍ୟାକେଟ୍, ବିଭିନ୍ନ ପ୍ରକାର ଡ୍ରେସ୍ ଏବଂ ଆସେସରିଜ୍ ପ୍ରସ୍ତୁତ କରାଯାଉଛି, ଯାହାକି ଅପେକ୍ଷାକୃତ ଟ୍ରେଣ୍ଡି ଲୁକ୍ ଦେଉଥିବାରୁ ଯୁବତୀ ଓ ମହିଳାମାନେ ଏହାକୁ ବେଶି ପସନ୍ଦ କରୁଛନ୍ତି। ନୀତା ଲୁଲା, ରିତୁ କୁମାର ଏବଂ ଅନ୍ୟ ନାମୀ ଫ୍ୟାଶନ ଡିଜାଇନରମାନେ ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି।

## ଏମାନେ କ'ଣ କରନ୍ତି



**ଅନୀତା ପରିଡ଼ା**(ଗୃହିଣୀ, ସତ୍ୟବାଦୀ, ପୁରୀ)- ନୂଆ ରୂପରେ ବାହାରିଥିବା ଶାଢ଼ି ଗାଉନ୍ ହେଉ ଅବା ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍ ଆଉଟ୍‌ଫିଟ୍‌ଗୁଡିକ ଦେଖିବାକୁ ଯେମିତି କ୍ଲାସି ପିନ୍ଧି ସାରିବା ପରେ ମଡର୍ନ ଲୁକ୍ ଦେଇଥାଏ। ଏସବୁକୁ ଯେକୌଣସି ପାର୍ଟି ଫଙ୍କସନ୍‌କୁ ପିନ୍ଧି ଯାଇପାରୁଛି। ଏଥିସହ ଶାଢ଼ି ଦାମ୍ ବି ବଜେଟ ଫେଣ୍ଡ୍ରଲି। ମୋତେ ଶାଢ଼ି ସହ ମ୍ୟାଚ୍ କରି ଜୁଏଲେରି ପିନ୍ଧିବାକୁ ଭଲ ଲାଗେ। ତେବେ ଆସେସରିଜ୍‌କୁ ଏହି ଶାଢ଼ି ସହ ମ୍ୟାଚ୍‌କରି ପିନ୍ଧିଲେ ବହୁ ସୁନ୍ଦର ଲାଗୁଛି। ବର୍ତ୍ତମାନ ମୋର ଫ୍ୟୁଜନ୍ ଶାଢ଼ି ଫେଭରାଇଟ୍ ହୋଇସାରିଛି।



**ବିଶ୍ୱଜିତା ମହାନ୍ତି**(ଭୁବନେଶ୍ୱର)- ଶାଢ଼ି ଭଳି ଟ୍ରାଡିଶନାଲ ଆଉଟ୍‌ଫିଟ୍ ହେଉ ଅବା ଜିନ୍ସ - ଟପ୍ସ, ଗାଉନ୍, ଲଙ୍ଗ୍ ଫ୍ରକ୍ ଭଳି ୱେଷ୍ଟର୍ନ ଡ୍ରେସ୍ ଭିନ୍ନ ଭିନ୍ନ ଅବସର ଅନୁଯାୟୀ ପିନ୍ଧିବାକୁ ପସନ୍ଦକରେ। ତେବେ ବର୍ତ୍ତମାନ ଲାଟେଷ୍ଟ ଫ୍ୟାଶନ ଡିଜାଇନ ପାଲଟିଥିବା ବିଭିନ୍ନ ଇଣ୍ଡୋ- ୱେଷ୍ଟର୍ନ ଡ୍ରେସ୍ ବେଶ୍ ଆଇକ୍ୟାଚି ଲାଗୁଛି। ତେଣୁ ହ୍ୟାଣ୍ଡଲୁମ୍ ଏକ୍ସପୋ କିମ୍ବା ଅନ୍ୟ କୌଣସି ସ୍ଥାନରେ ପ୍ରଦର୍ଶନୀ ଥିଲେ ଏଭଳି ଲାଟେଷ୍ଟ କଲେକ୍ସନ ନିଶ୍ଚୟ ଆଣିଥାଏ। ବର୍ତ୍ତମାନ ସମ୍ବଲପୁରୀ କପଡ଼ା ଏବଂ ଅନ୍ୟ ପାଟ କପଡ଼ାରେ ପ୍ରସ୍ତୁତ ହେଉଥିବା ଲାଟେଷ୍ଟ ଡିଜାଇନ ବ୍ୟବହାର କରିବାକୁ ଭଲ ଲାଗୁଛି।

# ଅଧିକ ପେନ୍‌କିଲର ଖାଉଥିଲେ



**ଅନେକ ମହିଳାଙ୍କଠାରେ କାର୍ଯ୍ୟବ୍ୟସ୍ତତାର ଚାପ ସାଙ୍ଗକୁ ନିଜ ଖାଦ୍ୟ ପ୍ରତି ଅବହେଳା କାରଣରୁ ଅଣ୍ଟା, ଆଣ୍ଠୁ ଆଦି ଗଣ୍ଠି ଯନ୍ତ୍ରଣା ଦେଖାଦେଇଥାଏ। ଆଉ ଏଥିରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ବିନା ପରାମର୍ଶରେ ଅନେକେ ସଙ୍ଗେ ସଙ୍ଗେ ପେନ୍‌କିଲରର ସାହାଯ୍ୟ ନେଉଛନ୍ତି। ହେଲେ ଆପଣ ଜାଣନ୍ତି କି, ଏଭଳି ଔଷଧର ଅଧିକ ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ...**

- ବର୍ତ୍ତମାନ ଅନେକଙ୍କଠାରେ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ସମସ୍ୟା ଦେଖିବାକୁ ମିଳୁଛି। ଏହି ରୋଗ ଥିବା ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା କିଡ୍‌ନୀ ଫେଲ୍ୟୁଅର ହେବାର ଆଶଙ୍କା ରହିଥାଏ।
- ପୁଣି କିଛି ପେନ୍‌କିଲରର ମାତ୍ରାଧିକ ସେବନ କେତେକଙ୍କଠାରେ ରକ୍ତକୁ ପତଳା କରିବା ବା ରକ୍ତର ସାନ୍ଦ୍ରତା ହ୍ରାସ କରିବା ସହ ରକ୍ତଚାପ ସମସ୍ୟା ସୃଷ୍ଟି କରିଥାଏ।
- ଗ୍ରେଟର ଶିକାଗୋରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଡାକ୍ତରଙ୍କ ବିନା ପରାମର୍ଶରେ କିମ୍ବା ମନଇଚ୍ଛା ଦୈନିକ ଆବଶ୍ୟକ ମାତ୍ରାଠାରୁ ଅଧିକ ପେନ୍‌କିଲର୍ ବା ନନ୍-ଷ୍ଟେରଇଡାଲ୍ ଆଣ୍ଟି- ଇମ୍‌ଫ୍ଲାମେଟୋରି ଡ୍ରଗ୍ସର ସେବନ କରିବା ଦ୍ୱାରା ଲିଭର(ଯକୃତ) ଖରାପ ହେବା ଆଶଙ୍କା ଖୁବ୍ ବେଶି।
- ଥଣ୍ଡା, ସାଇନସ୍ ଏବଂ ଗ୍ୟାସ୍ ଭଳି ସମସ୍ୟା ଲାଗି ବ୍ୟବହୃତ ପେନ୍‌କିଲର ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଯକୃତ ସହିତ ପାକସ୍ଥଳୀ ମଧ୍ୟ ପ୍ରଭାବିତ ହୋଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଅଲ୍‌ସର୍‌ର ଆଶଙ୍କାକୁ ବି ଦ୍ୱିଗୁଣିତ କରିଥାଏ।
- ତେଣୁ ସହଜ ଉପଲବ୍ଧ ହୋଇଥିବାରୁ ପେନ୍‌କିଲର ସେବନକୁ ନ ଆପଣେଇ ବିଭିନ୍ନ ଘରୋଇ ଉପଚାର ସହ ଯୋଗ ବ୍ୟାୟାମକୁ ଜୀବନଶୈଳୀରେ ସାମିଲକରି ଏକ ଯନ୍ତ୍ରଣା ମୁକ୍ତ ଜୀବନ ଜିଅନ୍ତୁ।





## ଖାଦ୍ୟରୁଚି

# ଗ୍ରୀନ୍ ମୋମୋ

**ଆବଶ୍ୟକ ସାମଗ୍ରୀ:** ପାଳଙ୍ଗ- ୨୦୦ଗ୍ରାମ୍, ମଇଦା- ୨ କପ୍, ଲୁଣ ସ୍ୱାଦ ଅନୁସାରେ, ତେଲ- ୧ ଚାମଚ, ମ୍ୟାଗି ନୁଡଲ୍ସ- ୨ ପ୍ୟାକେଟ୍, ଛୋଟ ଛୋଟ କଟାହୋଇଥିବା ବନ୍ଧାକୋବି ୧ କପ୍, ପନିର- ୫୦ ଗ୍ରାମ, ଗୋଲ ମରିଚ ଗୁଣ୍ଡ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗକୁ ଗ୍ରାଇଣ୍ଡିଂ କରି ଛାଣି ଦିଅନ୍ତୁ। ସେଥିରେ



ମଇଦା, ଲୁଣ ଏବଂ ଅଳ୍ପ ତେଲ ଦେଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ୨ କପ୍ ପାଣିରେ ମସଲା ଏବଂ ମ୍ୟାଗି ପକାଇ ୩ ମିନିଟ୍ ଫୁଟିବାକୁ ଦିଅନ୍ତୁ। ନୁଡଲ୍ସ ସିଝିଗଲେ ଏହାକୁ କାଢ଼ି ଥଣ୍ଡା କରିବାକୁ ଦିଅନ୍ତୁ। ଏକ ପାତ୍ରରେ କଟା ବନ୍ଧାକୋବି, କୋରା ହୋଇଥିବା ପନିର, ଗୋଲମରିଚ ଗୁଣ୍ଡ ସହ ପୂର୍ବରୁ ପ୍ରସ୍ତୁତ ମ୍ୟାଗି ଏବଂ ଆବଶ୍ୟକ ଲୁଣ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ।

ବର୍ତ୍ତମାନ ଚକଟା ହୋଇଥିବା ମଇଦାକୁ ଗୁଳାକରି ଛୋଟ ଛୋଟ ଗୋଲ ପୁରି ଭଳି ବେଲି ଦିଅନ୍ତୁ। ଏହା ଭିତରେ ପ୍ରସ୍ତୁତ ହୋଇଥିବା କୋବି ଓ ନୁଡଲ୍ସ ପୁର ଦେଇ ଆଙ୍ଗୁଠିରେ ଚାପି ପିଠା ଭଳି ବନ୍ଦ କରନ୍ତୁ। ଆପଣ ଚାହିଁଲେ ଏଥିପାଇଁ ମାର୍କେଟରେ ମିଳୁଥିବା ମୋମୋ ମେକରର ସାହାଯ୍ୟ ନେଇପାରିବେ। ଏକ କୁକରରେ କିମ୍ବା ଇଡ୍‌ଲି ଛାଞ୍ଚରେ ପାଣି ଗରମକରି ଏହା ଉପରେ କଣା କଣା ଥିବା ପ୍ଲେଟ୍ ରଖି ମୋମୋ ରଖନ୍ତୁ। ଏହାକୁ ଘୋଡ଼ାଇ ୫-୬ ମିନିଟ୍ ସିଝିବାକୁ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗ୍ରୀନ୍ ମୋମୋ। ଚୁଲା ବନ୍ଦ କରି ପ୍ଲେଟ୍‌ରେ କାଢ଼ିଦିଅନ୍ତୁ। ବର୍ତ୍ତମାନ ଗ୍ରୀନ୍ ମୋମୋ ଖାଇବାର ମଜା ନିଅନ୍ତୁ।

# ଘରେ କରନ୍ତୁ ହେୟାର ସ୍ପା




**ଶୀତଦିନେ ଥଣ୍ଡା ପବନରେ କେଶ ଶୁଷ୍କ ହୋଇଯାଏ ଏବଂ ରୁପି ସମସ୍ୟା ମଧ୍ୟ ଦେଖାଦିଏ। ଏହାକୁ ଦୂରକରିବା ଲାଗି ଆପଣ ହେୟାର ସ୍ପା କରିପାରିବେ। ତେବେ ବ୍ୟୁଟିପାର୍ଲର ଯାଇ ଏଥିପାଇଁ ଅଧିକ ଖର୍ଚ୍ଚ କରିବା ଅପେକ୍ଷା ଆପଣ ଘରେ ମଧ୍ୟ ହେୟାର ସ୍ପା କରି ମଜଭୁତ ଓ ସୁନ୍ଦର କେଶ ପାଇପାରିବେ...**

**କୋକୋନଟ୍ କ୍ରିମ୍ ସ୍ପା:** କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। କେବଳ ତେଲ ନୁହେଁ, ନଡ଼ିଆକୁ ବ୍ୟବହାର କରି ଆପଣ ହେୟାର ସ୍ପା କରିପାରିବେ। ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ କେଶକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ। ଏହାପରେ ପେଷ୍ଟକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ରୁ ଦେଢଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଭଲ ଭାବେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହିତ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ କଳା ଏବଂ ଚମକପ୍ରଦ କରିଥାଏ।

**କକୁମ୍ବର ହେୟାର ସ୍ପା:** ପ୍ରଥମେ ଗୋଟିଏ କାକୁଡ଼ିକୁ ଛୋଟ ଛୋଟ କାଟି ସେଥିରେ ଏକ ଚାମଚ ଅଲିଭ ଅଏଲ ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ। କେଶକୁ ୧୦ମିନିଟ୍ ଷ୍ଟିମ୍ ଦେବା ପରେ ଏହି ପେଷ୍ଟକୁ ଭଲ ଭାବେ ଲଗାଇଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇଦିଅନ୍ତୁ। ଏହାକୁ ଲଗାଇଲେ କେଶ ଝଡ଼ିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟା ଦୂର ହୋଇଥାଏ।



**ବିଅର ସ୍ପା:** ଏକ କାଚ ଗିନାରେ ଅଧା ପର୍ଯ୍ୟନ୍ତ ବିଅର ନେଇ ରାତି ସାରା ରଖି ଦିଅନ୍ତୁ। ଏପରି କଲେ ତାହା ଅଳ୍ପ ଗାଢ଼ ହୋଇଯିବ। କେଶକୁ ୧୦ ମିନିଟ୍ ଷ୍ଟିମ୍ ଦେବା ପରେ ମାଇଲ୍ଡ ଶାମ୍ପୁରେ ଧୋଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ରଖାଯାଇଥିବା ବିଅରକୁ କେଶରେ ଭଲ ଭାବେ ମସାଜ କରନ୍ତୁ। ୧୦- ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ଓ ସାଇନିଂ କରିବାରେ ସାହାଯ୍ୟ କରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୦/୨୦୨୨ Sambalpur, Tuesday, December 20/ 2022

# ବକ୍ସ ଅଫିସରେ ଟିକେଟ ବିକ୍ରି



କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ଟିକେଟ କିଣିବା ପରେ ହକିପ୍ରେମୀ।

ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଓ ରାଉରକେଲାରେ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ସୋମବାରଠାରୁ ବକ୍ସ ଅଫିସ ଟିକେଟ ବିକ୍ରି ହୋଇଛି। ଅନ୍‌ଲାଇନ୍‌ରେ ଉପଲବ୍ଧ ସମସ୍ତ ଟିକେଟ ବିକ୍ରି ସରିଥିବାରୁ ବକ୍ସ ଅଫିସରୁ ଟିକେଟ କିଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ପରିଲକ୍ଷିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ହକି ଷ୍ଟାଡିୟମର ୮ ନମ୍ବର ଗେଟ୍‌ସ୍ଥିତ ରିଜର୍ଭ ପୋଲିସ ଲାଇନ୍ ଗ୍ରାଉଣ୍ଡ ପଡ଼ିଆରେ ଖୋଲାଯାଇଥିବା ବକ୍ସ ଅଫିସରେ ସକାଳୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମର ୬ ନମ୍ବର ଗେଟ୍ (ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡ) ଏବଂ ୨ ନମ୍ବର ଗେଟ୍ (ନର୍ଥ ଓ ୱେଷ୍ଟ ଷ୍ଟାଣ୍ଡ) ନିକଟରେ ଉପଲବ୍ଧ ବକ୍ସ ଅଫିସରେ ମଧ୍ୟ ସମାନ ଅବସ୍ଥା ଦେଖା ଦେଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ ଉପଲବ୍ଧ ନ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ଖେଳିବାକୁ ଥିବା ୩ଟିଯାକ ଗ୍ରୁପ୍ ମ୍ୟାଚ୍‌ର ସମସ୍ତ ଟିକେଟ ଅନ୍‌ଲାଇନ୍‌ରେ ବିକ୍ରି ହୋଇଯାଇଛି। ବକ୍ସ ଅଫିସରେ ଅନ୍ୟ ମ୍ୟାଚ ଗୁଡ଼ିକର ଟିକେଟ ବିକ୍ରି ଚାଲିଛି। ବଳକାଥିବା ଟିକେଟ ଗୁଡ଼ିକର ବିକ୍ରି ଜାରି ରହିବ। ପ୍ରକାଶଯୋଗ୍ୟ, ଲିଗ୍ ପର୍ଯ୍ୟାୟରେ ଭାରତ ଯେଉଁ ୩ଟି ମ୍ୟାଚ୍ ଖେଳିବାର ଅଛି, ସେଥିରୁ ୨ଟି ରାଉରକେଲାରେ ଏବଂ କେବଳ ଗୋଟିଏ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦର୍ଶକମାନେ ଉଭୟ ସ୍ଥାନରୁ ଟିକେଟ କିଣିବା ସହିତ ଅନ୍‌ଲାଇନ୍ ଟିକେଟ ରିଡେମ୍ପ୍‌ଶନ କରିଛନ୍ତି।

**୨୦୨୩ ହକି ବିଶ୍ୱକପ୍**

**ଭାରତ ଖେଳିବାକୁଥିବା ମ୍ୟାଚର ଟିକେଟ ନ ପାଇ ହକିପ୍ରେମୀ ନିରାଶ**

ଆଗାମୀ ବିଶ୍ୱକପ୍ ଲାଗି ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡସ୍, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ମାଲେସିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ ରହିଛନ୍ତି। ସେଥିରେ ଭାରତ ଗ୍ରୁପ୍ 'ଡି'ରେ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ରାଉରକେଲାରେ ଜାନୁୟାରୀ ୧୩ରେ ସ୍ପେନ୍ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୧୫ରେ ଇଂଲଣ୍ଡ ଏବଂ ୧୯ରେ ୱେଲ୍ସ ବିପକ୍ଷରେ ମୁକାବିଲା କରିବ। ଭାରତର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିର୍ସାମୁଣ୍ଡା ଷ୍ଟାଡିୟମ ହେଉଛି ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ। ଏହାର ଦର୍ଶକ କ୍ଷମତା ୨୦,୦୦୦। ମାତ୍ର କଳିଙ୍ଗ ଷ୍ଟାଡିୟମରେ ୧୫,୦୦୦ ଦର୍ଶକ ମ୍ୟାଚ୍ ଉପଭୋଗ କରିବାର ବ୍ୟବସ୍ଥା ରହିଛି।

## ତମାଣ୍ଡୋ କପ୍ ଫୁଟବଲ: ସେମିରେ ପପୁଲାର

ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି): ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଢେଙ୍କାନାଳର ପପୁଲାର ସ୍ପୋର୍ଟିଂ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ପପୁଲାର ସ୍ପୋର୍ଟିଂ ସଡନ୍‌ଡେଥ୍ ୬-୫ ଗୋଲରେ ଗଣ୍ଡରପୁରର ୟୁନାଇଟେଡ୍ ୟୁଥ୍ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ୪ର୍ଥ ମିନିଟରେ ୟୁନାଇଟେଡ୍ କ୍ଲବର ରାଜା ନାଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୫୦ତମ ମିନିଟ୍‌ରେ ପପୁଲାରର ବିଜୟ ଓରାମ ଗୋଲଟିକୁ ପରିଶୋଧ କରିଦେଇଥିଲେ। ନିର୍ଦ୍ଧାରିତ ସମୟ ଏବଂ ଟାଇବ୍ରେକରରେ ଫଳାଫଳ ନ ମିଳିବାରୁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଗଣ୍ଡରପୁର ପକ୍ଷରୁ ବାବୁଲାଲ ସାହୁ, ଅବିନାଶ ସାମଲ, ଚନ୍ଦନ ନାୟକ ଓ କାର୍ତ୍ତିକ ଭୋଳ ଗୋଲ ଦେଇଥିବାବେଳେ ଢେଙ୍କାନାଳ ଦଳ ପକ୍ଷରୁ ଅଜୟ ନାୟକ, ସାଗର ବିଶ୍ୱାଳ, ବିଜୟ ଓରାମ, ମଣ୍ଟୁ ସ୍ୱାଇଁ ଓ ଭାବଗ୍ରାହୀ ପଡ଼ିହାରୀ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ବିଜୟୀ ଦଳର ସରୋଜ ପ୍ରଧାନଙ୍କୁ ଅତିଥି ଜମେଶ୍ୱର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଟି. ମୋହନରାଓ, ସୁଜିତ ପାତ୍ର, ଚନ୍ଦ୍ରକାନ୍ତ ବାରିକ ଓ ସୁଶାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ।




ମୁଁ ଦେବେନ୍ଦ୍ର ସିଂହ, ବୟସ 69 ବର୍ଷ, ଜିଲ୍ଲା ବୈଶାଳୀ, ବିହାରର ବାସିନ୍ଦା । ମୋର ବହୁତ ସମୟ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟିର ସମସ୍ୟା ଥିଲା । ଯେଉଁ କାରଣରୁ ପେଟ ବ୍ୟଥାର ବିକାର ମଧ୍ୟ ଲାଗି ରହୁଥିଲା । ସକାଳେ ଫ୍ରେଶ୍ ହେବା କଷ୍ଟକର ଥିଲା । ଅନେକ ଔଷଧ ଖାଇଲି କିନ୍ତୁ କିଛି ଆରାମ ମିଳିଲା ନାହିଁ । ଦିନେ ମୋତେ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ ଜଣାପଡ଼ିଲା। ଯାହାର ପ୍ରଭାବ ପ୍ରଥମ ଦିନରୁ ହିଁ ଦେଖିବାକୁ ମିଳିଲା । ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ମୋ ପେଟର ସମସ୍ତ ସମସ୍ୟାରେ ଅପେକ୍ଷାକୃତ ପ୍ରଭାବୀ ସାବ୍ୟସ୍ତ ହେଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଏଥିପାଇଁ ମୁଁ ପେଟ ସଫାକୁ ଧନ୍ୟବାଦ ଜ୍ଞାପନ କରୁଛି ।

ମୋର ନାମ ଫୁସରାଜ ସୋନି, ବୟସ 50 ବର୍ଷ, ଜିଲ୍ଲା ବିକାନେର, ରାଜସ୍ଥାନର ବାସିନ୍ଦା ଅଟେ । ମୋର ଅନେକ ସମୟ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟିର ଭାରି ସମସ୍ୟା ଥିଲା । ଏହି କାରଣରୁ ପେଟ ଯନ୍ତ୍ରଣାର ବିକାର ମଧ୍ୟ ଲାଗି ରହୁଥିଲା । ଫ୍ରେଶ୍ ହେବାରେ କଠିନତାର ସମ୍ମୁଖୀନ ହେବାକୁ ପଡୁଥିଲା। ଦିନେ ମୋର ଜଣେ ବନ୍ଧୁ ମୋତେ 16 ଖାସ୍ ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ କହିଲେ, ଯାହା କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ପାଇଁ ଅବ୍ୟର୍ଥ ଔଷଧି ଅଟେ । ମୁଁ ପେଟ ସଫା ସେବନ ଆରମ୍ଭ କଲି । ଏହାର ପରିଣାମ ବାସ୍ତବରେ ବହୁତ ପ୍ରଭାବୀ ଅଟେ । ପେଟ ସଫା ମୁହଁରେ ଲାଖେ ମଧ୍ୟ ନାହିଁ ଏବଂ ଏହା ଅଭ୍ୟାସରେ ମଧ୍ୟ ପଡ଼େନାହିଁ ।

ମୋର ନାମ ଗୋପାଳ ସମ୍ପତ ଦେଓରେ, ବୟସ 70 ବର୍ଷ, ଜିଲ୍ଲା ଜଳଗାଓଁ, ମହାରାଷ୍ଟ୍ରର ବାସିନ୍ଦା ଅଟେ । ମୁଁ ଗତ 3-4 ବର୍ଷ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟି କାରଣରୁ ଅନେକ ସମସ୍ୟା ଭୋଗୁଥିଲି । ଏହି କାରଣରୁ ସବୁବେଳେ ମୋ ଚେହେରା ଝାଉଁଳା ରହୁଥିଲା । କିନ୍ତୁ ଦିନେ ମୋତେ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ ଜଣା ପଡ଼ିଲା । ଏହା 16ଟି ଖାସ୍ ଜଡ଼ିବୁଟିରେ ପ୍ରସ୍ତୁତ । ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମୁଁ ଏହାକୁ ସେବନ କରିବା ଆରମ୍ଭ କଲି । ବିଶ୍ୱାସ କରନ୍ତୁ, ପରଦିନ ସକାଳେ ପେଟ ଭଲଭାବେ ସଫା ହୋଇଗଲା । ଏବେ ମୋ ଚେହେରା ବି ସତେଜ ରହୁଛି । ଏହା ବାସ୍ତବରେ ବହୁତ ଭଲ । ସମ୍ପୂର୍ଣ୍ଣ ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ସାଇଡ୍-ଇଫେକ୍ଟ ମଧ୍ୟ ନାହିଁ ।

petsaffa.com | 24x7 Helpline: 91197 88888 | Available at all medical & general stores




*5-star safety rating applicable on Altroz only. *Terms and conditions apply. This offer is available on select models. Please contact nearest Tata Motors Passenger Vehicles dealership for more details. Images and illustrations are indicative and for information purposes only. Discount mentioned is at the discretion of Tata Motors Passenger Vehicles Limited. All Features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and Octroi extra. All offers are at sole discretion of Tata Motors and can be changed by Tata Motors without any prior notice. Offer available till stocks last. Finance available at sole discretion of financier.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ଅଙ୍ଗନୱାଡ଼ି କର୍ମୀଙ୍କ ୮ ଦଫା ଦାବିପତ୍ର ପ୍ରଦାନ**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଠାରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହିକ୍ରମରେ ସୋମବାର ନର୍ଲାସ୍ଥିତ ଚାରିଛକଠାରୁ ଶତାଧିକ ଅଙ୍ଗନୱାଡ଼ି କର୍ମୀ ରାଲି କରି ପରେ ସିଡିପିଓ କାର୍ଯ୍ୟାଳୟରେ ପହଞ୍ଚି ୮ଦଫା ଦାବିପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସରକାର ଦାବି ପୂରଣ କରି ନ ଥିବାବେଳେ କାର୍ଯ୍ୟବନ୍ଦ ଯୋଗୁ ହଜାର ହଜାର ସଂଖ୍ୟା କୋମଳମତି ଶିଶୁ ଓ ଗର୍ଭବତୀ ମା'ଙ୍କ ସୁଷମ ଖାଦ୍ୟ ପାଇବାରେ ସମସ୍ୟା ହେଉଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**କୋକସରା,୧୯।୧୨(ଡି.ଏନ.ଏ.):** ଭବାନୀପାଟଣା ଡାକ୍ତରଖାନାରେ ଦୁର୍ଘଟଣାରେ ଗୁରୁତର ଆହତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ କନ୍ଦାବୁଡ଼ୁରା ଗ୍ରାମର ତ୍ରିଲୋଚନ ଦଳପତି (୫୪)। ରବିବାର କୋକସରା ବ୍ଲକ କାଶିବାହାଲ ଧାନ ମଣ୍ଡି ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ତ୍ରିଲୋଚନ ଗୁରୁତର ହୋଇଥିଲେ। ତାଙ୍କୁ କାଶିବାହଲର ସମିତି ସଭ୍ୟ ଗଜାନନ ନିଆଲ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଭବାନୀପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୧୧/୨୨) ରୁଜୁ କରି ତଦନ୍ତ କରୁଥିବା ଏସଆଇ ହେମନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**କୋକସରା,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଡଙ୍ଗରିଗୁଡା ଛକ ନିକଟରେ ଅଜଣା ଗାଡି ଧକ୍କାରେ ଗୁରୁତର ବୃଦ୍ଧଙ୍କ ରାୟପୁର ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଛି। ମୃତକ ହେଲେ କାଶିବାହଲ ପୂଝାରିପଡାର କାର୍ତ୍ତିକ ପଟେଲ (୬୫)। ଗତ ଶନିବାର ସନ୍ଧ୍ୟାରେ ଡଙ୍ଗରିଗୁଡା ଛକ ନିକଟରେ କାର୍ତ୍ତିକ ଗାଡିରେ ଗାଁକୁ ଫେରୁଥିବା ବେଳେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଚମ୍ପଟ ମାରିଥିଲା। ସେହି ରାସ୍ତାରେ ଯାଉଥିବା ମୋଟେର ସରପଞ୍ଚଙ୍କ ପ୍ରତିନିଧି ବିଜୁ ନାଏକ ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ବାଇକ୍ ଆଣି କୋକସରା ହସ୍ପିଟାଲରେ ଆଣି ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଅତିଜଟିଳ ହେବାରୁ ଆମ୍ବୁଲାନ୍ସରେ ରାୟପୁର ହସ୍ପିଟାଲକୁ ସ୍ଥାନାନ୍ତର ସମୟରେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କୋକସରା ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ଜ୍ୱାଇଁ ମୋହନ ପଟେଲଙ୍କ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୩୧୦/୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ପଲମ,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ନର୍ଲା ଏବିଡିଓ ଦେବେନ୍ଦ୍ର ସାମଲ, ଜିପିଓ ଖିତିଶଚନ୍ଦ୍ର ନାଏକ, ତହସିଲଦାର ଶଙ୍କର ବାଗ ଏବଂ ପଲମ ଆରଆଇ ନବିନ କୁମାର ବଗର୍ତ୍ତା ଯୋଗଦାନ କରିଥିଲେ। ନର୍ଲା ବ୍ଲକ୍ ଖ ଜୋନ ଜିଲା ପରିଷଦ ସଭ୍ୟା ନମ୍ରତା ସାହୁ ସମସ୍ତଙ୍କ ଅଭିଯୋଗ ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟକର୍ଲା ପିଇଓ ମଧୁସୁଦନ ନାଏକ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିଥିଲେ। ସେରଗେଡ ପିଇଓ କୃଷ୍ଣଚନ୍ଦ୍ର ସାହୁ ସହଯୋଗ କରିଥଲେ। ଶିବିରରେ ହିତାଧିକାରୀମାନେ ୨୫୨ଟି ଅଭିଯୋଗ ଦାଖଲ କରଥିଲେ।

### ଗଠିତ ହେଲା କାଣ୍ଡେଲ ଯୁବ ଯାଦବ ସମାଜ

**କେସିଙ୍ଗା,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲ ସୋଲାର ପ୍ଲାଣ୍ଟ ନିକଟ ଆମ୍ବତୋଟାଠାରେ ଯୁବ ଯାଦବଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କାଣ୍ଡେଲ ଆଞ୍ଚଳିକ ଯାଦବ ସମାଜ କାର୍ଯ୍ୟକାରୀ ସଭାପତି ରମାକାନ୍ତ ଗଉଡ ଏବଂ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧାରଣ ସମ୍ପାଦକ ତ୍ରିପୁରା ନାୟକ ଉପସ୍ଥିତ ରହି ଯୁବ ଯାଦବ ସଙ୍ଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ସମାଜ ସଂସ୍କାର, ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଅଗ୍ରଗତି ଏବଂ ଆଗକୁ ହେବାକୁ ଥିବା ଯାଦବ ଜନଗଣନା ବିଷୟରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ କାଣ୍ଡେଲ ଯୁବ ଯାଦବ ସମାଜ ସଭାପତି ଭାବେ ଦୁର୍ଯ୍ୟୋଧନ ଗଉଡ, ଉପସଭାପତି ଭାବେ ଶ୍ରୀକୃଷ୍ଣ ଗଉଡ, ସମ୍ପାଦକ ଭାବେ ବିକ୍ରମ ଗଉଡ, ସହ ସମ୍ପାଦକ ଭାବେ କୁସୁମାଞ୍ଜଳ ଗଉଡ ଓ କୋଷାଧକ୍ଷ ଭାବେ ନବୀନ ଗଉଡ ମନୋନୀତ ହୋଇଥିଲେ। ସଙ୍ଗଠନ ଉପଦେଷ୍ଟା ମଣ୍ଡଳୀରେ ମନୋହର ବାଗ, ଦୀନବନ୍ଧୁ ଗଉଡ, ଦାମୋଦର ଗଉଡ, ଗୋବିନ୍ଦ ଗଉଡ, ଉଦ୍ଧବ ଗଉଡ ପ୍ରମୁଖ ରହିଛନ୍ତି। ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାମାନେ ଯୁବ ଯାଦବ ମହାସଭା କଳାହାଣ୍ଡି, ବ୍ଲକ ଯାଦବ ସମିତି କେସିଙ୍ଗା ତଥା କାଣ୍ଡେଲ ଆଞ୍ଚଳିକ ଯାଦବ ସମାଜର ସମସ୍ତ ନିୟମ ଏବଂ ଉପଦେଶ ମାନି ଚଳିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ଉତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.)**



ଶିଶୁମାନେ ନାଟକ ପରିବେଷଣ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ 'ସଙ୍ଗମ' ପକ୍ଷରୁ ଚାଲିଥିବା ନବମ ରାଜ୍ୟସ୍ତରୀୟ ଶିଶୁନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସଙ୍ଗମ ମୁଖ୍ୟ ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀରେ ଅତିଥି ଭାବେ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ, ନାଟ୍ୟକାର ଶଙ୍କର ନାଏକ ଓ ବରିଷ୍ଠ କଳାକାର ସତ୍ୟ ନାରାୟଣ ଯୋଗଦେଇଥିଲେ। ସମ୍ପ୍ରତି ପାଟିକୁ ସ୍ୱାଦ ଲାଗୁଥବ ଅଥଚ ଦେହ ପାଇଁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଆଡକୁ ଛୁଆମାନେ ଅଧିକ ଆଗ୍ରହ ଦେଖାଇ ରୋଗଗ୍ରସ୍ତ ହେଉଛନ୍ତି। ଏଣେ କିଛି ଲୋକ ନିଶାଶକ୍ତ ହୋଇ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛନ୍ତି। ଏଥିପ୍ରତି ଅଭିଭାବକଗଣ କେମିତି ସଚେତନ ହେବେ ତାହାର ଏକ ମାର୍ମିକ ନିବେଦନ କରିଥିଲେ। ଉଦଯାପନୀର ପ୍ରଥମ ନାଟକ 'ଆର୍ ଖେବୁ କେଁ 'ପ୍ରୀତିମୟୀ ବେହେରା ନାଟକ ରଚନା ଓ ରଘୁନାଥ ଠାକୁର ନିର୍ଦ୍ଦେଶନା ଦେଇଥିବାବେଳେ ପରିବେଷଣ କରିଥିଲେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭଙ୍ଗାବାରୀର କୁନିକୁନି କଳାକାର। ପ୍ରଭାକର ପାତ୍ରଙ୍କ ରଚିତ ଓ ପ୍ରବୀର ଜେନାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ନାଟକ 'ତାରା ତୋଳିବାର ସ୍ୱପ୍ନ'କୁ ପରିବେଷଣ କରିଥିଲେ ରାଉରକେଲାର କଳାକାରମାନେ। ଏଥିରେ ପ୍ରତିକୂଳ ସ୍ଥିତିରେ ହାର ନ ମାନି ସ୍ୱାଭିମାନ ଭାବେ ବଞ୍ଚି ରହିବାକୁ ମଣିଷ ଭିତରେ ଈଶ୍ୱର ଦେଇଥିବା ବହୁ ସାମର୍ଥ୍ୟକୁ ଚିହ୍ନିବା ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ନାଟ୍ୟକାର ଅଧାପକ ଗୋପାଳ ମହାରଣାଙ୍କ ଲିଖିତ ଓ ଅଧାପିକା ମଧୁସ୍ମିତା ମହାରଣାଙ୍କ ନିର୍ଦ୍ଦେଶିତ 'ପ୍ରତିବିମ୍ବ'କୁ

**ସଫଳ କଳାକାର ଭାବେ ମନ୍ଦାକିନୀ ବାଣୁଆ ପୁରସ୍କୃତ**

ନବରଙ୍ଗପୁରର କଳାକାରମାନେ ମଞ୍ଚସ୍ଥ କରିଥିଲେ। କଅଁଳ ଶିଶୁଙ୍କୁ ମାନସିକ ଚାପ ଦେଲେ, ସେମାନଙ୍କ ଭବିଷ୍ୟତ କେମିତି ଅନ୍ଧକାର ଆଡକୁଯାଏ, ଏମିତି କି କୋମା ପର୍ଯ୍ୟନ୍ତ ବି ଯାଇପାରେ, ତାହା ନାଟକରେ ଅବତାରଣା କରାଯାଇଥିଲା। ନୃତ୍ୟ ଓ ନାଟକ କ୍ଷେତ୍ରରେ ସଫଳ ଯୁବକଳାକାର ଭାବେ ମନ୍ଦାକିନୀ ବାଣୁଆଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ ୯ଟି ଶିଶୁ ନାଟକ ମଞ୍ଚସ୍ଥ ହୋଇଥିଲା। ସଙ୍ଗମର କଳାକାରମାନେ ଚିତ୍ତାକର୍ଷକ ବଜାଶାଲ ଓ ଢ଼ାପ ନୃତ୍ୟ ପରିବେଷଣ କରିଥିଲେ। ଦଳଗତ ନୃତ୍ୟ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ସଂଯୋଜନା କରିଥିଲେ ।

# ନୂଆପଡ଼ା ଗସ୍ତରେ ଡ୍ବ୍ୟୁଓଡିସି ଚେୟାରମ୍ୟାନ୍


ଜିଲାସ୍ତରୀୟ ଅଧିକାରୀଙ୍କ ସହ ଡ୍ବ୍ୟୁଓଡିସି ସମୀକ୍ଷା କରୁଛନ୍ତି।

**ନୂଆପଡ଼ା ଅଫିସ,୧୯।୧୨**

ନୂଆପଡା ଜିଲା ଦିନିକିଆ ଗସ୍ତ କରିଛନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡ୍ବ୍ୟୁଓଡିସି) ଚେୟାରମ୍ୟାନ ଅସିତ ତ୍ରିପାଠୀ। ଏହିକ୍ରମରେ ସୋମବାର ଜିଲାପାଳଙ୍କ ସମ୍ମିଳନି କକ୍ଷରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୟରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲାପାଳ ହେମାକାନ୍ତ ସାଏ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ସୁନୀଲ କୁମାର ନାୟକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ଅର୍ଥନୈତିକ ବିକାଶ ପାଇଁ ବଡ ବଡ କଳକାରଖାନା ନ ଥିଲେ କ'ଣ ହେଲା। ଉଦ୍ୟାନ ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ପଶୁ ସମ୍ପଦ ବିଭାଗ ଦ୍ୱାରା ଆମେ ଲୋକଙ୍କୁ ତାଲିମ ଦେଇ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ଦେଇ ବେରୋଜଗାରୀଙ୍କୁ ରୋଜଗାରକ୍ଷମ କରିବା। ପଶ୍ଚିମ ଓଡିଶା ବିକାଶ ପରିଷଦରୁ ନୂଆପଡା ଜିଲାରେ ୪୨୦ କୋଟି ଟଙ୍କା ଖର୍ଚ୍ଚ ହେବାର ଯୋଜନା ରହିଥିଲେ ମଧ୍ୟ ବର୍ତ୍ତମାନ ଶହେ କୋଟି ଟଙ୍କା ବିଭିନ୍ନ ଚାଷ ପାଇଁ ଦିଆଯାଇଛି। ଗ୍ରାମାଞ୍ଚଳରେ ଯୁବତୀଯୁବକଙ୍କୁ ପଶୁ ପାଳନ କରବା ପ୍ରୋତ୍ସାହନ ଦେବା। ଜିଲାରେ ୧୨୦ଟି କୁକୁଡା ଚାଷ ଫାର୍ମ ରହିଛି। ଆହୁରି ଅଧିକରୁ ଅଧିକ କରିବା ପାଇଁ ପ୍ରୋତ୍ସାହନ ଦେବା। ଉଦ୍ୟାନ ବିଭାଗ ଦ୍ୱାରା ପନିପରିବା ଚାଷ କରିବା ସହ ଜିଲାରେ ପ୍ରଥମେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଥିଲା। ବର୍ତ୍ତମାନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲାଣି। ଖରିଫ ଓ ରବି ଋତୁରେ ଧାନ ଚାଷ ସହ କପା ଓ ମକା ଚାଷ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ଜିଲାର ଅର୍ଥନୈତିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ତ୍ରିପାଠୀ ଜଣାଇଥିଲେ।

### ଦିବାରାତ୍ର ଭଲିବଲ: କେସିଙ୍ଗା ଚାମ୍ପିୟନ

**ଦୁଣ୍ଡଲା,୧୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପିପଲପଦର ଭଲିବଲ ଆସୋସିଏଶନ ପକ୍ଷରୁ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ କେସିଙ୍ଗା ଓ ବଡ଼ଧାରପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା ଚାମ୍ପିୟନ ହୋଇଥିବା ବେଳେ ବଡ଼ଧାରପୁର ଦଳ ରନର୍ସଅପ ହୋଇଥିଲା। ଟୁର୍ନାମେଣ୍ଟକୁ ବରିଷ୍ଠ ପୂର୍ବତନ ଭଲିବଲ ଖେଳାଳି ରାମଚନ୍ଦ୍ର ଭୋଇ ଏବଂ ହାତୀଖୋଜ ସରପଞ୍ଚ ସୁନିତା କୁମାର ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଦୁଣ୍ଡଲା ସରପଞ୍ଚ ସରୋଜ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁଗଳ କିଶୋର ପଧାନ, ରମେଶ ସାହୁ, ସରୋଜ ପଧାନ ଏବଂ ଲିଙ୍ଗରାଜ ପଧାନ ଖେଳ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର ପଧାନଓ ମୋହନ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ହର୍ଷବର୍ଦ୍ଧନ ଭୋଇ, ପ୍ରାଦ୍ୟୁମ୍ନ ଭୋଇ, ଦୁଲମଣୀ ବେହେରା, ନିରଞ୍ଜନ ନନ୍ଦ, ଉଜ୍ୱଳ ପଧାନ ସହ ସଂଘର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ଡୋକରିଚଞ୍ଚରା ସୌନ୍ଦର୍ଯ୍ୟକରଣ ପାଇଁ ଅନୁଧ୍ୟାନ

**କୋକସରା,୧୯।୧୨(ଡି.ଏନ.ଏ.)**


ଅଧିକାରୀମାନେ ଡୋକରୀଚଞ୍ଚରାର ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ରିଜର୍ଭ ଫରେଷ୍ଟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡ଼ାହାଣ୍ଡି ଡୋକରିଚଞ୍ଚରାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବନ ବିଭାଗ ଦ୍ୱାରା ଜାରି ରହିଛି। ପର୍ଯ୍ୟଟନସ୍ଥଳୀକୁ କେମିତି ରୂପରେଖ ଦେଲେ ଆହୁରି ଆକର୍ଷଣୀୟ ହେବ ସେ ନେଇ ବିଡିଓ ଉତ୍ତମ କୁମାର ବାଗ ଓ ଧର୍ମଗଡ଼ ରେଞ୍ଜର ଭବାନୀଶଙ୍କର କାଉରଙ୍କ ସହ ଜିଲା ପ୍ରଶାସନ ପଠାଇଥିବା ଆର୍କିଟେକ ଶିବାନି ସାହୁ ପର୍ଯ୍ୟଟନସ୍ଥଳୀର ବିଭିନ୍ନ ସ୍ଥାନ ବୁଲି ଆଗକୁ ସୌନ୍ଦର୍ଯ୍ୟକରଣ ପାଇଁ ଏକ ନକସା ପ୍ରସ୍ତୁତ କରିଛନ୍ତି। ଏହି ଅବସରରେ ଗୁଡ଼ାହାଣ୍ଡି ଉନ୍ନୟନ କମିଟି ସ୍ଥାୟୀ ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଆଲୋଚନାରେ ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ ଉନ୍ନୟନ କମିଟି ସଦସ୍ୟ ଘନଶ୍ୟାମ ନାଏକ, ଅଇରୀ ନାସନ ଚିନ୍ଦା, ମଧୁବନ ପାତ୍ର, ରାଜେନ୍ଦ୍ର ନାଏକ, ସୁରେଶ ଅଗ୍ରୱାଲ, ସଞ୍ଜୟ ସିଂଘଲ, ସୁଧୀର ପାତ୍ର, ଚକାଡୋଳା ପାତ୍ର, ପ୍ରମୋଦ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ଉନ୍ନୟନ କାର୍ଯ୍ୟରେ ପ୍ରଶାସନର ସହଯୋଗ ଜଙ୍ଗଲ ସୁରକ୍ଷା, ସ୍ୱଚ୍ଛତା ଓ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଆଗକୁ କେମିତି ହେବ ସେ ନେଇ ଆଲୋଚନା କରିଥିଲେ। ଜଙ୍ଗଲ ବିଭାଗ ଦ୍ୱାରା କାର୍ଯ୍ୟରେ ଉନ୍ନୟନ କମିଟି ସମନ୍ୱୟ ରକ୍ଷା ଓ ସହଯୋଗ କରିବାକୁ ବଡିଓ କହିଥିଲେ। ବୈଠକରେ ଆସନ୍ତା ୩ ତାରିଖରେ ଗୁଡ଼ାହାଣ୍ଡି ଡୋକରିଚଞ୍ଚରାରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବା ନେଇ ମଧ ଉନ୍ନୟନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ଲକସ୍ତରୀୟ ଘୁମୁରା ଉତ୍ସବ ଉପଲକ୍ଷେ ଫୁଟବଲ ପ୍ରତିଯୋଗିତା

**କୋକସରା,୧୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ କୋକସରା ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଟେମରା ଖେଳପଡିଆରେ ପଞ୍ଚାୟତସ୍ତରୀୟ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ସଭାପତି ଭାବେ ଟେମରା ସରପଞ୍ଚ କ୍ଷିତୀରାମ ପାତ୍ର, ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ସରପଞ୍ଚ ଡୁଡୁକାଠେଙ୍ଗା ହରିପ୍ରିୟା ନାଗ ଯୋଗଦେଇଥିଲେ। କୋକସରା ପଞ୍ଚାୟତ ସମିତି ଆନୁକୂଲ୍ୟରେ ପ୍ରଥମ ଦିନରେ ୬ଟି ପଞ୍ଚାୟତର ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ସ୍କୁଲ ଖେଳ ଶିକ୍ଷକ ଶଙ୍କର ପୋଡ଼, ଚିତ୍ତ ରଞ୍ଜନ ଠାକୁର ଖେଳ ପରିଚାଳନା କରିଥିଲେ। ଫୁଟବଲ ପ୍ରତିଯୋଗିତାରେ ଟେମରା ଦଳ ଚାମ୍ପିୟନ ହୋଇଥିବା ବେଳେ ଡୁଡୁକାଠେଙ୍ଗା ଦଳ ରନର୍ସଅପ ହୋଇଥିବାରୁ ତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ୪୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**ଲାଞ୍ଜିଗଡ଼,୧୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ନନ୍ଦ, ଜିଲା ଶିକ୍ଷାଧିକାରୀ ଧିରଜ କୁମାର ଚୋପଦାର, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରବାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମିତ୍ରଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ତହସିଲଦାର ମୁନୀନ୍ଦ୍ର ହୋନ୍ନାଗା, ଏବିଡିଓ ବିଭୁତିଭୂଷଣ ଶତପଥି, ଜିଲା ପରିଷଦ ସଦସ୍ୟ ପରିକ୍ଷୀତ ନାଏକ, ଜିପିଇଓ ସରୋଜ ପ୍ରଧାନ, ଏପିଓ ସଞ୍ଜିତ ପରିଡା, ଏସଇଓ ଅରବିନ୍ଦ ମହାପାତ୍ର, ବିଇଓ ସଞ୍ଜୀବ କୁମାର ନାଏକ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦଶମତ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୋଟ ୪୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଠ ଯନ୍ତ୍ରୀ ସ୍ମିତା ବିଶ୍ୱାଳ, ଗୋଲକ ଭୋଇ, ଡମ୍ବରୁଧର ସ୍ୱାଇଁ, ସୁଜିତ ସାହୁ, ପୀତବାସ ସାହୁ, ଭୂଜନ ହାତୀ, ଜିତୁ ପୋଢ, ଲକ୍ଷ୍ମଣ ନାଏକ, ଝସକେତନ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।

# ମଦ ଦୋକାନ ସ୍ଥାନାନ୍ତର ନେଇ ଦାବିପତ୍ର


ଅଭିଯୋଗ ଶୁଣାଣିରେ ଜିଜାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଖଡ଼ିଆଳ,୧୯।୧୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ସହର ଗୁରୁନାନକ ଛକଠାରେ ଥିବା ମଦ ଦୋକାନ ସ୍ଥାନାନ୍ତର ନେଇ ଖଡ଼ିଆଳ ଏନଏସି ୱାର୍ଡ ସଭ୍ୟ ସଭ୍ୟାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ସାକ୍ଷାତ କରି ସହର ମଝିରେ ମଦ ଦୋକାନ ଥିବାରୁ ଅନେକ ସମସ୍ୟା ସବୁବେଳେ ଲାଗି ରହିଛି। ମଦ ଦୋକାନ ଯୋଗୁ ବିଶେଷ କରି ଛାତ୍ରୀଛାତ୍ରମାନେ ଯାତାୟାତରେ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ସମସ୍ୟା ସୃଷ୍ଟି ହେଉଥିବା ସହିତ ମଦ ଦୋକାନଠାରୁ ମାତ୍ର ୫୦ ମିଟର ଦୂରତାରେ ଗୁରୁଦ୍ୱାର, ତ୍ରିନାଥ ମନ୍ଦିର, ଏବଂ ସାଇ ମନ୍ଦିର ରହିଛି। ଦୋକାନରେ ମଦ ବିକ୍ରି ହେଉଥିବାରୁ ଅନେକ ସମୟରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଏନଏସି କାଉନସିଲରଙ୍କ ସମେତ ସୁସ୍ମିତା ମହାରଣା, ରେବତୀ ଶବର, ରାଜରାଣୀ ପଟ୍ଟନାୟକ, କ୍ରିଷ୍ଣା ତାଣ୍ଡି, ସୁନୀଲ କୁମାର ସାହୁ, ଲକ୍ଷଣ ଦୂରୀଆ, ସକୁନ୍ତଳା ରାଉର, ସୁବେର ସିଂ ଦେଓ, ବଜରଙ୍ଗ ଭୋଇ, ନରେନ୍ଦ୍ର ଶବର, ବନିତା ହଂସ ଏବଂ ଯୋଶବନ୍ତି ସିନ୍ଧୁର ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

# ଏବିଭିପିର ନଗର ସମ୍ମିଳନୀ

**ଭବାନୀପାଟଣା,୧୯।୧୨(ସ୍ୱ.ପ୍ର.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ପକ୍ଷରୁ ରବିବାର ଭବାନୀପାଟଣା ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାସହ ନଗର ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସହକୋଷାଧ୍ୟକ୍ଷ ଅଶୋକ ସିଂ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମହାବିଦ୍ୟାଳୟ ପ୍ରମୁଖ ଧୀରେନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା। ଭବାନୀପାଟଣା ନୂତନ ନଗର ସମ୍ପାଦକ ଭାବେ ପଞ୍ଚାନନ ଦୁର୍ଗା, ଉପସଭାପତି ଭାବେ ଜିତେନ୍ଦ୍ର ବାଗ ଓ ପିଣ୍ଟୁ ସ୍ୱାଇଁ, ନଗର ସହସମ୍ପାଦକ ଭାବେ କ୍ଷୀରୋଦ ନାଏକ ଓ ଦୀୟା ବାଗ, ପାଠ୍ୟଚକ୍ର ପ୍ରମୁଖ ଜ୍ୟୋତିଷ ନାଏକ, ଘନଶ୍ୟାମ ନାଏକଙ୍କୁ ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ, ପରିବେଶ ପ୍ରମୁଖ ଭାବେ ଡୁମନ ମେହେର ଓ କ୍ରୀଡ଼ା ପ୍ରମୁଖ ଭାବେ ରଶ୍ମି ରଞ୍ଜନ ଭାଟି ଓ ସେବା ପ୍ରମୁଖ ଭାବେ ଦୀପ୍ତି ଶବର। ସେହିଭଳି ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏବିଭିପିର କାର୍ଯ୍ୟ ବିସ୍ତାର କରିବା ସହିତ ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ରଭକ୍ତି ଓ ରାଷ୍ଟ୍ରୀୟ ପୁନଃ ନିର୍ମାଣରେ ଭାଗ ନେବା ପାଇଁ ରାଜ୍ୟ ସହକୋଷାଧ୍ୟକ୍ଷ ଅଶୋକ ସିଂ ନିଜର ମତ ରଖିଛନ୍ତି ।

# ଶିଶୁ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୧୯।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା-ଯୋରାଡବ୍ରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତିଶିବରାମ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କର୍ଲାପଡା ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ତଥା କେସିଙ୍ଗା ସଂଙ୍କୁଳ ପ୍ରମୁଖ ମୋହନ ପୁଟେଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ (ଖ ଜୋନ) ସୁରେଶ ଚୌଧୁରୀ, ଯୋରାଡବ୍ରା ସରପଞ୍ଚ କ୍ଷିତିସୂତା ସାହୁ, ସମିତି ସଭ୍ୟା ରୀମା ସାହୁ ପ୍ରମୁଖ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିର ଏକ ସୁସ୍ଥ ସମାଜ ଗଠନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପୋଷଣ କରିଥିଲେ। ସମିତି ସମ୍ପାଦକ କ୍ଷିରୋଦ ବଡମାଲି ଅତିଥି ପରିଚୟ ଏବଂ ପ୍ରଧାନ ଆଚାର୍ଯ୍ୟ କୈଳାସ ପ୍ରଧାନ ବିବରଣୀ ପାଠ କରିଥିଲେ। କୃତୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଉଣୀଭାଇଙ୍କ ଦ୍ୱାରା ପରିବେଶିତ ପୌରାଣିକ ନାଟକ ଟିକା ଗୋବିନ୍ଦ ଚନ୍ଦ୍ର ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଏଥିରେ ସମସ୍ତ ଗୁରୁଜୀଗୁରୁମା, ପରିଚାଳନା ସମିତି ସଭ୍ୟାସଭ୍ୟ, ଅଭିଭାକମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ପୁଣି ଧାରଣାରେ ବସିଲେ ଗ୍ରାମବାସୀ

**ନୂଆପଡ଼ା ଅଫିସ,୧୯।୧୨**

■ ଅକ୍ଟୋବର ୧୭ରେ ଧାରଣା ଦେଇଥିଲେ

■ ବିଭିନ୍ନ ସମସ୍ୟାରେ ସାହଜଟ ସେବାଶ୍ରମ


ଧାରଣାରେ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ।

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତ ସାହଜଟ ଗ୍ରାମସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲରେ ଅନେକ ସମସ୍ୟା ରହିଛି। ଏହାକୁ ନେଇ ସୋମବାର ବିଦ୍ୟାଳୟ ପରିଚାଳନା କମିଟି ସହ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅକ୍ଟୋବର ୧୭ରେ ୫ ଦଫା ଦାବି ନେଇ ସାହଜଟବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅକ୍ଟୋବର ୨୧ରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡି ଓ ସଦର ତହସିଲଦାର ଦେବେନ୍ଦ୍ର ରାଉତ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ମାସେ ମଧ୍ୟରେ ୫ଟି ଦାବିରୁ ୪ଟି ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବାରୁ ପୁଣି ଧରେ ସୋମବାରଠାରୁ ଧାରଣାରେ ବସିଥିବା ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀ କହିଛନ୍ତି। ସୂଚନା ଯେ, ବିଦ୍ୟାଳୟ ଉନ୍ନୟନ ପାଇଁ ଆସୁଥିବା ପାଣ୍ଠିର ସୁବିନିଯୋଗ ହେଉନାହିଁ। ଅନେକ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି। ସରକାରଙ୍କ ଶିକ୍ଷାନୀତି ୨୦୧୪-୧୫ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟି ଅନ୍ୟୂନ ତିନିଟି ସାମ୍ପୁଲ ଦେଖି ବିଦ୍ୟାଳୟ ପୋଷାକ ଚୟନ କରିବା, ଶିକ୍ଷାନୀତି ଅନୁସାରେ ପୋଷାକ କିଣାଯାଉ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଏହି ଅଧିକାର ପ୍ରଦାନ କରାଯାଉ, ଆବାସିକ ବିଦ୍ୟାଳୟରେ ଶହଶହ ଛାତ୍ରୀଛାତ୍ର ରହୁଥିଲେ ମଧ୍ୟ ଉତ୍ତମ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢାରେ ମଧ୍ୟ ବ୍ୟାହତ ସୃଷ୍ଟି ହେଉଛି ବୋଲି ଅଭିଯୋଗ କରାଯାଇଛି। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌତମ ମାଝି, ହିରାଧର ଶବର, ନିତିଆ ମାଝି, କିଆବତି ସାହୁ, ଦୁର୍ଯ୍ୟୋଧନ ସେଠୀ, ପ୍ରମାନନ୍ଦ ମାଝି, ଅନନ୍ଦତ ସାହୁ, ଜେପାଲ ମାଝି, ହରିହର ପ୍ରଧାନ, ଭଗବାନ ଷଣ୍ଢ, କମଳା ମାଝି, ସିତାରାମ ଭୋଇ ପ୍ରମୁଖ ସମେତ ଗ୍ରାମବାସୀ ଜଣାଇଛନ୍ତି।